# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୪/୨୦୨୬ (୧୬ ପୃଷ୍ଠା) | Bhubaneswar, Tuesday, February 24/2026 | Page 16 | ₹ 7.00

୫୨ଶ ଭାଗ ୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 92 | ମୂଲ୍ୟ ₹୭/-





**ହେଟ୍‌ମେୟରଙ୍କ ବିସ୍ଫୋରକ ବ୍ୟାଟିଂ**

ଜିମ୍ବାୱେ ବିପକ୍ଷ ଟି୨୦ ବିଶ୍ୱକପ୍ ସୁପର-୮ ମ୍ୟାଚରେ ବିସ୍ଫୋରକ ୮୫ ରନ ସଂଗ୍ରହ କରିଛନ୍ତି ୱେଷ୍ଟଇଣ୍ଡିଜ ବ୍ୟାଟର ଶିମରନ ହେଟ୍‌ମେୟର। ୧୬

୦୨ **ସାମନ୍ଥାଙ୍କ ମନର କଥା**

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ପୂର୍ବତନ ସ୍ୱାମୀ ନାଗାଚୈତନ୍ୟଙ୍କଠାରୁ ଅଲଗା ହେବା ପରେ ରାଜଙ୍କ ସହ ବନ୍ଧୁତା ତାଙ୍କୁ ପୁଣି ପ୍ରେମରେ ବିଶ୍ୱାସ କରିବାକୁ ଶିଖାଇଛି।






ଢେଙ୍କାନାଳ ଜିଲା ରାସୋଳ ଥାନା କାରନ୍ଦା ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ୫ଟି ତେଲ ଟ୍ୟାଙ୍କରରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

# ବଢୁଛି ଅପମିଶ୍ରଣ ଭୟ

ଓଡ଼ିଶାରେ ବିଭିନ୍ନ ନାମୀଦାମୀ କମ୍ପାନୀର ଖାଦ୍ୟପଦାର୍ଥରେ ଅପମିଶ୍ରଣ ଘଟଣା ସାମ୍ନାକୁ ଆସୁଛି। ରାଜ୍ୟରେ ହେଉଥିବା ଅପମିଶ୍ରଣ ସମ୍ପର୍କରେ ଜଣେ ବରିଷ୍ଠ ଖାଦ୍ୟ ସୁରକ୍ଷା ନିରୀକ୍ଷକ କହିଛନ୍ତି, ବିଭିନ୍ନ ସମୟରେ ବ୍ରାଣ୍ଡେଡ୍ କମ୍ପାନୀର ଲେଭଲକୁ ଅବିକଳ ନକଲ କରାଯାଇ ବିକ୍ରିଯୋଗ୍ୟ କରାଯାଉଛି। ଏଥିସହ ସମ୍ପୃକ୍ତ କମ୍ପାନୀର ଖାଦ୍ୟପଦାର୍ଥକୁ ଚୋରି କରି ପୁନଃ ପ୍ୟାକେଜିଂ କରାଯାଇ ବିକ୍ରି କରାଯାଏ। ଫଳରେ ଖାଦ୍ୟରେ ଅପମିଶ୍ରଣ ହୋଇଥାଏ। 'ସିଟିଜେନ୍ ମ୍ୟାଟର୍ସ'ନାଗରିକ ଗଣମାଧ୍ୟମ ପ୍ଲାଟଫର୍ମର ସୂଚନା ଅନୁଯାୟୀ ଭାରତରେ ହେଉଥିବା ଅପମିଶ୍ରଣ ପ୍ରାୟତଃ ପୁନଃ-ପ୍ୟାକେଜିଂ ୟୁନିଟ୍‌ରେ କରାଯାଇଥାଏ। ନିକଟରେ ଓଡ଼ିଶାରେ କ୍ଷୀରର ୮ଟି ନମୁନା ନିମ୍ନମାନର ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିବାବେଳେ ପାଣି ଏବଂ 'ହର୍ଲିକ୍ସ'ଭଳି ପୁଷ୍ଟିକର ଖାଦ୍ୟ ଅପମିଶ୍ରିତ ହେଉଥିବା ବିଷୟ ସୋମବାର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ଦିନକୁ ଦିନ ବିଭିନ୍ନ ଖାଦ୍ୟପଦାର୍ଥ ଅପମିଶ୍ରଣ ହେଉଥିବାରୁ ଜନସାଧାରଣ ସଚେତନ ହେବାକୁ ସେ ସତର୍କ କରାଇଛନ୍ତି।

**ଭୁବନେଶ୍ୱର,୨୩।୨(ରବିନାରାୟଣ ଜେନା)**

ରାଜ୍ୟରେ ଏବେ ଖାଦ୍ୟ ପଦାର୍ଥର ଅପମିଶ୍ରଣ ଏକପ୍ରକାର କୋକୁଆ ଭୟ ସୃଷ୍ଟି କରିଛି। ବରଗଡ଼ ଓ କୋରାପୁଟ ଜିଲାକୁ ବାଦ୍ ଦେଲେ ସକାଳୁ ସଞ୍ଜ ଯାଏ ଲୋକେ ଯାହା ଖାଦ୍ୟ ଖାଉଛନ୍ତି ସେଥିରୁ ଅଧିକାଂଶ ଖାଦ୍ୟରେ ଅନ୍ୟ ସମସ୍ତ ଜିଲାରେ ଅପମିଶ୍ରଣ ରହିଛି। ଏପରି କି ଶିଶୁଙ୍କୁ ପ୍ରଦାନ କରାଯାଉଥିବା ପୁଷ୍ଟିଯୁକ୍ତ ଖାଦ୍ୟ ହର୍ଲିକ୍ସ ଓ କ୍ଷୀରରେ ମଧ୍ୟ ଅପମିଶ୍ରଣ ହେଉଛି। ଏଭଳି ଏକ ସାଂଘାତିକ ଖବର ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ଏକ ପ୍ରକାର ଆତଙ୍କ ଖେଳିଯାଇଛି। କାହାକୁ ଖାଇବେ ଏବଂ କାହାକୁ ନ ଖାଇବେ ସେଥିନେଇ ସାଧାରଣ ଲୋକେ ସନ୍ଦେହରେ ପଡ଼ି ଯାଇଛନ୍ତି। ତେବେ ଏହି ପ୍ରସଙ୍ଗ ଅଧିକ ଗୁରୁତ୍ୱ ଧାରଣ କରିଛି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉତ୍ତର। ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟର ବୌଦ୍ଧ, ଢେଙ୍କାନାଳ, ଜଗତ୍‌ସିଂହପୁର ଏବଂ ମୟୂରଭଞ୍ଜରେ ହର୍ଲିକ୍ସରେ ଅପମିଶ୍ରଣ ଥିବା ବିଭାଗୀୟ ଯାଞ୍ଚରୁ ଜଣାଯାଇଛି।

ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି, ରାଜ୍ୟ ସରକାର ଖାଦ୍ୟ ଅପମିଶ୍ରଣ ହେଉଥିବା ସମ୍ପର୍କରେ ସମ୍ପୂର୍ଣ୍ଣ ସଜାଗ ଅଛନ୍ତି। ଏଥିନିମନ୍ତେ ଖାଦ୍ୟ ନିରାପତ୍ତା ଆୟୁକ୍ତଙ୍କ ଦ୍ୱାରା ଖାଦ୍ୟ ନିରାପତ୍ତା ଆଇନ-୨୦୦୬ ଅନୁଯାୟୀ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଖାଦ୍ୟ ଅପମିଶ୍ରଣ ରୋକିବା ଦିଗରେ ରାଜ୍ୟର ସବୁ ଜିଲା ଓ ପୌର ପରିଷଦ ଅଧୀନରେ ଖାଦ୍ୟ ନିରାପତ୍ତା ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ୬୩ ଜଣ ଖାଦ୍ୟ ନିରାପତ୍ତା

## ପାଣିରୁ ହର୍ଲିକ୍ସ ଯାଏ

ଅଧିକାରୀ କାର୍ଯ୍ୟରତ ଅଛନ୍ତି। ନିୟମିତ ଭାବେ ଅପମିଶ୍ରଣ ରୋକିବା ପାଇଁ ସେମାନେ ଖାଦ୍ୟ ବିକ୍ରେତାଙ୍କୁ ଲାଇସେନ୍ସ ଅଫ୍ ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ପ୍ରଦାନ କରିବା ସଙ୍ଗେ ସଙ୍ଗେ ନିୟମିତ ଚଢ଼ଉ ସହିତ ବିଭିନ୍ନ ପ୍ରକାର ଖାଦ୍ୟପଦାର୍ଥ ନମୁନା ଯାଞ୍ଚ କରୁଛନ୍ତି। ଖାଦ୍ୟ ଅପମିଶ୍ରଣର ସନ୍ଦେହ ହେଲେ ସମ୍ପୃକ୍ତ ପଦାର୍ଥର ନମୁନା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ପରୀକ୍ଷାଗାରକୁ ପଠାଯାଇ ଯାଞ୍ଚ କରାଯାଉଛି। ଜନସାଧାରଣଙ୍କ ମଧ୍ୟରେ ସଚେତନତା ଉପରେ ବିଭିନ୍ନ ସମୟରେ କାର୍ଯ୍ୟକ୍ରମ କରାଯାଉଛି। ଏଥିସହିତ ଏକ ଭ୍ରାମ୍ୟମାଣ ପରୀକ୍ଷାଗାର ରାଜ୍ୟର ବ୍ୟବସାୟ ବହୁଳ ଜାଗାରେ ଏବଂ ବିଭିନ୍ନ ପର୍ବପର୍ବାଣିରେ ପହଞ୍ଚି ଖାଦ୍ୟର ମାନ ଯାଞ୍ଚ କରୁଛି। ବିଗତ ଦେଢ଼ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪-୨୫ ଏବଂ ୨୦୨୫-୨୬ ନଭେମ୍ବର ୨୦୨୫ ମଧ୍ୟରେ ୩୦ ଜିଲାରେ ଶତାଧିକ ଖାଦ୍ୟ ପଦାର୍ଥ ଅପମିଶ୍ରଣ ହୋଇଥିବା ଜଣାଯାଇଛି। ବିଭାଗୀୟ ତଥ୍ୟ

☞ପୃଷ୍ଠା-୪

## ୧୮ ବ୍ରାଣ୍ଡର ପାଣି ଅସୁରକ୍ଷିତ

ରାଜ୍ୟରେ ବିକ୍ରି ହେଉଥିବା ବିଭିନ୍ନ ବ୍ରାଣ୍ଡର ପାନୀୟଜଳ ମଧ୍ୟରୁ କେତେକ ପାନୀୟଜଳ ଅଶୁଦ୍ଧ ତଥା ଅସୁରକ୍ଷିତ ଏବଂ ନିମ୍ନମାନର ରହିଛି। ଜନସାଧାରଣ ଏନେଇ ଜାଣିପାରୁ ନ ଥିବାରୁ ତାହାକୁ ପାନ କରୁଛନ୍ତି। ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଯଦିଓ ଯାଞ୍ଚ କରାଯାଉଛି ସେ ସମ୍ପର୍କରେ ଠିକଣା ସଚେତନ କରାଯାଉ ନାହିଁ। ଫଳରେ ଲୋକେ ଅସୁରକ୍ଷିତ ପାଣି ପିଉଛନ୍ତି। ଏହିଭଳି ଏକ ତଥ୍ୟ ସୋମବାର ଲୋକଲୋଚନକୁ ଆସିଛି।

ଭାଜପା ସଦସ୍ୟା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଦେଇଥିବା ଉତ୍ତର ଅନୁଯାୟୀ, ଚଳିତ ବର୍ଷ(୨୦୨୫-୨୬)୨୯ ଟି ପାଣି ନମୁନା ପରୀକ୍ଷା ହୋଇଥିବା ବେଳେ ସେଥିରୁ ୮ଟି ନମୁନାରେ ଅସୁରକ୍ଷିତ ରହିଥିବା ଜଣାଯାଇଛି। ସେହିପରି ଗତ ୪ ବର୍ଷରେ ୬୮ଟି ନମୁନା ଯାଞ୍ଚରୁ ୧୮ଟି ଅସୁରକ୍ଷିତ ଜଣାପଡ଼ିଥିବା ବେଳେ ୮ଟି ନମୁନା ନିମ୍ନମାନର ବୋଲି ଜଣାପଡ଼ିଛି।

ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ୨୦୨୨-୨୩ରେ ୧୯ଟି ନମୁନା ଯାଞ୍ଚରୁ ୪ଟି ଅସୁରକ୍ଷିତ ଏବଂ ୮ଟି ଅତିନିମ୍ନମାନର ରହିଥିବାବେଳେ ୨୦୨୩-୨୪ରେ ୧୫ଟି ନମୁନାରୁ ୫ଟି ଅସୁରକ୍ଷିତ ଏବଂ ୫ଟି ଗୁଣବତ୍ତା ଠିକ୍ ଥିବାବେଳେ ଆଉ ୫ଟିର କୌଣସି ତଥ୍ୟ ନାହିଁ। ୨୦୨୪-୨୫ରେ ୫ଟି ନମୁନା ଯାଞ୍ଚ ହୋଇଥିବାବେଳେ ଗୋଟିଏ ସ୍ଥିରୀକୃତ ହୋଇ ନ ଥିବାବେଳେ ଆଉ ଗୋଟିଏ ଅସୁରକ୍ଷିତ ଏବଂ ଅବଶିଷ୍ଟ ନମୁନାର ତଥ୍ୟ ଜଣାପଡିନାହିଁ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

# ପିଲାଚୋର ସନ୍ଦେହ: ଯୁବକଙ୍କୁ ପିଟି ମାରିଦେଲେ

**ମୋରଡ଼ା,୨୩।୨(ସ୍ମାରକ ମାଜୀ)**

ଚୋରି ହେଉ ଅବା ପିଲାଚୋରି, ପ୍ରେମ ହେଉ ବା ଅନ୍ଧବିଶ୍ୱାସ ଭଳି ଘଟଣାରେ ଲୋକେ ଆଇନକୁ ହାତକୁ ନେବା ଭଳି ଅଭାବନୀୟ ଘଟଣା ମୟୂରଭଞ୍ଜ ଜିଲାରେ ଦେଖିବାକୁ ମିଳୁଛି। କ୍ରୋଧର ବଶବର୍ତ୍ତୀ ହୋଇ ଲୋକେ ଅପରାଧ ଘଟାଉଛନ୍ତି। ୧୭ ବର୍ଷ ପୂର୍ବେ ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ବଙ୍ଗଳା ପଡ଼ିଆରେ ପିଲାଚୋରି ସନ୍ଦେହରେ ଲୋକେ ଜଣେ ମାନସିକ ବିକୃତଙ୍କୁ ପିଟିପିଟି ମାରି ଦେଇଥିଲେ। ସୋମବାର ମୋରଡ଼ାରେ ଏହି ଘଟଣାର ପୁନରାବୃତ୍ତି ଘଟିଛି।

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ପିଲାଚୋରି ସନ୍ଦେହରେ ଲୋକେ ଜଣେ ଅଚିହ୍ନା ଯୁବକଙ୍କୁ ପିଟି ମାରିଦେବା ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ମୃତଦେହ ଜବତ କରି ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଏକ ହତ୍ୟା ମାମଲା(ନଂ.୭୬/୨୬) ରୁଜୁ ହୋଇଥିବା ଥାନା ଅଧିକାରୀ ସୁମିତ କୁମାର ସୋରେନ କହିଛନ୍ତି। ଏ ସମ୍ପର୍କରେ ବେତନଟୀ ଏସ୍‌ଡିପିଓ ମୀନତୀ ବିଶ୍ୱାଳଙ୍କୁ ପଚାରିବାରୁ ପିଲା ଚୋରି ଘଟଣା ଏକ ଗୁଜବ। ପ୍ରାଥମିକ ତଦନ୍ତରୁ ମୃତକ ଜଣେ ମାନସିକ ବିକୃତ ବୋଲି ଜଣାପଡ଼ିଛି। ତେବେ ଆଇନକୁ ହାତକୁ ନେଇ ଅପରାଧରେ ଜଡ଼ିତ ଥିବା ସମସ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନ ୧୨ଟା ସମୟରେ ମୋରଡ଼ା ଥାନା ଅଧୀନ ଡେଙ୍ଗାଶୋଳ ଗ୍ରାମ ନିକଟରେ ୪ ଜଣ ଯୁବକ ଜଣେ ପିଲାକୁ ଚୋରି କରିବା ପାଇଁ ଉଦ୍ୟମ କରୁଥିଲେ। ସ୍ଥାନୀୟ ଲୋକେ ଏହା ଜାଣିପାରି ଉକ୍ତ ୪ ଯୁବକଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ଘଟଣାସ୍ଥଳରୁ ୩ ଜଣ ଫେରାର ହେବାକୁ ସକ୍ଷମ ହୋଇଥିବା ବେଳେ ଲୋକେ ଜଣଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ମୋରଡ଼ା ଅଞ୍ଚଳରେ ଏବେ ପିଲା ଚୋରି ଆତଙ୍କ ଦେଖାଦେଇଛି। ଲୋକେ ସେମାନଙ୍କ ପିଲାଙ୍କୁ ବାହାରକୁ ଛାଡ଼ିବାକୁ ଭୟ କରୁଛନ୍ତି। ରବିବାର ସ୍ଥାନୀୟ କୋହି ଗ୍ରାମରେ ଲୋକେ ଠେଙ୍ଗା, ବାଡ଼ି ଧରି ରାତିତମାମ ଗାଁ ଜଗିଥିବା ଦେଖିବାକୁ ମିଳିଥିଲା। ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ହାତଗୋଡ଼ ବାନ୍ଧି ଲୁଟିନେଲେ ୭୦ ଲକ୍ଷ

**ନବରଙ୍ଗପୁର,୨୩।୨ (ସଦାଶିବ ପ୍ରହରାଜ/ସନ୍ତୋଷ ଶତପଥୀ)**

ଜମିବିକ୍ରିକରିଘରେ ରଖିଥିଲେ ଟଙ୍କା। ତେବେ ଘରେ କେତେଜଣ ଦୁର୍ବୃତ୍ତ ପଶି ବେକରେ ମାରଣାସ୍ତ୍ର ଲଗାଇ ଲୁଟିନେଲେ ନଗଦ ୭୦ଲକ୍ଷ ଟଙ୍କା ସହ ସୁନାଗହଣା। ରବିବାର ବିଳମ୍ବିତ ରାତିରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ କୋଟନିଆମ୍ବାର ଅମୂଲ୍ୟ ଜେନାଙ୍କ ଘରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନଙ୍କୁ ଧରିବାକୁ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ନିର୍ଦ୍ଦେଶକ୍ରମେ ୩ଟି ଟିମ୍ ଗଠନ କରାଯାଇଛି। ରାସ୍ତାକଡ଼ରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରାଯାଉଛି। ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଉଛି। ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ କୁମାର ଶବର, ଥାନାଧିକାରୀ ବିପିନ କୁମାର ବାଗଙ୍କ ସହ ଏସ୍‌ଆଇ ଅକ୍ଷୟ କୁମାର ମିଶ୍ର ଘଟଣାସ୍ଥଳରେ ଯାଞ୍ଚ କରିଥିବା ସୂଚନା ମିଳିଛି।

ଅମୂଲ୍ୟ ନିଜ ମା'ଙ୍କ ସହ ଘରେ ରୁହନ୍ତି। ୩ ମାସ ତଳେ ଜମି ବିକ୍ରିକରି ଅମୂଲ୍ୟ ୭୦ ଲକ୍ଷ ଟଙ୍କା ଆଣି ରଖିଥିଲେ। କିଛିଦିନ ହେବ ଅମୂଲ୍ୟଙ୍କ ମା' ଝିଅ ଘରେ ଯାଇ ରହୁଥିଲେ। ରବିବାର ବିଳମ୍ବିତ ରାତି ପ୍ରାୟ ୧ଟାରେ କବାଟ

☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ସହଜରେ ମଦ


# କେନ୍ଦ୍ର ଦେଇଛି ୧୦ ହଜାର ୭୨୭ କୋଟି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୨(ରବିନାରାୟଣ ଜେନା)**



ମୋହନ ଚରଣ ମାଝୀ

ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କଠାରୁ ବିଭିନ୍ନ ଯୋଜନାରେ ପାଇବାକୁ ଥିବା ଅର୍ଥ ମଧ୍ୟରୁ ପ୍ରାୟ ୨୫ ପ୍ରତିଶତ ମିଳିଛି। ଚଳିତ ଆର୍ଥିକବର୍ଷ ଶେଷ ହେବାକୁ ହାତରେ ଆଉ ୩୬ଦିନ ରହିଥିବାବେଳେ ବଜେଟ ଅନୁଯାୟୀ, କେନ୍ଦ୍ର ଅନୁଦାନ ବାବଦକୁ ଏବେ ମଧ୍ୟ ୩୦ହଜାର ୮୬୪କୋଟି ଟଙ୍କା ବକେୟା ରହିଛି। ତେବେ ଚଳିତବର୍ଷ କେନ୍ଦ୍ରୀୟ ଅନୁଦାନ ବାବଦକୁ ୪୧,୫୯୧.୭୩ କୋଟି ଟଙ୍କା ରାଜ୍ୟ ପାଇବାକୁ ଲକ୍ଷ୍ୟ ରଖି ଥିବାବେଳେ ୧୦,୭୨୭ କୋଟି ୫୨ ଲକ୍ଷ ଟଙ୍କା ପାଇଛି ବୋଲି ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତଥ୍ୟରୁ ଜଣାଯାଇଛି। ବିଜେଡି

☞ପୃଷ୍ଠା-୪

# ଏୟାର ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ: ୭ ମୃତ

**ରାଞ୍ଚି,୨୩।୨**

ସୋମବାର ସନ୍ଧ୍ୟାରେ ରାଞ୍ଚିରୁ ଦିଲ୍ଲୀ ଯାଉଥିବା ଏକ ଏୟାର ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିବାରୁ ସମସ୍ତ ୭ ଯାତ୍ରୀଙ୍କର ମୃତ୍ୟୁ ଘଟିଛି। ଏହି ବିମାନରେ ୪୧ ବର୍ଷୀୟ ରୋଗୀ ସଞ୍ଜୟ କୁମାରଙ୍କ ସମେତ ତାଙ୍କର ୨ ଆଟେଣ୍ଡାଣ୍ଟ, ଜଣେ ଡାକ୍ତର, ଜଣେ ଫାର୍ମାଶିଷ୍ଟ ଏବଂ ଦୁଇ ପାଇଲଟ୍ ଥିଲେ। ବିମାନଟି ରାଞ୍ଚି ବିମାନ ବନ୍ଦରରୁ ଉଡ଼ାଣ ଭରିବାର ମାତ୍ର ୨୩ ମିନିଟ୍ ପରେ

☞ପୃଷ୍ଠା-୪



ଝାଡ଼ଖଣ୍ଡର ଚତରାରେ ଖସିପଡ଼ିଥିବା ଏୟାର ଆମ୍ବୁଲାନ୍ସର ଧ୍ୱଂସାବଶେଷ।

# ଆତଙ୍କବାଦକୁ ଦମନ କରିବ 'ପ୍ରହାର'

## କେନ୍ଦ୍ରର ପ୍ରଥମ ଜାତୀୟ ଆତଙ୍କବାଦ ବିରୋଧୀ ନୀତି

**ନୂଆଦିଲ୍ଲୀ,୨୩।୨**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଦେଶର ପ୍ରଥମ ଆତଙ୍କବାଦ ବିରୋଧୀ-ନୀତି ଜାରି କରାଯାଇଛି। ଏହାର ନାମ ' ପ୍ରହାର' ରଖାଯାଇଛି। ଆତଙ୍କବାଦକୁ ରୋକିବା ସହିତ ଯେକୌଣସି ଜରୁରୀ ସ୍ଥିତିକୁ ମୁକାବିଲା କରିବା ଦିଗରେ ତ୍ୱରିତ ଏବଂ ସନ୍ତୁଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହି ନୀତିରେ ଗୁରୁତ୍ୱ ଦିଆଯାଇଛି। ୮ ପୃଷ୍ଠା ସମ୍ବଳିତ ଏହି ନୀତିରେ ପ୍ରଥମେ 'ପ୍ରହାର'ର ସଂଜ୍ଞା ନିରୂପଣ କରାଯାଇଥିଲାବେଳେ ଆଇନ ବ୍ୟବସ୍ଥାକୁ ଖାପଖୁଆଇ ଆତଙ୍କବାଦକୁ ରୋକିବା, ଆବଶ୍ୟକସ୍ଥଳେ ତ୍ୱରିତ ପଦକ୍ଷେପ ନେବା ଏବଂ ଉତ୍ତମ ସମନ୍ୱୟ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବା ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ ରହିଛି। 'ପ୍ରହାର' ସମ୍ପର୍କରେ ଘୋଷଣା କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଭାରତ ଦଶନ୍ଧି ଧରି ବୈଶ୍ୱିକ ସ୍ତରରେ ଆତଙ୍କବାଦ କାର୍ଯ୍ୟକଳାପକୁ ଦୃଢ଼ ବିରୋଧ କରିଆସିଛି। ସମୟାନୁସାରେ ଆତଙ୍କବାଦର ତରିକା ବଦଳୁଥିଲେ ହେଁ ଭାରତ ଯେକୌଣସି ସ୍ତରରେ ଏହାକୁ ବିରୋଧ କରିଆସିଛି। କିନ୍ତୁ ଆତଙ୍କବାଦ ସହିତ କୌଣସି ଧର୍ମ, ଜାତି, ରାଷ୍ଟ୍ର କିମ୍ବା ସଭ୍ୟତାକୁ ଯୋଡି ଦେଖିନାହିଁ। ହେଲେ ପାକିସ୍ତାନ ଭଳି ଏକ ପଡ଼ୋଶୀ ଦେଶ ସବୁବେଳେ ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ସହିତ ଏହାକୁ ଜାତୀୟ ନୀତି କରିଛି। କିନ୍ତୁ ଭାରତ ଯେକୌଣସି ସ୍ତରରେ ଆତଙ୍କବାଦକୁ ପ୍ରତିହତ କରିବାକୁ ପ୍ରସ୍ତୁତ ରହିଛି ଏବଂ ଏଥିପାଇଁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଆସୁଛି ବୋଲି ମନ୍ତ୍ରଣାଳୟ କହିଛି। ଆତଙ୍କବାଦୀ ସଂଗଠନଗୁଡିକ

☞ପୃଷ୍ଠା-୪



# ଆଜିଠୁ ଆମେରିକାରେ ଟ୍ରମ୍ପ ଟାରିଫ୍ ଆଦାୟ ବନ୍ଦ

**ୱାଶିଂଟନ,୨୩।୨**

ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଟାରିଫ୍‌କୁ ସେଠାର ସୁପ୍ରିମକୋର୍ଟ ଗତ ୨୦ ତାରିଖରେ ବେଆଇନ କହି ରଦ୍ଦ କରିଥିଲେ। ତଦନୁଯାୟୀ ମଙ୍ଗଳବାରଠାରୁ ଆମେରିକାରେ ଉକ୍ତ ଟାରିଫ୍ ଆଦାୟ ବନ୍ଦ ହେବାକୁ ଯାଉଛି। ଉକ୍ତ ବିବାଦୀୟ ଟାରିଫ ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି କରିଥିଲା ଏବଂ ପ୍ରମୁଖ ସହଯୋଗୀଙ୍କ ସହ ବାଣିଜ୍ୟିକ ସମ୍ପର୍କକୁ ଖରାପ କରିଥିଲା। ୧୯୭୭ର ଅନ୍ତର୍ଜାତୀୟ ଜରୁରୀ ଆର୍ଥିକ କ୍ଷମତା ଆଇନ (ଆଇଇଇପିଏ) ଅନୁଯାୟୀ କରାଯାଉଥିବା ଟାରିଫ୍ ସଂଗ୍ରହ ଆମେରିକା ସମୟ ମଙ୍ଗଳବାର ୧୨ଟା ୧ ମିନିଟ୍‌ଠାରୁ ବନ୍ଦ ରହିବ ବୋଲି ଆମେରିକା ବହିଃଶୁଳ୍କ ଓ ସୀମା ସୁରକ୍ଷା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଆମଦାନିକାରୀଙ୍କ କାର୍ଗୋ ସିଷ୍ଟମରେ ରହିଥିବା ସମସ୍ତ ଟାରିଫ୍ କୋଡ୍‌କୁ ଅକାମୀ କରାଯିବ ବୋଲି ସେମାନଙ୍କୁ ଜଣାଇ ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ରାୟର ୩ ଦିନ ପରେ ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ତେବେ ପୂର୍ବରୁ ଆଦାୟ ହୋଇଥିବା ଶୁଳ୍କ ଆମଦାନିକାରୀ ଫେରିପାଇବେ କି ନାହିଁ, ସେ ନେଇ ଏଜେନ୍ସି ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। କେବଳ ଆଇଇଇପିଏ ଅଧୀନରେ ଲାଗୁ ହୋଇଥିବା ଟାରିଫ୍ ସଂଗ୍ରହ ବନ୍ଦ ରହିବ। ତେବେ ଅନ୍ୟ ସମସ୍ତ ଶୁଳ୍କ ପୂର୍ବଭଳି ସଂଗ୍ରହ କରାଯିବ ବୋଲି କୁହାଯାଇଛି।



ତେଲଙ୍ଗାନା ସରକାରଙ୍କ ବିରୋଧରେ ରାଜ୍ୟର ଆମ୍ ଆଦ୍ମୀ ପାର୍ଟି କର୍ମୀମାନେ ସୋମବାର ହାଇଦ୍ରାବାଦରେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ପୋଲିସ ସେମାନଙ୍କୁ ଉଠାଇନେଉଛି।

# ଇରାନରେ ଘନଉଛି ଯୁଦ୍ଧ ଆଶଙ୍କା

**ତେହରାନ୍, ୨୩।୨**

ଇରାନ ଉପରେ ଯୁଦ୍ଧଭୟ ବେଳକୁ ବେଳ ବଢ଼ିବାରେ ଲାଗିଛି। ଗୋଟିଏ ପଟେ ଆଣବିକ ବୁଝାମଣା ପାଇଁ ଉଦ୍ୟମ ଚାଲିଥିଲା ବେଳେ ଅନ୍ୟପଟେ ଇରାନର ପ୍ରତିସ୍ପର୍ଦ୍ଧାକୁ ନେଇ ଆମେରିକା କ୍ଷୁବ୍ଧ ହେବା ସହିତ ଯେକୌଣସି ସମୟରେ ଆକ୍ରମଣ କରିବା ଆଶଙ୍କା ବଢ଼ାଇଛି। ଏଭଳି ସ୍ଥିତିରେ ସୋମବାର ଇରାନର ଅନେକ ହଜାର ନାଗରିକଙ୍କ ନିକଟକୁ ଆସିଥିବା ମୋବାଇଲ ମେସେଜ୍ ଆକ୍ରମଣ ଭୟକୁ ଆହୁରି ତୀବ୍ର କରିଛି। ପାର୍ସୀ ଭାଷାରେ ଆସିଥିବା ଏହି ମେସେଜ୍ କିଏ ପଠାଇଛି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଏଥିରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି ଏବଂ ଟ୍ରମ୍ପ୍ ଯାହା କୁହନ୍ତି ତାହା କରି ଦେଖାନ୍ତି ବୋଲି କୁହାଯାଇଛି। ଆସନ୍ତା ଗୁରୁବାର ଜେନେଭାରେ ଆଣବିକ ବୁଝାମଣା ନେଇ ଇରାନ ଏବଂ ଆମେରିକା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ବସିବାକୁ ଯାଉଛି। କିନ୍ତୁ ଏହା ମଧ୍ୟରେ ଇରାନ ଉପରେ ଆକ୍ରମଣ କରିବାକୁ ଟ୍ରମ୍ପଙ୍କ ସୂଚନା ସ୍ଥିତିକୁ ଜଟିଳ କରିଦେଇଛି। ଇରାନରେ ଗତ ଦୁଇ ଦିନ ହେଲା ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାମେନେଇ ସରକାରଙ୍କ ବିରୋଧରେ ବିକ୍ଷୋଭ ବଢ଼ିଥିଲାବେଳେ ଏହି ସମୟରେ ଆମେରିକା ଆକ୍ରମଣ କରିପାରେ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ବହୁ ଦେଶ ସେମାନଙ୍କ ନାଗରିକଙ୍କୁ ସତର୍କ କରି ତୁରନ୍ତ ଇରାନ ଛାଡ଼ିବାକୁ ପରାମର୍ଶ ଜାରି କରିଛନ୍ତି। ଏହି କ୍ରମରେ ଭାରତ ସରକାରଙ୍କ ପକ୍ଷରୁ ମଧ୍ୟ ଇରାନରେ ରହୁଥିବା ଭାରତୀୟଙ୍କୁ ଇରାନ ଛାଡ଼ିବାକୁ ପରାମର୍ଶ ଜାରି କରାଯାଇଛି। ଅନ୍ୟପଟେ ଆକ୍ରମଣ ହେଲେ ଆମେରିକାକୁ ଠିକଣା ଜବାବ ଦେବାକୁ ଇରାନ ପ୍ରସ୍ତୁତ ଥିବା କହିଛି। ଏପରିକି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ସୟିଦ ଖାମେନେଇ ସହିଦ ହେବାକୁ ପ୍ରସ୍ତୁତ ଉତ୍ତରାଧିକାରୀ ଚୟନ କରିସାରିଛନ୍ତି ବୋଲି ବିଶେଷ ସୂତ୍ରରୁ କୁହାଯାଇଛି। ଆମେରିକା ଆକ୍ରମଣ କଲେ ଇରାନ ତୁରନ୍ତ ଇସ୍ରାଏଲ ଉପରେ ଆକ୍ରମଣ କରିବା ଆଶଙ୍କା ଥିବାରୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ନିଜ ସେନାକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଇରାନ ଛାଡ଼ିବାକୁ ଭାରତୀୟଙ୍କୁ ପରାମର୍ଶ

# ସେନା ଗୁଳିରେ ଡ୍ରଗ୍ସ କାର୍ଟେଲ ମୁଖ୍ୟ ନିହତ



ନେମେସିଓ ଓସେଗୁଏରା
ଓରଫ ଏଲ୍ ମେଞ୍ଚୋ

**ମେକ୍ସିକୋ ସିଟି, ୨୩।୨**

ମେକ୍ସିକୋର ମୋଷ୍ଟୱାଣ୍ଟେଡ୍ ଦୁର୍ଦ୍ଧର୍ଷ ନିଶାଦ୍ରବ୍ୟ ଚୋରାଚାଲାଣକାରୀ ତଥା ଜାଲିସ୍କୋ ନ୍ୟୁ ଜେନେରେଶନ କାର୍ଟେଲ(ସିଜେଏନ୍ଜି)ର ନେତା ନେମେସିଓ ଓସେଗୁଏରା ଓରଫ ଏଲ୍ ମେଞ୍ଚୋ ରବିବାର ସେନା ଗୁଳିରେ ନିହତ ହୋଇଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ନିଶା ଚୋରାଚାଲାଣକାରୀ ସଂଗଠନଗୁଡ଼ିକ ପ୍ରତିହିଂସା ପରାୟଣ ହୋଇ ହିଂସାକାଣ୍ଡ ଘଟାଇଛନ୍ତି। ସେମାନେ ମେକ୍ସିକୋର ବିଭିନ୍ନ ସହରରେ ଥିବା ସୁପରମାର୍କେଟ, ବ୍ୟାଙ୍କ ଏବଂ କାର୍‌ଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି। ସେମାନେ ବିଭିନ୍ନ ଜାତୀୟ ରାଜପଥକୁ ଅବରୋଧ କରିବା ସହ ବିମାନ ଚଳାଚଳକୁ ବନ୍ଦ କରିଛନ୍ତି। ମେଞ୍ଚୋଙ୍କ ଅନୁଗତମାନେ ବିଭିନ୍ନ ରାଜ୍ୟରେ ରାସ୍ତା ଅବରୋଧ କରିବା ସହ ଗାଡ଼ି ଓ ଦୋକାନ ବଜାରରେ ଜଳାପୋଡ଼ା କରିଛନ୍ତି।

ନିଶାଦ୍ରବ୍ୟ ଉତ୍ପାଦନ ଓ ଚୋରାଚାଲାଣ କରୁଥିବା ଡ୍ରଗ୍ କାର୍ଟେଲମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେଇନ୍‌ବମ୍‌ଙ୍କ ଉପରେ ଆମେରିକା ଚାପ ପକାଇଆସୁଥିଲା। ବିଶେଷ କରି ଲାବରେଟୋରି ପ୍ରସ୍ତୁତ ନିଶାଦ୍ରବ୍ୟ ଫେଣ୍ଟାନିଲ୍ ଆମେରିକାକୁ ବେଆଇନ ଭାବେ ଚାଲାଣ ହେଉଥିଲା। ୬୦ ବର୍ଷୀୟ ମେଞ୍ଚୋ ପ୍ରଭାବଶାଳୀ ସିଜେଏନ୍ଜିର ମାଷ୍ଟରମାଇଣ୍ଡ ଥିଲେ। ମେକ୍ସିକୋର ଟାପଲ୍‌ପା ସହରରେ ସ୍ୱତନ୍ତ୍ର ସେନା କାର୍ଯ୍ୟାନୁଷ୍ଠାନ ବେଳେ ଗୁରୁତର ହୋଇଥିବା ମେଞ୍ଚୋଙ୍କର ହାଜତରେ ମୃତ୍ୟୁ ଘଟିଥିଲା। ରବିବାର କଡ଼ା ସୁରକ୍ଷା ମଧ୍ୟରେ ତାଙ୍କ ମୃତଦେହ ମେକ୍ସିକୋ ଟାଉନ୍‌ରେ ପହଞ୍ଚିଥିଲା। ମେକ୍ସିକୋ ସେନା ଦ୍ୱାରା କରାଯାଇଥିବା ଚଢ଼ାଉ ପଛରେ ଆମେରିକା ସେନା ନେତୃତ୍ୱାଧୀନ ଟାସ୍କଫୋର୍ସର ମୁଖ୍ୟ ଭୂମିକା ରହିଥିଲା। ଆମେରିକା ମେକ୍ସିକୋକୁ ଗୋଇନ୍ଦା ସହାୟତା ଯୋଗାଇଦେଇଥିଲା ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ କୁହାଯାଇଛି।

ଡ୍ରଗ୍ କାର୍ଟେଲ ନିଧନ ପରବର୍ତ୍ତୀ ହିଂସା ୬ରୁ ଊର୍ଦ୍ଧ୍ୱ ରାଜ୍ୟକୁ ବ୍ୟାପିଥିବାବେଳେ ଏୟାର କାନାଡା, ୟୁନାଇଟେଡ ଏୟାରଲାଇନ୍ସ ଏବଂ ଏରୋମେକ୍ସିକୋ ପୁଏର୍ଟୋ ଭାଲ୍ଲାର୍ଟାକୁ ବିମାନ ଚଳାଚଳ ବାତିଲ କରିଥିବାରୁ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ମେଞ୍ଚୋ ହତ୍ୟାର ପ୍ରତିଶୋଧ ପାଇଁ ସିଜେଏନ୍ଜି ସଦସ୍ୟମାନେ ପୋଡ଼ାଜଳା କରିବା ସହ ଗୁଳିମାଡ଼ କରୁଛନ୍ତି ଓ ଆଗକୁ ସଂଘର୍ଷ ଜୋର୍‌ଦାର ହେବ ବୋଲି ଚେତାବନୀ ଦେଇଛନ୍ତି। ଜାଲିସ୍କୋ ରାଜ୍ୟରେ ବନ୍ଧୁକଧାରୀମାନେ ନ୍ୟାଶନାଲ ଗାର୍ଡ ଘାଟି ଉପରେ ଆକ୍ରମଣ କରିଛନ୍ତି। ହିଂସାକାଣ୍ଡ ଲାଗିରହିଥିବାରୁ ଲୋକମାନେ ଭୟ ଓ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି।

ମେକ୍ସିକୋର ବିଭିନ୍ନ ଭାଗରେ ହିଂସାକାଣ୍ଡ ଓ ଉତ୍ତେଜନା ଲାଗିରହିଥିବାରୁ ସେଠାରେ ଥିବା ଭାରତୀୟମାନଙ୍କୁ ସତର୍କ ରହିବା ଓ ଘରୁ ନ ବାହାରିବା ପାଇଁ ସୋମବାର ଭାରତୀୟ ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଶେଷକରି ଜେଲିସ୍କୋ ରାଜ୍ୟରେ ସେନା ଅଭିଯାନ ସାଙ୍ଗକୁ ରାସ୍ତା ଅବରୋଧ ଏବଂ ଆପରାଧିକ କାର୍ଯ୍ୟ ଜାରି ରହିଥିବାରୁ ସେଠାରେ ଥିବା ଭାରତୀୟମାନଙ୍କୁ ଅଧିକ ସତର୍କ ରହିବାକୁ କୁହାଯାଇଛି।

## ମେକ୍ସିକୋରେ ବ୍ୟାପକ ପୋଡ଼ାଜଳା



ମେକ୍ସିକୋର ଏକ ସହରରେ ନିଶା ଚୋରାଚାଲାଣକାରୀ ସଂଗଠନର ସଦସ୍ୟମାନେ ପୋଡ଼ାଜଳା କରୁଛନ୍ତି।

## ନଦୀରେ ବସ୍ ଖସି ୧୮ ମୃତ

**କାଠମାଣ୍ଡୁ, ୨୩।୨**

ନେପାଳର ଧାଡ଼ିଙ୍ଗ ଜିଲା ଅନ୍ତର୍ଗତ ଗଜୁରୀ ନିକଟରେ ତ୍ରିଶୂଳି ନଦୀ ମଧ୍ୟକୁ ଏକ ଯାତ୍ରୀବାହୀ ବସ୍ ଖସିପଡ଼ିବାରୁ ଅନ୍ୟୂନ ୧୮ ଜଣଙ୍କ ମୃତ୍ୟୁ ଘଟିଛି ଓ ୨୬ ଜଣ ଆହତ ହୋଇଛନ୍ତି। ବସ୍‌ଟି ପୋଖରାରୁ କାଠମାଣ୍ଡୁ ଅଭିମୁଖେ ଯାଉଥିବାବେଳେ ରବିବାର ବିଳମ୍ବିତ ରାତିରେ ପୃଥ୍ୱୀ ଜାତୀୟ ରାଜପଥରୁ ନଦୀକୁ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାସ୍ଥଳରୁ ୧୭ ମୃତଦେହ ମିଳିଥିବାବେଳେ ୨୮ ଆହତ ଯାତ୍ରୀଙ୍କୁ ବିଭିନ୍ନ ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟରେ ନେପାଳ ସେନା, ସଶସ୍ତ୍ର ପୋଲିସ ଏବଂ ନେପାଳ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ମୃତକଙ୍କ ମଧ୍ୟରେ ନ୍ୟୁଜିଲାଣ୍ଡର ଜଣେ ଯାତ୍ରୀ ଥିବାବେଳେ ଆହତଙ୍କ ମଧ୍ୟରେ ଜାପାନ ଏବଂ ନେଦରଲାଣ୍ଡସରୁ ଜଣେ ଲେଖାଏ ମହିଳା ଯାତ୍ରୀ ଅଛନ୍ତି। ଦ୍ରୁତ ଗାଡ଼ିଚାଳନାରୁ ଦୁର୍ଘଟଣା ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି।

## ଜେଏନ୍‌ୟୁରେ ବିକ୍ଷୋଭ ବେଳେ ସଂଘର୍ଷ: ବହୁ ଛାତ୍ର ଆହତ

**ନୂଆଦିଲ୍ଲୀ, ୨୩।୨ (ପି.ଟି.)**

ଦିଲ୍ଲୀର ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ରବିବାର ବିଳମ୍ବିତ ରାତିରେ ୨ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ଘଟି ଅନେକେ ଆହତ ହୋଇଛନ୍ତି। ଏହି ହିଂସା ପାଇଁ ବାମଦଳ ସମର୍ଥିତ ଗୋଷ୍ଠୀ ଏବଂ ଏବିଭିପି ସମର୍ଥକମାନେ ପରସ୍ପରକୁ ଦୋଷ ଦେଇଥିବାବେଳେ କ୍ୟାମ୍ପସ୍‌ରେ ବିଶୃଙ୍ଖଳିତ ବ୍ୟବହାର ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି। କୁଳପତିଙ୍କ ବିରୋଧରେ ଚାଲିଥିବା ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିଲା। କୁଳପତି ଶାନ୍ତିଶ୍ରୀ ଧୂଳିପୁଡ଼ି ପଣ୍ଡିତଙ୍କ ଇସ୍ତଫା ଏବଂ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ଇଷ୍ଟ ଗେଟ୍ ପର୍ଯ୍ୟନ୍ତ ସମତା ଶୋଭାଯାତ୍ରା ବାହାର କରିବାକୁ ବାମଦଳ ସମର୍ଥିତ ଛାତ୍ର ସଂଗଠନ ଡାକରା ଦେଇଥିଲା। ତେବେ ପ୍ରଶାସନ ସେମାନଙ୍କ ସହ ଆଲୋଚନା ନ କରି ଏବିଭିପି ସଦସ୍ୟଙ୍କୁ ଡାକିବାରୁ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପଣ୍ଡିତ ନିକଟରେ ଦେଇଥିବା ଏକ ଜାତିଆଣ ଓ ସମ୍ବେଦନଶୂନ୍ୟ ମନ୍ତବ୍ୟକୁ ନେଇ ସେ ବିବାଦଘେରକୁ ଆସିଥିବାବେଳେ ଛାତ୍ର ସଂଗଠନ ତାଙ୍କ ଇସ୍ତଫା ଦାବି କରିଛି।

## ଦିଲ୍ଲୀ ସଚିବାଳୟ, ବିଧାନସଭାକୁ ବୋମା ଧମକ

**ନୂଆଦିଲ୍ଲୀ, ୨୩।୨ (ପି.ଟି.)**

ଦିଲ୍ଲୀ ବିଧାନସଭା, ସଚିବାଳୟ, ଲାଲ୍‌କିଲ୍ଲା ଏବଂ ୨ଟି ସ୍କୁଲ ସମେତ ବିଭିନ୍ନ ପ୍ରତିଷ୍ଠାନକୁ ସୋମବାର ଇମେଲ୍ ଯୋଗେ ବୋମା ଧମକ ଦିଆଯାଇଥିଲା। ଦିଲ୍ଲୀ ବିଧାନସଭା ଏବଂ ଏହାର ବାଚସ୍ପତିଙ୍କୁ ସରକାରୀ ଆଇଡିକୁ ଧମକପୂର୍ଣ୍ଣ ଇମେଲ୍ ଆସିଥିଲା। ଖଲିସ୍ତାନୀ ନ୍ୟାଶନାଲ ଆର୍ମି ପକ୍ଷରୁ ଏହି ଇମେଲ୍ ଆସିଥିଲା। ସେଥିରେ ଲେଖାଯାଇଛି, 'ଦିଲ୍ଲୀ ବନେଗା ଖଲିସ୍ତାନ। ଆଗାମୀ ୩ ଦିନରେ ଦିଲ୍ଲୀ ସେନା ସ୍କୁଲ, ଲାଲ୍‌କିଲ୍ଲା ଏବଂ ମେଟ୍ରୋରେ ବିସ୍ଫୋରଣ ହେବ। ଏପରିକି ବିସ୍ଫୋରଣର ନିର୍ଦ୍ଦିଷ୍ଟ ସମୟ ମଧ୍ୟ ଇମେଲ୍‌ରେ ଉଲ୍ଲେଖ ରହିଛି। ତେବେ ଉପରୋକ୍ତ ପ୍ରତିଷ୍ଠାନଗୁଡ଼ିକରେ ବ୍ୟାପକ ଖାନ୍‌ତଲାସି ସତ୍ତ୍ୱେ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନ ଥିବାରୁ ତାହା ମିଥ୍ୟା ଧମକ ଥିବା କୁହାଯାଉଛି।

# ପୂର୍ବତନ ରେଳମନ୍ତ୍ରୀ ମୁକୁଲ ରାୟଙ୍କ ପରଲୋକ

**କୋଲକାତା, ୨୩।୨ (ପି.ଟି.)**

ଏକଦା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସବୁଠୁ ଘନିଷ୍ଠ ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପ୍ରମୁଖ ରଣନୀତିକାର ଥିବା ପୂର୍ବତନ ରେଳମନ୍ତ୍ରୀ ମୁକୁଲ ରାୟଙ୍କର ରବିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ରାତି ୧ଟା ୩୦ ମିନିଟ୍ ସମୟରେ କୋଲକାତାର ସଲ୍ଟଲେକ୍‌ସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି।

ମୁକୁଲ ଏକାଧିକ ରୋଗରେ ପୀଡ଼ିତଥିଲେ। ନିକଟରେ ସେ କୋମା ଅବସ୍ଥାକୁ ଚାଲିଯାଇଥିଲେ। ମରଶରୀର ତାଙ୍କ ବାସଭବନକୁ ନିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପଶ୍ଚିମବଙ୍ଗରୁ ୨ ଥର ରାଜ୍ୟ ସଭା ସଦସ୍ୟ ହୋଇଥିବା ରାୟ ତାଙ୍କ ୪ ଦଶନ୍ଧିର ରାଜନୈତିକ ଜୀବନରେ କଂଗ୍ରେସ, ଟିଏମ୍‌ସି ଏବଂ ଭାଜପାରେ କାର୍ଯ୍ୟ କରିଥିଲେ। ଯୁବକଂଗ୍ରେସରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ରାୟ ପରେ ମମତାଙ୍କ ସହ ମିଶି ୧୯୯୮ରେ ତୃଣମୂଳ କଂଗ୍ରେସ ଗଠନ କରିଥିଲେ। ୨୦୦୬ରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇ ଉପା ଦ୍ୱିତୀୟ ପାଳି ସରକାରରେ ପ୍ରଥମେ ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଓ ୨୦୧୨ରେ ରେଳମନ୍ତ୍ରୀ ହୋଇଥିଲେ। ୨୦୧୧ରେ ୩୪ ବର୍ଷର ବାମଦଳ ଶାସନର ଅନ୍ତ ଘଟାଇ ଟିଏମ୍‌ସି ଐତିହାସିକ ବିଜୟ ହାସଲ କରିବାରେ ରାୟଙ୍କର ଉଲ୍ଲେଖନୀୟ ଭୂମିକା ଥିଲା। ମୁକୁଲଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ବାୟୁ ପ୍ରଦୂଷଣ ରୋକିବାକୁ କୋଇଲାଭିତ୍ତିକ ଶିଳ୍ପ ସ୍ଥାନାନ୍ତର ପ୍ରସ୍ତାବ

**ନୂଆଦିଲ୍ଲୀ, ୨୩।୨ (ପି.ଟି.)**

### କେନ୍ଦ୍ରର ଜବାବ ମାଗିଲେ ସୁପ୍ରିମକୋର୍ଟ

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଉତ୍ତମ ମାନର ବାୟୁ ସୁନିଶ୍ଚିତ କରିବା ନିମନ୍ତେ କୋଇଲାଭିତ୍ତିକ କାରଖାନାଗୁଡ଼ିକୁ ଏନ୍‌ସିଆର୍ ବାହାରକୁ ସ୍ଥାନାନ୍ତର କରିବା ପ୍ରସ୍ତାବ ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟକୁ ଜବାବ ମାଗିଛନ୍ତି। ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)ର ପ୍ରସ୍ତାବ ଆଧାରରେ ମାର୍ଚ୍ଚ ୧୨ରେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ଯାନବାହନଜନିତ ବାୟୁ ପ୍ରଦୂଷଣର ଅନୁଧ୍ୟାନ କରିବେ। ନିର୍ମାଣ ଏବଂ ଉଚ୍ଛେଦ କାର୍ଯ୍ୟ ଯୋଗୁ ଧୂଳିଜନିତ ପ୍ରଦୂଷଣକୁ ରୋକିବା ଲାଗି ସିଏକ୍ୟୁଏମ୍ ଦେଇଥିବା ପ୍ରସ୍ତାବ ଉପରେ ଖଣ୍ଡପୀଠ ସମସ୍ତ ଅଂଶୀଦାରଙ୍କୁ ଜବାବ ମାଗିଛନ୍ତି। ଦିଲ୍ଲୀର ୩୦୦ କି.ମି. ମଧ୍ୟରେ କୋଇଲାଭିତ୍ତିକ ନୂଆ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ନ କରିବା ପ୍ରସ୍ତାବ ଉପରେ ପରିବେଶ ମନ୍ତ୍ରଣାଳୟ, ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ, ଶକ୍ତି ମନ୍ତ୍ରଣାଳୟଠାରୁ ଜବାବ ମଗାଯାଇଛି।

## ରାଷ୍ଟ୍ରପତି ଭବନରେ ରାଜଗୋପାଳାଚାରୀଙ୍କ ପ୍ରତିମୂର୍ତ୍ତି ଅନାବରଣ

**ନୂଆଦିଲ୍ଲୀ, ୨୩।୨ (ପି.ଟି.)**

ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ସ୍ୱାଧୀନ ଭାରତର ପ୍ରଥମ ତଥା ଏକମାତ୍ର ଭାରତୀୟ ଗଭର୍ଣ୍ଣର ଜେନେରାଲ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କ ଆବକ୍ଷ ପ୍ରତିମୂର୍ତ୍ତିର ଅନାବରଣ କରିଛନ୍ତି। ଦେଶରୁ ଉପନିବେଶୀୟ ମାନସିକତାର ଚିହ୍ନକୁ ହଟାଇବା ପାଇଁ ନିଆଯାଉଥିବା ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ। ରାଷ୍ଟ୍ରପତି ଭବନର ଅଶୋକ ମଣ୍ଡପ ନିକଟରେ ମୁଖ୍ୟ ସ୍ଥପତି ଏଡ୍‌ୱିନ୍ ଲୁଟ୍ୟେନ୍ସଙ୍କ ପ୍ରତିମୂର୍ତ୍ତିକୁ ହଟାଯାଇ ସେଠାରେ ରାଜଗୋପାଳାଚାରୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି।

# ବାଂଲାଦେଶରେ ଅସ୍ଥିରତା ଆଣିବାକୁ ଚାହୁଁଥିଲେ ୟୁନୁସ୍

**ଢାକା, ୨୩।୨**

### ରାଷ୍ଟ୍ରପତି ଶାହବୁଦ୍ଦିନଙ୍କ ସଙ୍ଗୀନ ଅଭିଯୋଗ

ବାଂଲାଦେଶରେ ତାରିକ୍ ରହମାନ ସରକାର ଶପଥ ନେବାର କିଛି ଦିନ ପରେ ରାଷ୍ଟ୍ରପତି ମହମ୍ମଦ ଶାହବୁଦ୍ଦିନ ପୂର୍ବ ଅନ୍ତରୀଣ ସରକାର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍‌ଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ୟୁନୁସ୍ ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ନଷ୍ଟ କରି ଦେଶକୁ ଅସ୍ଥିରତା ମଧ୍ୟକୁ ଠେଲିଦେବାକୁ ଚାହୁଁଥିଲେ ବୋଲି ଶାହବୁଦ୍ଦିନ ଗଣମାଧ୍ୟମକୁ ଏକ ସାକ୍ଷାତ୍‌କାର ଦେବାବେଳେ କହିଛନ୍ତି। ଏପରିକି ଷଡ଼ଯନ୍ତ୍ର କରି ଅସାମ୍ବିଧାନିକ ଢଙ୍ଗରେ ତାଙ୍କୁ ରାଷ୍ଟ୍ରପତି ପଦରୁ ହଟାଇବାକୁ ମଧ୍ୟ ୟୁନୁସ୍ ଯୋଜନା କରିଥିଲେ ବୋଲି ସେ କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶ ଛାଡ଼ିବା ପରେ ୟୁନୁସ୍ ସରକାର ହାତରେ ବାଂଲାଦେଶର ଶାସନ କ୍ଷମତା ରହିଥିଲା। କିନ୍ତୁ ଏହି ଦେଢ଼ ବର୍ଷ ଧରି ସେ ଏକପ୍ରକାର ବନ୍ଦୀ ଜୀବନ ବିତାଇଛନ୍ତି। ରାଷ୍ଟ୍ରପତି ଭାବେ ତାଙ୍କ ସହିତ ୟୁନୁସ୍ ସରକାର କୌଣସି ସ୍ତରରେ ଆଲୋଚନା କରିନାହାନ୍ତି। ବରଂ ତାଙ୍କୁ ହଟାଇ ୟୁନୁସ୍ ଦେଶର ସବୁ ନିୟମକୁ ବାଦ୍ ଦେଇ ଜଣେ ପୂର୍ବତନ ପ୍ରଧାନ ବିଚାରପତିଙ୍କୁ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ କରିବାକୁ ଉଦ୍ୟମ କରିଥିଲେ ବୋଲି ଶାହବୁଦ୍ଦିନ କହିଛନ୍ତି। ୟୁନୁସ୍ ତାଙ୍କ ଶାସନକାଳରେ ୧୪ରୁ ୧୫ଥର ବିଦେଶ ଯାଇଥିଲା ବେଳେ କୌଣସି ସମୟରେ ତାଙ୍କ ଗସ୍ତ ବାବଦରେ ରାଷ୍ଟ୍ରପତିଙ୍କୁ ଅବଗତ କରିନାହାନ୍ତି। ଅପରପକ୍ଷେ ତାଙ୍କର କୋଶଭୋ ଏବଂ କାତାର ଗସ୍ତକୁ ରୋକି ଦେଇଥିଲେ ବୋଲି ଶାହାବୁଦ୍ଦିନ କହିଛନ୍ତି।



ମହମ୍ମଦ ଶାହବୁଦ୍ଦିନ | ମହମ୍ମଦ ୟୁନୁସ୍

# ସାମନ୍ଥାଙ୍କ ମନର କଥା

**ମୁମ୍ବାଇ**

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ଆଜିକାଲି ସୁଖୀ ଦାମ୍ପତ୍ୟ ଜୀବନ ବିତାଉଛନ୍ତି। ସ୍ୱାମୀ ତଥା ଚଳଚ୍ଚିତ୍ର ନିର୍ମାତା ରାଜ ନିଦିମୋରୁଙ୍କ ସହ ସେ ହନିମୁନ୍‌ରୁ ଫେରିଛନ୍ତି। ନିକଟରେ ଏକ ସାକ୍ଷାତକାରରେ ନିଜ ହୃଦୟର କଥା କହିଛନ୍ତି ସାମନ୍ଥା। ପୂର୍ବତନ ସ୍ୱାମୀ ନାଗା ଚୈତନ୍ୟଙ୍କଠାରୁ ଅଲଗା ହେବାପରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ ସାମନ୍ଥା। ଏହି ସମୟରେ ରାଜ ତାଙ୍କୁ ସମ୍ଭାଳିଥିଲେ। ରାଜଙ୍କ ସହ ବନ୍ଧୁତା ଏବଂ ପ୍ରେମ ତାଙ୍କୁ ପୁଣି ଥରେ ପ୍ରେମରେ ବିଶ୍ୱାସ କରିବାକୁ ଶିଖାଇଥିଲା। ସାମନ୍ଥା କୁହନ୍ତି, ଯେତେବେଳେ ମୁଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲି। ସେତେବେଳେ ମୁଁ ଭାବି ନଥିଲି ଯେ ମୁଁ ଆଉ କେବେ କାହାକୁ ବିଶ୍ୱାସ କରିପାରିବି। କିନ୍ତୁ ଆଜି ମୁଁ ଗର୍ବିତ ଯେ, ରାଜ ମୋ ଜୀବନରେ ଅଛନ୍ତି।

ସାମନ୍ଥା ଏବଂ ନାଗା ଚୈତନ୍ୟ ୨୦୧୭ରେ ଭବ୍ୟ ବିବାହ କରିଥିଲେ। ବିବାହର ଚାରି ବର୍ଷ ପରେ ସେମାନେ ୨୦୨୧ରେ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ନାଗା ଚୈତନ୍ୟ ପରେ ୨୦୨୪ ମସିହାରେ ସୋଭିତା ଧୂଳିପାଲାଙ୍କୁ ବିବାହ କରିଥିଲେ। ଡିସେମ୍ବର ୧, ୨୦୨୫ ରେ ସାମନ୍ଥା ଏବଂ ରାଜ କୋଏମ୍ବାଟୁରରେ ବିବାହ କରିଥିଲେ।



ସାମନ୍ଥା ରୁଥ ପ୍ରଭୁ

ଧରିତ୍ରୀ
DHARITRI


# କୋରାପୁଟକୁ ଗୋଟେ ମିଳିପାରେ

**ରାଜ୍ୟ ସଭା ନିର୍ବାଚନ**

ରାୟଗଡ଼ା, ୨୩।୨ (ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶାର ୪ ଜଣ ରାଜ୍ୟ ସଭା ସଦସ୍ୟ ମମତା ମହନ୍ତ, ନିରଞ୍ଜନ ବିଶି, ମୁଜିବୁଲ୍ଲା ଖାନ୍ ଏବଂ ସୁଜିତ୍ କୁମାରଙ୍କ କାର୍ଯ୍ୟକାଳ ଏପ୍ରିଲ ୨ ତାରିଖରେ ଶେଷ ହେବ। ଏହି ୪ ଆସନ ଲାଗି ଆସନ୍ତା ମାର୍ଚ୍ଚ ୧୬ରେ ଭୋଟ୍ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଏବେ ରାଜ୍ୟରେ ଶାସନ ଦାୟିତ୍ୱରେ ଥିବା ଭାଜପା କେଉଁମାନଙ୍କୁ ରାଜ୍ୟ ସଭା ପଠାଇବ, ତାହା ବର୍ତ୍ତମାନ ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଛି। ଯଦି ରାଜନୈତିକ ଦୃଷ୍ଟିକୋଣରୁ ଲକ୍ଷ୍ୟ କରାଯାଏ, ତେବେ ଭାଜପା ଗୋଟିଏ ରାଜ୍ୟ ସଭା ଆସନରେ ଅବିଭକ୍ତ କୋରାପୁଟ ଜିଲାରୁ ଜଣଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପ୍ରଦାନ କରିପାରେ। ଏହାର କେତେଗୁଡ଼ିଏ ଦିଗ ରହିଛି, ଯାହାକୁ ରାଜନୈତିକ ଦୃଷ୍ଟିରୁ ବିଚାର କରାଯାଇପାରେ। ଗତ ସାଧାରଣ ନିର୍ବାଚନରେ ୨୧ ଲୋକ ସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୨୦ଟି ଆସନରେ ଭାଜପା ବିଜୟୀ ହୋଇଛି। କେବଳ କୋରାପୁଟ ଲୋକ ସଭା ଆସନରେ ଭାଜପାକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ଏହି ଲୋକ ସଭା ଆସନ ୨୦୧୯ ମସିହାରୁ କଂଗ୍ରେସ ହାତରେ ରହିଆସିଛି। ଭାଜପା ପାଇଁ ସାଙ୍ଗଠନିକ ଦୃଷ୍ଟିକୋଣରୁ କୋରାପୁଟ ଜିଲା ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବା ଚର୍ଚ୍ଚା ହେଉଛି। ଦକ୍ଷିଣ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଅବିଭକ୍ତ କୋରାପୁଟ ଜିଲା ପରିଚିତ। ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିବାସୀ ସମ୍ପ୍ରଦାୟରୁ ଆସିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଆଦିବାସୀମାନଙ୍କୁ ଅନେକ ସମୟରେ ଅଗ୍ରାଧିକାର ଦେଉଥିବା ଲକ୍ଷ୍ୟ କରାଯାଉଛି। ଏଭଳି ସ୍ଥିତିରେ ଭାଜପା ଅବିଭକ୍ତ କୋରାପୁଟ ଜିଲାରେ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ କରିବା ଲାଗି ରାଜ୍ୟ ସଭାର ଗୋଟିଏ ଆସନ ଉକ୍ତ ଅଞ୍ଚଳର ଜଣଙ୍କୁ ଦେଇପାରେ ବୋଲି ଚର୍ଚ୍ଚା ହେଲାଣି।

ଉଲ୍ଲେଖଯୋଗ୍ୟ, କୋରାପୁଟ ଲୋକ ସଭା ଆସନ ଏବଂ ଏହା ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ର ମଧ୍ୟରୁ କେବଳ କୋରାପୁଟ ନିର୍ବାଚନମଣ୍ଡଳୀ ଭାଜପା ଦଖଲରେ ଅଛି। ବାକି ୬ ବିଧାନସଭା ଆସନ ଜୟପୁର, ପଟ୍ଟାଙ୍ଗୀ, ଲକ୍ଷ୍ମୀପୁର, ରାୟଗଡ଼ା, ବିଷମକଟକ ଏବଂ ଗୁଣୁପୁରରେ କଂଗ୍ରେସ ବିଧାୟକ ଅଛନ୍ତି। ତେଣୁ ଏହି ନିର୍ବାଚନୀ ଫଳାଫଳ ଗୋଟିଏ କଥା ଦର୍ଶାଉଛି, ରାଜ୍ୟର ଅନ୍ୟ ଲୋକ ସଭା କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳୀ ତୁଳନାରେ କୋରାପୁଟ ଜିଲାରେ ଭାଜପା ସ୍ଥିତି ଦୁର୍ବଳ ରହିଛି। ଭାଜପା ନିଜର ରାଜନୈତିକ ଭିତ୍ତିଭୂମି ସୁଦୃଢ଼ କରିବାକୁ ହେଲେ କୋରାପୁଟ ଜିଲାର ଜଣଙ୍କୁ ରାଜ୍ୟ ସଭା ପଠାଇବା ଜରୁରୀ ବୋଲି ଶାସକ ଦଳର ଅନେକ ନେତା ବିଭିନ୍ନ ସ୍ଥାନରେ ଚର୍ଚ୍ଚା କରୁଛନ୍ତି। ୨୦୨୪ରେ କୋରାପୁଟ ଲୋକ ସଭା ଆସନରେ ଭାଜପାରୁ ପ୍ରାର୍ଥୀ ହୋଇଥିବା କାଳିରାମ ମାଝୀ ୩ୟ ସ୍ଥାନରେ ରହିଥିଲେ। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସପ୍ତଗିରି ଉଲାକାଙ୍କଠାରୁ କାଳିରାମ ୨,୩୮,୮୭୯ ଖଣ୍ଡ ଭୋଟ୍‌ରେ ପରାଜିତ ହୋଇଥିଲେ। ଏତେବଡ଼ ଭୋଟ୍ ବ୍ୟବଧାନକୁ ସାଙ୍ଗଠନିକ କ୍ଷେତ୍ରରେ ପରିବର୍ତ୍ତନ କରିବା ପାଇଁ ଭାଜପା ନେତୃତ୍ୱ କୋରାପୁଟକୁ ରାଜ୍ୟ ସଭା ପ୍ରତିନିଧିତ୍ୱ କରିବାର ସୁଯୋଗ ଦେବା ବିଷୟ ଚର୍ଚ୍ଚା ହେବା ସ୍ୱାଭାବିକ। ଅନ୍ୟପଟେ କୋରାପୁଟ ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ରଘୁରାମ ମାଛ ବିଜେଡି ପ୍ରାର୍ଥୀ ରଘୁରାମ ପଡାଲଙ୍କଠାରୁ ମାତ୍ର ୨,୫୨୪ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ପୂର୍ବ ନିର୍ବାଚନଗୁଡ଼ିକୁ ଦେଖିଲେ କୋରାପୁଟ ଲୋକ ସଭା ଆସନରେ ପୂର୍ବରୁ ଅନେକ ଥର କଂଗ୍ରେସ ହାତରେ ରହିଆସୁଥିଲା। ମଝିରେ କିଛି ନିର୍ବାଚନରେ ବିଜେଡି ଏହି ଆସନରେ ନିଜର ପତିଆରା ବଢ଼ାଇପାରିଥିଲା। ୨୦୧୯ ଏବଂ ୨୦୨୪ରେ ପୁଣିଥରେ ଏହି ଆସନ କଂଗ୍ରେସ ☞ପୃଷ୍ଠା-୧୧

# ୨୦୨୫ରେ ୨,୯୯୪ ବଳାତ୍କାର ମାମଲା

**ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର**

- ୧,୯୬୮ ନାବାଳିକା ବଳାତ୍କାର
- ୭,୩୮୨ ଅସଦାଚରଣ ମାମଲା

ଭୁବନେଶ୍ୱର, ୨୩।୨ (ସୁଚିସ୍ମିତା ସାହୁ/ପି.ଟି.)

ରାଜ୍ୟରେ ୨୦୨୫ରେ ୨,୯୯୪ ବଳାତ୍କାର ଏବଂ ୭,୩୮୨ ଅସଦାଚରଣ ମାମଲା ରୁଜୁ ହୋଇଛି। ଏଥିମଧ୍ୟରେ ୧୯୬୮ ଜଣ ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି। ଏହି ବର୍ଷ ବିଭିନ୍ନ ଥାନାରେ ୩୩,୦୨୧ ମହିଳା ବିରୋଧୀ ହିଂସା ମାମଲା ରୁଜୁ ହୋଇଛି। ସୋମବାର ବିଧାନସଭାରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଏବଂ ଡା. ସି. ଏସ୍. ରାଜେନ ଏକ୍କାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିଥିବା ତଥ୍ୟରୁ ଏହା ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ୨୦୨୫ରେ ଉପରୋକ୍ତ ବଳାତ୍କାର ଓ ଅସଦାଚରଣ ମାମଲା ବ୍ୟତୀତ ୭,୩୭୮ ମହିଳା ଅପହରଣ, ୪,୩୬୧ ଯୌତୁକ ନିର୍ଯାତନା, ୫,୪୧୯ ଅଣ-ଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଛି। ସେହିପରି ଅନ୍ୟ ମହିଳା ବିରୋଧୀ ହିଂସା ମାମଲା ମଧ୍ୟରେ ୧,୪୪୮ ସର୍ବସାଧାରଣରେ ବିବସ୍ତ୍ର କରିବା, ୧,୧୮୩ଟି ଯୌନ ନିର୍ଯାତନା, ୧୪୫ ଯୌତୁକ ଜନିତ ହତ୍ୟା ଏବଂ ୭୭ଟି ଯୌତୁକ ଜନିତ ଆତ୍ମହତ୍ୟା ମାମଲା ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି ଯେ ବିଗତ ୧୮ ମାସ (ଜୁଲାଇ ୨୦୨୪ରୁ ☞ପୃଷ୍ଠା-୪






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଜ୍ୟରେ କୃଷକ କଲ୍ୟାଣ, ଆଇନ୍ ଶୃଙ୍ଖଳାର ଅବନତି ଏବଂ ମହିଳା ସୁରକ୍ଷା ଆଦି ପ୍ରସଙ୍ଗକୁ ନେଇ ବିଜେଡି ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ମୁଖ୍ୟ ଫାଟକ ପାର୍ଶ୍ୱ ପ୍ରତିମୂର୍ତ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ଟେରାକୋଟା କୃତୀ ପ୍ରତିଯୋଗିତା, ସ୍ଥାନ: କଳାଭୂମି, ଗଣ୍ଡମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ ଏବଂ ଧାରଣା ପ୍ରଦର୍ଶନ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ମଧ୍ୟାହ୍ନ ୧୨ଟା।
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ଶତାବ୍ଦୀର କଳାକାର ପକ୍ଷରୁ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

**କଟକ**
- କଟକ ନଗର କଂଗ୍ରେସ କମିଟି ପକ୍ଷରୁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଭିଜିଲାନ୍ସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଚିନ୍ମୟ ମିଶନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହନୁମତ୍ ମହୋତ୍ସବର ଉଦ୍‌ଘାଟନ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ, ସ୍ଥାନ: ଧବଳେଶ୍ୱର ପୀଠ, ଗୁରୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।

**ବାଲେଶ୍ୱର**
- ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଏଫ୍‌ଏମ୍‌ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୯ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କୁ ଏତଲା ପ୍ରଦାନ, ସ୍ଥାନ: ଏସ୍‌ପି ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପୌର କାର୍ଯ୍ୟାଳୟ ପରିସର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍ ଉଦ୍‌ଘାଟନୀ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁଭଦ୍ରା ଶକ୍ତି ମେଳା-୨୦୨୬ ତୃତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ମା' ବୁଢ଼ାମଙ୍ଗଳା ଦେବୀଙ୍କର ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ବାରାପାଳ, ରୂପସା, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଲକ୍ଷ୍ମୀନାରାୟଣ ପୂଜା ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ୨ୟ ଦିବସ, ସ୍ଥାନ: ଲକ୍ଷ୍ମୀନାରାୟଣ ମନ୍ଦିର ପରିସର, ଆରୁହା, ତିହିଡ଼ି, ସମୟ: ସକାଳ ୮ଟା।
- କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୧୦ଟା ୩୦।

**କେନ୍ଦୁଝର**
- ଶିବ ଚର୍ଚ୍ଚା, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ : ଅପରାହ୍ନ ୩ଟା।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା,ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ଜାତୀୟ ସଂହତି ଶିବିର, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସମ୍ମିଳନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା, ସମୟ: ଅପରାହ୍ନ ୨ଟା।
- ବନ୍ଧୁମିଳନ କାର୍ଯ୍ୟକ୍ରମ,ସ୍ଥାନ: ଚିତ୍ରଡ଼ା ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ,ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଏଲମା ଠାକୁରାଣୀଙ୍କ ଝାମିଯାତ୍ରା, ସ୍ଥାନ: ନୀଳକଣ୍ଠନଗର, ସମୟ: ସକାଳ ୬ଟା।

**ଗଞ୍ଜାମ**
- ଜନଗଣନା କର୍ମଶାଳା, ସ୍ଥାନ: ଛତ୍ରପୁର ଜିଲା ପରିଷଦ ଭବନ, ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**
- ମା'ମାହେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- ମା'ଦୁର୍ଗା ମନ୍ଦିରର ୧୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବଣିକସଂଘ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ବାଙ୍କବିହାରୀଙ୍କ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନଳଦିଆ ଶାସନ ଗଡାନଈ, ନାରାୟଣପୁର, ମାର୍ଶାଘାଇ, ସମୟ: ସକାଳ ୮ଟା।
- ରାଜସ୍ୱ ମାମଲା ସମ୍ପର୍କୀୟ ଜନଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମୁକ୍ତେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ତିହବଳରାମପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ୍ ନୂଆଗାଁସ୍ଥିତ, ମା'ପଳାଶ ବୁଢ଼ୀ ମଠ ପରିସର, ସମୟ: ସକାଳ ୬ଟା।
- ରବି ଲାବଣ୍ୟ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ, ସ୍ଥାନ: ଧର୍ମଶାଳା ବ୍ଲକ୍ ମିର୍ଜାପୁରସ୍ଥିତ ଜନାମଠ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଛଡିଆ ରଜ ଦୋଳ ମେଳଣ ମହୋତ୍ସବ ଅବସରରେ ହସ୍ତତନ୍ତ ପ୍ରଦର୍ଶନୀ ଉଦ୍‌ଘାଟନ, ସ୍ଥାନ: ଛଡିଆ ଫୁଟବଲ ପଡିଆ, ସମୟ: ଅପରାହ୍ନ ୫ଟା।

**ନୟାଗଡ଼**
- ଜାମାଲାଗି ବେଶର ୩୩ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ୫ମ ଦିବସରେ ସୂର୍ଯ୍ୟପୂଜା ଓ ପ୍ରବଚନ, ସ୍ଥାନ: ନୟାଗଡ଼ ବ୍ଲକର ବେଗୁନିଆପାଟଣା ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ରୁ ରାତ୍ର ୧୦ଟା।
- ବିଶ୍ୱଶାନ୍ତି ଶୈବଯଜ୍ଞର ୨ୟ ଦିବସରେ ଆହୁତି ପ୍ରଦାନ ଓ ନାମ ସଂକୀର୍ତ୍ତନ, ସ୍ଥାନ: ଓଡ଼ଗାଁ ବ୍ଲକର ବରସାହିସ୍ଥ ଶ୍ରୀସିଦ୍ଧେଶ୍ୱର ମହାଦେବଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପ୍ରବୋଧନ ଶିକ୍ଷକ ତାଲିମ ଶିବିରର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ମାଛିପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

**ରାୟଗଡ଼ା**
- ଆମେ ପଢ଼ିବା ଆମ ଭାଷାରେ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**
- ସୁଭଦ୍ରା ଶକ୍ତି ମେଳା ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ବୈଦ୍ୟନାଥ ମନ୍ଦିର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ଗୁଲିପାଟଣାସ୍ଥିତ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**କୋରାପୁଟ**
- ସ୍ୱାସ୍ଥ୍ୟ ଓ ଶିଶୁ ବିକାଶ ନେଇ ଯୁଗ୍ମ କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଘଟଯାତ୍ରା ଉପଲକ୍ଷେ ଆଜ୍ଞାମାଳ ଅନୁମତି, ସ୍ଥାନ: ମନ୍ଦିର ପରିସର, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ୟୁଥ୍ କ୍ରିକେଟ ଆସୋସିଏଶନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: କଲେଜ ପଡ଼ିଆ, କୋଟପାଡ଼, ସମୟ: ଅପରାହ୍ନ ୩ଟା।
- ଜାତୀୟ ସ୍ୱାସ୍ଥ୍ୟ ମିଶନ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଶିଶୁ ରୋଗ ଏବଂ ନବଜାତ ୟୁନିଟ ସହ ଉଚ୍ଚ ନିର୍ଭରଶୀଳ ୟୁନିଟର ଶୁଭ ଉଦ୍‌ଘାଟନ ସମାରୋହ, ସ୍ଥାନ: ବରେଇପାଲି ପାଞ୍ଚଗଛିଆ ସ୍ଥିତ ବୈଦ୍ୟ ବିକାଶ ହସ୍ପିଟାଲ, ସମୟ: ଅପରାହ୍ନ ୨ଟା।
- ୧୪ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ମୁମ୍ବାଇ ଜିଏମ୍‌ଏସ୍‌ସି ଏମ୍‌ୱାଇଜେ ବନାମ କେରଳ ଷ୍ଟେଟ ଇଲେଭେନ ବୋର୍ଡର ମ୍ୟାଚ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ୩୦।

**ବଲାଙ୍ଗୀର**
- ଲନ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆର୍‌ଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଲୋଇସିଂହା ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ପରିସର, ଲୋଇସିଂହା, ସମୟ: ସକାଳ ୯ଟା।

**ରାଉରକେଲା**
- ଓଡ଼ିଶା ପୋଲିସ ହକି ଚାମ୍ପିୟନଶିପ୍--୨୦୨୬ର ଉଦ୍‌ଯାପନୀ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍, ସମୟ: ସକାଳ ୬ଟା ୩୦।
- ହନୁମାନ ବାଟିକା ପ୍ରତିଷ୍ଠା ଦିବସ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପାନପୋଷ ରୋଡ୍, ସମୟ: ସକାଳ ୭ଟା ୩୦।
- ଜାଗର ମେଳାର ୧୦ମ ଦିବସ, ସ୍ଥାନ: ବେଦବ୍ୟାସ ଶୈବପୀଠ, ସମୟ: ସକାଳ ୮ଟା।
- କଂଗ୍ରେସର ବ୍ଲକସ୍ତରୀୟ ବୈଠକ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା ୩୦।

**ବରଗଡ଼**
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ଖଣ୍ଡହଥା (ଆମ୍ବକ୍ୟାମ୍ପ), ବରଗଡ଼, ସମୟ: ସକାଳ ୯ଟା।

**କଳାହାଣ୍ଡି**
- ୧୧ତମ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: କେସିଙ୍ଗା ବ୍ଲକ ଦଲୁମେରମୁଣ୍ଡା ପ୍ରହରୀ ମଣ୍ଡପ, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଭବାନୀପାଟଣାସ୍ଥିତ ସରକାରୀ ଆଇଟିଆଇ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭୂଗୋଳ ବିଭାଗରେ କର୍ମଶାଳା, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ପରିସର ବିଶ୍ୱନାଥପୁର, ସମୟ: ସକାଳ ୯ଟା।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଲାଞ୍ଜିଗଡ, ସମୟ: ସକାଳ ୧୦ଟା ୩୦।

**ବୌଦ୍ଧ**
- ଜନଗଣନା ନେଇ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ସରକାରୀ ଆଶ୍ରମ ବିଦ୍ୟାଳୟ ସୋସେଙ୍ଗର ୬୮ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଖରିଆର ରୋଡ୍ ମହୋତ୍ସବ ତୃତୀୟ ରଜନୀ, ସ୍ଥାନ: ଗୋତମା ସୀମାନ୍ତ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଜିଲା ବାନରସେନା ମଞ୍ଚ ପକ୍ଷରୁ ବ୍ଲକସ୍ତରୀୟ ସାଧାରଣ ବୈଠକ, ସ୍ଥାନ: ତୀରବନ୍ଧ ଶିବ ମନ୍ଦିର ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**
- ହନୁମାନଙ୍କ ପୂଜା ଓ ଚାଳିଶା ପଠନ କାର୍ଯ୍ୟକ୍ରମ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଯକ୍ଷ୍ମା ରୋଗ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାଗଡ଼ିହି, ସମୟ: ସକାଳ ୯ଟା।
- କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପୂଜାରୀପାଲି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

# ପଶ୍ଚିମ ଓଡ଼ିଶାରେ ଝିପିଝିପି ବର୍ଷା, କୁଆପଥର ମାଡ଼

**ଭୁବନେଶ୍ୱର,୨୩।୨(ବନ୍ଦନା ସେଠୀ)**

## ଆଜି ବର୍ଷା, ଘଡ଼ଘଡ଼ି ପାଇଁ ୧୫ ଜିଲାକୁ ୟେଲୋ ୱାର୍ନିଂ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏଥିସହ ଗାଙ୍ଗେୟ ପଶ୍ଚିମବଙ୍ଗରୁ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶକୁ ଏକ ଟ୍ରଫ୍ ଲାଇନ୍ ସମୁଦ୍ର ପତ୍ତନଠାରୁ ୦.୯ କିମି ଉଚ୍ଚତାରେ ଓଡ଼ିଶା ଦେଇ ଗତି କରୁଛି। ଏହା ପ୍ରଭାବରେ ସୋମବାର ପଶ୍ଚିମ ଓଡ଼ିଶା ସମେତ ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା। ଝାରସୁଗୁଡ଼ା ଜିଲାରେ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ସୋନପୁରର ବିନିକା ସମେତ ଜିଲାର କେତେକ ସ୍ଥାନରେ ବର୍ଷା ହୋଇଛି। ସେହିଭଳି ବରଗଡ଼ରେ ମେଘୁଆ ପାଗ ରହିଥିବାବେଳେ ବର୍ଷା ସହ କୁଆପଥର ମାଡ଼ ହୋଇଥିବା ସୂଚନା ମିଳିଛି। ଏଥିସହ କୋରାପୁଟରେ ମଧ୍ୟ ବର୍ଷା ଓ କୁଆପଥର ମାଡ଼ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ମଧ୍ୟ ୧୫ ଜିଲାରେ ଏଭଳି ସ୍ଥିତି ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ସହିତ ଘଡ଼ଘଡ଼ି, ବିଜୁଳି ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି।

ବର୍ଷା ପାଇଁ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ହ୍ରାସ ଘଟିବ ବୋଲି ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୭ଟି ସ୍ଥାନର ସର୍ବନିମ୍ନ ତାପମାତ୍ରା ୧୫ଡିଗ୍ରୀ ଏବଂ ଏହାଠାରୁ କମ୍ ରହିଥିଲା। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୧୧ଡିଗ୍ରୀ ରେକର୍ଡ ହୋଇଥିଲା। ସେହିପରି ରାଜ୍ୟର ୭ଟି ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିଲା। ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୬.୬ ଡିଗ୍ରୀ ରହିଥିବାବେଳେ ଭୁବନେଶ୍ୱରରେ ୩୫.୮ ଡିଗ୍ରୀ ଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ ବୁଧବାର ପୁରୀ ଏବଂ ଜଗତ୍‌ସିଂହପୁରକୁ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ନେଇ ସତର୍କ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ବଢ଼ୁଛି ଅପମିଶ୍ରଣ...

ଅନୁଯାୟୀ, ଅନୁଗୋଳରେ ଚା' ସହିତ କରିପାଉଡର ଅପମିଶ୍ରଣଥିବା ଜଣାପଡ଼ିଥିବାବେଳେ ବାଲେଶ୍ୱରରେ ବିସ୍କୁଟ, ସୋୟାଚଙ୍କ୍, ମଷ୍ଟାର୍ଡ ଅଏଲ୍, ଚିକେନ ମସଲା, ଭଦ୍ରକରେ ଚିଲି ସସ୍, ଗରମ ମସଲା, ଚାଇନା ସଲ୍ଟ, ମଷ୍ଟାର୍ଡ ଅଏଲ, କେକ୍, ସୁଜି ଓ ଛତୁଆ, ବଲାଙ୍ଗୀରରେ ବଏଲ୍‌ଡ ରାଇସ୍, ସୁଜି, ନୁଡୁଲ୍ସ, ଚା', ସୋୟାଚଙ୍କ, ବୌଦ୍ଧରେ ହର୍ଲିକ୍ସ ସହ ଛତୁଆ, କଟକରେ ହଳଦୀ ପାଉଡର, ଧନିଆ ପାଉଡର, ଛତୁଆ ଏବଂ ଅଟା, ଦେବଗଡ଼ରେ ଗାଣ୍ଠିଆ, ବାଦାମ ଲଡ୍ଡୁ, ଢେଙ୍କାନାଳରେ ସୁଜି, ହର୍ଲିକ୍ସ, ଚା' ଏବଂ ଡାଟେସ୍, ଗଜପତିରେ ବିସ୍କୁଟ, ସୋୟାଚଙ୍କ୍, ଚିଲି ପାଉଡର, ହର୍ଲିକ୍ସ ଓ ବେସନ ରହିଛି। ସେହିପରି ଯାଜପୁରରେ ଚିଲି ପାଉଡର, ଝାରସୁଗୁଡ଼ାରେ ବିସ୍କୁଟ ଓ ସୋୟାବିନ୍ ଅଏଲ, କଳାହାଣ୍ଡିରେ ପାମୋଲିନ୍, ସନଫ୍ଲାୱାର ଅଏଲ୍, କନ୍ଧମାଳରେ ପାମୋଲିନ୍,ସନଫ୍ଲାୱାର ଅଏଲ୍ ଏବଂ ବିସ୍କୁଟ୍, କେନ୍ଦ୍ରାପଡ଼ାରେ ପାମ୍ପଡ୍, ସନଫ୍ଲାୱାର, ବନସ୍ପତି, ମଷ୍ଟାର୍ଡ, ଚକୋଲେଟ, ନୁଡୁଲ୍ସ, କେନ୍ଦୁଝରରେ ଚା', ରାଇସବ୍ରାନ୍ ଅଏଲ, ବିସ୍କୁଟ, ସନଫ୍ଲାୱାର, ଖୋର୍ଦ୍ଧାରେ ସର୍ବାଧିକ ୩୫ରୁ ଅଧିକ ଖାଦ୍ୟରେ ଅପମିଶ୍ରଣ ଥିବା ଯାଞ୍ଚରୁ ଜଣାପଡ଼ିଛି। ଏହାବ୍ୟତୀତ ଅବଶିଷ୍ଟ ଜିଲାରେ ତେଲଠାରୁ ଆରମ୍ଭ କରି ସ୍କିମଡ୍ ମିଲ୍କ ପର୍ଯ୍ୟନ୍ତ ଅଧିକାଂଶ ଖାଦ୍ୟ ପଦାର୍ଥରେ ଅପମିଶ୍ରଣ ଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

## ହାତଗୋଡ଼ ବାନ୍ଧି...

ତାଡ଼ି ପ୍ରଥମେ ୪ ଜଣ ଦୁର୍ବୃତ୍ତ ଅମୂଲ୍ୟଙ୍କ ଘର ଭିତରକୁ ପଶିଥିଲେ। ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ବେକରେ ଭୁଜାଲି ରଖି ହାତ ଗୋଡ଼ ବାନ୍ଧିଦେଇଥିଲେ। ଅମୂଲ୍ୟ ପାଟି କରିବାରୁ ପୁଣି ୨ ଜଣ ଦୁର୍ବୃତ୍ତ ଘରେ ପଶି ଆଲମିରା ଚାବି ମାଗିଥିଲେ। ଚାବି ନ ଦେବାରୁ ଗଡ଼୍‌ରେଜ ଭାଙ୍ଗି ଭିତରେ ଥିବା ନଗଦ ୭୦ ଲକ୍ଷ ଟଙ୍କା ଓ ୧୪ଟା ସୁନାମୁଦି, ୩ଟି ଲକେଟ ଓ କାନଫୁଲ ଆଦି ନେଇ ପଳାଇଥିଲେ। ଯିବାବେଳେ ଅମୂଲ୍ୟଙ୍କ ମୋବାଇଲ ଭାଙ୍ଗିଦେଇଥିଲେ। ଏଥିସହ ହାତଗୋଡ଼ ନ ଖୋଲି ଦୁର୍ବୃତ୍ତମାନେ ସେଠାରୁ ଚାଲିଯାଇଥିଲେ। ଦୀର୍ଘ ସମୟ ଚେଷ୍ଟାକରି ଅମୂଲ୍ୟ କଷ୍ଟରେ ହାତ ଗୋଡ଼ ଖୋଲି ସମସ୍ତଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଖବରପାଇ ପୋଲିସ ସୋମବାର ସକାଳେ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ କରୁଛି। ଡକାୟତିରେ ବ୍ୟବହାର କରାଯାଇଥିବା ଭୁଜାଲିକୁ ଦୁର୍ବୃତ୍ତମାନେ ଛାଡ଼ି ଚାଲିଯାଇଥିବାରୁ ତାହାକୁ ପୋଲିସ ଜବତ କରିଛି। ଉମରକୋଟ ଥାନାରେ କେସ୍ ନଂ. ୫୭/୨୬ରେ ମାମଲା ରୁଜୁ କରାଯାଇଛି।

## ଏୟାର ଆମ୍ବୁଲାନ୍ସ...

ରାଡାର୍‌ରୁ ଉଭାନ ହୋଇଯାଇଥିଲା। କୌଣସି କାରଣରୁ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଚତରା ଜିଲାରେ ଖସିପଡ଼ିଥିଲା। ରାଜ୍ୟ ପ୍ରଶାସନର କେତେଜଣ ଅଧିକାରୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ବିମାନଟିକୁ ଠାବ କରିଥିଲେ। ଦୁର୍ଘଟଣାସ୍ଥଳରୁ ୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତିଙ୍କ ମଧ୍ୟରେ ସଞ୍ଜୟ କୁମାର, ତାଙ୍କର ୨ ଆଟେଣ୍ଡାଣ୍ଟ ଅର୍ଚ୍ଚନା ଦେବୀ ଓ ଧ୍ରୁବ କୁମାର, ଡାକ୍ତର ବିକାଶ କୁମାର ଗୁପ୍ତା, ଫାର୍ମାଶିଷ୍ଟ ସଚିନ୍ କୁମାର ମିଶ୍ର ଏବଂ ୨ ପାଇଲଟ୍ ବିବେକ ବିକାଶ ଭଗତ୍ ଓ ସଭରାଜଦୀପ୍ ସିଂ ରହିଛନ୍ତି। ଏହି ବିମାନଟି ଦିଲ୍ଲୀସ୍ଥିତ ରେଡ୍‌ବାର୍ଡ ଏୟାରୱେଜ୍ ନାମକ ଘରୋଇ କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିଲା। ଦୁର୍ଘଟଣା ସମ୍ପର୍କରେ ଯାଞ୍ଚ ପାଇଁ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି।

## କେନ୍ଦ୍ର ଦେଇଛି...

ସଦସ୍ୟ ନିରଞ୍ଜନ ପୂଜାରୀଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୫-୨୬ରେ ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ବାବଦକୁ ମୋଟ ୪୧,୫୯୧.୭୩ କୋଟି ଟଙ୍କା ପ୍ରାପ୍ତିର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ମହାଲେଖାକାର, ଓଡିଶାଙ୍କ ଠାରୁ ପ୍ରାପ୍ତ ତଥ୍ୟାନୁଯାୟୀ, ଜାନୁଆରୀ ମାସ ଶେଷ ସୁଦ୍ଧା ଏ ବାବଦରେ ମୋଟ ୧୦,୭୨୭ କୋଟି ୫୨ ଲକ୍ଷ ଟଙ୍କା ମିଳିଛି।

## ଆତଙ୍କବାଦକୁ ଦମନ...

ଇଣ୍ଟରନେଟ୍ ମାଧ୍ୟମରେ ପରସ୍ପର ମଧ୍ୟରେ ସମ୍ପର୍କ ରଖିବା ସହିତ ସାଙ୍ଗଠନିକ କାର୍ଯ୍ୟକୁ ବ୍ୟାପକ କରିବା, ଅଧିକରୁ ଅଧିକ ଲୋକଙ୍କୁ ଆତଙ୍କବାଦ କାର୍ଯ୍ୟକଳାପରେ ସାମିଲ କରୁଛନ୍ତି। ଏହାକୁ କିଭଳି ରୋକାଯାଇପାରିବ ସେନେଇ ମଧ୍ୟ ଏହି ନୀତିରେ ପଦକ୍ଷେପ ନିଆଯାଇଛି। ସେହିପରି ସୀମାପାର ଆତଙ୍କବାଦ, ଡ୍ରୋନ୍ ଏବଂ ସାଇବର୍ ବିପଦକୁ ମଧ୍ୟ ପ୍ରତିହତ କରିବା ଦିଗରେ ସ୍ୱତନ୍ତ୍ର ରଣନୀତି ଗ୍ରହଣ କରାଯିବ। ଆଇନ ବ୍ୟବସ୍ଥା ଏବଂ ମାନବାଧିକାର ଦିଗ ପ୍ରତି ସମନ୍ୱୟ ରଖାଯାଇ ଆତଙ୍କବାଦକୁ ଦୃଢ଼ ହସ୍ତରେ ପ୍ରତିହତ କରିବାକୁ ସବୁ ଦିଗରେ ପଦକ୍ଷେପ ନିଆଯିବ ବୋଲି ଏହି ନୀତିରେ ଉଲ୍ଲେଖ କରାଯାଇଛି।

## ୨୦୨୫ରେ...

ଡିସେମ୍ବର ୨୦୨୫) ମଧ୍ୟରେ ତା'ର ପୂର୍ବବର୍ତ୍ତୀ ୧୮ ମାସ ତୁଳନାରେ କିଛି କ୍ଷେତ୍ରରେ ଅପରାଧ ହ୍ରାସ ପାଇଛି। ଯେପରି କି ଏସିଡ୍ ଆକ୍ରମଣ ୭୩.୩% ହ୍ରାସ ପାଇଥିବାବେଳେ ସର୍ବସାଧାରଣରେ ବିବସ୍ତ୍ର କରିବା ଓ ଯୌତୁକ ହତ୍ୟା ୨୬.୮%, ବଳାତ୍କାର ମାମଲା ୩.୫% ଏବଂ ମହିଳା ହତ୍ୟା ୭.୪% କମ୍ ହୋଇଛି।

ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଦର୍ଶାଯାଉଛି ଯେ, ୨୦୨୪ରେ ୧,୭୮୬ଜଣ ଏବଂ ୨୦୨୫ରେ ୧,୯୬୮ଜଣ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ୨୦୨୫ରେ ବାଲେଶ୍ୱର ଜିଲାରେ ସର୍ବାଧିକ ୧୨୭ଜଣ ନାବାଳିକା ବଳାତ୍କାର ଶିକାର ହୋଇଥିବା ବେଳେ ମୟୂରଭଞ୍ଜରେ ୧୦୯, ରାୟଗଡ଼ାରେ ୯୮, କେନ୍ଦୁଝରରେ ୯୬, କୋରାପୁଟରେ ୯୩, ଯାଜପୁରରେ ୮୯, ଭଦ୍ରକରେ ୮୫, ଭୁବନେଶ୍ୱର ୟୁପିଡିରେ ୮୩, ଗଞ୍ଜାମରେ ୭୩ଜଣ ବଳାତ୍କାର ହୋଇଛନ୍ତି। ସେହିପରି ୨୦୨୪ରେ ବଳାତ୍କାର ହୋଇଥିବା ନାବାଳିକାଙ୍କ ମଧ୍ୟରେ କେନ୍ଦୁଝର ଜିଲାରେ ସର୍ବାଧିକ ୧୦୮ଜଣ, ମୟୂରଭଞ୍ଜରେ ୧୦୪, ଯାଜପୁରରେ ୯୫, ଭଦ୍ରକରେ ୯୦, କଳାହାଣ୍ଡିରେ ୭୯, ଭୁବନେଶ୍ୱର ୟୁପିଡିରେ ୭୭, କଟକ ୟୁପିଡିରେ ୭୬, କନ୍ଧମାଳରେ ୭୦ ଏବଂ କଟକରେ ୬୮ଜଣ ରହିଛନ୍ତି।

ଅନ୍ୟପକ୍ଷରେ ୨୦୨୪ରେ ରାଜ୍ୟରେ ୧୦୮୪ ଜଣ ମହିଳା ବଳାତ୍କାର ହୋଇଛନ୍ତି। ଯାଜପୁର ଜିଲାରେ ସର୍ବାଧିକ ୧୬୮ଜଣ ରହିଥିବା ବେଳେ ଭୁବନେଶ୍ୱର ୟୁପିଡି ଏବଂ ବାଲେଶ୍ୱରରେ ୧୪୬ ଜଣ ଲେଖାଏ ରହିଛନ୍ତି। ୨୦୨୫ ମସିହାରେ ରାଜ୍ୟର ୯୨ଜଣ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବାବେଳେ ୮ଜଣଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ୨୦୨୪ରେ ୮୨ଜଣ ଗଣବଳାତ୍କାର ଓ ୧୨ଜଣଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ବାହାଘର ପାଇଁ ପ୍ରତିଶ୍ରୁତି ଦେଇ ୫୩ଜଣଙ୍କୁ ଯୌନ ନିର୍ଯାତନା ଦିଆଯାଇଛି। ୩ଜଣ ମହିଳା ଏସିଡ୍ ଆକ୍ରମଣର ସମ୍ମୁଖୀନ ହୋଇଥିବା ବେଳେ ୨ଜଣଙ୍କ ଉପରେ ଏସିଡ୍ ପକାଇବାକୁ ପ୍ରୟାସ କରାଯାଇଛି। ଯୌତୁକ ପାଇଁ ୧୦୭ଜଣ ମହିଳାଙ୍କୁ ହତ୍ୟା କରାଯାଇଥିବା ବେଳେ ୩୩ଜଣ ମହିଳା ଯୌତୁକ ପାଇଁ ଆତ୍ମହତ୍ୟା କରିଛନ୍ତି। ସେହିପରି ଯୌତୁକ ପାଇଁ ୧୯୩୨ଜଣ ଓ ଅନ୍ୟ କାରଣ ପାଇଁ ୧୩୮୯ଜଣ ମହିଳାଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ରହିଛି। ଯୌତୁକ ପାଇଁ କଟକରେ ସର୍ବାଧିକ ୨୪ଜଣ ମହିଳାଙ୍କୁ ହତ୍ୟା କରାଯାଇଛି। ଭୁବନେଶ୍ୱର ୟୁପିଡିରେ ସର୍ବାଧିକ ୧୬ଜଣ ମହିଳା ଯୌତୁକ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ବାଲେଶ୍ୱରରେ ସର୍ବାଧିକ ୩୪୧ଜଣ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଥିବାବେଳେ ଅନ୍ୟ ଘଟଣା ପାଇଁ ଯାଜପୁରର ସର୍ବାଧିକ ୨୫୯ଜଣ ମହିଳା ନିର୍ଯାତନାର ସମ୍ମୁଖୀନ ହୋଇଥିବା ତଥ୍ୟ ରହିଛି।

ମହିଳାଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର କେତେକ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବା ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି। ତଦନୁଯାୟୀ ଭୁବନେଶ୍ୱରରେ ଥିବା କ୍ରାଇମ୍ ଏଗେନଷ୍ଟ ଓମେନ୍ ଆଣ୍ଡ ଚିଲ୍ଡ୍ରେନ୍ ୱିଙ୍ଗ୍ (ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ) ଶାଖା ସମ୍ବେଦନଶୀଳ ମାମଲାଗୁଡ଼ିକୁ 'ରେଡ୍-ଫ୍ଲାଗ୍' ଶ୍ରେଣୀଭୁକ୍ତ କରି ତଦନ୍ତର ତଦାରଖ କରୁଛି। ଇନ୍‌ଭେଷ୍ଟିଗେଟିଭ୍ ୟୁନିଟ୍ସ ଅନ୍ କ୍ରାଇମ୍ସ ଏଗେନଷ୍ଟ ଓମେନ୍ (ଆଇୟୁସିଏଡବ୍ଲ୍ୟୁ) ବିଭିନ୍ନ ଜିଲାରେ ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ କରୁଛି। ଇଣ୍ଟିଗ୍ରେଟେଡ୍ ଆଣ୍ଟି-ହ୍ୟୁମାନ୍ ଟ୍ରାଫିକିଂ ୟୁନିଟ୍ (ଆଇଏଏଚ୍‌ଟିୟୁ) ସମସ୍ତ ୩୬ଟି ପୋଲିସ ଜିଲାରେ କାର୍ଯ୍ୟକ୍ଷମ ହୋଇଛି, ଯାହା ନିଖୋଜ ମହିଳା ଓ ଶିଶୁ ଚୋରା ଚାଲାଣ ରୋକିବା ପାଇଁ କାମ କରୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇ ସାରିଲେ ଗାଇକି ଯିବି**
**ଖାଇ ସାରିଲି, କାହିଁକି ଯିବି ?**

ଆଜିର ସ୍ୱାର୍ଥପର ଦୁନିଆରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜର ସ୍ୱାର୍ଥ ପୂରଣ କରିବା ଲାଗି ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କଠାରେ ନିଜର ଆନୁଗତ୍ୟ ପ୍ରକାଶ କରିଥାନ୍ତି ବା ଦେଖାଇଥାନ୍ତି। ତେବେ ସ୍ୱାର୍ଥ ପୂରଣ ହେଲା ପରେ ସେହି ବ୍ୟକ୍ତି ଆଉ ଧରାଛୁଆଁ ଦେଇ ନ ଥାନ୍ତି। ଧୂର୍ତ୍ତ ବ୍ୟକ୍ତିଙ୍କ ଏତାଦୃଶ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଇଲାବେଳକୁ ପୁଅର ମା'**
**ହୁଳହୁଳୀ ଦେଲା ବେଳକୁ ତୁଣ୍ଡରେ ଘା।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ। ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତିକି ବ୍ୟଗ୍ରତା ପ୍ରକାଶ ପାଏ, ଅନ୍ୟର ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହୁଏନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରର ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ ସଫଳତା ପାଇବେ। କୃତ୍ତିକା ନକ୍ଷତ୍ର ସକାଶେ ପଡ଼ୋଶୀଙ୍କ ପ୍ରତିବାଦ କାରଣରୁ ନିର୍ମାଣାଧୀନ କାମ ଅଟକିବ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ରଚନାତ୍ମକ କାର୍ଯ୍ୟାରମ୍ଭ, ଋଣପରିଶୋଧ, ପାରିବାରିକ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିପାରନ୍ତି।

**ବୃଷ**
ବନ୍ଧୁଙ୍କ ପାରିବାରିକ କଥାରେ ଅନୁପ୍ରବେଶକରି ମଧ୍ୟସ୍ଥତା କଲେ ଅପଦସ୍ଥ ହୋଇପାରନ୍ତି। ଆଜିର ଯାତ୍ରାକାଳୀନ ରାସ୍ତାରେ ଅଜଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ରୋହିଣୀ ନକ୍ଷତ୍ରର ଘରେ ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ଅବହେଳାରୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହୋଇପାରନ୍ତି।

**ମିଥୁନ**
ପ୍ରତୀକ୍ଷିତ ଖବରଟି ପାଇବା ପାଇଁ ଚାହିଁଚାହିଁ ଆଖିରୁ ପାଣି ମରିଯାଇପାରେ। ସହକର୍ମୀଙ୍କ ଆଶ୍ୱାସନା ସାଙ୍ଗକୁ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ। ଆର୍ଦ୍ରା ନକ୍ଷତ୍ର କ୍ଷେତ୍ରରେ ରାଜନୈତିକ ସ୍ତରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ସହକର୍ମୀଙ୍କ ନିକଟରେ ବାକି ପଡ଼ିଥିବା ବହୁଦିନର ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କର୍କଟ**
ପୁନର୍ବସୁ ନକ୍ଷତ୍ରର କର୍ମକ୍ଷେତ୍ରରେ ଅପୂରଣୀୟ ଆଶା ଆଜି ପୂରଣ ହୋଇଯିବ। ପୂର୍ବଶତ୍ରୁତା କାରଣରୁ ବେଳକାଳ ଉଣ୍ଡି ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗ ଅବିସ୍ମରଣୀୟ ରହିବ। ନୂତନ କର୍ମାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ**
ମନ ଅନୁଯାୟୀ କାର୍ଯ୍ୟ ହାସଲହେବା ସାଙ୍ଗକୁ ମନୋରଞ୍ଜନରେ ଅଂଶ ଗ୍ରହଣକରି ପ୍ରଶଂସିତହେବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ କାମ ଅଟକିବ ନାହିଁ। ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ବନ୍ଧୁଙ୍କର ଛୋଟ ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଆବଶ୍ୟକତା ପୂରଣ ସକାଶେ ଅର୍ଥଭାବ ବିଚଳିତ କରିବ।

**କନ୍ୟା**
ଯେତେ ଚେଷ୍ଟାକଲେ ମଧ୍ୟ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହୋଇପାରନ୍ତି। ଆଜିର କର୍ମକ୍ଷେତ୍ରରେ ଚିତ୍ରା ନକ୍ଷତ୍ର ସକାଶେ ସହଜରେ କାମ ହାସଲ କଷ୍ଟକର ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ଦେଖି ମାନସିକ ସ୍ତରରେ ଖୁସି ହୋଇପାରନ୍ତି।

**ତୁଳା**
ଉପରିସ୍ଥ କର୍ମଚାରୀଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ସ୍ୱାତୀର ସାଧାରଣ କଥାରୁ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ସହକର୍ମୀଙ୍କ ଅସହଯୋଗ କାରଣରୁ ସୁବିଧାରେ କାମ ହାସଲକରିବା କଷ୍ଟକର ହେବ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**ବିଛା**
ଦୀର୍ଘଦିନର ସ୍ୱାସ୍ଥ୍ୟଗତ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ବିଶାଖା ସକାଶେ ଈର୍ଷାପରାୟଣବଶତଃ ନିକଟସ୍ଥ ବ୍ୟକ୍ତିବିଶେଷ କୌଣସି ଅଭିଯୋଗ କରିପାରନ୍ତି। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ପ୍ରଶଂସିତ ମଧ୍ୟ ହୋଇପାରନ୍ତି। ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟକଲେ ଉପକୃତ ହେବେ।

**ଧନୁ**
ମୂଳା ନକ୍ଷତ୍ର ସହକର୍ମୀଙ୍କ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। କଠିନ ଶ୍ରମ ଓ ବିଶ୍ରାମ ଅଭାବରୁ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯିବ। ଶତ୍ରୁମାନେ ଆପଣଙ୍କ ପଛରେ ଛାଇ ଭଳି ଲାଗିରହିଲେ ମଧ୍ୟ ଅନର୍ଥ ସୃଷ୍ଟି କରିପାରିବେ ନାହିଁ। ଶିଳ୍ପ,ବାଣିଜ୍ୟରେ ଲାଭାଂଶ ବଢ଼ିବା ସହ ବ୍ୟବସାୟକୁ ବହୁମୁଖୀ କରିବା ପାଇଁ ଚିନ୍ତାକରିପାରନ୍ତି।

**ମକର**
ପାରିବାରିକ କାର୍ଯ୍ୟକ୍ରମରେ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବାରମ୍ବାର ପ୍ରତିବନ୍ଧକରୁ କର୍ମକ୍ଷେତ୍ରରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ଉତ୍ତରାଷାଢ଼ା ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ଖୁସି ହୋଇପାରନ୍ତି । କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧି ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବେ।

**କୁମ୍ଭ**
ଆଜି ଯେଉଁ କାମରେ ହାତ ଦେଲେ ମଧ୍ୟ ସହଜ ଓ ସୁବିଧାରେ କାମ ହାସଲ କରିହେବ। ପୂର୍ବଭାଦ୍ରପଦ ନକ୍ଷତ୍ର ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ୍ ହେବେ। କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ପରିଶ୍ରମ ଯୋଗୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ଅସମର୍ଥିତ ସୂତ୍ରରୁ ହଠାତ୍ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ।

**ମୀନ**
କର୍ମକ୍ଷେତ୍ରରେ ଆକସ୍ମିକ ତର୍କ ଓ ବିବାଦ ବୃଦ୍ଧିପାଇବା କାରଣରୁ ମଧ୍ୟାହ୍ନରେ ଟେନ୍‌ସନ ବଢ଼ିପାରେ। ରେବତୀ ନକ୍ଷତ୍ର ସକାଶେ ଆପଣଙ୍କ ପ୍ରଗତିରେ ମିତ୍ରମାନେ ଈର୍ଷାପରାୟଣ ହୋଇ ପରୋକ୍ଷ ସମାଲୋଚନା କରିପାରନ୍ତି। ବିବାଦୀୟ ଘଟଣାରେ ବିଜୟୀ ହେବେ ଏବଂ ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତହେବା ସହ ସୌଭାଗ୍ୟ ପ୍ରାପ୍ତହେବ ।

ଆଜି ଫେବୃଆରୀ ୨୪ ତାରିଖ, ଫାଲ୍‌ଗୁନ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ମଙ୍ଗଳବାର, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ତିରୋଧାନ ଦିବସ। ରାଶିନକ୍ଷତ୍ର-କୃତ୍ତିକା/ବୃଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୯।୦୬ ଗତେ,ଘ.୧୦।୫୦ ମଧ୍ୟେ, ଘ.୦୧।୦୯ ଗତେ, ଘ. ୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ.୦୪।୧୯ ମଧ୍ୟେ ରାହୁକାଳ।

# 'ବିକଶିତ ଓଡ଼ିଶା'ପାଇଁ ବଳିଷ୍ଠ ସଙ୍କଳ୍ପ



*ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ୨୦ ଫେବୃଆରୀ ୨୦୨୬ ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଓଡ଼ିଶା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ୩.୧୦ ଲକ୍ଷ କୋଟି ଟଙ୍କାର ଏହି ବିଶାଳ ବଜେଟ କେବଳ ଏକ ଆର୍ଥିକ ହିସାବ ନୁହେଁ, ବରଂ ଓଡ଼ିଶାକୁ ୨୦୩୬ ସୁଦ୍ଧା ଏକ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବାର ଏକ ବଳିଷ୍ଠ ସଙ୍କଳ୍ପ। ବଜେଟରେ ନାରୀ ଶକ୍ତିକୁ ସମ୍ମାନ, କୃଷକଙ୍କ କଲ୍ୟାଣ, ଭିତ୍ତିଭୂମି ବିକାଶ, ସାମାଜିକ ସୁରକ୍ଷା, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବ ଆଦି ଅନେକ ବିଷୟକୁ ଗୁରୁତ୍ୱ ଦିଆଯାଇଛି। ଏହି ବଜେଟ 'ଲୋକଙ୍କ ବଜେଟ'। ଏଥିରେ ଗ୍ରାମୀଣ ସଶକ୍ତୀକରଣ, ଯୁବକମାନଙ୍କ ନିମନ୍ତେ ନିଯୁକ୍ତି ଏବଂ ସବୁ ବର୍ଗର ଉନ୍ନତି ପାଇଁ ଉପଯୁକ୍ତ ଦୂରଦୃଷ୍ଟି ରହିଛି। ପ୍ରକୃତରେ ଏହା 'ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା' ଗଠନ ପାଇଁ ଏକ ସୁଦୃଢ଼ ମୂଳଦୁଆ।*



## ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ସଂଗ୍ରହାଳୟ

**ବାରିପଦାରେ ଛଉ ଏକାଡେମୀ**

ସମୃଦ୍ଧ ଐତିହ୍ୟ, ଭାଷା ଏବଂ ସାଂସ୍କୃତିକ ସମ୍ପଦ ହେଉଛି ଓଡ଼ିଶାର ପରିଚୟ ଏବଂ ବିଶ୍ୱସ୍ତରୀୟ ଆକର୍ଷଣର ଶକ୍ତିଶାଳୀ ଉତ୍ସ। ମୁଖମନ୍ତ୍ରୀ ବଜେଟରେ ଭୁବନେଶ୍ୱରଠାରେ ଏକ ବିଶ୍ୱସ୍ତରୀୟ ସଂଗ୍ରହାଳୟ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହା ଓଡ଼ିଶାର ଗୌରବମୟ ଅତୀତକୁ ପ୍ରଦର୍ଶନ କରିବ। ସାମରିକ କଳା କୌଶଳ 'ଛଉ' ହେଉଛି ଓଡ଼ିଶାର ଗର୍ବ। ରାଜ୍ୟ ସରକାର ବାରିପଦାଠାରେ 'ମୟୂରଭଞ୍ଜ ଛଉ ଏକାଡେମୀ' ପ୍ରତିଷ୍ଠା କରିବେ, ଯେଉଁଥିପାଇଁ ବଜେଟରେ ୧୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

## ଅନ୍ୟ ପ୍ରମୁଖ ଜନକୈନ୍ଦ୍ରିକ ପଦକ୍ଷେପ

- ମଧୁବାବୁ ପେନ୍‌ସନ ଯୋଜନା ପରିପୂର୍ତ୍ତି ବା ସାଚ୍ୟୁରେଶନ ମୋଡ୍‌ରେ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀ ତୁରନ୍ତ ଲାଭ ପାଇବେ।
- ମିଶନ୍ ପାୱାର ମାଧ୍ୟମରେ ୨୦୨୭ ସୁଦ୍ଧା ସମସ୍ତ ରାଜସ୍ୱ ଗ୍ରାମକୁ ବିଜୁଳି, ସଡ଼କ ଏବଂ ପାଣି ସହିତ ପରିପୂର୍ତ୍ତି କରାଯିବ। ୨୦୨୬-୨୭ ପାଇଁ ୧ହଜାର କୋଟି ଟଙ୍କା ଆବଣ୍ଟନ ସହିତ ନୂତନ ଯୋଜନା 'ସଂଯୋଗରୁ ବଞ୍ଚିତ ଜନବସତିକୁ ସଂଯୋଗୀକରଣ' ଆରମ୍ଭ କରାଯାଇଛି।
- ସମସ୍ତ ଅଙ୍ଗନୱାଡିରେ ଆବଶ୍ୟକ ଭିତ୍ତିଭୂମି ପରିପୂର୍ତ୍ତି ବା ସାଚ୍ୟୁରେଶନ ମୋଡ୍‌ରେ ସମ୍ପୂର୍ଣ୍ଣ କରିବା ପାଇଁ ସମୃଦ୍ଧ ଅଙ୍ଗନୱାଡି ଯୋଜନା ଆରମ୍ଭ କରାଯାଇଛି। ୨୦୨୬-୨୭ ପାଇଁ ୬୩୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି।



- ଜନ ଆଶ୍ରୟ ଭବନ: ଭୁବନେଶ୍ୱରଠାରେ ଅତିଥି ଗୃହ ନିର୍ମାଣ ହେବ, ଯାହା ବିଭିନ୍ନ କାର୍ଯ୍ୟ ପାଇଁ ରାଜ୍ୟ ରାଜଧାନୀକୁ ଜିଲାଗୁଡ଼ିକରୁ ଆସୁଥିବା ଲୋକମାନଙ୍କ ଆବଶ୍ୟକତା ପୂରଣ କରିପାରିବ।
- ଡାଲଖାଇ: ପର୍ଯ୍ୟାପ୍ତ କର୍ମ ସଂସ୍ଥାନ ଅଭାବ ଯୋଗୁ ହେଉଥିବା ସ୍ଥାନାନ୍ତରଣ ପ୍ରବଣ ଜିଲାଗୁଡିକରେ ବିପର୍ଯ୍ୟୟ ପ୍ରବାସକୁ ରୋକିବା ପାଇଁ ଡାଲଖାଇ ଯୋଜନା। ୨୦୨୬-୨୭ ପାଇଁ ୨୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।




- ୨୩ କୋଟି ଟଙ୍କାର ବ୍ୟୟବରାଦ ସହିତ ଓଡ଼ିଶା ଏଆଇ ମିଶନ।
- ପର୍ଯ୍ୟଟନ ଭିତ୍ତିଭୂମି ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି। ୨୦୨୬-୨୭ ବର୍ଷ ପାଇଁ ୧୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି।
- ରାଜ୍ୟର ପୁଞ୍ଜି ବ୍ୟୟ ବର୍ତ୍ତମାନ ସୁଦ୍ଧା ସର୍ବୋଚ୍ଚସ୍ତରରେ ୭୨,୧୦୦ କୋଟି ଟଙ୍କା ରହିଛି, ଯାହା ଜିଏସ୍‌ଡିପିର ୬.୫%। ଏହି ପୁଞ୍ଜି ବ୍ୟୟବରାଦ ଦେଶର ସମସ୍ତ ପ୍ରମୁଖ ରାଜ୍ୟ ତୁଳନାରେ ସର୍ବାଧିକ ଅଟେ।
- ୨୦୨୬-୨୭ (ବଜେଟ) ପାଇଁ ସମସ୍ତ ନିଅଣ୍ଟ ମାନଦଣ୍ଡ ଏବଂ ଋଣ ମାନଦଣ୍ଡ (ଏଫଆର୍‌ବିଏମ୍) ଅଧିନିୟମ ଅନୁକୂଳ ଅଟେ।
- ଆର୍ଥିକ ବର୍ଷ ୨୦୨୫-୨୬ରେ ରାଜ୍ୟର ଅର୍ଥନୀତି ୭.୯% ଦରରେ ବୃଦ୍ଧି ପାଇବ।
- ୨୦୨୬ ଏପ୍ରିଲ ପହିଲାଠାରୁ ପେସା ବା ବୃତ୍ତି ଉପରେ ଟିକସ (ପ୍ରଫେଶନାଲ ଟ୍ୟାକ୍ସ) ପ୍ରତ୍ୟାହାର, ଯାହାଦ୍ୱାରା ବିଭିନ୍ନ ବୃତ୍ତି ନିୟୋଜିତ ଲୋକମାନେ ଉପକୃତ ହେବେ।

## ଶ୍ରୀ ଜଗନ୍ନାଥ ବ୍ୟାଖ୍ୟାନ କେନ୍ଦ୍ର

ପୁରୀରେ ୧ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ବ୍ୟାଖ୍ୟାନ କେନ୍ଦ୍ର ପ୍ରତିଷ୍ଠା କରାଯିବ।

## ଡିଜିଟାଲ ହୁଣ୍ଡି

ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ସମର୍ପଣ' ନାମରେ ଏକ ସୁରକ୍ଷିତ ଅନ୍‌ଲାଇନ ଦାନ ପ୍ଲାଟଫର୍ମ ପ୍ରଚଳନ କରାଯାଇଛି।



**ନାରୀ ଶକ୍ତିକୁ ସମ୍ମାନ:** 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ମାଧ୍ୟମରେ କନ୍ୟା ସନ୍ତାନର ଜନ୍ମଠାରୁ ଗ୍ରାଜୁଏସନ ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ଏକ ଯୁଗାନ୍ତକାରୀ ନିଷ୍ପତ୍ତି। ଯୋଜନାରେ ନବଜାତ କନ୍ୟା ଶିଶୁଙ୍କ ନାମରେ ୨୦,୦୦୦ ଟଙ୍କା ଜମା କରାଯିବ। ସ୍ନାତକ ପାଠ ସମାପ୍ତ କରିବା ପରେ କନ୍ୟାସନ୍ତାନ ୧ଲକ୍ଷ ୧ଟଙ୍କା ପାଇବେ।

**କୃଷକ କଲ୍ୟାଣ:** ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି ଏବଂ 'ସମୃଦ୍ଧ କୃଷକ ଯୋଜନା' ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଶକ୍ତିଶାଳୀ କରିବ।

**ଭିତ୍ତିଭୂମି ବିକାଶ:** 'ନମୋ ଏକ୍ସପ୍ରେସ୍‌ୱେ' ଏବଂ 'ଅଟଳ ଏକ୍ସପ୍ରେସ୍‌ୱେ' ଭଳି ପ୍ରକଳ୍ପ ରାଜ୍ୟର ଯୋଗାଯୋଗ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ।

**ସାମାଜିକ ସୁରକ୍ଷା:** ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ସାମିଲ କରି ସମାଜର ଅନ୍ତିମ ପାହାଚରେ ଥିବା ବ୍ୟକ୍ତିଙ୍କୁ ସୁରକ୍ଷା ଦେବା ଏକ ମହତ ପ୍ରୟାସ।

**ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବ:** ପୁରୀରେ 'ଜଗନ୍ନାଥ ଇଣ୍ଟରପ୍ରିଟେସନ ସେଣ୍ଟର' ଏବଂ ଐତିହ୍ୟର ସଂରକ୍ଷଣ ପାଇଁ ବ୍ୟୟବରାଦ ଓଡ଼ିଶାର ଅସ୍ମିତାକୁ ଗୁରୁତ୍ୱ ଦେଇଛି।

## ପ୍ରତିଷ୍ଠା ହେବ ୪ ନୂଆ ବିଶ୍ୱବିଦ୍ୟାଳୟ

କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟରେ ଘୋଷଣା କରିଛନ୍ତି।

## ପାରାଦୀପ, ବଲାଙ୍ଗୀରରେ ହେବ ସରକାରୀ ଇଞ୍ଜିନିୟରିଂ କଲେଜ

ରାଜ୍ୟ ସରକାର ଭୁବନେଶ୍ୱରସ୍ଥିତ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଓ ଗବେଷଣା ବିଶ୍ୱବିଦ୍ୟାଳୟ ଏବଂ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରିବା ଉପରେ ଧ୍ୟାନକେନ୍ଦ୍ରିତ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ପାରାଦୀପ ଏବଂ ବଲାଙ୍ଗୀରଠାରେ ୨ଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରିବାକୁ ବଜେଟରେ ପ୍ରସ୍ତାବ ଦେଇଛନ୍ତି।

## ପ୍ରତିଷ୍ଠା ହେବ ୫ ନୂଆ ମେଡିକାଲ କଲେଜ

ଗୁଣାତ୍ମକ ଚିକିତ୍ସା ଶିକ୍ଷାର ସମ୍ପ୍ରସାରଣ ଏବଂ ଆୟୁଷ ପରିସଂସ୍ଥାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗଜପତି, ମାଲକାନଗିରି ଏବଂ ରାୟଗଡ଼ାଠାରେ ୩ଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ନୟାଗଡ଼ ଓ ନୂଆପଡ଼ାଠାରେ ୨ଟି ନୂତନ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି।

## ୩ବର୍ଷରେ ବଢ଼ିବ ୫,୦୦୦ ଆଇପିଡି ଶଯ୍ୟା



ବୃଦ୍ଧି ପାଉଥିବା ରୋଗୀଙ୍କ ସଂଖ୍ୟା ଏବଂ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ଆସନ୍ତା ୩ ବର୍ଷରେ ମେଡିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଅତିରିକ୍ତ ଭାବେ ୫,୦୦୦ ଆଇପିଡି ଶଯ୍ୟା ଏବଂ ୧୦୦୦ ଉନ୍ନତ ଆଇସିୟୁ ଶଯ୍ୟା ଏବଂ ୫୦୦ ଉଚ୍ଚ ନିର୍ଭରଶୀଳତା ୟୁନିଟ୍ (ଏଚଡିୟୁ) ପର୍ଯ୍ୟାପ୍ତ ମାନବସମ୍ବଳ ଏବଂ ଭିତ୍ତିଭୂମି ସହିତ ଯୋଡ଼ାଯିବ।

## ସମ୍ବଲପୁର, ବ୍ରହ୍ମପୁରରେ ହେବ ବିଶ୍ୱ ଦକ୍ଷତା କେନ୍ଦ୍ର



ବିଶ୍ୱ ଦକ୍ଷତା କେନ୍ଦ୍ର: ସମ୍ବଲପୁର ଏବଂ ବ୍ରହ୍ମପୁରରେ ୨୭୮ କୋଟି ଟଙ୍କା ନିବେଶରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଦୁଇଟି ନୂତନ କ୍ୟାମ୍ପସ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବଜେଟରେ ଘୋଷଣା କରିଛନ୍ତି। ରାଜ୍ୟ ସରକାର ୨୦୪୭ ସୁଦ୍ଧା 'ବିଶ୍ୱ ଦକ୍ଷତା କେନ୍ଦ୍ର' ୭ଟି କ୍ୟାମ୍ପସ ଏବଂ ୨୦୩୬ ସୁଦ୍ଧା ଅନ୍ତତଃ ୫ଟି କ୍ୟାମ୍ପସ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ୟାମ୍ପସଗୁଡ଼ିକ ଯୁବତୀଯୁବକମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଦକ୍ଷତା ସହିତ ପ୍ରସ୍ତୁତ କରିବା ପାଇଁ ଆଧୁନିକ ତଥା ଶିଳ୍ପ-ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରିବ। ପ୍ରତ୍ୟେକ କ୍ୟାମ୍ପସରେ ଆଇଟିଆଇ, ପଲିଟେକ୍‌ନିକ ଏବଂ ଅନ୍ୟାନ୍ୟ ଆଗ୍ରହୀ ଯୁବତୀଯୁବକଙ୍କ ମଧ୍ୟରୁ ବାର୍ଷିକ ପ୍ରାୟ ୨,୦୦୦ ଛାତ୍ରୀଛାତ୍ର ପ୍ରଶିକ୍ଷଣ ପାଇବାର କ୍ଷମତା ରହିବ। ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ – ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ୧୦ କୋଟି ଟଙ୍କା ବଜେଟରେ ଆବଣ୍ଟନ କରିଛନ୍ତି।

## ୩ ଅର୍ଥନୈତିକ କ୍ଷେତ୍ର

- ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର
- ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର
- ଜୟପୁର-କୋରାପୁଟ-ସୁନାବେଡ଼ା

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର୍) ପାଇଁ ବ୍ୟାପକ ଅର୍ଥନୈତିକ ଯୋଜନା ଶୁଭାରମ୍ଭ କରାଯାଇଛି। ବିସିପିପିଇଆର୍‌କୁ ମଡେଲ ଭାବେ ଗ୍ରହଣ କରାଯାଇ ବଜେଟରେ ପର୍ଯ୍ୟାୟକ୍ରମେ ତିନୋଟି ଅତିରିକ୍ତ ଅର୍ଥନୈତିକ କ୍ଷେତ୍ର ଯଥା ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡ଼ାକୁ ଅର୍ଥନୈତିକ କ୍ଲଷ୍ଟର ଭାବେ ପରିଣତ କରାଯିବ।

## ୩ ନୂଆ ଏକ୍ସପ୍ରେସ୍ ୱେ

- ଉତ୍ତର-ଦକ୍ଷିଣ କରିଡର: ଅଟଳ ଏକ୍ସପ୍ରେସ୍ ୱେ
- ପୂର୍ବ-ପଶ୍ଚିମ କରିଡର: ନମୋ ଏକ୍ସପ୍ରେସ୍ ୱେ
- ୨୮୭ କି.ମି. ଦୈର୍ଘ୍ୟ ବିଶିଷ୍ଟ ବ୍ରହ୍ମପୁର-ଜୟପୁର ରାସ୍ତା



ରାଜ୍ୟ ସରକାର ଆଗାମୀ ପିଢ଼ି ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବାକୁ ବଜେଟରେ ଯୋଜନା କରିଛନ୍ତି। ତଦନୁଯାୟୀ ମୁଖ୍ୟମନ୍ତ୍ରୀ ନୂତନ ପ୍ରମୁଖ ସଡ଼କ ପ୍ରକଳ୍ପଗୁଡ଼ିକର ବିକାଶ ପାଇଁ ପ୍ରସ୍ତାବ ଦେଇଛନ୍ତି। ସେଥିମଧ୍ୟରେ କୋରାପୁଟ ଜିଲାର ଜୟପୁର ସହ ବ୍ରହ୍ମପୁରକୁ ସଂଯୋଗ କରିବା ପାଇଁ ପ୍ରାୟ ୯୦୦୦ କୋଟି ଟଙ୍କା ବ୍ୟୟରେ ୨୮୭ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ବ୍ରହ୍ମପୁର-ଜୟପୁର ରାସ୍ତା ବିକଶିତ ହେବ। ସେହିପରି ପୂର୍ବ-ପଶ୍ଚିମ କରିଡରର ଅଂଶବିଶେଷ ଭାବେ ଗଜପତି ଜିଲାର ପାରଳାଖେମୁଣ୍ଡିକୁ ବରଗଡ଼ ଜିଲାର ଅମ୍ବାଭୋନା ସହିତ ସଂଯୋଗ କରିବା ପାଇଁ 'ନମୋ ଏକ୍ସପ୍ରେସ ୱେ' ନିର୍ମାଣ ହେବ। ଅନ୍ୟପକ୍ଷରେ ଉତ୍ତର-ଦକ୍ଷିଣ କରିଡରର ଅଂଶ ଭାବେ ମାଲକାନଗିରି ଜିଲାର ମୋଟୁକୁ ମୟୂରଭଞ୍ଜ ଜିଲାର ତିରିଂ ସହିତ ସଂଯୋଗ କରିବା ପାଇଁ ୯୬୯ କିଲୋମିଟର ବିଶିଷ୍ଟ ଅଟଳ ଏକ୍ସପ୍ରେସ ୱେ ନିର୍ମାଣ କରାଯିବ।

ADVERTORIAL-1 IPR-ADV-3-ADV-0016-2026

ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ।-ଶ୍ରୀମା



# ସହଜରେ ମଦ

କାଚବୋତଲ ପରିବର୍ତ୍ତେ କାଗଜ ପ୍ୟାକେଟରେ ମଦ ବଜାରକୁ ଆଣିବା ଲାଗି ବ୍ୟବସ୍ଥା କରାଯାଉଛି ବୋଲି ନିକଟରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ କହିଛନ୍ତି। ନୂଆ ଅବକାରୀ ନୀତିରେ ନିୟମ ଅଣାଯାଇ କୁହାଯାଇଛି ଯେ, ଟେଟ୍ରା ପ୍ୟାକ୍‌ରେ ମଦ ବିକ୍ରି କରାଯିବ। ଏଭଳି ପ୍ୟାକେଜିଂ ବ୍ୟବସ୍ଥା ପରିବେଶ ଅନୁକୂଳ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅବଶ୍ୟ ଟେଟ୍ରା ପ୍ୟାକ୍ କେଉଁ ଦୃଷ୍ଟିରୁ ପରିବେଶ ପାଇଁ ଅନୁକୂଳ ହେବ ତାହା ବୁଝିବା କଷ୍ଟକର। ବୋର୍ଡ(ମୋଟା) କାଗଜ, ପଲିଥିନ୍ ଓ ଆଲୁମିନିୟମ୍ ମିଶ୍ରଣରେ ପ୍ରସ୍ତୁତ ଟେଟ୍ରା ପ୍ୟାକ୍‌ର ଭିତର ଅଂଶ ଜଳରେ ଓଦା ହୁଏନାହିଁ। କିନ୍ତୁ ଟେଟ୍ରା ପ୍ୟାକ୍ ପ୍ରସ୍ତୁତିରେ ଯେଉଁସବୁ ଉପାଦାନ ରହୁଛି ସେଗୁଡ଼ିକ କାଗଜ ବ୍ୟତୀତ ବାୟୋଡିଗ୍ରେଡେବଲ ବା ମାଟିରେ ସହଜେ ମିଶିବ ନାହିଁ। ଆଲୁମିନିୟମ୍ ଭଳି ପଦାର୍ଥ ମାଟିରେ ମିଶିବା ପାଇଁ ୨୦୦ରୁ ୫୦୦ ବର୍ଷ ଲାଗିଥାଏ। ସେହିଭଳି ପଲିଥିନ୍ ବା ପଲିମର୍ସକୁ ୨୦ରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ଲାଗିଥାଏ ମାଟିରେ ମିଶିବା ପାଇଁ। ଏଣୁ ଟେଟ୍ରା ପ୍ୟାକ୍‌ର ଦ୍ୱିତୀୟ ବ୍ୟବହାର ନ ଥିବାରୁ ଏହା ପରିବେଶର ବିରାଟକାୟ କ୍ଷତି କରିଥାଏ। ସରକାରଙ୍କ ଉପରଲିଖିତ ଦୃଢ଼ୋକ୍ତି ସମ୍ପୂର୍ଣ୍ଣ ଭାବେ ଅସତ୍ୟ ତଥ୍ୟ ଉପରେ ଆଧାରିତ ବୋଲି ବୁଝାପଡୁଛି।

ଏହା ବ୍ୟତୀତ ମନେରଖିବାକୁ ହେବ ଯେ, ଆଲୁମିନିୟମ୍ ପ୍ରସ୍ତୁତିରେ ବକ୍ସାଇଟ ଓ ବିଦ୍ୟୁତ୍‌ଶକ୍ତିର ବ୍ୟବହାର ମୁଖ୍ୟତଃ ହୋଇଥାଏ। ଏହା ଏକ ହେଭି ମେଟାଲ ହୋଇଥିବାରୁ ମଦ ଭଳି ଜଳ ଏବଂ ଆଲ୍‌କୋହଲ ମିଶ୍ରିତ କମ୍ପାଉଣ୍ଡ୍ ବା ଯୌଗିକ ବସ୍ତୁ ସହ ପ୍ରତିକ୍ରିୟା ହେବ। ଏହି ପ୍ରତିକ୍ରିୟାର କୁଫଳ ଟେଟ୍ରା ପ୍ୟାକ୍‌ରୁ ମଦ ପିଉଥିବା ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ କରି ବିଭିନ୍ନ ମାରାତ୍ମକ ରୋଗ ଆରମ୍ଭ କରିବ। ସେହି ଟେଟ୍ରା ପ୍ୟାକ୍‌ରେ ଫଳରସ ବା ଗୋରସ ରହିଲେ କୌଣସି ରାସାୟନିକ ପ୍ରତିକ୍ରିୟା ହୋଇ ନ ଥାଏ। ଅନ୍ୟ ଦେଶଗୁଡ଼ିକରେ ଗ୍ରାହକଙ୍କ ସ୍ୱାସ୍ଥ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ସାଧାରଣତଃ ଟେଟ୍ରା ପ୍ୟାକ୍‌ରେ ମଦ ମିଳେ ନାହିଁ। ଦକ୍ଷିଣ ଓ ପଶ୍ଚିମ ଭାରତର କେତୋଟି ରାଜ୍ୟରେ ଏବେ ଟେଟ୍ରା ପ୍ୟାକ୍‌ରେ ମଦ ମିଳୁଛି। ଏହିସବୁ ରାଜ୍ୟ ହେଲେ କର୍ଣ୍ଣାଟକ, ମହାରାଷ୍ଟ୍ର ଏପରିକି ଉତ୍ତରରେ ଉତ୍ତରପ୍ରଦେଶ।

୧୮ ନଭେମ୍ବର ୨୦୨୫ରେ ସୁପ୍ରିମକୋର୍ଟ ଟେଟ୍ରା ପ୍ୟାକ୍‌ରେ ମଦ ବିକ୍ରି ବିପଜ୍ଜନକ ବୋଲି କହିଥିଲେ। ଜୁସ୍ ପ୍ୟାକେଟ ପରି ଦେଖାଯାଉଥିବାରୁ ପିଲାଙ୍କ ହାତରେ ଏଭଳି ଟେଟ୍ରା ପ୍ୟାକ୍ ପଡ଼ିଗଲେ ମାତାପିତା ଓ ଶିକ୍ଷକମାନେ ସେଥିରେ ନିଶାଦ୍ରବ୍ୟ ଅଛି କି ନାହିଁ ଜାଣିବା କଷ୍ଟକର ହୋଇପଡ଼ିବ। ଏକ ମାମଲାରେ 'ଅଫିସର୍ସ ଚଏସ୍' ତିଆରି କରୁଥିବା ଆଲାଇଡ ବ୍ଲେଣ୍ଡର୍ସ ଏବଂ 'ଅରିଜିନାଲ ଚଏସ୍' ନାମରେ ହ୍ୱଇସ୍କି ବିକ୍ରି କରୁଥିବା ଜନ୍ ଡିଷ୍ଟିଲର୍ସ ଜଡ଼ିତ ଥିଲେ। ସେମାନଙ୍କ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ଏକ ରୋଚକ ମୋଡ଼ରେ ପହଞ୍ଚିଥିଲା ଯେଉଁଥିରେ ଦୁଇଟି କମ୍ପାନୀ ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି ଆପିଲେଟ ବୋର୍ଡ (ଆଇପିଏବି) ନିକଟରେ ପରସ୍ପରର ଟ୍ରେଡ୍‌ମାର୍କ ସଂଶୋଧନ ପାଇଁ ଆବେଦନ କରିଥିଲେ। ଏକ ଆଦେଶରେ ଆଇପିଏବି ଦୁଇଟି ଆବେଦନକୁ ଖାରଜ କରି କହିଥିଲା ଯେ, ଟ୍ରେଡମାର୍କରେ ଏତେ ସମାନତା ନାହିଁ ଯାହା ଗ୍ରାହକଙ୍କୁ ଭ୍ରମରେ ପକାଇବ। କିନ୍ତୁ ନଭେମ୍ବର ୭ ତାରିଖରେ ମାଡ୍ରାସ ହାଇକୋର୍ଟର ଏକ ଡିଭିଜନ ବେଞ୍ଚ୍ 'ଅରିଜିନାଲ ଚଏସ୍' ଟ୍ରେଡ୍‌ମାର୍କକୁ 'ଅଫିସର୍ସ ଚଏସ୍' ସହିତ ସମାନତା ଥିବାରୁ ସଂଶୋଧନ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା, ଯେଉଁଠାରେ ବିଭିନ୍ନ ଆକାରର ବୋତଲ ଓ ଟେଟ୍ରା ପ୍ୟାକ୍ ଖଣ୍ଡପୀଠକୁ ଦେଖାଯାଇଥିଲା। ଏହି ଟେଟ୍ରା ପ୍ୟାକ୍‌ଗୁଡ଼ିକ ଦେଖି ସୁପ୍ରିମ୍‌କୋର୍ଟ ଖଣ୍ଡପୀଠ ଆଶ୍ଚର୍ଯ୍ୟ ବ୍ୟକ୍ତ କଲେ ଓ ଏହାର ନକାରାତ୍ମକ ଦିଗ ଉପରେ ଦୃଷ୍ଟି ଦେବାକୁ ଯାଇ ସତର୍କ କରାଇଲେ। ଖଣ୍ଡପୀଠ ଏହା ମଧ୍ୟ କହିଲେ ରାଜ୍ୟ ସରକାରଗୁଡ଼ିକ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଅପେକ୍ଷା ରାଜସ୍ୱ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହା ନିଶ୍ଚିତ ଭାବେ ଏକ ଚିନ୍ତାର ବିଷୟ।

ସରକାର ତାଙ୍କ ଆୟ ବଢ଼ାଇବା ପାଇଁ ମଦକୁ ଏକ ବଡ଼ ଧରଣର ସୂତ୍ର ଭାବେ ଧରିନେଇଛନ୍ତି। ଏଥିସହିତ ସରକାରଙ୍କୁ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମ୍ପର୍କିତ ମାଗଣା ଯୋଜନା ପରିଚାଳନା କରିବାକୁ ପଡୁଛି। ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ସବୁପ୍ରକାର ସରକାରୀ ଖର୍ଚ୍ଚ ପୃଥିବୀର ସବୁ ଦେଶରେ ସମର୍ଥନ ପାଇଥାଏ। ବିକଶିତ ଦେଶଗୁଡ଼ିକରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗବେଷଣା ସବୁବେଳେ ଚାଲିଥାଏ। ଘରୋଇ କମ୍ପାନୀଗୁଡ଼ିକ ଚାପରେ ଅନେକ କାର୍ଯ୍ୟ ହେଉଥିବା ସତ୍ତ୍ୱେ ବିପରୀତ ଯୁକ୍ତି ଜୋର୍‌ସୋର ଶୁଣିବାକୁ ମିଳିଥାଏ। ଉଦାହରଣ ସ୍ୱରୂପ ୬ ବର୍ଷ ପୂର୍ବେ ହୋଇଥିବା କୋଭିଡ୍ ନିରାକରଣ ପାଇଁ ପୃଥିବୀର ୨/୩ଟି ଔଷଧୀୟ କମ୍ପାନୀ ଭ୍ୟାକ୍ସିନ ବା ଟିକା ପ୍ରସ୍ତୁତ କରି ବିକ୍ରି ଆରମ୍ଭ କରିଦେଲେ। ପୃଥିବୀବ୍ୟାପୀ ବୋକା ଜନସାଧାରଣ ଏହି ଟିକା ପାଇଁ ବାଡ଼ିଆପିଟା ହେଲେ। ସେହି ସମୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ପ୍ରଥମ ଚାରିବର୍ଷିଆ ଶାସନ କାଳରେ ଟିକା ବିରୋଧରେ ଖୋଲାଖୋଲି ମତ ଦେବା ସହିତ ମୁହଁ ଢାଙ୍କିବାକୁ ଅସ୍ୱୀକାର କରିଥିଲେ। ତାଙ୍କ ସହିତ ଆମେରିକାରେ 'ଆଣ୍ଟି ଭ୍ୟାକ୍ସର' ନାମରେ ଏକ ବିରାଟ ଗୋଷ୍ଠୀ ଦେଶବ୍ୟାପୀ ସୃଷ୍ଟି ହେଲା, ଯେଉଁମାନେ କୋଭିଡ୍ ଭ୍ୟାକ୍ସିନ୍ ନେଲେ ନାହିଁ। ସେହି ସମୟରେ ଛାତ ଉପରେ ଛିଡ଼ାହୋଇ ଘଣ୍ଟ ବାଡ଼େଇଥିବା କ୍ଳାନ୍ତ ଭାରତୀୟ ଉଡ଼ାଜାହାଜ, ରେଳଗାଡ଼ି, ସ୍କୁଲ ଓ କଲେଜରେ ନାମ ଲେଖାଇବା ସହିତ ଅନେକ ମୌଳିକ କାର୍ଯ୍ୟ କରିବାକୁ ଚାହୁଁଥିଲେ ମଧ୍ୟ ସରକାରୀ ନିୟମ ଅନୁଯାୟୀ ଟିକା ନେବାର ପ୍ରମାଣପତ୍ର ପ୍ରଦାନ କରିବା ବାଧ୍ୟତାମୂଳକ ହୋଇଗଲା। ଏବେ ଜଣାପଡୁଛି ବିଶ୍ୱବ୍ୟାପୀ ଅନେକ ଲୋକଙ୍କ ମୃତ୍ୟୁ ବର୍ତ୍ତମାନ ମଧ୍ୟ ଘଟୁଛି ସେହି କୋଭିଡ୍ ଭ୍ୟାକ୍ସିନ୍‌ର କୁପ୍ରଭାବ ଯୋଗୁ। ଏଥିରୁ ଶିଖିବା କଥା ଯେ ସରକାର ଅତ୍ୟନ୍ତ ସଜାଗ ରହି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟକୁ ଧ୍ୟାନ ଦେଲେ ଅସୁସ୍ଥ ଜନସାଧାରଣଙ୍କ ପାଇଁ ସରକାରୀ ଖର୍ଚ୍ଚ ହ୍ରାସ ପାଇବ।

# ରକ୍ଷକ ଯେବେ ଭକ୍ଷକ ହୁଅନ୍ତି



ହରିଶଙ୍କର ମିଶ୍ର

ଦେଶ ସ୍ୱାଧୀନ ହେବା ପୂର୍ବରୁ ଚାକିରିର ଉପର ପଦବୀରେ ପ୍ରାୟ ଇଂରେଜମାନେ ଥିବାରୁ ତାଙ୍କ ଅଧୀନରେ କର୍ତ୍ତବ୍ୟରତ କର୍ମଚାରୀଙ୍କ ସାମାନ୍ୟ ତ୍ରୁଟିବିଚ୍ୟୁତି ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ଥିଲା। ତେଣୁ କର୍ମଚାରୀ ବା ଅଧିକାରୀ ପଦବୀରେ ଥିବା ବ୍ୟକ୍ତି ସଚ୍ଚୋଟ ଏବଂ କର୍ମଦକ୍ଷ ଥିଲେ। ବର୍ତ୍ତମାନ ପରି ଏତେ ବିଭାଗ ବା କମିଶନ ନ ଥିଲା। ସେତେବେଳେ ଇଂରେଜ ସରକାରଙ୍କ ତତ୍ତ୍ୱାବଧାନରେ କିଛି ଗଡଜାତ ଶାସିତ ହେଉଥିଲା। ସେମାନଙ୍କଠାରୁ ଇଂରେଜ ସରକାର କିଛି ଅର୍ଥ ନେଉଥିବାରୁ ଗଡ଼ଜାତ ରାଜ୍ୟର ଜଙ୍ଗଲ, ନଦୀ, ଜମିରୁ ରାଜାମାନେ କର ଆଦାୟ କରୁଥିଲେ। ସରକାରୀ ଭାବରେ ରାସ୍ତା ନିର୍ମାଣ, ରାସ୍ତା କଡ଼ରେ ବୃକ୍ଷ ରୋପଣ, କୂଅ ପୋଖରୀ ଖନନ ସହ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସେମାନେ ଧ୍ୟାନ ଦେଉଥିଲେ। ବଡ଼ କଥା ଥିଲା ମଠ ମନ୍ଦିର ପରିଚାଳନା। ରାଜାମାନେ ମଠ ମନ୍ଦିର ସମ୍ପତ୍ତିର ସୁରକ୍ଷା ଉପରେ ତୀକ୍ଷ୍ଣ ନଜର ରଖୁଥିଲେ। ଇତିହାସ କହେ ମୋଗଲ ସମ୍ରାଟ ଶେର ଶାହା ପ୍ରଥମେ ଜମିଜମାର ବନ୍ଦୋବସ୍ତ କରିଥିଲେ। ଇଂରେଜ ସରକାର ମଧ୍ୟ ଭୂସଂସ୍କାର ପାଇଁ ଅନେକ ପ୍ରଚେଷ୍ଟା କରିଥିଲେ। ଜଙ୍ଗଲରୁ କେବଳ ଶୁଖିଲା କାଠ ଲୋକମାନେ ଆଣୁଥିଲେ। ଜଳାଶୟର ପାଣି ସମସ୍ତେ ବ୍ୟବହାର କଲେ ବି ଗଛ, ମାଛ ଉପରେ କର୍ତ୍ତୃତ୍ୱ ସମସ୍ତଙ୍କର ନ ଥିଲା। ଦେଶ ସ୍ୱାଧୀନ ହେବା ପରେ ଲୋକମାନେ ନିଜେ ଶାସକ ନିଜେ ନାଗରିକ ଭାବରେ ଶାସନ ଖସଡ଼ା ପ୍ରସ୍ତୁତ ହେଲା। ସେଥିରେ ଶାସନ ପାଇଁ ଯେଉଁ ବିଭାଗ ସବୁ ସୃଷ୍ଟି କରାଗଲା ସମୟ କ୍ରମେ ସେଗୁଡ଼ିକ ତା'ର ରକ୍ଷକ ପରିବର୍ତ୍ତେ ଭକ୍ଷକ ସାଜିଲେ। ଉଦାହରଣ ସ୍ୱରୂପ ଦେବୋତ୍ତର ବିଭାଗ ମଠ ମନ୍ଦିରର ପରିଚାଳନା ପାଇଁ ଉଦ୍ଦିଷ୍ଟ। କିନ୍ତୁ ଭୂସଂସ୍କାର ଓ ଜମିଦାରୀ ଉଚ୍ଛେଦରେ ଅନେକ ମଠବାଡି ସେମାନଙ୍କ ଜମି ହରାଇଲେ। ତା'ପରେ ଯାହା ବା ଜମି ରହିଲା ତାହା କିଛି ଜାଗାରେ ଜବରଦଖଲ ହେଲା। ତା'ପରେ ଜବରଦଖଲ ଉଚ୍ଛେଦ ପରିବର୍ତ୍ତେ ବହୁ ଏକର ଜମି ସେମାନଙ୍କୁ ଦେବୋତ୍ତର ଆୟୁକ୍ତଙ୍କ ଅନୁମୋଦନରେ ଶାଗମାଛ ଦରରେ ବିକ୍ରି କରିଦିଆଗଲା। ଜବରଦଖଲଠାରୁ ଜମି ହସ୍ତାନ୍ତର ଆଦି ସମସ୍ତ କାର୍ଯ୍ୟ ଆୟୁକ୍ତଙ୍କ କାର୍ଯ୍ୟାଳୟ ଜ୍ଞାତସାରରେ ହେଉଥିଲା। ମଠର କୋଠାବାଡ଼ି କିଛି ପ୍ରତିପତ୍ତିଶାଳୀ ଓ ଅସାମାଜିକ ବ୍ୟକ୍ତିଙ୍କ ଅକ୍ତିଆରକୁ ଚାଲିଗଲା। ଦେଶ ସ୍ୱାଧୀନ ହେଲାବେଳେ ରାଜ୍ୟରେ ରହିଥିବା ବହୁ ହଜାର ମଠ ଏବେ ହାତଗଣତିରେ ରହିଥିବାବେଳେ କିଛି ମଠ ନାମକୁ ମାତ୍ର କାଗଜ କଲମରେ ସୀମିତ ରହିଛି। ପରେ ଶ୍ରୀଜଗନ୍ନାଥ ମନ୍ଦିରର ସମ୍ପତ୍ତି ଭୂସଂସ୍କାର



ମୁକ୍ତ ବୋଲି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ପରେ ମଠ ଓ ମନ୍ଦିର ସମ୍ପତ୍ତି କିଣି ଘର କରି ରହିଥିବା ବହୁ ହଜାର ବ୍ୟକ୍ତି ସମ୍ପତ୍ତିର ମାଲିକାନା ହରାଇଛନ୍ତି। କିନ୍ତୁ ସରକାର ବେଧଡକ ରହିଛନ୍ତି।

ଜଙ୍ଗଲ ବିଭାଗ କଥା ନ କହିବା ଭଲ। ଜଙ୍ଗଲ ସୁରକ୍ଷା ନାମରେ ରୀତିମତ ଜଙ୍ଗଲ ଲୁଟି ହେବାସହ ଜଙ୍ଗଲ ସୃଷ୍ଟି କେବଳ କାଗଜକଲମରେ ସୀମିତ ରହିଛି। ବୃକ୍ଷରୋପଣ ଓ ରକ୍ଷଣାବେକ୍ଷଣରେ ଯେତେ ଗଛର ତାଲିକା ଉପଲବ୍ଧ ଅଛି ତାହା ସତ୍ୟ ହୋଇଥିଲେ ଆଜି ରାଜ୍ୟ ସାରା ଜଙ୍ଗଲ ହୋଇଯାଇଥାନ୍ତା, କିନ୍ତୁ ମୂଲ୍ୟବାନ ଗଛ ଲୁଟି, ଜଙ୍ଗଲ କ୍ଷୟ ସହ ଜଙ୍ଗଲ ଜାତୀୟ ଜମି ପରିମାଣ ହ୍ରାସ ହୋଇ ଚାଲିଛି । ଅପରପକ୍ଷରେ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସମ୍ପତ୍ତି ବୃଦ୍ଧି ହୋଇଛି। ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ରହିଛି। ଇଂରେଜ ଶାସନ ସମୟରେ ଅପରାଧ କରିବାକୁ ଲୋକମାନେ ଭୟ କରୁଥିଲେ। ଏବେ ବଡ଼ବଡ଼ ଅପରାଧ ସମାଜର ଉପର ସ୍ତରର ବ୍ୟକ୍ତିଙ୍କ ଦ୍ୱାରା ହେଉଛି ଏବଂ ସେମାନେ ସୁରକ୍ଷିତ ରହୁଛନ୍ତି।

ରାଜରାଜୁଡ଼ା ସମୟରେ ବିଚାର ତତ୍‌କାଳ ହେଉଥିବାରୁ ପ୍ରଜାମାନେ ଖୁସି ଥିଲେ। ଇଂରେଜ ଶାସନରେ ଅପରାଧ ସଂହିତା ତିଆରି କରାଯାଇ ମାମଲା ବିଚାର ପାଇଁ ଅଦାଲତ ସୃଷ୍ଟି କରାଗଲା। କିନ୍ତୁ ଆଇନ ସମଗ୍ର ବିଚାର ପାଇଁ ସମାନ ଓ ଅପରିବର୍ତ୍ତିତ ରହିଥିବା ବେଳେ କିଛି ନାମୀଦାମୀ ଓକିଲଙ୍କ ବଳିଷ୍ଠ ଯୁକ୍ତି ବିଚାର ପ୍ରକ୍ରିୟାକୁ ଭିନ୍ନ ରୂପ ଦେବା ସାଧାରଣ ଘଟଣା ହୋଇଯାଇଛି। ନିମ୍ନ ଅଦାଲତ ଦଣ୍ଡ ଅନେକ ସମୟରେ ଉଚ୍ଚ ବା ସର୍ବୋଚ୍ଚ ନ୍ୟାୟାଳୟରେ ବଦଳି ଯାଉଛି। ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ ବୋଲି ଯେଉଁମାନେ କୁହନ୍ତି ସେମାନଙ୍କ ପାଇଁ ମାମଲା କିଛି ଦଶନ୍ଧି ମଧ୍ୟରେ ମଧ୍ୟ ଫଇସଲା ହୁଏନାହିଁ। ଲମ୍ବା ବିଚାର ପ୍ରକ୍ରିୟାରେ ଏବେ ବି କୌଣସି ପକ୍ଷର ତୃତୀୟ ପିଢ଼ି ମଧ୍ୟ ପୂର୍ବ ମାମଲା ଲଢୁଥିବା ଜଣାଯାଇଛି। କିନ୍ତୁ କେହି ଉତ୍ତରଦାୟୀ ହେଉନାହାନ୍ତି।

ଉଚ୍ଚ ଶିକ୍ଷା ବିଭାଗ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଗଠନ କରାଗଲା। ଅଧ୍ୟାପନା ବୃତ୍ତିକୁ ଆକର୍ଷିତ ପାଇଁ ସର୍ବୋଚ୍ଚ ହାରରେ ଦରମା ସୁପାରିସ କରାଯାଇ ଗବେଷଣାକୁ ପ୍ରାଧାନ୍ୟ ଦିଆଗଲା। କିନ୍ତୁ ଆଇନର ଗଳାବାଟ ସୃଷ୍ଟି କରାଯାଇ ଯେଉଁମାନେ ସେଇ ଦରମା ପାଇଲେ ସେମାନଙ୍କ ମଧ୍ୟରୁ ସରକାରଙ୍କୁ ପରାମର୍ଶ ଦେବା ବା ଗବେଷଣା କରିବା ଅଧ୍ୟାପକଙ୍କ ସଂଖ୍ୟା ସୀମିତ ରହିଲା। ପରେ କେତେକ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ଦିଆଗଲା। ଫଳତଃ ବିଶ୍ୱବିଦ୍ୟାଳୟ ଅଧୀନରେ ହେଉଥିବା ପରୀକ୍ଷାରେ ଷାଠିଏ ଶତାଂଶ ସଫଳତା ହାର ସ୍ୱୟଂଶାସିତ ମାନ୍ୟତା ପରେ ପଞ୍ଚାନବେ ଶତାଂଶ ହୋଇଗଲା।

ରାଜ୍ୟର ଆୟ ବୃଦ୍ଧି ପାଇଁ ରାଜସ୍ୱ ଓ ଅବକାରୀ ବିଭାଗ ରହିଛି। ଜମିଜମା ସମ୍ବନ୍ଧୀୟ ସମସ୍ୟା ସହ ଖଣି ଲଘୁ ଖଣିଜ ଦ୍ରବ୍ୟର ସୁପରିଚାଳନା ଏହି ବିଭାଗରେ ଦାୟିତ୍ୱ ହୋଇଥିବାବେଳେ ଏଯାବତ କୌଣସି ଅଞ୍ଚଳର ଜମି ମାମଲା ମୁକ୍ତ ହୋଇପାରିନାହିଁ। ଗୋଟିଏ ଗୋଟିଏ ମୌଜାର ବନ୍ଦୋବସ୍ତ ଚାଳିଶ ବର୍ଷରେ ବି ପୂର୍ଣ୍ଣାଙ୍ଗ ହୋଇନାହିଁ। ବରଂ ଲଘୁ ଖଣିଜ ବିଶେଷତଃ ବିଭିନ୍ନ ନଦୀବାଲି, ମୋରମ, ଗ୍ରାନାଇଟ ଅବାଧ ଚୋରାଚାଲାଣ ହୋଇଚାଲିଛି। ଖଣି ଲୁଟିରେ ଉଚ୍ଚସ୍ତରୀୟ ତଦନ୍ତ ସତ୍ତ୍ୱେ ଲୁଟକାରୀମାନେ ଯଥେଷ୍ଟ ନିରାପଦରେ ଅଛନ୍ତି। କିନ୍ତୁ ରାଜସ୍ୱ ବିଭାଗର ତଳଠାରୁ ଉପର ସ୍ତରର ବ୍ୟକ୍ତିମାନେ ଆରାମରେ ଚାକିରି କରି ଅବସର ନେଉଛନ୍ତି। ଅବକାରୀ ବିଭାଗ ନିଜେ ଅର୍ଥ ନିଶାସକ୍ତ ହୋଇଥିବା ମନେହୁଏ। ସମସ୍ତ ସାମାଜିକ ଅସଂଗତି ସୃଷ୍ଟିକାରୀ ମଦ ଆମ ରାଜ୍ୟରେ କାୟାବିସ୍ତାର କରିଥିବାବେଳେ ଭାଙ୍ଗ ଗଞ୍ଜେଇ ନିଷିଦ୍ଧ ହୋଇଛି। ଫଳରେ ହେରୋଇନ, ଚରସ ଭଳି ଉତ୍କଟ ନିଶା ସହର ଛାଡି ଗାଁମାନଙ୍କରେ ପ୍ରବେଶ କରୁଛି। ଏହାର ଧରପଗଡ ଯେତେ ହେଲେ ବି ମୂଳ ରପ୍ତାନି ପାଖରେ ବିଭାଗ ଅପହଞ୍ଚ ହେଉଛି। ତା'ର ପ୍ରତିବଦଳରେ ମାସିକ ବଟି ଏକ ଅଘୋଷିତ ନିୟମ ହୋଇଯାଇଛି । ସ୍ୱାଧୀନତା ପରେ ସୃଷ୍ଟି ହୋଇଥିବା ଜଳସେଚନ ବିଭାଗ ଯଦି ବାର୍ଷିକ ନିର୍ଦ୍ଦିଷ୍ଟ ଜଳସେଚନ ଲକ୍ଷ୍ୟ ପୂରଣ କରିଥାନ୍ତା ତେବେ ରାଜ୍ୟରେ ଏକଇଞ୍ଚ ଅଣ ଜଳସେଚିତ ଜମି ନ ଥାନ୍ତା।

ଅନେକ ବ୍ୟକ୍ତିଙ୍କୁ କୋଟିପତି କରାଇଥିବା ବିଭାଗ ହେଉଛି ବିଜୁଳି ଶକ୍ତି ବିଭାଗ। ତାହାକୁ କିଛି ବିଦେଶୀ ସଂସ୍ଥା ଲୁଟି କରି ଚାଲିଯାଆନ୍ତି। କିନ୍ତୁ ଚଡ଼କ ପଡୁଛି ଉପଭୋକ୍ତାଙ୍କ ମୁଣ୍ଡରେ। ବର୍ତ୍ତମାନର ସଂସ୍ଥା ଯେଉଁ ଲୁଟି ଯୋଜନା କରିଛି ତା' ପଛରେ ସରକାରଙ୍କ ସମର୍ଥନ ଥିବା ସମସ୍ତେ ଜାଣନ୍ତି। ଏବେ ସାଧାରଣ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ରାଜ୍ୟରେ ଥିବା ସ୍ୱାସ୍ଥ୍ୟ ବିଭାଗର ସବୁବେଳେ ଜନସାଧାରଣଙ୍କ ପ୍ରତି ଅସ୍ୱାସ୍ଥ୍ୟକର ମନୋଭାବ କିଛି ଘରୋଇ ଡାକ୍ତରଖାନାରେ ଅର୍ଥ ଲୁଟ ପାଇଁ ବାଟ ପରିଷ୍କାର କରୁଛି। ତେଣୁ ରାଜ୍ୟର ପ୍ରଗତି ପାଇଁ ଥିବା ସମସ୍ତ ବିଭାଗ ରକ୍ଷକ ପରିବର୍ତ୍ତେ ଭକ୍ଷକ ସାଜୁଛନ୍ତି।

**୧୧୩, ଗୁଣ୍ଡିଚା ବିହାର, ପୁରୀ**
**ମୋ:୭୯୭୮୭୮୫୪୭୮**

# ଅସ୍ପୃଶ୍ୟତାର ଅନ୍ତ କେବେ



ରାନୀ ନାୟକ

ସମାଜ ସମୟକ୍ରମେ ଆଧୁନିକତା ଆଡ଼କୁ ଗତିଶୀଳ ହେଉଛି। କିନ୍ତୁ ଦିନକୁ ଦିନ ଲୋକଙ୍କ ଚିନ୍ତନଶକ୍ତିରେ ଅବନତି ଘଟୁଛି। ବେଶଭୂଷା ପରିଧାନରେ ଆଧୁନିକତାର ଛାପ ଦେଲେ ସୁଦ୍ଧା ଆଚରଣ ସେହିପରି କୁତ୍ସିତ ଅବସ୍ଥାରେ ରହିଛି। ଜାତିଭେଦ ଭଳି ଏକ ଅମାନୁଷିକ ପ୍ରଥା ଆଜିପର୍ଯ୍ୟନ୍ତ ସଭିଙ୍କ ମନରେ ବସାବାନ୍ଧି ରହିଛି। ମନ୍ଦିରଠାରୁ ନେଇ ମଶାଣି ଯାଏ ସବୁଠି ଏହି ଅସ୍ପୃଶ୍ୟତାର କାୟା ବଢ଼ିଚାଲିଛି। ଏହା କହିବାର କାରଣ ହେଉଛି, ଏବେ ବି ଯଦି ଲୋକଟି ନ୍ୟୂନ ଜାତିର ହୋଇଥିବ ତେବେ ତା'ର ମୃତ୍ୟୁ ପରେ ମଧ୍ୟ ମୃତଦେହର ଜାତି ନିର୍ଦ୍ଧାରଣ କରାଯାଏ। ଉଚ୍ଚଜାତିର ବ୍ୟକ୍ତି ତା'ର ଶବକୁ କାନ୍ଧ ଦିଅନ୍ତି ନାହିଁ। କେବଳ ଏତିକି ନୁହେଁ, ଉଚ୍ଚଜାତିର ଲୋକଙ୍କ ସ୍ଥାନରେ ସେମାନଙ୍କୁ ପୋଡ଼ିବା କାଳେ ଜାତି ପ୍ରତି କିଛି ବ୍ୟାଘାତ ଘଟିବ ସେଥିପାଇଁ ଭିନ୍ନ ସମ୍ପ୍ରଦାୟ ପାଇଁ ଭିନ୍ନ ସ୍ଥାନ ନିରୂପଣ କରାଯାଏ। ଏହା ବିଶେଷକରି ଗାଁଗୁଡ଼ିକରେ ଦେଖାଯାଏ। ତାଙ୍କ ସହ ଏକାଠି ପୋଖରୀ ତୁଠରେ ଗାଧୋଇବା ହେଉ କି ଭୋଜି ମହୋତ୍ସବରେ ଏକତ୍ର ବସି ଖାଦ୍ୟ ମଧ୍ୟ ଗ୍ରହଣ କରନ୍ତି ନାହିଁ। ବିବାହ ମଧ୍ୟ ଜାତି ମଧ୍ୟରେ ସୀମିତ ରହିଛି। ଯଦି ଉଚ୍ଚଜାତିର ଝିଅ ନୀଚଜାତିର ପୁଅକୁ ବିବାହକରେ ତେବେ ସମାଜ ତାକୁ ସହଜରେ ଗ୍ରହଣ କରିପାରେ ନାହିଁ। ଆମର ବିଶ୍ୱାସ କେବଳ ଅପାଠୁଆ ଲୋକମାନେ ଏହି ପ୍ରଥାକୁ ଜାବୁଡ଼ିଧରି ରଖିଛନ୍ତି, କିନ୍ତୁ ସତ କଥା ହେଲା ଆମ ଭଳି କେତେଜଣ ଶିକ୍ଷିତ ଯୁବପିଢ଼ି ମଧ୍ୟ ଛୁଆଁଅଛୁଆଁ ଭେଦଭାବକୁ ବିସ୍ତୃତ କରିଚାଲିଛନ୍ତି।

ଏବେ ଏକ ଘଟଣା ହେଲା କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍‌ର ନୂଆଗାଁ ଅଙ୍ଗନୱାଡି ସହାୟିକାଙ୍କ କଥା। ଗତ ବର୍ଷ ନଭେମ୍ବରରେ ତାଙ୍କୁ ଏହି ଗାଁ ଅଙ୍ଗନୱାଡିର ନିଯୁକ୍ତି ମିଳିଥିଲା। ସେ ଦଳିତ ଜାତିର ହୋଇଥିବାରୁ ଗାଁ ଲୋକେ ବସି ନିଷ୍ପତ୍ତି ନେଇଗଲେ ଯେ ସେମାନେ ତାଙ୍କ ପିଲାଙ୍କୁ ଅଙ୍ଗନୱାଡିକୁ ଛାଡ଼ିବେ ନାହିଁ। କାରଣ ସେ ରୋଷେଇ କରିଥିବା ଖାଦ୍ୟ ଖାଇଲେ ସେମାନଙ୍କ ପିଲାମାନଙ୍କର ଜାତି ଚାଲିଯିବ, ଏଥିପାଇଁ ସେମାନେ ନିଜ ପିଲାଙ୍କୁ ଅଙ୍ଗନୱାଡି ଛାଡ଼ିଲେ ନାହିଁ। କଥା ସେତିକିରେ ସରିନି, ସେ ଗାଁର କୌଣସି ଗର୍ଭବତୀ ମହିଳା କିମ୍ବା ନବଜାତ ଶିଶୁଙ୍କ ଜନନୀ ଜାତି ଚାଲିଯିବା ଭୟରେ ଅଙ୍ଗନୱାଡି ଦ୍ୱାର ମାଡ଼ିଲେ ନାହିଁ। ଏହି ଘଟଣା କେବଳ ଓଡ଼ିଶାରେ ସୀମିତ ରହିଲା ନାହିଁ, ପାର୍ଲାମେଣ୍ଟରେ କଥା ଉଠିବା ସହ ଜାତୀୟ ଖବର ପାଲଟି ଗଲା। ଉକ୍ତ ଘଟଣାଟି ଦର୍ଶାଇବାର ତାତ୍ପର୍ଯ୍ୟ ହେଉଛି ଆକାଶରେ ଉପଗ୍ରହ ନେଇ ଚନ୍ଦ୍ରରେ ପାଦ ଥାପିବା ଯାଏ ଏବଂ ଏଆଇ ଯୁଗରେ ଅଗ୍ରଗତି କରିବା ସହ ଏକ ବିକଶିତ ଭାରତର ସ୍ୱପ୍ନ ଦେଖିବା ଯାଏ ଆମେ ଧୀରେ ଧୀରେ ଉନ୍ନତି କରୁଥିଲେ ସୁଦ୍ଧା ଏହି କୁତ୍ସିତ ମାନସିକତାକୁ ଘଉଡ଼ାଇବାରେ ବିଫଳ ହୋଇଛନ୍ତି। ସମ୍ବିଧାନର ଧାରା ୧୭ରେ ଅସ୍ପୃଶ୍ୟତାର ବିଲୋପ ସାଧନା କରାଯାଇଛି ଓ ଏହା ଦଣ୍ଡନୀୟ ଅପରାଧ



ରୂପେ ଘୋଷଣା କରାଯାଇଛି। ଦଳିତ ଶ୍ରେଣୀ ଲୋକଙ୍କ ଉନ୍ନତି ପାଇଁ ସରକାର ଅନେକ ଯୋଜନା ପ୍ରସ୍ତୁତି କରିଛନ୍ତି। କିନ୍ତୁ ଏହି ଘଟଣାକୁ ଦୃଷ୍ଟି ପକାଇଲେ ଲାଗୁଛି ଯେତେ ଯୋଜନା କଲେ ମଧ୍ୟ ଲୋକଙ୍କ ଆଚରଣ ଏବଂ ଦୃଷ୍ଟିଭଙ୍ଗୀ ଯଦି ପରିବର୍ତ୍ତନ ନ ହୁଏ ତେବେ ଏମାନେ ସଦାସର୍ବଦା ଏଭଳି ନିର୍ଯାତନାର ଶିକାର ହେଉଥିବେ, ଏଥିରେ ସନ୍ଦେହ ନାହିଁ।

ଏହା କେବଳ ଏବେ ନୁହେଁ ଯୁଗେ ଯୁଗେ ଏଭଳି ଘଟଣା ଘଟିଆସିଛି। ଇତିହାସର ପୃଷ୍ଠା ଯଦି ଓଲଟାଇ ଦେଖିବା ତେବେ ସର୍ବଦା ଦଳିତ ଶ୍ରେଣୀର ଲୋକ ଉଚ୍ଚଶ୍ରେଣୀର ଲୋକଙ୍କ ଦ୍ୱାରା ନିର୍ଯାତିତ ହୋଇଛନ୍ତି। ଉଦାହରଣ ସ୍ୱରୂପ, ଭାରତ ସମ୍ବିଧାନର ନିର୍ମାତା ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ମଧ୍ୟ ଛୁଆଁଅଛୁଆଁ ଭେଦଭାବର ଶିକାର ହୋଇଥିଲେ। ବହୁ ପ୍ରତିକୂଳ ଅବସ୍ଥାରୁ ଉଠି ବିଦେଶରେ ପଢ଼ିବା ସହ ଦୁଇ ଦୁଇଟି ଡିଗ୍ରୀ ହାସଲ କରିଥିଲେ ଏବଂ ଆଇନରେ ମଧ୍ୟ ତାଲିମ ନେଇଥିଲେ। ଏହା ସତ୍ତ୍ୱେ ସେ ସମୟରେ ଏତେ ଶିକ୍ଷା ହାସଲ କରିଥିଲେ ସୁଦ୍ଧା ସେ ମଧ୍ୟ ଭେଦଭାବର ଶିକାରର ବଶବର୍ତ୍ତୀ ହୋଇଥିଲେ। ପରେ ଆମ୍ବେଦକର ହିନ୍ଦୁ ଜାତି ପ୍ରତି ତିକ୍ତତା ଭାବ ପ୍ରକାଶକରି ବୌଦ୍ଧଧର୍ମ ଗ୍ରହଣ କରିଥିଲେ।

ଏହି ଘଟଣା ବର୍ଣ୍ଣନା କରିବାର କାରଣ ହେଉଛି ଏହା ଏକ ଛୋଟିଆ ପ୍ରସଙ୍ଗ ନୁହେଁ। ଯଦି ଅନୁମାନ କରିବେ ଯେବେ ଗୋଟିଏ ଦଳିତ ଶ୍ରେଣୀରେ ପିଲାଟି ଜନ୍ମହୁଏ ପରେ ବଡ଼ ହେବାକ୍ଷଣି ଶିକ୍ଷା କିମ୍ବା କର୍ମକ୍ଷେତ୍ରରେ ସେ କେଉଁଠି ନା କେଉଁଠି ଛୁଆଁଅଛୁଆଁର ଭେଦଭାବ ଭିତରେ ଛନ୍ଦି ହୋଇଯାଏ। ବେଳେବେଳେ ସେ ତା'ର ମାନସିକ ସ୍ଥିତି ହରାଇ ବସେ। ଉପରେ ଦର୍ଶାଯାଇଥିବା ଶର୍ମିଷ୍ଠାଙ୍କ କଥା ଯଦି ନେବା ସେ ଦୀର୍ଘ ୩ମାସ ଧରି ଏଭଳି ମାନସିକ ନିର୍ଯାତନା ପାଇଥିଲେ। ବେଳ ଥାଉ ଥାଉ ଯଦି ମାନସିକତାରେ ପରିବର୍ତ୍ତନ ନ କରିବା ତେବେ ବେଳ ଆସିବ ଅସ୍ପୃଶ୍ୟତାକୁ ନେଇ ଏଭଳି ତୁମୁଳକାଣ୍ଡ ଘଟିବ ଯେ ତାକୁ ରୋକିବାକୁ ମଧ୍ୟ କେହି ନ ଥିବେ। ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ଓଡ଼ିଶାର ଘରେ ଘରେ ପଢ଼ାଯାଏ। ଜାତିପ୍ରଥା ବିରୋଧରେ ତାହା ଥିଲା ଏକ ସଶକ୍ତ ପଦକ୍ଷେପ। କିନ୍ତୁ ଆମେ ଲକ୍ଷ୍ମୀଙ୍କୁ କେବଳ ମୂର୍ତ୍ତି ଆଉ ପୂଜାରେ ସୀମିତ ରଖୁଛନ୍ତି। କିନ୍ତୁ ସେ ଏହି ଅସ୍ପୃଶ୍ୟତା ବିରୋଧରେ ଯେଉଁ କଷ୍ଟ ସହ୍ୟ କରିଥିଲେ ତାହା ଆମେ ଭୁଲିଯାଉଛନ୍ତି। କଥାରେ ଅଛି ଆଚାରେ ଲକ୍ଷ୍ମୀ ବିଚାରେ ପଣ୍ଡିତ। ଯଦି ଆମେ ଆଚାର ବ୍ୟବହାର ଠିକ୍ ନ ରଖିବା ତେବେ ସେ ମଣିଷ ବୋଲି ଗଣତି ନୁହେଁ। ଶିକ୍ଷା ଓ ସଂସ୍କାର, ଆଚାର ବ୍ୟବହାର, ପରିଷ୍କାର ପରିଚ୍ଛନ୍ନତା ନେଇ ଆଲୋଚନା କରାଯାଇପାରେ, କିନ୍ତୁ ଜାତିଭେଦରେ କାହାକୁ ନ୍ୟୂନକରି ଦେଖିବା ସମ୍ବିଧାନ ଓ ଈଶ୍ୱର ଦୃଷ୍ଟିରେ ଅପରାଧ। ଲୋକଙ୍କୁ ଯେତେ ବୁଝାଇଲେ କ'ଣ ହେବ ଯେପର୍ଯ୍ୟନ୍ତ ସେମାନେ ନିଜେ ହୃଦୟଙ୍ଗମ କରିନାହାନ୍ତି ସବୁ ପ୍ରୟାସ ବୃଥା। ଦିନକୁ ଦିନ ଜାତି ଭେଦଭାବ ଦୂରହେବା ପରିବର୍ତ୍ତେ ସୁଦୂରପ୍ରସାରୀ ହୋଇଚାଲିଛି। ତେବେ ଏଠାରେ ସଭିଙ୍କୁ ଏକ ପ୍ରଶ୍ନ ଅସ୍ପୃଶ୍ୟତାର ଅନ୍ତ କେବେ ହେବ ?

**ଢେଙ୍କାନାଳ**
**ମୋ:୭୬୦୬୯୯୬୦୫୩**

## ଏଇ ଭାରତରେ

ଅନେକ ସ୍ଥାନରେ ଏକ ବିଚାରଶୀଳ ପଦକ୍ଷେପ ବହୁତ କିଛି ପରିବର୍ତ୍ତନ କରିଦିଏ। ଏହା ବ୍ୟକ୍ତିଗତ ହେଉ କିମ୍ବା ଗୋଷ୍ଠୀବଦ୍ଧ, ଯୋଜନାଗୁଡ଼ିକରେ ଏକ ଆଖିଦୃଶିଆ ସଫଳତା ମିଳିବା ଦେଖାଯାଏ। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଗୁରୁଗ୍ରାମରେ। ସହରର ରାସ୍ତାଗୁଡ଼ିକରେ ସବୁବେଳେ ବର୍ଜ୍ୟ ଠୁଳ ହୋଇ ରହୁଥିଲା। ଏହାକୁ ଠିକ୍ ସମୟରେ ସଫା କରାଯାଉ ନ ଥିଲା। ଏହା ବିରୋଧରେ ସହରବାସୀ ମଧ୍ୟ ସ୍ୱର ଉଠାଉ ନ ଥିଲେ। ହେଲେ ଗୁରୁଗ୍ରାମରେ ସର୍ବିୟାର ଜଣେ ନାଗରିକ ସହରର ସଫେଇ କାର୍ଯ୍ୟ ନିଜେ ଆରମ୍ଭ କରିଥିଲେ। ଅଗଷ୍ଟ ୨୦୨୪ରେ ସେ ଏକ ସୋସିଆଲ ମିଡିଆ ପେଜ 'ଲେଟସ କ୍ଲିନ ଗୁରୁଗ୍ରାମ' ବା 'ଆସନ୍ତୁ ଗୁରୁଗ୍ରାମକୁ ସଫା କରିବା'ରେ ତାଙ୍କ ସଫେଇ ଅଭିଯାନ ସମ୍ପର୍କିତ ତଥ୍ୟ ଶେୟାର କରିବାରେ ଲାଗିଲେ। ଏ ବିଷୟରେ ସବୁଠି ଆଲୋଚନା ଚାଲିଲା ଏବଂ ତାଙ୍କ କାର୍ଯ୍ୟକୁ ଦେଖି ଯୁବ ସ୍ୱେଚ୍ଛାସେବୀମାନେ ଯୋଗଦେଲେ। ଫଳରେ ବ୍ୟକ୍ତିଗତ ପ୍ରୟାସ ଏକ ଗୋଷ୍ଠୀଗତ ଅଭିଯାନ ପାଲଟିଗଲା। ମ୍ୟୁନିସିପାଲିଟିର ସଫେଇ କାର୍ଯ୍ୟ ସହ ଏବେ ସେମାନଙ୍କ ଏହି ଅଭିଯାନ ସହରକୁ ପରିଷ୍କାର ରଖିବାରେ ପ୍ରମୁଖ ଭୂମିକା ନେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ଫେବୃଆରୀ ୧୯୭୭**

- ହରିୟାଣା ବିଧାନସଭାର ୭ ଜଣ ସଦସ୍ୟ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦେଲେ ବୋଲି ଘୋଷଣା କରିଛନ୍ତି।
- ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ଘନଶ୍ୟାମ ଓଜ କେନ୍ଦ୍ର ସରକାରଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକଳାପର ପ୍ରତିବାଦ କରି କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 1 | | | | | | | |
| | 5 | | | 2 | | | | 1 |
| 3 | | 6 | 7 | | 1 | 9 | | |
| | | 3 | | | | | 4 | |
| 6 | | | 5 | | | | 8 | 7 |
| | 9 | | | 4 | 7 | | | 3 |
| | 8 | 2 | | 7 | 5 | | | |
| | | | 2 | | | 7 | 3 | |
| | | 9 | | 6 | | | 2 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 7 | 1 | 5 | 3 | 4 | 2 | 6 |
| 3 | 2 | 1 | 6 | 8 | 4 | 7 | 5 | 9 |
| 6 | 5 | 4 | 2 | 9 | 7 | 1 | 3 | 8 |
| 7 | 3 | 2 | 4 | 1 | 6 | 9 | 8 | 5 |
| 4 | 6 | 5 | 9 | 3 | 8 | 2 | 1 | 7 |
| 1 | 8 | 9 | 5 | 7 | 2 | 3 | 6 | 4 |
| 2 | 1 | 8 | 7 | 4 | 5 | 6 | 9 | 3 |
| 5 | 7 | 6 | 3 | 2 | 9 | 8 | 4 | 1 |
| 9 | 4 | 3 | 8 | 6 | 1 | 5 | 7 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରପ୍ତାନିଭିତ୍ତିକ ଚାଷ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ

ମହାଶୟ,

ସାମ୍ପ୍ରତିକ ବଜେଟରେ କୃଷି, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟଚାଷ ସହିତ ଗ୍ରାମ ବିକାଶକୁ ଗୁରୁତ୍ୱ ଦିଆଯାଇଛି । ଓଡ଼ିଶା ଏକ କୃଷି ଓ ଗ୍ରାମୀଣପ୍ରଧାନ ରାଜ୍ୟ । ପ୍ରାୟ ୮୦% ଲୋକ ଗ୍ରାମରେ ବସବାସ କରନ୍ତି ଓ କୃଷି ତଥା ଆନୁଷଙ୍ଗିକ କୃଷି ଉପରେ ନିର୍ଭର କରନ୍ତି । ସୁତରାଂ, ସାମଗ୍ରିକ ଓ ଦ୍ରୁତ ବିକାଶ ବଜେଟରେ ୮୮୯୦୦ କୋଟି ଟଙ୍କା ଓ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ୧୭୮୫୫ କୋଟି ଟଙ୍କା ନିଶ୍ଚୟ ଫଳପ୍ରଦ ହେବ । ଗାଁ ହସିବ, ଅନ୍ନଦାତାମାନେ ହସିବେ, ପୂର୍ବ ଦିଗରୁ ବିକାଶର ସୂର୍ଯ୍ୟୋଦୟ ଆଗାମୀ ଦିନରେ ନିଶ୍ଚୟ ହେବ । କେବଳ ଧାନ ଉପରେ ନିର୍ଭର ନ କରି ଆଖୁଚାଷ, କପାଚାଷ, ଗହମ ଚାଷ, ଚା'ଚାଷ, ଡେରାଡୁନ ଧାନ, ବାସନା ଧାନ, ମସଲା ଚାଷ, ତୈଳବୀଜ, ଡାଲିଜାତୀୟ ଶସ୍ୟ ଚାଷ, ପନିପରିବା ଚାଷ, ଫଳଚାଷ, ଷ୍ଟ୍ରବେରି ଓ ଅନ୍ୟାନ୍ୟ ରପ୍ତାନିଭିତ୍ତିକ ଚାଷ ଉପରେ ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ । ଏହାଦ୍ୱାରା ରାଜ୍ୟ ଅର୍ଥନୀତି ସମୃଦ୍ଧ ହେବା ସହିତ କୃଷକଙ୍କ ଆୟ ବୃଦ୍ଧି ହେବ ଓ ବେକାରି ସମସ୍ୟା ଦୂର ହୋଇପାରିବ । ଏହାସହ ବିକଶିତ ତଥା ଆତ୍ମନିର୍ଭର ଓଡ଼ିଶା ୨୦୩୬ର ସ୍ୱପ୍ନ ସାକାର ହେବ ।

**-ନିଶାକର ରାଉତ, ବରିଷ୍ଠ ନାଗରିକ,ଶହୀଦନଗର, ଭୁବନେଶ୍ୱର**

## ଚିରନ୍ତନୀ

ବିଟପ ଛାୟାର ନିବିଡ଼ ତମସା ତଳରେ
କେତେ ରୂପ
ଜାଳିଲା ଅର୍ଘ୍ୟ ଶୁଭ ପରଦୋଷ ବେଳରେ
ବାଳ ଧୂପ ।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିଧାନସଭାରେ ଅଚଳାବସ୍ଥା




# ଭାଜପା ନ ଯାଉ: ଅରୁଣ

ଭୁବନେଶ୍ୱର, ୨୩।୨(ସୁନିତ୍ ମିଶ୍ର)

ଭାଜପାର ଅଧିକ ଏମ୍‌ପି ରାଜ୍ୟ ସଭାକୁ ନ ଯାଆନ୍ତୁ। ଭାଜପାରୁ ଯେଉଁମାନେ ରାଜ୍ୟ ସଭା କିମ୍ବା ଲୋକ ସଭାକୁ ଯାଇଛନ୍ତି, ସେମାନଙ୍କ ଭିତରୁ ଜଣଙ୍କର ହେଲେ ବି ପାଟି ଫିଟୁନାହିଁ। ତେଣୁ ଅଧିକ ମୂକ, ବଧିରଙ୍କୁ ପଠାଇବା ଅପେକ୍ଷା ରାଜ୍ୟ ସଭାର ୪ର୍ଥ ଆସନ ଯେପରି ଭାଜପା ହାତକୁ ନ ଯିବ ସେଥିପାଇଁ ଚେଷ୍ଟା କରିବା ଦରକାର ବୋଲି ବିଜେଡିର ବରିଷ୍ଠ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି।

ବିଧାନସଭା ବାହାରେ ସୋମବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅରୁଣ କହିଛନ୍ତି, ଏହା ତାଙ୍କର ବ୍ୟକ୍ତିଗତ ମତ। ବିଜେଡି ହେଉଛି ଏକ ଶୃଙ୍ଖଳିତ ଦଳ। ଦଳରେ ରାଜନୈତିକ ବ୍ୟାପାର କମିଟି ରହିଛି। ଦଳରେ ସର୍ବୋଚ୍ଚ ନେତାମାନେ ଅଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱୀକୃତି ଯାହାକୁ ରହିବ ସେ ରାଜ୍ୟ ସଭା ଯିବେ। ଏହା ବିଜେଡିର ଆଭ୍ୟନ୍ତରୀଣ କଥା। ସଂଖ୍ୟା ଦୃଷ୍ଟିରୁ ଭାଜପାକୁ ୨ଟି ଏବଂ ବିଜେଡି ଗୋଟିଏ ଆସନ ସହଜରେ ମିଳିପାରିବ। ୪ର୍ଥ ଆସନ ପାଇଁ ବିଜେଡି ନିଷ୍ପତ୍ତି ଯାହା କରିବସେକଥା ସେ କହିପାରିବେ ନାହିଁ। ହେଲେ ଭାଜପା ୨ଟି ଆସନରୁ ଗୋଟିଏ ବି ଅଧିକ ନ ନେବା ଦରକାର। ସେମାନଙ୍କୁ ଯଦି ଆଉ ଗୋଟିଏ ଆସନ ମିଳିବ, ଅର୍ଥାତ୍ ଯିଏ ରାଜ୍ୟ ସଭା ଯିବ ସେଠାରେ ମୂକ, ବଧିର ହୋଇ ବସିବ। ତେଣୁ ୪ର୍ଥ ଆସନ ଭାଜପାକୁ ନ ଯିବା ଦରକାର। ଦଳ କ'ଣ ନିଷ୍ପତ୍ତି ନେବ ତାହାକୁ ଅପେକ୍ଷା। ସେହିପରି କଂଗ୍ରେସକୁ ସହଯୋଗ କରିବା କଥା କୁଆଡୁ ଆସୁଛି ବୋଲି ଅରୁଣ କହିଛନ୍ତି।


ଅରୁଣ କୁମାର ସାହୁ

ସୂଚନାଯୋଗ୍ୟ, ବିଗତ ଦିନରେ ଅନେକ ସମୟରେ କେନ୍ଦ୍ରର ଭାଜପା ସରକାରକୁ ପରୋକ୍ଷ ବା ପ୍ରତ୍ୟକ୍ଷରେ ବିଜେଡି ସହଯୋଗ କରିଆସିଛି। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ରାଜ୍ୟରେ କ୍ଷମତାରୁ ଯିବା ପରେ ଅନେକ ଘଟଣାରେ ଭାଜପାକୁ ସହଯୋଗ ନେଇ ଦଳର ବହୁ ନେତା ପ୍ରଶ୍ନ କରୁଛନ୍ତି। ଆଗକୁ ରାଜ୍ୟ ସଭା ନିର୍ବାଚନ ଥିବାରୁ ବିଜେଡି ଆଭିମୁଖ୍ୟ ପାଇଁ ଗୋଟେ ଆସନ ଭାଜପାକୁ ଯାଉ ବୋଲି ବିରୋଧୀ ଦଳର ବହୁ ନେତା ଚାହୁଁନାହାନ୍ତି। ଏଭଳି ରାଜନୈତିକ ନିଷ୍ପତ୍ତି ପାଇଁ ବିଜେଡିର କ୍ଷମତା ହରାଇଥିବା ନେଇ ଦଳ ଭିତରୁ ବହୁଜଣ ବାରମ୍ବାର ଅଭିଯୋଗ କରୁଛନ୍ତି। ତେଣୁ ଏବେ ଯେଉଁ ରାଜ୍ୟ ସଭା ପାଇଁ ନିର୍ବାଚନ ହେବାକୁ ଯାଉଛି, ସେଥିରେ କୌଣସିମତେ ବିଜେଡି ଶାସକ ଦଳକୁ ସୁହାଇବା ଭଳି କାମ ନ କରୁ, ସେକଥା ବୁଝାଇବାକୁ ଯାଇ ଅରୁଣଙ୍କ ବ୍ୟକ୍ତିଗତ ମତ ଆସିଥାଇପାରେ ବୋଲି ଚର୍ଚ୍ଚା ହେଉଛି।

# ବିଧାନସଭାର ୫୯ ମିନିଟ୍

ଭୁବନେଶ୍ୱର, ୨୩।୨(ସୁନିତ୍ ମିଶ୍ର)

ବିଧାନସଭା ବଜେଟ ଅଧିବେଶନର ୬ଷ୍ଠ ଦିନରେ ମଧ୍ୟ ଗୃହକାର୍ଯ୍ୟ ସୁରୁଖୁରୁରେ ହୋଇପାରିନାହିଁ। ଚାଷୀ ପ୍ରସଙ୍ଗରେ ଗୃହ ଭିତରେ ପୂରା ଦିନ ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିଲେ। ଏହିପରି ଭାବେ ଅପରାହ୍ନ ୪ଟାରୁ ଆରମ୍ଭ ହୋଇଥିବା ଅଧିବେଶନ ୨ ଥର ୧୫ ମିନିଟ୍ ଲେଖା ମୁଲତବୀ ହେବା ଭିତରେ ୫ଟା ୨୯ ପର୍ଯ୍ୟନ୍ତ ଚାଲିଥିଲା। ୫ଟା ୨୯ରେ ମଙ୍ଗଳବାର ପୂର୍ବାହ୍ନ ୧୦.୩୦ ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଅର୍ଥାତ୍ ଦ୍ୱିତୀୟାର୍ଦ୍ଧରେ ମୋଟ୍ ୧ ଘଣ୍ଟା ୨୯ ମିନିଟ୍ ଗୃହ କାର୍ଯ୍ୟ ଚାଲିଥିବା ବେଳେ ୧୫ ମିନିଟ୍ ଲେଖା ଦୁଇଥର ମୁଲତବୀ ହେଲା। ମୁଲତବୀ ସମୟକୁ ଯଦି ମିଶାଯାଏ ତେବେ ୩୦ ମିନିଟ୍ ଗୃହକୁ ମୁଲତବୀ ରଖାଗଲା। ୧ ଘଣ୍ଟା ୨୯ ମିନିଟ୍‌ରୁ ଯଦି ୩୦ ମିନିଟ୍‌ର ମୁଲତବୀ ସମୟକୁ ଛାଡ଼ି ଦିଆଯାଏ ତେବେ ବଳକା ୫୯ ମିନିଟ୍ ବିରୋଧୀ ଗୃହରେ ହୋହଲ୍ଲା କରୁଥିବାବେଳେ ବାଚସ୍ପତି ଗୃହ ଚଳାଇଥିଲେ।

ଅପରାହ୍ନ ୪ଟାରେ ଯେତେବେଳେ ଗୃହ କାର୍ଯ୍ୟ ଆରମ୍ଭ ହେଲା ତୁରନ୍ତ ବିରୋଧୀ ଦଳର ସଦସ୍ୟମାନେ ନିଜ ଆସନ ଛାଡ଼ି ହାତରେ ପ୍ଲାକାର୍ଡ ଧରି ଚାଷୀ ପ୍ରସଙ୍ଗରେ ସରକାରୀ ବିରୋଧୀ ନାରା ଦେଇ ବାଚସ୍ପତିଙ୍କ ପୋଡିୟମ ତଳ ପର୍ଯ୍ୟନ୍ତ ଉଠି ଆସିଥିଲେ। ବିଜେଡି ସଦସ୍ୟମାନଙ୍କ ସହିତ କଂଗ୍ରେସ ବିଧାୟକମାନେ ମଧ୍ୟ ଏପ୍‌ଷ୍ଟିନ୍ ଫାଇଲ୍ସ ଏବଂ ଅନ୍ୟ ପ୍ରସଙ୍ଗ ଉଠାଇ ଗୃହ ମଧ୍ୟଭାଗକୁଆସିବିଜେଡିସାଙ୍ଗରେସରକାର ବିରୋଧୀ ନାରା ଦେଇଥିଲେ। ବାଚସ୍ପତି କିନ୍ତୁ ଗୃହ ଆରମ୍ଭ ହେବା ମାତ୍ରେ କହିଥିଲେ, ପୂର୍ବାହ୍ନରେ ଗୃହ ଚାଲିଥିବା ବେଳେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କେତେଜଣ ନେତାଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ଯେଉଁମାନଙ୍କ ବିଷୟରେ କାଡାମ କହିଥିଲେ, ସେମାନେ କେହି ଗୃହରେ ବର୍ତ୍ତମାନ ସଦସ୍ୟ ହୋଇ ନ ଥିବାରୁ ସେହି ବିଷୟ ବିବରଣୀରୁ ବାଦ୍ ଦେବା ସହିତ ଗଣମାଧ୍ୟମରେ ପ୍ରକାଶ ନ କରିବାକୁ ବାଚସ୍ପତି ରୁଲିଂ ଦେଲେ। ଏହାପରେ ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ ଉପରେ ଆଲୋଚନା କରାଯିବ ଏବଂ ବିରୋଧୀ ଦଳର ସଦସ୍ୟମାନେ ନିଜ ସ୍ଥାନକୁ ଯାଇ ଏଥିରେ ଭାଗ ନିଅନ୍ତୁ ବୋଲି ବାଚସ୍ପତି କହିଥିଲେ। ବିରୋଧୀ କିନ୍ତୁ ବାଚସ୍ପତିଙ୍କ କଥା ନ ଶୁଣି ଚାଷୀ ସମସ୍ୟା ବିଷୟରେ ପ୍ରବଳ ନାରାବାଜି ଜାରି ରଖିଥାଆନ୍ତି। ଏହିପରି ହୋହଲ୍ଲା ଭିତରେ ବାଚସ୍ପତି ପଚାରିଥିଲେ, ବଜେଟ ଆଲୋଚନା ଉପରେ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ନିଜର ବକ୍ତବ୍ୟ ରଖିବେ ନା ନାହିଁ। ବିରୋଧୀ ଯେତେବେଳେ କିଛି ଶୁଣି ନ ଥିଲେ, ବାଚସ୍ପତି ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଭାଷଣ ଦେବା ପାଇଁ କହିଥିଲେ।

ଏହି ଅବସରରେ ଟଙ୍କଧର କହିଥିଲେ, ବିରୋଧୀ ବାହାରେ ଯାହା କହୁଛନ୍ତି, ସେସବୁ ବିଷୟରେ ଗୃହରେ ଆଲୋଚନାରେ ଭାଗ ନେଇ କହିଲେ ଭଲ ହୁଅନ୍ତା। ବିରୋଧୀ ଦଳର ସବୁବେଳେ ମର୍ଯ୍ୟାଦା ରହିଛି। ସେମାନେ ବଜେଟ ଆଲୋଚନାରେ ଭାଗ ନ ନେଇ ରାଜ୍ୟର କାହିଁକି ହାନି କରୁଛନ୍ତି। କେତେଜଣ ବିଜେଡି ନେତା ଗୃହରେ ବିରୋଧ କରୁଛନ୍ତି, ହେଲେ ଲୁଚିକି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ବଜେଟକୁ ପ୍ରଶଂସା କରୁଛନ୍ତି। ସେଠାକୁ ଯେତେବେଳେ ଯାଉଛନ୍ତି, କହୁଛନ୍ତି ବାଧହୋଇ ବିରୋଧ କରିବାକୁ ପଡୁଛି। ବିଜେଡିରେ ବହୁ ବରିଷ୍ଠ ନେତା ନିଜର ଜ୍ଞାନ ରଖିଛନ୍ତି। ସେମାନେ ତାଙ୍କର ପ୍ରସ୍ତାବ ଦେଲେ ସରକାର କିଛି ନିଜର ଭୁଲ୍‌ଭଟକା ଜାଣିବେ ଏବଂ ତାକୁ ପରିବର୍ତ୍ତନ କରିପାରିବେ। ସେମାନେ ୨୪ ବର୍ଷ ରାଜ୍ୟରେ ଏମିତି କାମ କରିଛନ୍ତି ଯେ, ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ନେବା ଲାଗି ଆଉ ଜଣେ କେତେବେଳେ ମରିବେ ସେଥିଲାଗି ଅପେକ୍ଷା କରିବାକୁ ପଡୁଥିଲା ବୋଲି ଟଙ୍କଧର ଆଣିଛନ୍ତି। ଭାଜପା ସଦସ୍ୟ ମାନସ ଦତ୍ତ ମଧ୍ୟ ପୂର୍ବ ସରକାର ଏବଂ ବର୍ତ୍ତମାନର ବିରୋଧୀ ଦଳ ଉପରେ ପ୍ରବଳ ବର୍ଷିଥିଲେ। କହିଥିଲେ ଭାଜପା ଶାସନରେ କେତୋଟି ବିଶ୍ୱବିଦ୍ୟାଳୟ ଖୋଲିଲାଣି ତାହା ଦେଖନ୍ତୁ। ଏହାପରେ ବିଧାୟିକା ସୀମାରାଣୀ ନାଏକ ମଧ୍ୟ ବିରୋଧୀ ଦଳକୁ ଟାର୍ଗେଟ କରି ବଜେଟକୁ ପ୍ରଶଂସା କରିଥିଲେ। ଏହି ସମୟରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କିଛି କହିବା ପାଇଁ ବାଚସ୍ପତିଙ୍କୁ ପଏଣ୍ଟ ଅଫ ଅର୍ଡରରେ ସୁଯୋଗ ମାଗିବା ସତ୍ତ୍ୱେ ବାଚସ୍ପତି ତାଙ୍କ କଥା ଶୁଣି ନ ଥିଲେ। ଏହାପରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ଅନ୍ୟ ବିରୋଧୀ ସଦସ୍ୟମାନେ ରାଗିଯାଇଥିଲେ। ପ୍ରସନ୍ନ ଉଚ୍ଚସ୍ୱରରେ କହୁଥାଆନ୍ତି, ଗୃହ ଯେମିତି ଚାଲିଛି ତାହା ଠିକ୍ ନୁହେଁ। ଚାଷୀ ପ୍ରସଙ୍ଗରେ କ'ଣ କହିବାକୁ ଚାହିଁଲେ ସୁଯୋଗ ଦିଆଯିବନି। ଚାଷୀ ସମସ୍ୟା କ'ଣ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ କି ବୋଲି ପ୍ରଶ୍ନ କରିଥିଲେ। ଏହାପରେ ୪ଟା ୩୯ ମିନିଟ୍ ସମୟରେ ବାଚସ୍ପତି ୧୫ ମିନିଟ୍ ପାଇଁ ମୁଲତବୀ ଘୋଷଣା କରିଥିଲେ। ୪ଟା ୫୪ରେ ଆଉଥରେ ୧୫ ମିନିଟ୍ ପାଇଁ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ଏହାପରେ ୫ଟା ୯ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ପୂର୍ବଭଳି ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳ ପର୍ଯ୍ୟନ୍ତ ଯାଇ ହୋହଲ୍ଲା, ନାରାବାଜି ଆରମ୍ଭ କରିଦେଲେ। ତାହାରି ଭିତରେ ବାଚସ୍ପତି ଭାଜପା ସଦସ୍ୟ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ବିଭୂତି ଭୂଷଣ ପ୍ରଧାନଙ୍କୁ ବକ୍ତବ୍ୟ ଦେବାକୁ କହିଥିବା ବେଳେ ସେମାନେ ଅନ୍ୟମାନଙ୍କ ଭଳି ବଜେଟକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ୫ଟା ୨୯ ମିନିଟ୍‌ରେ ବାଚସ୍ପତି ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

# ଗୃହ ବାହାରେ କହିଲେ, ରେକର୍ଡରୁ କାଟିଦେଲେ

ଭୁବନେଶ୍ୱର, ୨୩।୨(ସୁନିତ୍ ମିଶ୍ର)

ବିଧାନସଭା ବଜେଟ ଅଧିବେଶର ଷଷ୍ଠ ଦିନ ଗୃହ କାର୍ଯ୍ୟ ବନ୍ଦ ହେବା ପରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବାହାରକୁ ବାହାରି ସରକାରଙ୍କ ଉପରେ ବର୍ଷିଛନ୍ତି। ସେ ଅଭିଯୋଗ କରି କହିଛନ୍ତି, ସରକାରୀ ଦଳ ଜାଣିଶୁଣି ଗୃହ ଚଳାଇ ନ ଦେବାକୁ ଷଡ଼ଯନ୍ତ୍ର କରିଛି। ପ୍ରାଥମାର୍ଦ୍ଧରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ଏପ୍‌ଷ୍ଟିନ ଫାଇଲ ଭଳି କଳଙ୍କିତ ଅଧ୍ୟାୟ ସହିତ ଦେଶର କେତେଜଣ ଗୁରୁତ୍ୱପୂର୍ଣ୍ଣ ଲୋକ ଜଡ଼ିତ ଅଛନ୍ତି। ଦେଶର ଯିଏ ପେଟ୍ରୋଲିୟମ ମନ୍ତ୍ରୀ ଅଛନ୍ତି ହରଦୀପ୍ ସିଂ ପୁରୀ ଏପଷ୍ଟିନଙ୍କ ସହିତ ଏକାଧିକ ଥର ଭେଟିବାର ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ପୁରୀ ମଧ୍ୟ ଏହି କଥାକୁ ସ୍ୱୀକାର କଲେ। ଅନ୍ୟ ଦେଶରେ ଯେଉଁମାନେ ସେମାନଙ୍କ ସରକାରର ପ୍ରମୁଖ ବ୍ୟକ୍ତି ଅଛନ୍ତି ଏବଂ ଏପ୍‌ଷ୍ଟିନ ଫାଇଲ ସେମାନଙ୍କ ସହ ଯୋଡି ହେବା କାରଣରୁ ସେମାନେ ନିଜ ପଦରୁ ଇସ୍ତଫା ଦେଇସାରିଲେଣି। ସେହି ଲୋକମାନଙ୍କ ମଧ୍ୟରେ କେତେଜଣ ପ୍ରମୁଖ ଚେହେରା ଏବେ ଗିରଫ ମଧ୍ୟ ହେଲେଣି ବୋଲି ଶୁଣିବାକୁ ମିଳୁଛି। ହେଲେ କେନ୍ଦ୍ରମନ୍ତ୍ରୀ ପୁରୀ ଏ ପର୍ଯ୍ୟନ୍ତ କାହିଁକି ମନ୍ତ୍ରୀ ପଦରୁ ଇସ୍ତଫା ଦେଇନାହାନ୍ତି। ତାଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁ ମଧ୍ୟ ଏପ୍‌ଷ୍ଟିନ ଫାଇଲରେ ଥିବା ଶୁଣାଯାଉଛି। ସିଏ ମଧ୍ୟ ତାଙ୍କ ପଦରୁ ଇସ୍ତଫା ଦେବା ଦରକାର। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଦେଶର ସଂସଦୀୟ ବ୍ୟାପାର ମନ୍ତ୍ରୀ ଅପଶବ୍ଦ ବ୍ୟବହାର କରୁଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଇସ୍ତଫା ଦାବି ମଧ୍ୟ ଗୃହରେ କହିଥିଲେ। ହେଲେ ଦ୍ୱିତୀୟାର୍ଦ୍ଧରେ ଅପରାହ୍ନ ବେଳକୁ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ରେକର୍ଡରୁ ସେହି କଥା କାଟିଦେଲେ। ଗୃହରେ ଏଥିଲାଗି ବିରୋଧ କରିବା ସତ୍ତ୍ୱେ ବାଚସ୍ପତି ସେହି ଭାଷଣକୁ ଗଣମାଧ୍ୟମରେ ପ୍ରକାଶ ନ କରିବା ସହିତ ରେକର୍ଡରୁ କାଟିଲେ ବୋଲି କାଡାମ କହିଛନ୍ତି।


ରାମଚନ୍ଦ୍ର କାଡାମ

# ବଜେଟ: ଛୁଟୁଛି ସମ୍ବର୍ଦ୍ଧନାର ସୁଅ

ଭୁବନେଶ୍ୱର,୨୩।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ଚଳିତମାସ ୨୦ରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଜେଟ ଉପସ୍ଥାପନକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି। ପ୍ରତିଦିନ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସଙ୍ଗଠନ ସମ୍ବର୍ଦ୍ଧନା ଜଣାଉଥିବାବେଳେ ସୋମବାର ରାଜ୍ୟ ଅତିଥିଭବନରେ କେନ୍ଦ୍ରାପଡ଼ାର ବିଭିନ୍ନ ନିର୍ବାଚନମଣ୍ଡଳୀର ବାସିନ୍ଦା, କଟକ ନିଆଳି ଅଞ୍ଚଳର ବାସିନ୍ଦା ଏବଂ ଭାରତୀୟ ମଜଦୁର ସଂଘର ସଦସ୍ୟମାନେ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ୨୦୨୬-୨୭ ବଜେଟରେ କେନ୍ଦ୍ରାପଡ଼ାରେ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ, ଫୁଲନଖରା-ନିଆଳି ମାଧବ ୪-ଲେନ୍ ରାସ୍ତା ଉନ୍ନତୀକରଣ ଏବଂ ଏପ୍ରିଲ ପହିଲାରୁ ପ୍ରଫେଶନାଲ ଟ୍ୟାକ୍ସ ପ୍ରତ୍ୟାହାର କରିବା ପାଇଁ ବଜେଟରେ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କହିଥିଲେ, ସ୍ୱାଧୀନତା ପରଠାରୁ କେନ୍ଦ୍ରାପଡ଼ା ଜିଲାରେ ଉଚ୍ଚଶିକ୍ଷାର ବିକାଶ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇ ନ ଥିଲା, କିନ୍ତୁ ଏହି ବଜେଟରେ ବିଶ୍ୱବିଦ୍ୟାଳୟ ସ୍ଥାପନ ନିଷ୍ପତ୍ତି ଜିଲାବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣ କରିଛି। ସେ ଆହୁରି କହିଥିଲେ, ବଳଦେବଜୀଉ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ କେନ୍ଦ୍ରାପଡ଼ାରେ ଜାହାଜ ନିର୍ମାଣ କାରଖାନା ସ୍ଥାପନ ପ୍ରସ୍ତାବ ଜିଲାର ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିଭଳି ନିଆଳି ବିଧାୟକ ଛବି ମଲ୍ଲିକ କହିଥିଲେ, ଏହି ରାସ୍ତା ଉନ୍ନତୀକରଣ ଫଳରେ ସଡ଼କ ଦୁର୍ଘଟଣା ହ୍ରାସ ପାଇବ ଓ ଗମନାଗମନ ବ୍ୟବସ୍ଥା ସୁଦୃଢ଼ ହେବ। ଭାରତୀୟ ମଜଦୁର ସଂଘର ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଥିଲେ, ଚଳିତ ବଜେଟରେ ପ୍ରଫେଶନାଲ ଟ୍ୟାକ୍ସ ଛାଡ଼ ଘୋଷଣା ହେବାରୁ କଣ୍ଟ୍ରାକ୍ଟୁଆଲ୍ କର୍ମଚାରୀମାନେ ବିଶେଷଭାବେ ଉପକୃତ ହେବେ। ସୂଚନାଯୋଗ୍ୟ, ଗତକାଲି ଜଗତ୍‌ସିଂହପୁରରେ ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜ ଘୋଷଣା ପାଇଁ ଅନେକ ହଜାର ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଉଛନ୍ତି କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଆସିଥିବା ରାଜନେତା ଓ ବାସିନ୍ଦା।

# ଆଜି ବିଜେଡିର ଚାଷୀ ଆନ୍ଦୋଳନ

ଭୁବନେଶ୍ୱର, ୨୩।୨(ସୁନିତ ମିଶ୍ର)

ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯେଉଁଥିପାଇଁ ରାଜ୍ୟର ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। ତେଣୁ ଚାଷୀଙ୍କ ସ୍ୱାର୍ଥ ପାଇଁ ବିଜେଡି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଲୋୟର ପିଏମ୍‌ଜିଠାରେ ଏକ ବିଶାଳ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସହିତ ଆଇନ ଶୃଙ୍ଖଳା ବ୍ୟବସ୍ଥା ଓ ମହିଳା ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚଳିତ ବର୍ଷ ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟକ୍ରମ ପ୍ରଥମ ଦିନରୁ ଅବ୍ୟବସ୍ଥା ଲାଗି ରହିଛି। ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ, ଟୋକନ ବିତରଣ, ମଣ୍ଡିରେ ଧାନ ସଂଗ୍ରହ ବ୍ୟବସ୍ଥା, କଟ୍‌ନି ଛଟ୍‌ନି ଇତ୍ୟାଦି ରାଜ୍ୟର ଚାଷୀମାନଙ୍କୁ ନାହିଁ ନ ଥିବା ଅସୁବିଧାରେ ପକାଇଛି। ରାଜ୍ୟର ପ୍ରତି ବ୍ଲକରେ ଓ ଜିଲାରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଉଛନ୍ତି। କିନ୍ତୁ ରାଜ୍ୟ ସରକାର ଚାଷୀମାନଙ୍କ ସମସ୍ୟାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନାହାନ୍ତି। ରାଜ୍ୟର ଚାଷୀ ସମୁଦାୟକୁ ପ୍ରତିଶ୍ରୁତିରେ ପୋତି ପକାଇ ଭୋଟ ହାତେଇବା ପରେ ଏବେ ଚାଷୀମାରଣ ନୀତି ଆପଣେଇଛନ୍ତି। ତେଣୁ ଏହି ନୀତି ବିରୋଧରେ ବିଜେଡି ପକ୍ଷରୁ ଏକ ବିଶାଳ ବିକ୍ଷୋଭ ଆୟୋଜନ କରାଯିବ। ବିଜେଡି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଗତ ୨ ତାରିଖରୁ ରାଜ୍ୟର ବିଭିନ୍ନ ଜିଲାରେ ଚାଷୀଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହି ଅବସରରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଏବଂ ସଞ୍ଜୟ ଦାସବର୍ମା ଉପସ୍ଥିତ ଥିଲେ।


ଶଙ୍ଖ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

# ଅନ୍ନଦାତାଙ୍କ ହିତକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି: ରାଜସ୍ୱମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୨୩।୨ (ରବିନାରାୟଣ ଜେନା)

ଚଳିତବର୍ଷ ଖରିଫ ଧାନ ସଂଗ୍ରହକୁ ନେଇ ରାଜ୍ୟ କୌଣସି ଅସତ୍ୟ କହୁନାହାନ୍ତି। ଚାଷୀମାନେ ହେଲେ ଅନ୍ନଦାତା, ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସର୍ବୋତ୍ତମ ପଦକ୍ଷେପ ନେଉଛନ୍ତି; ଯେଉଁଥିପାଇଁ ପୂର୍ବ ତୁଳନାରେ ଅନେକ ଲକ୍ଷ ଚାଷୀ ଉପକୃତ ହେଉଛନ୍ତି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସୋମବାର ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଭିତ୍ତିଭୂମିର ଅଭାବ, କେତେକ ସ୍ଥାନରେ ଗୋଡାଉନ୍ ସମସ୍ୟା, ଅଧିକ ଚାଷଜମି ପଞ୍ଜୀକରଣ, ଅନ୍ୟ ଫସଲ ପରିବର୍ତ୍ତେ ଧାନ ଚାଷର ପ୍ରବଣତା ବୃଦ୍ଧି ଯୋଗୁ ଚାପ ରହିଥିଲା। କିନ୍ତୁ ଏହା ଆମର କୃଷି ନୀତିର ସଫଳତାର ପ୍ରତିଫଳନ। କୃଷକ ବିଶ୍ୱାସ କରୁଛନ୍ତି, ସରକାର ତାଙ୍କ ସାଙ୍ଗରେ ଅଛନ୍ତି। ଭିତ୍ତିଭୂମି ଗଢ଼ି ତୋଳିବା ଏକ ସମୟ ସାପେକ୍ଷ ଏବଂ ପର୍ଯ୍ୟାୟକ୍ରମିକ ପ୍ରକ୍ରିୟା। ଦୀର୍ଘ ଦିନ ଧରି ଅବହେଳିତ ଅଞ୍ଚଳଗୁଡ଼ିକରେ ଗୋଟିଏ ଦିନରେ ପରିବର୍ତ୍ତନ ଆଣିହେବ ନାହିଁ। କିନ୍ତୁ ଆମ ସରକାର ଯୋଜନାବଦ୍ଧ ଭାବରେ ଏହାକୁ ସୁଦୃଢ଼ କରିବାକୁ ଦୃଢ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଶୃଙ୍ଖଳିତ, ବ୍ୟବସ୍ଥିତ ଏବଂ ସ୍ୱଚ୍ଛ ଭାବେ ଆଗେଇ ଚାଲିଛି। ମଣ୍ଡିଗୁଡ଼ିକରେ ସାମାନ୍ୟ କେତେକ ଅବ୍ୟବସ୍ଥା ହୋଇଥିଲେ ମଧ୍ୟ କୌଣସି ବିଶୃଙ୍ଖଳା ନାହିଁ। ଧାନ ଉଠାଇବାରେ କୌଣସି ସ୍ଥାଣୁତା ନାହିଁ କିମ୍ବା ଚାଷୀଙ୍କ ପ୍ରାପ୍ୟ ପ୍ରଦାନରେ କୌଣସି ବିଳମ୍ବ ନାହିଁ। କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ପି ସହ 'ସମୃଦ୍ଧ କୃଷକ ଯୋଜନା' ଅଧୀନରେ ଅତିରିକ୍ତ ସହାୟତା ଯୋଗାଇ ଦେଇ ଚାଷୀଙ୍କୁ କୁଇଣ୍ଟାଲ ପିଛା ୩,୧୦୦ ଟଙ୍କା ପ୍ରଦାନ ସୁନିଶ୍ଚିତ କରାଯାଇଛି। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର(ଡିବିଟି) ମାଧ୍ୟମରେ ପ୍ରାୟ ୨୮,୭୧୯ କୋଟି ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ଅଦ୍ୟାବଧି ୬୩.୪୬ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇସାରିଛି, ଯେଉଁଥିରେ ୧୪.୮୩ ଲକ୍ଷରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି। ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ ଯାଏ ଚାଲିବ। ବିରୋଧୀମାନେ ରାଜନୈତିକ ସଂକୀର୍ଣ୍ଣତାରୁ ଉପରକୁ ଉଠି ଏହି ପରିବର୍ତ୍ତନକୁ ସ୍ୱୀକାର କରନ୍ତୁ ଏବଂ ଆଲୋଚନାକୁ ଆସନ୍ତୁ ବୋଲି ମନ୍ତ୍ରୀ ଅନୁରୋଧ କରିଛନ୍ତି।

## ଚାଷୀ ପ୍ରସଙ୍ଗରୁ ଓହରିଲା କଂଗ୍ରେସ

# ବିରୋଧୀଙ୍କ ଫାଟ, ଗୃହ ଅଚଳ

ଭୁବନେଶ୍ୱର,୨୩।୨ (ରବିନାରାୟଣ ଜେନା)

- କୁଆଡ଼େ ଗଲା ଠଣଠଣ: ବିଜେଡି
- ବିରୋଧୀଙ୍କ ପାଖରେ ପ୍ରସଙ୍ଗ ନାହିଁ: ଭାଜପା

ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣ ପରେ ଧାନକିଣା ପ୍ରସଙ୍ଗକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଗତ ୪ଦିନ ଧରି ଗୃହରେ ହଲାପଟା କରୁଥିଲେ। ସ୍ଥିତି ଏପରି କରୁଥିଲେ, ପ୍ରଶ୍ନକାଳ ଓ ଶୂନ୍ୟକାଳ ଚାଲିପାରୁ ନ ଥିଲା। ଏପରି କି ମୁଲତବୀ ଆଲୋଚନା ମଧ୍ୟ ହୋଇପାରି ନାହିଁ। ଏହି ପରିପ୍ରେକ୍ଷୀରେ ସୋମବାର ବିରୋଧୀଙ୍କ ମଧ୍ୟରେ ଫାଟ୍ ସୃଷ୍ଟି ହୋଇଛି। ବିଜେଡି ପୂର୍ବବତ୍ ଚାଷୀ ପ୍ରସଙ୍ଗରେ ଗୃହରେ ପ୍ରବଳ ହଟ୍ଟଗୋଳ କରି ଗୃହକୁ ଅଚଳ କରିବାକୁ ଚେଷ୍ଟା କରିଥିବାବେଳେ କଂଗ୍ରେସ ଏହି ପ୍ରମୁଖ ପ୍ରସଙ୍ଗରୁ ଓହରି 'ଏପଷ୍ଟିନ୍' ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଛି। ତେବେ ବିରୋଧୀ ବିଜେଡି ଓ କଂଗ୍ରେସର ପ୍ରବଳ ହଟ୍ଟଗୋଳ ଯୋଗୁ ପ୍ରଥମାର୍ଦ୍ଧରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ଚାଲି ପାରି ନ ଥିଲା। ଏପରି କି ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ ହେଁ ନିଷ୍କର୍ଷ ନ ବାହାରିବାରୁ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ସୋମବାର ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବାଚସ୍ପତି ଜଣ ଜଣ କରି ତାରକା ପ୍ରଶ୍ନର ଉତ୍ତର ଦେବାପାଇଁ ସଦସ୍ୟଙ୍କ ନାମ ଡାକିଥିଲେ। ହେଲେ ସେଥିରୁ କେତେକ ସରକାରୀ ଦଳର ସଦସ୍ୟ ନିଜ ଆସନରେ ନ ଥିବାବେଳେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରୁଥିଲେ। ତେଣୁ ଷ୍ଟାର୍ ପ୍ରଶ୍ନ ସଂଖ୍ୟା ୧୨୧ରୁ ୧୨୬ ପର୍ଯ୍ୟନ୍ତ ଆଲୋଚନା ହୋଇପାରି ନ ଥିଲା। ତେବେ ୧୨୭ ନମ୍ବର ପ୍ରଶ୍ନକର୍ତ୍ତା ତଥା ଭାଜପା ସଦସ୍ୟ ବିଜୟ କୁମାର ଦଳବେହେରାଙ୍କ ପ୍ରଶ୍ନର ଉତ୍ତର ରଖିବାପାଇଁ ବାଚସ୍ପତି ପ୍ରଥମେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଡାକିଥିଲେ। ମାତ୍ର ସେ ନ ଥିବାରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ରଖିଥିଲେ। ମନ୍ତ୍ରୀ କହିଥିଲେ, ଜିଏସ୍‌ଟି ପ୍ରଚଳନ ପରଠାରୁ ରାଜ୍ୟ ସରକାର ରାଜସ୍ୱ କ୍ଷତିପୂରଣ ବାବଦ ୩୦,୨୩୧.୧୪ କୋଟି ଟଙ୍କା କେନ୍ଦ୍ରଠାରୁ ପାଇ ସାରିଲେଣି। ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ଏହି କ୍ଷତିପୂରଣ ଅର୍ଥ ରାଜ୍ୟ ପାଇଛି। ମନ୍ତ୍ରୀ ଉତ୍ତର ପଢୁଥିବାବେଳେ ଗୃହ ଭିତରକୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ପ୍ରବେଶ କରିବା କ୍ଷଣି ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ସଦସ୍ୟ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କ 'ତୁମେ କହିଥିଲ ଠଣ ଠଣ, ଏବେ ଦେଖାଉଛ ଲଣ୍ଠନ' ଏବଂ କଟ୍‌ନି ଛଟ୍‌ନି ଚଳିବ ନାହିଁ ସ୍ଲୋଗାନ ଦେଇ ଗୃହ କମ୍ପାଇଥିଲେ।

ଅନ୍ୟପକ୍ଷରେ କଂଗ୍ରେସ ସଦସ୍ୟମାନେ ନିଜ ଆସନରେ ଛିଡ଼ା ହୋଇ 'ଏପଷ୍ଟିନ' ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଥିଲେ। ଗୃହର ଅସ୍ୱାଭାବିକ ସ୍ଥିତିକୁ ନେଇ ବାଚସ୍ପତି ବାରମ୍ବାର ବିରୋଧୀ ସଦସ୍ୟଙ୍କୁନିଜ ଆସନକୁଯିବାପାଇଁଅନୁରୋଧ କରିଥିଲେ ହେଁ ତାହା ସମ୍ଭବ ନ ହେବାରୁ ପ୍ରଥମେ ୧୦ଟା ୩୬ରୁ ସାଢ଼େ ୧୧ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଏହାପରେ ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପୁନର୍ବାର ଏପଷ୍ଟିନ୍ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଅଡ଼ୁଆରେ ପକାଇବାକୁ ଉଦ୍ୟମ କରିଥିବାବେଳେ ବିଜେଡି ଚାଷୀ ପ୍ରସଙ୍ଗରେ ପୋଷ୍ଟର ଓ ବ୍ୟାନର ଧରି ହଟ୍ଟଗୋଳ କରିଥିଲେ ଏବଂ ସରକାରୀ ଦଳର ସଦସ୍ୟ ଇରାଶିଷ ଆଚାର୍ଯ୍ୟ, ସନାତନ ବିଜୁଳି ପ୍ରମୁଖ 'ଏପଷ୍ଟିନ' ପ୍ରସଙ୍ଗକୁ ତୀବ୍ର ବିରୋଧ କରିଥିଲେ। ଗୃହରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାଲାଗି ବାଚସ୍ପତି ୧୧ଟା ୪୩ ମିନିଟରେ ସର୍ବଦଳୀୟ ବୈଠକ ଡାକିଥିଲେ।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପସଚେତକ ପ୍ରତାପ ଦେବ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଭାଜପା ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖଙ୍କୁ ନେଇ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ନିଷ୍କର୍ଷ ବାହାରି ପାରି ନ ଥିଲା। ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଅପରାହ୍ନ ୧୨ଟା ୪୩ ମିନିଟ୍‌ରୁ ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଗୃହ ମୁଲତବୀ ହେବା ପରେ ଶାସକ ଓ ବିରୋଧୀଙ୍କ ପକ୍ଷରୁ 'ଆରୋପ ପ୍ରତ୍ୟାରୋପ' ଦେଖିବାକୁ ମିଳିଥିଲା। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ, ସରକାର ଆଦୌ ବିରୋଧୀଙ୍କୁ ମୁକାବିଲା କରି ନ ପାରି ଗୃହ ଚଳାଇ ଦେଉନାହାନ୍ତି।

ସେହିପରି ବିଜେଡି ସଦସ୍ୟ ଡ. ଅରୁଣ ସାହୁ କହିଛନ୍ତି, ସରକାର ଏତେ ଖାମଖିଆଲ ମନୋଭାବ ନେଉଛନ୍ତି ଯେ ଗୃହ ଚାଲିପାରୁ ନାହିଁ। ବିରୋଧୀ ହିସାବରେ ଆମେ ଚାଷୀ ପ୍ରସଙ୍ଗ ଉଠାଇ ଜବାବ ମାଗୁଛୁ, ହେଲେ ସରକାର ତାହାକୁ ଶୁଣିବାକୁ ନାରାଜ ବୋଲି ଅରୁଣ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ସଦସ୍ୟ ସନାତନ ବିଜୁଳି କହିଛନ୍ତି, ବିରୋଧୀମାନେ କେବଳ ବିରୋଧ କରିବା ଆଳରେ ଗୃହକୁ ଅଚଳ କରୁଛନ୍ତି। ସେମାନଙ୍କ ପାଖରେ ଚାଷୀଙ୍କ ସମସ୍ୟା ବ୍ୟତୀତ ଅନ୍ୟ କୌଣସି ପ୍ରସଙ୍ଗ ନାହିଁ। ତେଣୁ ସୋମବାର ବିଜେଡି ଓ କଂଗ୍ରେସ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ତେବେ ଯେଉଁମାନେ ଗୃହର ସଦସ୍ୟ ନୁହନ୍ତି ସେମାନଙ୍କ ସମ୍ପର୍କରେ ଗୃହରେ ଆଲୋଚନା ହେବା କଥା ନୁହେଁ। ଏସବୁ ଜାଣିବା ସତ୍ତ୍ୱେ କଂଗ୍ରେସ ଏପଷ୍ଟିନ୍ ପ୍ରସଙ୍ଗ ଉଠାଇ ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି।

# ସାଇକେଲ ଆରୋହୀଙ୍କ ଉପରେ ଚଢ଼ିଗଲା ଆମ ବସ୍

ଭୁବନେଶ୍ୱର,୨୩।୨(ତ୍ରିନାଥ ମହାନ୍ତି)

### ଡ୍ରାଇଭରଙ୍କୁ ପିଟିବା ସହ ବସ୍‌ରେ ନିଆଁ ଲଗାଇ ଦେଲେ ଉତ୍ତ୍ୟକ୍ତ ଲୋକେ



ଏୟାରପୋର୍ଟ ଥାନା ପଳାସପଲ୍ଲୀ ଓଭରବ୍ରିଜ୍ ତଳେ ସୋମବାର ରାତିରେ 'ଆମ ବସ' ଦୁର୍ଘଟଣାରେ ଜଣେ ସାଇକେଲ୍ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାର ଶିକାର ହୋଇଥିବା ସାଇକେଲ୍ ଚାଳକ ହେଲେ କାର୍ଗିଲ ବସ୍ତିର ରମେଶ ପାତ୍ର। ଅପରପକ୍ଷରେ ଦୁର୍ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ପ୍ରଥମେ 'ଆମ ବସ' ଭଙ୍ଗାରୁଜା କରିବା ସହ ଡ୍ରାଇଭରଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ପହଞ୍ଚିବା ପରେ ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ହେଲେ ଲୋକଙ୍କ ତାତି କମି ନ ଥିଲା। ସେମାନେ ଭଙ୍ଗାରୁଜା କରିବାପରେ ବସ୍‌ରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ଲୋକଙ୍କ ଭିଡ଼ ଅଧିକ ଥିବାରୁ ପୋଲିସ ସେମାନଙ୍କୁ ଅଟକାଇ ପାରି ନ ଥିଲା। ପୋଲିସ ଅଗ୍ନିଶମ ଗାଡ଼ିକୁ ଡାକି ନିଆଁ ଲିଭାଇଥିଲା। ଏନେଇ ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି, ଦୁର୍ଘଟଣାରେ ଜଣେ ସାଇକେଲ ଚାଳକ ଗୁରୁତର ହେବାରୁ ଲୋକ ତାତି ଯାଇଥିଲେ। ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କ ସଂଖ୍ୟା ଅଧିକ ଥିବାରୁ ବସ୍‌ରେ ନିଆଁ ଲଗାଇ ଦେଇଥିଲେ। ତେଣୁ ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଯେଉଁମାନେ ଆଇନ୍‌କୁ ହାତକୁ ନେଇଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଆମ୍ ବସ୍ ଦୁର୍ଘଟଣା ଘଟାଇବା ଏହା ପ୍ରଥମ ନୁହେଁ। ନିକଟରେ ରୂପାଲି ଛକରେ ଏକ ଅଟୋକୁ ପଛରୁ ଧକ୍କା ଦେବାରୁ ଜଣେ ଅଟୋ ଡ୍ରାଇଭରଙ୍କ ଜୀବନ ଯାଇଥିଲା। ସେହିପରି ମାଷ୍ଟର କ୍ୟାଣ୍ଟିନ୍ ଛକରେ ଜଣେ ବାଇକ୍ ଚାଳକଙ୍କୁ ପିଟିବାରୁ ଲୋକେ ବସ୍ ଉପରକୁ ଟେକାପଥର ମାଡ଼ ମାରି କାଚ ଭାଙ୍ଗିବା ସହ ଡ୍ରାଇଭରଙ୍କୁ ପିଟିଥିଲେ। ସେହିପରି ପାତ୍ରପଡ଼ା, ରଘୁନାଥ ନଗରରେ ଆମ୍ ବସ୍ ଧକ୍କାରେ ଜଣଙ୍କ ଜୀବନ ଯାଇଥିଲା। ୩ବର୍ଷରେ ଆମ୍ ବସ୍ ଧକ୍କାରେ ୨୧ଜଣଙ୍କ ଜୀବନ ଯାଇଥିବାବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି।

# ସୁପର ମାର୍କେଟରେ ଅଗ୍ନିକାଣ୍ଡ






ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁ ଲିଭାଯାଉଛି।

ପୁରୁଣା ଭୁବନେଶ୍ୱର,୨୩।୨(ସୁବାସ ଚନ୍ଦ୍ର ପ୍ରଧାନ)

### ଜଳିଗଲା ଲକ୍ଷାଧିକ ଟଙ୍କାର ଜିନିଷପତ୍ର

ଧଉଳି ଥାନା ଅଧୀନ ନୂଆଗାଁ ପେଟ୍ରୋଲ ଟାଙ୍କି ନିକଟ ଏକ ସୁପର ମାର୍କେଟରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ବହୁ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ରାତି ପ୍ରାୟ ୧୦ଟା ୩୦ରେ ଉକ୍ତ ସୁପର ମାର୍କେଟର ତୃତୀୟ ମହଲାରେ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ରାସ୍ତାରେ ଯାଉଥିବା ଲୋକେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ କଳ୍ପନାସ୍ଥିତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିଆଁକୁ ଆୟତ୍ତ କରିବାରେ ବିଳମ୍ବ ହେବାରୁ ଦ୍ୱିତୀୟ ଏବଂ ଗ୍ରାଉଣ୍ଡ ଫ୍ଲୋରକୁ ନିଆଁ ବ୍ୟାପିଯାଇଥିଲା। ପରବର୍ତ୍ତୀ ସମୟରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କ୍ଷୟକ୍ଷତି ଆକଳନ ହୋଇପାରି ନ ଥିବା ବେଳେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ଲୋକଙ୍କ ଭିଡ଼ ଜମିବାରୁ ଜାତୀୟ ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ ଅସମ୍ଭାଳ ହୋଇପଡ଼ିଥିଲା। ଧଉଳି ଥାନାଧିକାରୀ ସ୍ମୃତି ରଞ୍ଜନ ମହାନ୍ତି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।

# ରାଜ୍ୟରେ ଆମ ବସ୍ ସେବାର କଳେବର ବଢ଼ିବ

ଭୁବନେଶ୍ୱର, ୨୩।୨(ବନ୍ଦନା ସେଠୀ)

- ଇ-ବସ୍ ତାଲିକାରେ ଯୋଡିହେବ ଆଉ ୬୦୦ ନୂଆ ବସ୍
- ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ଆସିବ ୪୦୦ ବସ୍

ସହରାଞ୍ଚଳ ପରିବହନ ପାଇଁ ଚଳିତ ବଜେଟ୍‌ରେ ୪୨୧କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟରେ ଇ-ବସ୍ ସେବା ଏବଂ ପ୍ରଯୁକ୍ତି ବିଦ୍ୟାଭିତ୍ତିକ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ବ୍ୟାପକ କରାଯିବ। ଏହି କ୍ରମରେ ରାଜ୍ୟରେ ଚାଲୁଥିବା ଇ-ବସ୍ ତାଲିକାରେ ଆଉ ୬୦୦ଟି ଇ-ବସ୍ ଯୋଡାଯିବ। ସେହିପରି ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ରାଜ୍ୟକୁ ଆଉ ୪୦୦ ଇ-ବସ୍ ଆସିବ। ଏହା ଫଳରେ ରାଜ୍ୟରେ 'ଆମ ବସ୍' ସେବାର କଳେବର ବୃଦ୍ଧି ପାଇବା ସହିତ ସହରାଞ୍ଚଳରେ ଏହା ଅଧିକରୁ ଅଧିକ ଲୋକଙ୍କୁ ସେବା ଯୋଗାଇବ। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଆମ ବସ୍ ଓଡ଼ିଶାରେ ସାଧାରଣ ପରିବହନର ସଂଜ୍ଞା ବଦଳାଇ ଦେଇଛି। ସରକାର ପରିବହନ କ୍ଷେତ୍ରରେ ସଂଯୋଗୀକରଣ ବୃଦ୍ଧି କରିବା ସହ ଭବିଷ୍ୟତ ପାଇଁ ଏକ ସ୍ୱଚ୍ଛ ଓ ସବୁଜ ସହର ନିର୍ମାଣ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଦ୍ୱାରା ପରିଚାଳିତ ଆମ ବସ୍ ସେବା ଏବେ ଦୈନିକ ୩ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ପରିବହନ କରୁଛି। ଆମ ବସ୍‌ରେ ଯାତାୟାତ କରୁଥିବା ଯାତ୍ରୀଙ୍କ ମଧ୍ୟରୁ ପ୍ରାୟ ୪୦ପ୍ରତିଶତ ଡିଜିଟାଲ ମାଧ୍ୟମରେ ଦେୟ ପ୍ରଦାନ କରୁଛନ୍ତି, ଯାହା ସରକାରଙ୍କ ଡିଜିଟାଲ ଇଣ୍ଡିଆକୁ ଅଧିକ ସୁଦୃଢ଼ କରୁଛି। ସେହିଭଳି ଯାତ୍ରୀମାନଙ୍କୁ ଘରୁ ବସ୍‌ଷ୍ଟାଣ୍ଡ ଏବଂ ବସ୍‌ଷ୍ଟାଣ୍ଡରୁ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ପରିବହନ ସେବା ଯୋଗାଇବା ପାଇଁ ଆମ ଇ-ରାଇଡ୍ ସେବାକୁ ଅଧିକ ସୁଦୃଢ଼ କରାଯାଉଛି।

# ଧାରଣାରେ ବସିଲେ କନିଷ୍ଠ ସ୍କିମାଟିକ୍ ଶିକ୍ଷକ




ଲୋୟର ପିଏମ୍‌ଜିରେ କନିଷ୍ଠ ଶିକ୍ଷକମାନେ ଧାରଣାରେ ବସିଛନ୍ତି।

ଭୁବନେଶ୍ୱର,୨୩।୨(ସୁଚିସ୍ମିତା ସାହୁ)

### ବିଚାରକରି ପଦକ୍ଷେପ ନିଆଯିବ କହିଲେ ଗଣଶିକ୍ଷା ସଚିବ

ଆଶାୟୀ କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କ ନିଯୁକ୍ତିକୁ ନେଇ ଅସନ୍ତୋଷ ଥମିବା ନାଁ ଧରୁନି। ୨୦୨୪ ଅକ୍ଟୋବରରେ ପ୍ରାୟ ୧୩ ହଜାରରୁ ଅଧିକ ଶିକ୍ଷକ ପଦବୀରେ ନିଯୁକ୍ତି ଦିଆଯାଇଥିବାବେଳେ ଏବେବି ୬୬୬୯ ପଦ ଖାଲି ରହିଛି। ଏସବୁ ପଦରେ ଆଶାୟୀ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ରାଜ୍ୟ ସରକାର ତାହାକୁ ପାଳନ କରୁନାହାନ୍ତି। ପ୍ରତିବାଦରେ ସୋମବାର ଆଶାୟୀ କନିଷ୍ଠ ଶିକ୍ଷକମାନେ ଗାନ୍ଧୀମାର୍ଗରେ ଧାରଣା ଦେବା ସହ ଦ୍ୱିତୀୟ ମେରିଟ୍ ଲିଷ୍ଟ ବାହାର କରି ତୁରନ୍ତ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ଆନ୍ଦୋଳନକାରୀଙ୍କ କହିବା କଥା ଖାଲି ରହିଥିବା କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପଦରେ ନିଯୁକ୍ତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଗଣଶିକ୍ଷା ବିଭାଗ ପାଳନ କରୁନାହିଁ। ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ସପରିବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଆନ୍ଦୋଳନକାରୀଙ୍କ ସହ ଗଣଶିକ୍ଷା ବିଭାଗ ସଚିବ ଏନ୍ ଥିରୁମାଳା ନାଏକ ଆଲୋଚନା କରିଥିଲେ। ଏନେଇ ଏକ କମିଟି ଗଠନ କରି ଦାବି ଓ କୋର୍ଟଙ୍କ ରାୟକୁ ବିଚାର କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ଧାରଣାରତ ଆଶାୟୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ତ୍ରୀଙ୍କ ନଗ୍ନ ଫଟୋ, ଭିଡିଓ ସୋସିଆଲ ମିଡିଆରେ ଭାଇରାଲ

ଭୁବନେଶ୍ୱର,୨୩।୨(ତ୍ରିନାଥ ମହାନ୍ତି)

### ମହିଳାଙ୍କ ସ୍ୱାମୀଙ୍କୁ ପଚରାଉଚରା

ସ୍ତ୍ରୀଙ୍କ ଫଟୋକୁ ଏଡିଟ୍ କରି ସୋସିଆଲ ମିଡିଆରେ ଭାଇରାଲ କରିବା ଘଟଣାରେ ଭରତପୁର ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଉଭୟ ସ୍ତ୍ରୀସ୍ୱାମୀଙ୍କ ମୋବାଇଲ୍ ଫୋନ୍ ଜବତ କରି ପୋଲିସ ତଦନ୍ତ କରୁଛି। ୨ ମୋବାଇଲ୍‌କୁ ପୋଲିସ ଫୋରେନ୍‌ସିକ୍ ଲାବ୍‌କୁ ପଠାଇଛି। ଫଟୋ ଏବଂ ଭିଡିଓ ଭାଇରାଲର ରିପୋର୍ଟ ଆସିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବ ବୋଲି କହିଛି।

ସ୍ୱାମୀଙ୍କ ଘର ଆଠଗଡ଼ ତିଗିରିଆରେ ହୋଇଥିବାବେଳେ ସ୍ତ୍ରୀଙ୍କ ଘର ନୟାଗଡ଼ରେ। ଉଭୟ ଭଲ ପାଇ ପ୍ରେମ ବିବାହ କରିବା ପରେ ଭରତପୁର ଥାନା ଅଞ୍ଚଳରେ ରହୁଥିଲେ। ହେଲେ ଶ୍ୱଶୁର ଘର ଲୋକ ଗାଡ଼ି ଏବଂ ସୁନା ଆଣିବା ପାଇଁ ବାଧ କରି ଯୌତୁକ ନିର୍ଯାତନା ଦେଇଥିବା ନେଇ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଯେଉଁଥିପାଇଁ ଉଭୟଙ୍କ ଭିତରେ ନ ପଡ଼ିବାରୁ ସେମାନେ ଅଲଗା ରହୁଥିଲେ। ହେଲେ ଗତ ଜାନୁଆରୀରେ ସ୍ତ୍ରୀଙ୍କ ଏକ ନଗ୍ନ ଫଟୋ ଏବଂ ଭିଡିଓ ଭାଇରାଲ ହୋଇଥିଲା। ଏନେଇ ଥାନାରେ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ସୋମବାର ପୋଲିସ ସନ୍ଦେହରେ ମହିଳାଙ୍କ ସ୍ୱାମୀଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲା। ହେଲେ ସେ ଭାଇରାଲ କରି ନ ଥିବା କହିବା ପରେ ପୋଲିସ ମୋବାଇଲ୍ ଜବତ କରି ତାଙ୍କୁ ଛାଡ଼ି ଦେଇଛି। ମୋବାଇଲ୍ ଯାଞ୍ଚ ରିପୋର୍ଟ ଆସିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭରତପୁର ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି। ଅନ୍ୟପଟରେ ମହିଳା ଜଣଙ୍କ ପୋଲିସ ଉପରେ ଦୋଷ ଦେଇଛନ୍ତି। ସ୍ୱାମୀ ଗାଁରେ ଜଣେ ଯୁବତୀଙ୍କୁ ଭଲ ପାଉଛନ୍ତି। ଭୁବନେଶ୍ୱରରେ ଚାକିରି କରିବା ପରେ ଉକ୍ତ ଯୁବତୀଙ୍କୁ ଆଣି ବୁଲୁଛନ୍ତି। ଥାନାରେ ସେ ଅଭିଯୋଗ କରିବାରୁ ତାଙ୍କୁ ବାହା ହୋଇ ପାରୁନାହାନ୍ତି। ତେଣୁ ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ କିଛି ହାତଗୁଞ୍ଜା ନେଇ ଅଭିଯୁକ୍ତ ସ୍ୱାମୀଙ୍କୁ ଜାଣିଶୁଣି ଛାଡ଼ି ଦେଇଥିବା ମହିଳା ଅଭିଯୋଗ କରିଛନ୍ତି।

# ଅଠାନ୍ତରରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ

ବାଲିପାଟଣା,୨୩।୨(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ଅଠାନ୍ତର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ୍ ୨୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦ଟି, ଗୋଟିଏ ରାଶନ କାର୍ଡ ଏବଂ ଅନ୍ୟ ଗୋଟିଏ ବାର୍ଦ୍ଧକ୍ୟ ଭତ୍ତା ଅଭିଯୋଗ ରହିଥିଲା। ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ସରପଞ୍ଚ ଅଜିତ ମହାନ୍ତି, ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ସୁଚିତ୍ରା ସେନଙ୍କ ସମେତ ବିଭିନ୍ନ ଲାଇନ ବିଭାଗ ଅଧିକାରୀମାନେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ।

# କୋର୍ଟ ସମ୍ମୁଖରେ ମହିଳାଙ୍କ ଉପରେ ଚଢ଼ିଗଲା ଇନୋଭା

ଭୁବନେଶ୍ୱର,୨୩।୨(ତ୍ରିନାଥ ମହାନ୍ତି)

### ସ୍ୱାମୀଙ୍କ ଆଗରେ ଚାଲିଗଲା ସ୍ତ୍ରୀଙ୍କ ଜୀବନ

ରାଜଧାନୀରେ ପୁଣି ଏକ ହିଟ୍ ଆଣ୍ଡ ରନ୍ ଘଟଣା ଦେଖିବାକୁ ମିଳିଛି। ଭୁବନେଶ୍ୱର କୋର୍ଟ ସମ୍ମୁଖରେ ଦ୍ରୁତ ଗତିରେ ଆସୁଥିବା ଏକ ଇନୋଭା କାର୍ ଜଣେ ମହିଳାଙ୍କ ଉପରେ ଚଢ଼ି ଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକହେଲେ ବଡ଼ଗଡ଼ ଥାନା ଅଞ୍ଚଳର ବବିତା ମହାନ୍ତି (୩୨)। ସ୍ୱାମୀ ମନୋଜ କୁମାର ଦାସଙ୍କ ଆଖି ଆଗରେ ବବିତା ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ଘଟାଇ ଇନୋଭା ଚାଳକ ଫେରାର ହୋଇଯାଇଥିଲେ। ଏନେଇ ମନୋଜଙ୍କ ପକ୍ଷରୁ ବଡ଼ଗଡ଼ ଥାନାରେ ଏତଲା ଦିଆଯାଇଛି । ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ କରୁଛି।

ଦମ୍ପତି ମନୋଜ ଓ ବବିତା ସୋମବାର କୌଣସି ଏକ ମାମଲା କାର୍ଯ୍ୟରେ କୋର୍ଟକୁ ଆସୁଥିଲେ। ଲୁଇସ୍ ରୋଡ ପାର୍ଶ୍ୱରେ ସେମାନେ ବାଇକ୍ ରଖି ଉଭୟେ କୋର୍ଟ ପାର୍ଶ୍ୱକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଇନୋଭାଟି କଳ୍ପନା ଛକ ପଟୁ ଦ୍ରୁତଗତିରେ ମାଡ଼ି ଆସି ବବିତାଙ୍କୁ ଧକ୍କା ଦେଇଥିଲା। ବବିତା ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଉପରେ ଇନୋଭା ଚକା ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକେ କାର୍‌କୁ କାବୁ କରିବାକୁ ଚେଷ୍ଟା କରିବା ବେଳକୁ ଚାଳକ ଦ୍ରୁତଗତିରେ ଗାଡ଼ି ନେଇ ରବି ଟକିଜ୍ ଆଡ଼କୁ ଚାଲିଯାଇଥିଲେ। ଗୁରୁତର ଅବସ୍ଥାରେ ବବିତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର



ମହିଳାମାନେ ଅଭିଯୋଗ ପଞ୍ଜୀକରଣ କରୁଛନ୍ତି।

ବାରଙ୍ଗ,୨୩।୨(ଲିଙ୍ଗରାଜ ରାଉତ)

କୁହ୍ନେଇଁପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସରପଞ୍ଚ ରୀତାଞ୍ଜଳି ସାମଲ, ସମିତି ସଭ୍ୟା ପ୍ରାଚୀନା ଦାସ, ତହସିଲଦାର ଡ. ତୁଷାର ଜ୍ୟୋତି ରଞ୍ଜନ, ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୀପାବାଳା ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ରଙ୍କ ସହିତ ବାରଙ୍ଗ ବ୍ଲକ ପ୍ରଶାସନ ଅଧୀନ ସମସ୍ତ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ପଞ୍ଚାୟତ ଅଧୀନ ଗ୍ରାମଗୁଡ଼ିକ ମଧ୍ୟରୁ ସର୍ବମୋଟ ୮୨ ଗୋଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ଏହା ସହିତ ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ସଞ୍ଜା ସାଗରିକା ସ୍ୱାଇଁ, ବିଏସ୍‌ଓ ସ୍ମିତରାଣୀ ସାହୁ, ଜିପିଡିଓ ପ୍ରଜ୍ଞା ସାଗରିକା ନନ୍ଦ, ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା, ସାମରିକ ମଙ୍ଗଳ ଅଧିକାରୀ ହରପ୍ରିୟା ସାମଲ, ବିପିସି ମମତା ନାୟକ, ଯୋଗାଣ ଅଧିକାରୀ ଜୟନ୍ତୀ ହରିଚନ୍ଦନ, ବିପିଏମ୍ ସ୍ମିତା ରେଖା ମହାନ୍ତି, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସୂର୍ଯ୍ୟ ପ୍ରକାଶ ବେଉରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଶ୍ୱକେତନ ସାମଲ, ଭବାନୀ ଶଙ୍କର ସାହୁ, ସୁଜ୍ଞାନୀ ପତି, ଏଡିଇଓ ମଧୁସ୍ମିତା ବେଉରା, ଅନୁରାଧା ମହାରଣା ପିଏ ଶାରଦା ପ୍ରସନ୍ନ ଦାସ, ପବିତ୍ର ମୂଳିଆ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ।

# ପଟିଆଗଡ ଶିରିଡି ସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ଭୁବନେଶ୍ୱର,୨୩।୨ (ସୌମ୍ୟରଞ୍ଜନ ରାଉତ)

ପଟିଆଗଡ ଶିରିଡି ସାଇ ମନ୍ଦିରର ୧୪ତମ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ଧରି ଚାଲିଥିବା ଏହି ଧାର୍ମିକ ଉତ୍ସବରେ ଶୁକ୍ରବାର ଅଙ୍କୁରାରୋପଣ, ନବବ୍ୟୂହ ପୂଜା, ମଣ୍ଡଳ କରଣ ପରେ ଶନିବାର ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇ ସୂର୍ଯ୍ୟପୂଜା, ଶାଳା ପ୍ରବେଶ, ଦେବ ଆବାହନ ଓ ଅଗ୍ନି ସ୍ଥାପନ କରାଯାଇଥିଲା। ରବିବାର ସୂର୍ଯ୍ୟପୂଜା, ଗୋ ପୂଜା, ଶାଳା ପୂଜା ସାଇନାଥଙ୍କ ପାଞ୍ଚାମୃତ ମହାସ୍ନାନ ଓ ସହସ୍ରାର୍ଚ୍ଚନ ଘୃତାହୁତି, ସୋମବାର ଯଥା ବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପୂର୍ବକ ସାଇନାଥଙ୍କ ୧୦୦୮ ନାମ ମୂଳମନ୍ତ୍ରରେ ଘୃତାହୁତି, ପୂର୍ଣ୍ଣାହୂତି, ଆଳତି, ପୁଷ୍ପାଞ୍ଜଳି ଏବଂ ଶାନ୍ତିପାଠ ହେବା ସହିତ ସାଇ ପାଲିଙ୍କି ମେଳଣ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ୧୨ଟି ମନ୍ଦିରରୁ ପାଲିଙ୍କି ବାହାରି ପଟିଆ ଗାଁମୁଣ୍ଡରୁ ଶୋଭାଯାତ୍ରା କରି ସାଇ ମନ୍ଦିର ନିକଟରେ ପହଞ୍ଚିଥିଲେ। ମନ୍ଦିର କମିଟି ପକ୍ଷରୁ ସମସ୍ତ ପାଲିଙ୍କିକୁ ସ୍ୱାଗତ କରାଯାଇ ପୂଜାର୍ଚ୍ଚନା ପରେ କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ସମେତ ବହୁ ବ୍ୟକ୍ତି, ରାଜନେତା ଓ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଯୋଗଦେଇ ସାଇନାଥଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ନେଇଥିଲେ।

## ଫଟୋରେ ଖବର




ଜୀବନ ବୀମା ସହ ବିଭିନ୍ନ ଦାବିରେ ଅଲ୍ ଓଡ଼ିଶା ଭିଆର୍‌ପି ଆସୋସିଏଶନର ବିକ୍ଷୋଭ ଶୋଭାଯାତ୍ରା।




ମାସକୁ ୨୬ହଜାର ଟଙ୍କା, ସରକାରୀ ମାନ୍ୟତା ଆଦି ୫ ଦଫା ଦାବିରେ ଅଲ୍ ଓଡ଼ିଶା ଆଶା ସାଥୀ ଆସୋସିଏଶନ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା।




ସ୍ଥାୟୀ ନିଯୁକ୍ତି ସମେତ ୫ ଦଫା ଦାବି ନେଇ ଗୋମିତ୍ର ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ: ମନୋରଞ୍ଜନ ମିଶ୍ର)

**ଶୋଚନୀୟ ଅବସ୍ଥାରେ ବିଦ୍ୟାଳୟ ପରିଶ୍ରାଗାର**

କଟକ ସଦର,(ସୁଶାନ୍ତ କୁମାର ଜେନା):୪୨ ମୌଜା ଅନ୍ତର୍ଗତ ବେଣ୍ଟକାର ନୋଡାଲ ଉଚ୍ଚ ବିଦ୍ୟାଳୟକୁ ପିଏମଶ୍ରୀ ମାନ୍ୟତା ମିଳିଛି। ଉକ୍ତ ବିଦ୍ୟାଳୟର ପରିଶ୍ରାଗାର ଓ ପାଇଖାନା ମୁଖ୍ୟ ସମସ୍ୟା ରହିଛି। ଉଭୟ ବାଳିକା ଓ ବାଳକମାନଙ୍କ ପାଇଁ ୩ଟି ଲେଖାଏ ପାଇଖାନା ରହିଛି। ଏହା ଶୋଚନୀୟ ଅବସ୍ଥାରେ ରହିଛି। ପିଲା ସଂଖ୍ୟା ଦୃଷ୍ଟିରୁ ଏହା ପର୍ଯ୍ୟାପ୍ତ ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପାଇଖାନାର କବାଟ ଭାଙ୍ଗି ପଡ଼ିଥିବାରୁ ବାଳିକାମାନେ ବ୍ୟବହାର କରି ପାରୁନାହାନ୍ତି। ସମୟ ସମୟରେ ପାଣି ସମସ୍ୟା ଯୋଗୁ ପରିଶ୍ରାଗାର ଦୁର୍ଗନ୍ଧରେ ନାକ ଫାଟି ପଡୁଛି ବୋଲି ପିଲାଙ୍କ ମଧ୍ୟରେ ଆଲୋଚନା ହେଉଛି। ଉନ୍ନତମାନର ପାଇଖାନା ଓ ପରିଶ୍ରାଗାର ନିର୍ମାଣ ପାଇଁ ଜନପ୍ରତିନିଧିମାନେ ଉଦ୍ୟମ କରିବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି।

# 'ହାତୀ, ଜନସାଧାରଣଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ'



କୃଷି ଭବନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ବିଧାୟକ, ଜିଲାପାଳ ଏବଂ ଅନ୍ୟମାନେ।

## ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନଙ୍କ କଟକ ଗସ୍ତ

- ପ୍ରମୋଦ ଉଦ୍ୟାନ ଉନ୍ନତୀକରଣ ସହ ପର୍ଯ୍ୟଟନର ବିକାଶ ସମୀକ୍ଷା
- ୨ଟି ନୂତନ ୩୩/୧୧ କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନ ଉଦ୍‌ଘାଟିତ
- ଜଗତପୁରସ୍ଥିତ କୃଷି ଭବନ ଉଦ୍‌ଘାଟିତ

କଟକ/ମଙ୍ଗୁଳି-ଜଗତପୁର/ ଚୌଦ୍ୱାର, ୨୩।୨ (କାର୍ତ୍ତିକ ସାହୁ/ମାନସ ସାମଲ/ଆଶୁତୋଷ ଦାସ)

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସୋମବାର କଟକ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ସିଂଦେଓ ଅପରାହ୍ନରେ ଟାଙ୍ଗୀସ୍ଥିତ ୧୧୦୦ ଏକର ପରିମିତ ଅଞ୍ଚଳର ପ୍ରମୋଦ ଉଦ୍ୟାନ ପରିଦର୍ଶନ କରିଥିଲେ। ସେଠାକାର ମୃତ୍ତିକା ପରୀକ୍ଷଣ ଓ ସଂରକ୍ଷଣ ସହ ନୂତନ କୌଶଳ ପ୍ରୟୋଗ କରାଯାଇ ଉଦ୍ୟାନର ଉନ୍ନତୀକରଣ କରାଯିବା ନେଇ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ। ପର୍ଯ୍ୟଟନସ୍ଥଳୀ ଭାବେ ଉଦ୍ୟାନର ସମଗ୍ର ବିକାଶ ସହ ଅଞ୍ଚଳର ଆର୍ଥିକ ବିକାଶ ନିମନ୍ତେ ସେ ବିସ୍ତୃତ ଆଲୋଚନା ହୋଇଥିଲା। ହାତୀମାନଙ୍କ କବଳରୁ ଉଦ୍ୟାନର ସୁରକ୍ଷା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଆଲୋଚନା କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ପ୍ରମୁଖ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ୱାଗତ ଭାଷଣ ଦେଇଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗର ନିର୍ଦ୍ଦେଶକ ସୁବ୍ରତ ପଣ୍ଡା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, କୃଷି ଓ କୃଷକ ସଶକ୍ତୀକରଣ ନିର୍ଦ୍ଦେଶକ ଶୁଭମ ସକସେନା, ଅଭିନେତା ଅରିନ୍ଦମ ରାୟଙ୍କ ସମେତ ଜିଲା ପରିଷଦ ଓ ଗ୍ରାମ ପଞ୍ଚାୟତ ସଦସ୍ୟମାନେ ଅଞ୍ଚଳର ବିକାଶ ଉପରେ ମତ ରଖିଥିଲେ। ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ବିଶ୍ୱନାହାକାଣୀଠାରେ ୧୪.୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ସରକାରଙ୍କ ୩୩/୧୧ କେଭି ବିଶ୍ୱନାହାକାଣୀ ପ୍ରାଥମିକ ସବ୍‌ଷ୍ଟେଶନ ଓ ମଙ୍ଗୁଳିଠାରେ ୧୬.୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୩୩/୧୧ କେଭି ମଙ୍ଗୁଳି ପ୍ରାଥମିକ ସବ୍‌ଷ୍ଟେଶନ ଉଦ୍‌ଘାଟନ କରିଥିଲେ। ସମୟ ଅନୁସାରେ ଏହି ପ୍ରକଳ୍ପ ଶେଷ କରାଯାଇଥିବାରୁ ଉପମୁଖ୍ୟମନ୍ତ୍ରୀ ସିଂଦେଓ ସନ୍ତୋଷ ବ୍ୟକ୍ତ କରି କହିଲେ, ଏହି ୨ଟି ସବ୍‌ଷ୍ଟେଶନର ସ୍ଥାପନ ଦ୍ୱାରା ଦୀର୍ଘଦିନର ଲୋ ଭୋଲ୍‌ଟେଜ୍ ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ହେବା ସହ ସ୍ଥାନୀୟ ଲୋକମାନଙ୍କ ପାଇଁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ସରବରାହ ସୁନିଶ୍ଚିତ ହେବ। ଏହାଦ୍ୱାରା ୧୦ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୪୬ଟି ଗ୍ରାମର ପ୍ରାୟ ୧୮୦୦୦ରୁ ଅଧିକ ଉପଭୋକ୍ତା ଉପକୃତ ହେବେ ବୋଲି ଟିପିସିଓଡିଏଲ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସିଇଓ ଅରବିନ୍ଦ ସିଂ, ସିଓଓ ଦୁଶ୍ୟନ୍ତ ତ୍ୟାଗୀ, ପ୍ରକଳ୍ପ ମୁଖ୍ୟ ସୌରଭ ବିଶ୍ୱାସ ଏବଂ ବସନ୍ତ ତରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଜଗତପୁରସ୍ଥିତ କୃଷି ଭବନ ଉଦ୍‌ଘାଟନ କରି ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଚାଷ କାର୍ଯ୍ୟ ଓ ଚାଷୀମାନଙ୍କ ସମସ୍ୟା ସମାଧାନ କରାଯାଇ କୃଷିକ୍ଷେତ୍ରରେ ଓଡ଼ିଶାକୁ ବଳକା ରାଜ୍ୟ ଭାବେ ପରିଗଣିତ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଥିଲେ। ଏହି ଅବସରରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଓ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ କୃଷି ଭବନରେ ଜିଲାରେ କୃଷି କ୍ଷେତ୍ରରେ ଉନ୍ନତି ନିମନ୍ତେ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ ବୋଲି କହିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସଭାରେ ଅଧ୍ୟକ୍ଷତା କରିଥିଲେ। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀଙ୍କ ସମେତ କୃଷି ଓ କୃଷକ ସଶକ୍ତୀକରଣ ନିର୍ଦ୍ଦେଶକ ଶୁଭମ ସକ୍ସେନା ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ନିର୍ଦ୍ଦେଶକ ସୁବ୍ରତ ପଣ୍ଡା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ଭାଜପା-ବିଜେଡି କର୍ମୀ ହାତାହାତି

ମଙ୍ଗୁଳି-ଜଗତପୁର,୨୩।୨(ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ବିଶ୍ୱନାହାକାଣୀଠାରେ ଓଡିଶା ସରକାରଙ୍କ ଯୋଜନା ଅନ୍ତର୍ଗତ ୩୩/୧୧କେଭି ପ୍ରାଇମେରି ସବ୍‌ଷ୍ଟେଶନ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମଞ୍ଚରେ ଭାଷଣ ଦେଉଥିବା ବେଳେ ବିଜେଡିର ଜଣେ କର୍ମୀ ଓଡ଼ିଆରେ ଭାଷଣ ଦେବାକୁ କହିଥିଲେ। ସେହି ସମୟ ଉପସ୍ଥିତ ଭାଜପା କର୍ମୀ ସମ୍ପୃକ୍ତ ଯୁବକଙ୍କୁ ଧକ୍କା ମାରି ସଭାସ୍ଥଳରୁ ବାହାର କରିଦେଇଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ କାବୁ କରି ପିସିଆର ଭ୍ୟାନ ନେଉଥିବା ବେଳେ ଉପମୁଖ୍ୟମନ୍ତ୍ରୀ ତାଙ୍କୁ ଛାଡିଦିଅ, ସେ ବୋଧେ ମୋ ଓଡ଼ିଆ କହିବାଶୈଳୀକୁ ବୁଝିପାରୁନି। ପୁନଶ୍ଚ କାର୍ଯ୍ୟକ୍ରମସ୍ଥଳରେ ବିଜେଡିର କେତେଜଣ ଯୁବକ ଧକ୍କା ମାରିଥିବା ଭାଜପା କର୍ମୀଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ହାତାହାତି ହୋଇଥିବା ଦେଖିବାକୁ ମିଳିଥିଲା।



## ଆଲୋଚନା ବିଫଳ, ଧାରଣା ଜାରି

### ୬ ଦିନ ହେଲା ପଞ୍ଚାୟତ ଲୋକ ପ୍ରତିନିଧିଙ୍କ ଧାରଣା

କଣ୍ଟାପଡ଼ା,୨୩।୨(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ସମ୍ମୁଖରେ ପଞ୍ଚାୟତ ଲୋକ ପ୍ରତିନିଧିମାନେ ୧୧ ଦଫା ଦାବି ନେଇ ଗତ ୧୮ ତାରିଖଠାରୁ ଦେଇଥିବା ଧାରଣା ସୋମବାର ୬ ଦିନରେ ପହଞ୍ଚିଛି। ତେବେ କଟକ ଜିଲା ଅତିରିକ୍ତ ପ୍ରଶାସନିକ ପ୍ରକଳ୍ପ ନିର୍ଦ୍ଦେଶକ ବନ୍ଦିତା ଖଟୁଆ ସୋମବାର ପହଞ୍ଚି ଆନ୍ଦୋଳନକାରୀ ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମାଧାନର କୌଣସି ସୂତ୍ର ବହାରିପାରିନାହିଁ। ଆନ୍ଦୋଳନରେ ଶାସକ ଦଳର ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୀନା ଭୋଇ, ସମିତି ଉପାଧ୍ୟକ୍ଷ ଯତୀନ୍ଦ୍ର ବରାଳ, ୮ ନଂ. ଜୋନ ଜିଲା ପରିଷଦ ସଭ୍ୟ ପୀୟୂଷ ରଞ୍ଜନ ମିଶ୍ର ଓ ୯ ନଂ. ଜୋନ ଜିଲା ପରିଷଦ ସଭ୍ୟା କ୍ରିଷ୍ଣାରାଣୀ ବେହେରାଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଶାସକ ଓ ବିରୋଧୀ ଗୋଷ୍ଠୀର ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଅଡିବସିଛନ୍ତି। ଖବରରୁ ପ୍ରକାଶ ଗତ ୨୪।୧୨।୨୦୨୫ ତାରିଖରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ବିଡିଓ ଅଣଦେଖା କରୁଛନ୍ତି ବୋଲି ସମିତି ସଭ୍ୟାସଭ୍ୟମାନେ ଅଭିଯୋଗ କରିଆସୁଥିଲେ। ଗତ ୧୦ ତାରିଖରେ ପଞ୍ଚାୟତ ସମିତି ସଭ୍ୟାସଭ୍ୟମାନେ ବିଡିଓ ସ୍ୱପ୍ନିତା ନାୟକଙ୍କୁ ଭେଟି ପଞ୍ଚାୟତ ସମିତି ନିଷ୍ପତ୍ତି ଅନୁଯାୟୀ ପଡିରହିଥିବା ଉନ୍ନୟନ ମୂଳକ କାମ ତୁରନ୍ତ ଆରମ୍ଭ କରା ନ ଗଲେ ଧାରଣା ପାଇଁ ଚେତାବନୀ ଦେଇଥିଲେ। ଅପରପକ୍ଷେ ସୋମବାର ଅପରାହ୍ନରେ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ଗାଇଡଲାଇନ ଅନୁଯାୟୀ ବିଭିନ୍ନ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ଜାରି ରହିଛି ବୋଲି ବିଡିଓ ନାୟକ ସୂଚନା ଦେଇଛନ୍ତି।

## ଅସ୍ଥିଶଲ୍ୟ କୋଠାର ୬ ନୂତନ କ୍ୟାବିନ ଉଦ୍‌ଘାଟିତ

କଟକ,୨୩।୨(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ନୂତନ ଅସ୍ଥିଶଲ୍ୟ କୋଠାର ୫ମ ମହଲାରେ ସୋମବାର ୬ଟି ନୂତନ କ୍ୟାବିନ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ପ୍ରଶାସନିକ ଅଧିକାରୀ ସୁବାସ ଚନ୍ଦ୍ର ରାଏ, ଅର୍ଥ ଅଧିକାରୀ ମାନସ ପାତ୍ର, ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ଡା. ନିର୍ମଳ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ ଯୋଗଦେଇଥିଲେ। ତେବେ ଅସ୍ଥିଶଲ୍ୟ ବିଭାଗରେ ରୋଗୀସଂଖ୍ୟା ବୃଦ୍ଧି ପାଉଥିବାରୁ ଏହି ନୂତନ କ୍ୟାବିନଗୁଡ଼ିକ ରୋଗୀମାନଙ୍କୁ ଉତ୍ତମ ସେବା ଓ ସୁବିଧା ଯୋଗାଇବ। ଏହାସହ ନୂତନ ସୁବିଧା ସହିତ ରୋଗୀମାନେ ଅଧିକ ସୁବିଧାଜନକ ଓ ଆରାମଦାୟକ ପରିବେଶରେ ଚିକିତ୍ସା ପାଇପାରିବେ ଏବଂ ରୋଗୀ ସେବାରମାନକୁ ଆହୁରି ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଦେହରେ ନିଆଁ ଲଗାଇ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

କଟକ,୨୩।୨(କାର୍ତ୍ତିକ ସାହୁ)

ଦୋଳମୁଣ୍ଡାଇ ଅଞ୍ଚଳରେ ଜଣେ ଯୁବତୀ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଯୁବତୀ ଜଣକ ହେଉଛନ୍ତି ଲକ୍ଷ୍ମୀପ୍ରିୟା ଘୋଷ(୨୨)। ସୂଚନା ଅନୁସାରେ, ଦୋଳମୁଣ୍ଡାଇ ଦାସ ସାହିର ଲକ୍ଷ୍ମୀପ୍ରିୟା ସୋମବାର ଘରେ ଏକୁଟିଆ ଥିଲେ। ତାଙ୍କ ମା'ବାପା କୌଣସି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିହାର ଯାଉଥିଲେ। ତେଣୁ ତାଙ୍କ ଭାଇ ମା'ବାପାଙ୍କୁ ଷ୍ଟେଶନରେ ଛାଡ଼ିବାକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୪ଟା ୪୫ରେ ସମୟରେ ଲକ୍ଷ୍ମୀପ୍ରିୟା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବର ପାଇ ବକ୍ସିବଜାର ଅଗ୍ନିଶମ ବାହିନୀ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି ମେଡିକାଲକୁ ନିଆଯାଇଥିଲା। ଅଗ୍ନିକାଣ୍ଡ ଘଟିଥିବା ଅଞ୍ଚଳରେ କିରାସିନ ଗନ୍ଧ ଆସୁଥିଲା। ତାଙ୍କ ମା'ବାପା ଖବର ପାଇ ଡାକ୍ତରଖାନାରେ ପହଞ୍ଚିଛନ୍ତି। ଆତ୍ମହତ୍ୟା ଉଦ୍ୟମର କାରଣ ଜଣାପଡ଼ିନାହିଁ। ତେବେ ସେ ବହୁ ସମୟରେ ଚୁପଚାପ ରହୁଥିବା ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିବା ବାଦାମବାଡ଼ି ଥାନା ଆଇଆଇସି ଅଜୟ ରାଉଳ କହିଛନ୍ତି।

### କନ୍ଦରପୁର ବଜାର ରାସ୍ତାରେ ଆଲୋକ ବ୍ୟବସ୍ଥା ନାହିଁ



କଟକ ସଦର,୨୩।୨(ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ରାସ୍ତାର ପ୍ରମୁଖ ବଜାର ମଧ୍ୟରେ କନ୍ଦରପୁର ଅଟେ। ଏହା ବଜାର ବାଟେ ଜଗତ୍‌ସିଂହପୁର ସଦର ମହକୁମା ଓ ପାରାଦୀପ ବନ୍ଦରାଞ୍ଚଳ ଯାତାୟାତ କରିବାକୁ ପଡେ। ଜାତୀୟ ରାଜପଥ ନଂ. ୫୫ ଓ ରାଜ୍ୟ ରାଜପଥ ୧୨ ମଧ୍ୟଭାଗରେ ଏହି ବଜାର ରହିଥିଲେ ସୁଦ୍ଧା ସନ୍ଧ୍ୟା ହେବା ମାତ୍ରେ ଅନ୍ଧାର ହୋଇଯାଉଛି। କେବଳ ଦୋକାନ ଆଲୋକରେ ବଜାର ଆଲୋକିତ ହୋଇଥାଏ। ଏହି ବଜାରରେ ଉଜ୍ଜ୍ୱଳ ଆଲୋକ ଲଗାଇବା ପାଇଁ କଂକ୍ରିଟ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହୋଇଥିବା ଦେଖାଯାଉଛି। ମାତ୍ର ଆଲୋକ ଲାଗି ପାରୁନାହିଁ। ଫଳରେ ବ୍ୟବସାୟୀମାନଙ୍କ ପକ୍ଷରୁ ଜନପ୍ରତିନିଧିମାନଙ୍କୁ ଅନୁରୋଧ କରାଯାଇଥିଲେ ସୁଦ୍ଧା କୌଣସି ଫଳ ମିଳିପାରୁନାହିଁ। ରାସ୍ତା ଆଲୋକୀକରଣ ପାଇଁ କଟକ ସଦର ବିଧାୟକ ଓ କଟକ ଏମ୍‌ପି ଦୃଷ୍ଟି ଦେବା ପାଇଁ ବ୍ୟବସାୟୀମାନେ ଅନୁରୋଧ କରିଛନ୍ତି।

## ୨୫ରେ ରଘୁନାଥଜୀଉରେ ଜିଲାସ୍ତରୀୟ ପ୍ରତିଯୋଗିତା

### ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ

କଟକ,୨୩।୨(କାର୍ତ୍ତିକ ସାହୁ)

ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଏକ ଯୁଗାନ୍ତକାରୀ ପଦକ୍ଷେପ। ଯୁବବର୍ଗଙ୍କୁ ଭାରତର ବିକାଶରେ ସାମିଲ କରିବା, ସେମାନଙ୍କୁ ସେମାନଙ୍କ ମତ ରଖିବାର ସୁଯୋଗ ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏଥିରେ ଭାଗ ନେବା ପାଇଁ ୧୮ରୁ ୨୫ ବର୍ଷ ବୟସ ମଧ୍ୟରେ କୌଣସି ଯୁବତୀଯୁବକ ଅନଲାଇନ ମାଧ୍ୟମରେ ଚଳିତ ୨୪ ତାରିଖ ୧୨ଟା ମଧ୍ୟରେ ମାଇଁ ଭାରତ ପୋର୍ଟାଲରେ ନିଜ ନାମ ପଞ୍ଜୀକରଣ କରିପାରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରୁ ୨୦୦ଜଣ ଯୋଗ୍ୟ ପ୍ରତିଯୋଗୀଙ୍କୁ ୨୫ ତାରିଖରେ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ହେଉଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରିତ କରାଯିବ। ବିଷୟବସ୍ତୁ ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା। ଏଥିରେ ପିଲାମାନେ ଓଡ଼ିଆ, ଇଂଲିଶ ବା ହିନ୍ଦୀରେ ତିନି ମିନିଟ ଅବଧି ମଧ୍ୟରେ ପାଞ୍ଚଜଣିଆ ବିଚାରକମାନଙ୍କ ଆଗରେ ସେମାନଙ୍କ ଅଭିମତ ରଖିବେ। ବିଚାରକ ମଣ୍ଡଳୀ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ରାଜ୍ୟ ପ୍ରତିଯୋଗିତା ପାଇଁ ପ୍ରେରଣ କରିବେ। ରାଜ୍ୟ କ୍ଷେତ୍ରରେ ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ବଛାଯାଇ ଜଣ ଜାତୀୟ ସ୍ତରକୁ ପଠାଯିବ। ଅଧିକରୁ ଅଧିକ ପିଲା ଏଥିରେ ପଞ୍ଜୀକରଣ କରିବାକୁ କାର୍ଯ୍ୟକ୍ରମର କର୍ମକର୍ତ୍ତାମାନେ ଆହ୍ୱାନ କରିଛନ୍ତି। ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କର ଅଧ୍ୟକ୍ଷତାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନୋଡାଲ ଅଫିସର ଡ. ସରୋଜ କୁମାର ଦାଶ, ଜାତୀୟ ସେବା ଯୋଜନାର ଜିଲା ସଂଯୋଜିକା ସନ୍ଧ୍ୟା ମହାନ୍ତି ସୂଚନା ଦେଇଛନ୍ତି।




ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।

## ମହାନଗର ନଦିଆ ସଂକୀର୍ତ୍ତନ ମହାମଣ୍ଡଳର ବାରୁଣୀ ମହୋତ୍ସବ ପ୍ରସ୍ତୁତି

କଟକ,୨୩।୨(ଶିଳ୍ପା ପ୍ରିୟଦର୍ଶିନୀ)

ଚଳିତବର୍ଷ ବାରୁଣୀ-ମହୋତ୍ସବକୁ ସଫଳ କରିବା ନିମନ୍ତେ କଟକ ମହାନଗର ନଦିଆ ସଂକୀର୍ତ୍ତନ ମହାମଣ୍ଡଳର ଏକ ପ୍ରସ୍ତୁତି ବୈଠକ ଗଡ଼ଗଡ଼େଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମହାମଣ୍ଡଳର ସର୍ବମହନ୍ତ ଭିକାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାର୍ଚ୍ଚ ୧୭ରେ ପବିତ୍ର ବାରୁଣୀ-ମହୋତ୍ସବ ପାଳିତ ହେବ। ଏହି ଉପଲକ୍ଷେ ଉକ୍ତ ଦିନ ସନ୍ଧ୍ୟାରେ ଗଡ଼ଗଡ଼େଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମହାମଣ୍ଡଳ ପକ୍ଷରୁ ଏକ ନଦିଆ ସଂକୀର୍ତ୍ତନ ସମାବେଶ ଅନୁଷ୍ଠିତ ହେବ। ଏଥିରେ ମହାମଣ୍ଡଳ ଅନ୍ତର୍ଭୁକ୍ତ ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ନାମ ସଂକୀର୍ତ୍ତନ ପରିବେଷଣ କରି ବାରୁଣୀ ମହୋତ୍ସବକୁ ସଫଳ କରିବାକୁ ନିବେଦନ କରାଯାଇଛି। ବୈଠକରେ ସର୍ବାଧିକାରୀ ଜଗତଜୀବନ ପ୍ରସାଦ, ସର୍ବକତୁଆଳ କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ ପଦାଧିକାରୀ ହେମନ୍ତ ବେହେରା, କେଦାର ବେହେରା, ସନ୍ତୋଷ କୁମାର ସାହୁ, ସବ୍ୟସାଚୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବିଭୁତି ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ବନ୍ଧୁ ମିଳନରେ ଯୋଗଦେଇଥିବା ପୂର୍ବତନ ଛାତ୍ରୀଛାତ୍ରମାନେ।

ଫୁଲନଖରା,୨୩।୨(ସତ୍ୟରଞ୍ଜନ ଦାସ ମହାପାତ୍ର)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୯୮୪-୧୯୮୬ ବ୍ୟାଚ୍ ଓଡ଼ିଆ ସ୍ନାତକୋତ୍ତର ବିଭାଗ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଳ୍ପ, ଆଧୁନିକ କବିତାପାଠ, ବ୍ୟଙ୍ଗାତ୍ମକ ଢଗ ଢମାଳି, ଡାନ୍ସ ଏବଂ ଓଡ଼ିଆ ପାଲା ପରିବେଷଣ ହୋଇଥିଲା। ଏଥି ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଯଥା ଓଡ଼ିଆ ଭାଷାର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଡ. ବ୍ରଜକିଶୋର ନାୟକ ପରିଚଳନା କରିଥିବାବେଳେ ଡ. ପ୍ରଶାନ୍ତ ରଥ, କଳ୍ପନା ମିଶ୍ର, ପ୍ରତାପ କୁମାର ହାତୀ, ଡ. ସୁବାସ ବିଶ୍ୱାଳ, ଡ. ରବିନାରାୟଣ ମହାରଣା, ଡ. ତନ୍ମୟ କବି, ବୈଜୟନ୍ତୀ ମାଳା ମହାନ୍ତି, ଅପରାଜିତା ବେହୁରା, ପ୍ରମୋଦ ପଣ୍ଡା, ଇଲା ରାୟ, ଉପେନ୍ଦ୍ର ବେହେରା, ମାନସୀ ବେହୁରା, ଆଡ୍‌ଭୋକେଟ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପୋଲିସ ପ୍ରଶାସନର ଦୋଳ ଉତ୍ସବ ପ୍ରସ୍ତୁତି ବୈଠକ

କଟକ,୨୩।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ୭୨ ଦିଗଭାଗ ଅନ୍ତର୍ଭୁକ୍ତ ଚାରି ଦିଗଭାଗର ଦୋଳ ମେଳଣ ଏବଂ କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ଦଶମୀ ନଦୀୟା ଦୋଳ ମେଳଣ ସଫଳ କରିବା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଡିସିପିଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଋଷିକେଶ ଦ୍ୟାନଦେଓ ଖିଲାରୀ ଅଧ୍ୟକ୍ଷତା କରିଥିଲେ। କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଐତିହାସିକ କଟକ ସହରରେ ଅନୁଷ୍ଠିତ ଦୋଳ ମେଳଣଗୁଡ଼ିକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ କଟକ ମହାନଗର ଶାନ୍ତି କମିଟି ସଭାପତି ତଥା ୭୨ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ଦେବେନ୍ଦ୍ରନାଥ ସାହୁ ୪ ଦିଗଭାଗର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଦୋଳ ମେଳଣ କାର୍ଯ୍ୟସୂଚୀ ଉପସ୍ଥାପନା କରିଥିଲେ। ସେହିପରି ଶାନ୍ତି କମିଟି ସମ୍ପାଦକ ତଥା କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ସର୍ବମହନ୍ତ ଭିକାରୀ ଦାସ ମଙ୍ଗଳାବାଗ ମହ୍ଲାସାହିଠାରେ ଅନୁଷ୍ଠିତ ଦଶମୀ ନଦୀୟା ଦୋଳ ମେଳଣ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଏବଂ ୨୫ ଦିଗଭାଗ ସର୍ବାଧିକାରୀ ସୁରେଶଚନ୍ଦ୍ର ସାହୁ, ୨୨ ଦିଗଭାଗ ସର୍ବାଧିକାରୀ ସୁବାସଚନ୍ଦ୍ର ସାହୁ, ୧୯ ଦିଗଭାଗ ସର୍ବାଧିକାରୀ ବୀରେନ୍ଦ୍ରକୁମାର ସାହୁ ଏବଂ ୧୬ ଦିଗଭାଗ ସର୍ବାଧିକାରୀ ପ୍ରଦୀପ କୁମାର ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶେଷରେ ଡିସିପି କଟକରେ ଅନୁଷ୍ଠିତ ଏହି ଐତିହାସିକ ଦୋଳ ମେଳଣଗୁଡ଼ିକୁ ସଫଳ କରିବାରେ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶୀ ଏବଂ ନଦୀୟା ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ପୁଣି ଧାରଣାକୁ ଓହ୍ଲାଇଲେ ଛାତ୍ରୀ



ଧାରଣାରତ ଶୈଳବାଳା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ।



ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ ହୋଇଛି।

### ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ପ୍ରସଙ୍ଗ

- ସନ୍ଧ୍ୟା ଯାଏ ଅପେକ୍ଷା, ପ୍ରଶାସନର ଅସହଯୋଗ
- ବୈଠକ ବିଫଳ, ଆସିଲେନି ଜିଲାପାଳ
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

କଟକ,୨୩।୨(କୁମାରଶ୍ରୀ)

ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ଉଠିବା ପରେ ପ୍ରଶାସନ ହସ୍ତକ୍ଷେପ କରି ବୈଠକ ପାଇଁ ଦିନ ଧାର୍ଯ୍ୟ କରିଥିଲା। ସୋମବାର ମହାବିଦ୍ୟାଳୟ ପରିସରରେ ବୈଠକ ପାଇଁ ଆୟୋଜନ ହୋଇଥିଲା। ସହରର ଅନେକ ବୁଦ୍ଧିଜୀବୀ, ମହାବିଦ୍ୟାଳୟର ଛାତ୍ରୀ ଅପେକ୍ଷା କରିଥିଲେ ମଧ୍ୟ ପ୍ରଶାସନିକସ୍ତର କୌଣସି ପଦାଧିକାରୀ ଆସି ନ ଥିଲେ। ଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳ କେହି ଆସି ନ ଥିଲେ। ଫଳରେ ବୈଠକ ବିଫଳ ହୋଇଥିବା ବେଳେ ଅସନ୍ତୋଷ ପ୍ରକାଶ କରି ଛାତ୍ରୀମାନେ ପୁନର୍ବାର ଧାରଣାକୁ ଓହ୍ଲାଇଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସମର୍ଥନ ଜଣାଇ ଛାତ୍ରୀମାନଙ୍କ ସହ ଧାରଣାରେ ସାମିଲ ହୋଇଛି। ଅନ୍ୟପକ୍ଷରେ ମହାବିଦ୍ୟାଳୟ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରି ଦିଆଯାଇଛି।

ଗତ ୨୮ଦିନ ଧରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ପରେ ଛାତ୍ରୀମାନେ ଗତ ଶନିବାର ସନ୍ଧ୍ୟାରେ ରାସ୍ତାକୁ ଓହ୍ଲାଇଥିଲେ। ରାସ୍ତା ଅବରୋଧ କରି ସରକାର ଦାବି ପୂରଣ କରିବାକୁ ଶତାଧିକ ଛାତ୍ରୀ ଅଡି ବସିଥିଲେ। ବକ୍ସିବଜାରଠାରୁ ଚଣ୍ଡୀଛକ ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। କଟକ ମେୟର ସୁବାସ ସିଂହ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଭାଜପା ନେତା ଶ୍ରୀତମ ଦାସଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନ ଥିଲା। ଶେଷରେ ଅତିରିକ୍ତ ଜିଲାପାଳ କମଳଜିତ ଦାସ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାଇବା ସହିତ ସୋମବାର ଏ ସଂକ୍ରାନ୍ତରେ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରଶାସନ ନିଜ କଥା ନ ରଖିବା ଯୋଗୁ ଏହି ବିବାଦ ପୁନର୍ବାର ତେଜିଛି। ଏହି ଘଟଣାରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ଓଡ଼ିଆ ଅସ୍ମିତାର ଢେଙ୍କୁରା ପିଟୁଥିବା ସରକାର ୧୧୩ ବର୍ଷର ଶିକ୍ଷାନୁଷ୍ଠାନକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନ ଦେବା ଦୁଃଖଦାୟକ। ବିଶ୍ୱବିଦ୍ୟାଳୟ ମାନ୍ୟତା ନ ମିଳିବା ଯାଏ ଛାତ୍ରୀମାନେ ପଛଘୁଞ୍ଚା ଦେବେନାହିଁ। କ୍ଷମତାର ବ୍ୟବହାର କରି ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସୋଫିଆ କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିଲେ

## କଟ୍‌ନୀଛଟ୍‌ନୀ ବିରୋଧରେ ଗର୍ଜିଲା ନବନିର୍ମାଣ କୃଷକ ସଙ୍ଗଠନ

**ଖୋର୍ଦ୍ଧା,୨୩।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାରେ ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଏବଂ କଟନୀ ଛଟନୀ ପ୍ରତିବାଦରେ ସୋମବାର ନବ ନିର୍ମାଣ କୃଷକ ସଙ୍ଗଠନ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧସେଇ ପଶିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମିଲର୍ସମାନେ ଜୋର ଜବରଦସ୍ତ କଟ୍‌ନୀ ଛଟ୍‌ନୀ କରୁଛନ୍ତି, ପ୍ରତିବାଦ କଲେ ଧାନକିଣାରେ ଚାଷୀଙ୍କୁ ହଇରାଣ କରାଯାଉଛି। ସରକାରଙ୍କ ଉଦାସୀନତା ମନୋଭାବ ଏବଂ ପ୍ରଶାସନିକ ଅଧିକାରୀଙ୍କ ଅବହେଳାରୁ ଚାଷୀ ମଣ୍ଡିରେ ଧାନ ଦେଇପାରୁନାହିଁ। ଫଳରେ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ଅଭିଯୋଗ ଆଣିଛି। ଚାଷୀଙ୍କ ଧାନକିଣା ସ୍ୱାଭାବିକ ନ ହେଲେ ଜିଲାପାଳ ଏବଂ ସିଏସ୍‌ଓଙ୍କୁ ରାସ୍ତାରେ ଘେରାଉ କରାଯିବ ବୋଲି ଉକ୍ତ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସଂଯୋଜକ ତଥା ଚାଷୀ ନେତା ଶେଷଦେବ ନନ୍ଦଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ବ୍ଲକର ଚାଷୀ ଏବଂ କର୍ମୀମାନେ ବାଟ ମଙ୍ଗଳାଠାରେ ଏକାଠି ହୋଇଥିଲେ। ସେଠାରୁ




ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବାଇକ୍ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ପରେ ସେଠାରୁ ଚାଷୀଙ୍କ ପ୍ରତି ପ୍ରଶାସନ ଅଣଦେଖା ଏବଂ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଉଦାସୀନତା ମନୋଭାବ ପ୍ରତିବାଦ କରି ସ୍ଲୋଗାନ ଦେଇ କାର୍ଯ୍ୟାଳୟ ଭିତରେ ପହଞ୍ଚିଥିଲେ। ସେହି ସମୟରେ ଜିଲାପାଳ କିମ୍ବା ଅନ୍ୟ କୌଣସି ଅଧିକାରୀଙ୍କୁ ନ ପାଇ ଅସନ୍ତୋଷ ପ୍ରକାଶ କରିଥିଲେ। ୩୦ମିନିଟ୍ ଧରି ନାରାବାଜି ଏବଂ ହୋହଲ୍ଲା ପରେ ଅତିରିକ୍ତ ଜିଲାପାଳ ପ୍ରଧାନ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଚାଷୀଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳ, ସିଏସ୍‌ଓ, ଡିଆରସିଏସ୍‌ଙ୍କ ସହ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି ଯେ, ଏଫ୍‌ଏକ୍ୟୁ ମାନର ଧାନ ଥିବା ସତ୍ତ୍ୱେ ମିଲର୍ସଙ୍କ ମନମାନୀରେ କଟ୍‌ନୀ ଛଟ୍‌ନୀ କରାଯାଇଛି। ମଣ୍ଡିରେ ସ୍ୱଚ୍ଛତା ପ୍ରହସନ ପାଲଟିଛି। ଦଲାଲଙ୍କ କବ୍‌ଜାରେ ମଣ୍ଡି ରହିଛି। ଜିଲାରେ ଧାନକିଣା ବୈଠକରେ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ମଣ୍ଡିରେ ସ୍ୱଚ୍ଛତା ଏବଂ ଦଲାଲ ମୁକ୍ତ ହେବ, ତେବେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ସ୍କ୍ୱାଡ୍ ଗଠନ କରାଯାଇଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ମଣ୍ଡି ଯାଞ୍ଚ କରିବାକୁ ଯାଉନାହାନ୍ତି। ଧାନ କୁଇଣ୍ଟାଲ ପିଛା ୨କେଜିରୁ ଅଧିକ କଟାଗଲେ ପ୍ୟାକ୍ସ ସମ୍ପାଦକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ସତ୍ତ୍ୱେ ଧାନକିଣାରେ ଅବ୍ୟବସ୍ଥା ଲାଗି ରହିଛି। ସେହିପରି ଜିଲା ସଂଯୋଜକ ସୁରେଶ କୁମାର ମାନସିଂହ କହିଛନ୍ତି ଯେ, ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଆଉ ଧାରଣା କିମ୍ବା ବିକ୍ଷୋଭ କରାଯିବ ନାହିଁ, ଏଥର ରାସ୍ତାରେ ଜିଲାପାଳ ଏବଂ ସିଏସ୍‌ଓଙ୍କୁ ଘେରାଉ କରାଯିବ। ବେଗୁନିଆ ବ୍ଲକ ବଡ଼ବେରଣା ସମବାୟ ସମିତିରେ ପଞ୍ଜୀକୃତ ଚାଷୀ ଅରୁଣ କୁମାର ମହାପାତ୍ରଙ୍କ ୭୫ କୁଇଣ୍ଟାଲ ଧାନ ଏଫ୍‌ଏକ୍ୟୁ ମାନ ସତ୍ତ୍ୱେ ଜବରଦସ୍ତ କୁଇଣ୍ଟାଲ ପିଛା ୫କେଜି କଟାଯାଇଛି ବୋଲି ଅତିରିକ୍ତ ଜିଲାପାଳଙ୍କୁ ଜଣାଇବା ସହ ଏହାର ଏକ ପ୍ରମାଣପତ୍ର ଦେଖାଇଥିଲେ। ଏହାର ବିଧିବଦ୍ଧ ଭାବେ ଯାଞ୍ଚ କରାଯିବ ବୋଲି ଏଡିଏମ୍ ପ୍ରଧାନ କହିଛନ୍ତି। ଏହି ବିକ୍ଷୋଭରେ ସହ ସଂଯୋଜକ ଜୟନ୍ତ ତ୍ରିପାଠୀ, ବୋଲଗଡ଼ ବ୍ଲକ ସଂଯୋଜକ କାହ୍ନୁ ବେହେରା, ବେଗୁନିଆ ସଂଯୋଜକ ମଦନ ସାହୁଙ୍କ ସମେତ ଆଶିଷ ବେହେରା, ଅରୁଣ ମହାପାତ୍ର, ସୁଶାନ୍ତ ବେହେରା, ସୋମନାଥ ମହାପାତ୍ର, ନିରଞ୍ଜନ ପ୍ରଧାନ, ଅନ୍ତର୍ଯାମୀ ବେହେରା, ସଞ୍ଜୟ ମହାପାତ୍ରଙ୍କ ସମେତ ଏକାଧିକ ଚାଷୀ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଏନେଇ ଅତିରିକ୍ତ ଜିଲାପାଳ ପ୍ରଧାନ କହିଛନ୍ତି ଯେ, ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅଣାଯାଇଥିବା ଅଭିଯୋଗ ତର୍ଜମା କରାଯିବ। ମଣ୍ଡିରେ ଧାନକିଣାରେ ସ୍ୱଚ୍ଛତା ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରାଯାଇଛି।

# ଜନଶୁଣାଣି ଶିବିରରେ ୫୨ ଅଭିଯୋଗ




ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ବାଣପୁର,୨୩।୨(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବ୍ଲକ ଅନ୍ତର୍ଗତ ଗାଲୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଜିଲାପରିଷଦ ଉପସଭାପତି ଗୋପୀନାଥ ମହାରଣା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ବ୍ଲକ ଉନ୍ନୟନ ଅଧିକାରୀ ବିକାଶକୁମାର ମହାନ୍ତି, ତହସିଲଦାର ଟି.ପଦ୍ମନାଭ ଦୋରା, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର , ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ୍ ୫୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୩୯ଟି ବ୍ୟକ୍ତିଗତ ଏବଂ ଗ୍ରାମୀଣ ସମସ୍ୟାଜନିତ ୧୩ଟି ଅଭିଯୋଗ ରହିଥିଲା। ତତ୍କାଳ ୪ଟି ଅଭିଯୋଗର ସମାଧାନ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗଗୁଡ଼ିକର ତଦନ୍ତ କରି ତୁରନ୍ତ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# କୁକୁର ଆକ୍ରମଣରେ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଗୋଡ଼ ଭାଙ୍ଗିଲା

**ବେଗୁନିଆ,୨୩।୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶେଖ୍ ରିହାନଉଦ୍ଦିନ୍ ଗତ ଶୁକ୍ରବାର ମାଟ୍ରିକ୍ ପରୀକ୍ଷା ଦେଇସାରି ଘରକୁ ଫେରୁଥିବାବେଳେ କୁକୁର ଆକ୍ରମଣର ଶିକାର ହୋଇଥିଲେ। ଫଳରେ ତାଙ୍କର ଗୋଡ଼ ଭାଙ୍ଗିଯାଇଛି। ସେ ବେଗୁନିଆ ଜାଗିରବାଡ଼ ନିବାସୀ ଶେଖ୍ ସିରାଜୁଦ୍ଦିନଙ୍କ ପୁତ୍ର। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବେଗୁନିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଖୋର୍ଦ୍ଧା ମେଡିକାଲ ଏବଂ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସମ୍ପୃକ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରମୋଦ ସ୍ୱାଇଁଙ୍କ ସମେତ ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନ ଅଧ୍ୟକ୍ଷ ମାୟାଧର ମାର୍ଥା, ଉପାଧ୍ୟକ୍ଷ ଭବାନୀଶଙ୍କର ଜୟସିଂହ, ପରିଚାଳନା କମିଟି ଅଧ୍ୟକ୍ଷା ପୁଷ୍ପଲତା ଜୟସିଂହ, ଉପାଧ୍ୟକ୍ଷ ସର୍ବେଶ୍ୱର ସାହୁ, ସାଧନ କେନ୍ଦ୍ର ସଂଯୋଜକ ସରୋଜ ବେହେରା ପ୍ରମୁଖ ତାଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ।

# ଆଇଆର୍‌ସି ଭିଲେଜକୁ ହରାଇ ରାଇଜିଂଷ୍ଟାର କୁମାରବସ୍ତ ସେମିରେ

## ଗିତୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବାଘମାରୀ,୨୩।୨ (ମିହିର ରଞ୍ଜନ ମହାପାତ୍ର)**

ବାଘମାରୀ ପଞ୍ଚାୟତ ଅତ୍ରି ଗ୍ରାମ ଖେଳପଡ଼ିଆରେ ପତିତପାବନ ୟୁଥ୍ କ୍ଲବ୍‌ର ୫ମ ଗିତୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ଅବିନାଶ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଡି.ପି. ଦାସ, ବାଘମାରୀ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଆଇଆର୍‌ସି ଭିଲେଜ ଭୁବନେଶ୍ୱର ଏବଂ ରାଇଜିଂଷ୍ଟାର କୁମାରବସ୍ତ ମଧ୍ୟରେ ହୋଇଥିଲା। ଆଇଆର୍‌ସି ଭିଲେଜ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୫ରନ ସଂଗ୍ରହ କରିଥିଲା। ଜବାବରେ ରାଇଜିଂଷ୍ଟାର କୁମାରବସ୍ତ ଟିମ୍ ୮.୩ ଓଭରରେ ୧୨୬ ରନ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମ୍‌ର ଉତ୍ତମ ମହାନ୍ତି ୩୧ବଲରେ ୮୧ରନ କରି ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଶରୀର ସୁସ୍ଥ ରଖେ, ଆତ୍ମବିଶ୍ୱାସ ବଢ଼ାଏ କ୍ରୀଡ଼ା



ଅତିଥି ଏବଂ ଅଭିଭାବକଙ୍କ ଗହଣରେ ଛାତ୍ରୀମାନେ।

**ଖୋର୍ଦ୍ଧା,୨୩।୨(ପ୍ରଭାତ ପାଣିଗ୍ରାହୀ)**

କେନ୍ଦ୍ରୀୟ ବିଦ୍ୟାଳୟ ଆଇଟିବିପି ଖୋର୍ଦ୍ଧାଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଅନୁଷ୍ଠିତ କରାଯାଇଛି। ଏଥିରେ ଏସ୍‌ଏମ୍‌ସି ଅଧ୍ୟକ୍ଷ ତଥା ୪୧ ବାଟାଲିୟନ ଖୋର୍ଦ୍ଧାର ନରେନ୍ଦ୍ର ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଝାଙ୍କର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହିତ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ପାଠପଢ଼ା ସହ ଖେଳକୁଦ ଆବଶ୍ୟକତା ରହିଛି। ମନକୁ ପ୍ରଫୁଲ୍ଲିତ, ଶାରୀରିକ ସୁସ୍ଥତା ଆତ୍ମ ବିଶ୍ୱାସ ବୃଦ୍ଧି କରିଥାଏ। ଏଥିସହ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଶିବ ତାଣ୍ଡବ ନୃତ୍ୟ, ପାଇକ ନୃତ୍ୟ, ଯୁମ୍ବା ନୃତ୍ୟ ଏବଂ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ପିଲାଙ୍କ ମଧ୍ୟରେ ଦୌଡ଼, ପୁରୁଷ ଅଭିଭାବକମାନଙ୍କର ୮୦ମିଟର ଦୌଡ, ମହିଳା ଅଭିଭାବକମାନଙ୍କ ଲେମ୍ବୁ ଚାମଚ ଦୌଡ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି, ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ରମଣ ହାଉସ କ୍ୟାପଟେନ ଦିବ୍ୟାଂଶିକାଙ୍କ ଦଳ ବାଳିକା ବିଭାଗ କବାଡିରେ ପ୍ରଥମ ସ୍ଥାନ, ଟାଗୋର ହାଉସ କ୍ୟାପଟେନ ପ୍ରତ୍ୟୁଷାଙ୍କ ଦଳ ଦ୍ୱିତୀୟ ସ୍ଥାନ ଏବଂ ସୁବାଷ ହାଉସ କ୍ୟାପଟେନ ଦିପାଲିଙ୍କ ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରଜ୍ଞା ପ୍ରତିଭା ଘୋଷ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁଶ୍ରୀ ବର୍ଷାରାଣୀ ସାହୁ, ଶୁଭଲକ୍ଷ୍ମୀ ସେନାପତି, ଗୀତାଞ୍ଜଳି ସାହୁ, ପ୍ରଜ୍ଞା ପରମିତା ନାୟକ, ଶିକ୍ଷକ ଦିଲୀପ ରଣା ସହଯୋଗ କରିଥିଲେ। ଶିକ୍ଷକ ପରମେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତସ୍ତରୀୟ କିଶୋରୀ ମେଳା

**କୃଷ୍ଣପ୍ରସାଦ,୨୩।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ସୋମବାର ଚିଲିକା ନୂଆପଡା ସେକ୍ଟର ପକ୍ଷରୁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା ଅନ୍ତର୍ଗତ ପଞ୍ଚାୟତସ୍ତରୀୟ କିଶୋରୀ ମେଳା-୨୦୨୬ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସିଡିପିଓ ମନୋରମା ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ଲୀନା ମହାପାତ୍ର, ଦୀପ୍ତିରାଣୀ ଦଣ୍ଡପାଟ, ମନୀଷା ମାନସିଂହ, ବବିତା ଜେନା, ମିଶନ ଶକ୍ତି ବିପିସି ସସ୍ମିତା ନନ୍ଦ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ୧୦ବର୍ଷରୁ ୧୯ବର୍ଷ ମଧ୍ୟରେ ୧୦୦ଜଣ କିଶୋରୀ ବାଳିକା ଅଂଶଗ୍ରହଣ କରିଥିଲେ। ବ୍ଲକର ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ସେମାନଙ୍କ ମଧ୍ୟରେ ପୁଚି, ଝୋଟି, ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା।



ମେଳାରେ ଜଣେ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରାଯାଉଛି।

# ୨୫ରୁ କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଖୋର୍ଦ୍ଧା,୨୩।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ପଞ୍ଚାୟତରେ ସ୍ୱସ୍ତିକ କ୍ଲବ ପକ୍ଷରୁ କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୫ତାରିଖରୁ ଆରମ୍ଭ ହେବ। ଏହା ଆସନ୍ତା ମାର୍ଚ୍ଚ ୮ରେ ସରିବ। ଏଥିରେ ୬ଟି ଟିମ୍ ଅଂଶଗ୍ରହଣ କରିବେ। ବାବା ୱାରିୟର୍ସର ବଦମାସ ୧୧, ମା'ମଙ୍ଗଳା ଲାୟନ୍ସ, ଫିଲ୍ଡ ଫାଇଟର, ପାଇକ ଫାଇଟର, ମହାବୀର ଫାଇଟର ଟିମ୍ ଆଦି ଅଂଶଗ୍ରହଣ କରିବେ। ଚାମ୍ପିୟନ ଟିମକୁ ୨୦ହଜାର, ରନର୍ସଅପ୍‌କୁ ୧୫ହଜାର ଏବଂ ଦ୍ୱିତୀୟ ଉପବିଜେତା ଟିମକୁ ୩ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକ କମିଟିର ବିଭୁ ପ୍ରସାଦ ବଳିୟାରସିଂହ, ସୁବ୍ରତ ରଣସିଂହ, ରାଜେଶ ସୁବୁଦ୍ଧି, ସନ୍ଦୀପ ଜୁଝାରସିଂହ, ଦିଲୁ ସାହୁ, କୁଲୁ ରାଉତରାୟ, ଝଜ ସାମନ୍ତରାୟ, ଶରତ ମଙ୍ଗରାଜ, କୈଳାସ ଶ୍ରୀଚନ୍ଦନ, ଶୁଭ ରଣସିଂହ ପ୍ରମୁଖ ସୂଚନା ଦେଇଛନ୍ତି।

# ପୁରୁଣା ସ୍ମୃତି ମନେପକାଇଲେ



**ଜଟଣୀ,୨୩।୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅଧୀନ ଗଙ୍ଗପଡ଼ା ଉଚ୍ଚ ବିଦ୍ୟାଳୟର ୨୦୦୧ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପୁରୁଣା ସ୍ମୃତି ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପରାମର୍ଶ ମନେପକାଇଥିଲେ। ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ କିପରି ଏକ ସୁସ୍ଥ ଏବଂ ସୁନ୍ଦର ପରିବେଶ ସୃଷ୍ଟି ହୋଇପାରିବ ସେ ଦିଗରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରବି ଚନ୍ଦ୍ର ପରିଡ଼ା, ଜିତେନ୍ଦ୍ର ବାରିକ, ପ୍ରଶାନ୍ତ ମହାରଣା, ରବୀନ୍ଦ୍ର ମହାକୁଡ଼, ଦୁର୍ଯ୍ୟୋଧନ ବେହେରା, କ୍ଷିତୀଶ ପ୍ରସାଦ ନିଶଙ୍କ, ପଦ୍ମନାଭ ସାମନ୍ତରା, ଶ୍ରୀରାମ ମହାନ୍ତି, ବାବୁ ମାର୍ଥା, ମଧୁସ୍ମିତା ମିଶ୍ର, ଅନସୋୟା ଦାସ, ସ୍ମୃତିପ୍ରଭା ରାଉତ, ଜ୍ୟୋତିର୍ମୟୀ ଦାଶ ପ୍ରମୁଖ ଯୋଗଦେଇଥିଲେ।

# ସିଆଇଏସ୍‌ଏଫ୍ ମହିଳା ଯବାନ ଶିଖିଲେ ପାଇକ ସମରକଳା

## ପାଇକତିଗିରିଆର ଦୀପକ, ଅଭିରାମ ଦେଲେ ପ୍ରଶିକ୍ଷଣ

**ଖୋର୍ଦ୍ଧା,୨୩।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ ପାଇକତିଗିରିଆ ଗ୍ରାମର ଦୀପକ କୁମାର ଶତ୍ରୁଶଲ୍ୟ ଏବଂ ତାଙ୍କ ସହଯୋଗୀ ଅଭିରାମ ଶତ୍ରୁଶଲ୍ୟ ନୂଆଦିଲ୍ଲୀ ନୋଏଡା ସ୍ଥିତ ସିଆଇଏସ୍‌ଏଫ୍ କ୍ୟାମ୍ପସରେ ୪୦ଜଣ ମହିଳା ଯବାନଙ୍କୁ ପାଇକ ସମରକଳା ଢାଲ ଏବଂ ଖଣ୍ଡା ଚାଳନା ପ୍ରଶିକ୍ଷଣ ଦେଇଛନ୍ତି। ସମ୍ମୁଖ ଭାଗରେ ଥିବା ଶତ୍ରୁଙ୍କୁ କିଭଳି ଭାବେ ଢାଲ ଓ ଖଣ୍ଡାର ବ୍ୟବହାର କରି ପ୍ରତିହତ କରିପାରିବେ ତାହାର ପ୍ରଶିକ୍ଷଣ ଦେଇଥିଲେ। ଗତ ୧୩ ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ମହିଳା ଯବାନମାନଙ୍କୁ ଆତ୍ମରକ୍ଷା ରଣକୌଶଳ ଶିକ୍ଷା ଦେଇଥିଲେ। ଦୀପକଙ୍କ ଏହି ପ୍ରଶିକ୍ଷଣକୁ ସିଆଇଏସ୍‌ଏଫ୍ ଡିଆଇଜି ପ୍ରଂଶସା କରିବା ସହ ପ୍ରଶସ୍ତିପତ୍ର ପ୍ରଦାନ କରିଛନ୍ତି। ସିଆଇଏସ୍‌ଏଫ୍ ସୈନିକମାନଙ୍କୁ ପାଇକ ସମରକଳା ପ୍ରଶିକ୍ଷଣ ପ୍ରଦାନ କରିବା ଏକ ଗୌରବର ମୁହୂର୍ତ୍ତ ଥିଲା ବୋଲି ଦୀପକ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଏନେଇ ଏକ ଚିଠି ଆସିଥିଲା। ସେଥିରେ ସେମାନଙ୍କ ନାମ ରହିଥିଲା। ମହିଳା ସୈନିକମାନଙ୍କୁ ଢାଲ ଓ ଖଣ୍ଡାଚାଳନା ପ୍ରଶିକ୍ଷଣ ଦେବା ଏକ ଚାଲେଞ୍ଜ ରହିଥିଲା। ଦୈନିକ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ସକାଳ ୭ରୁ ୯ଟା, ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଥମେ ଶାରୀରିକ ଅଭ୍ୟାସ, ପରେ ହାତଗୋଡ଼ ଚାଳଣା, ଢାଲ ଓ ଖଣ୍ଡା ଦ୍ୱାରା ପ୍ରଶିକ୍ଷଣ ଦିଆଯାଇ ଶେଷରେ ସମ୍ମୁଖ ଯୁଦ୍ଧଭ୍ୟାସ କରାଯାଇଥିଲା। ଜଣେ ପ୍ରଶିକ୍ଷିତ ଯବାନ ୫ରୁ ୧୦ଜଣଙ୍କୁ ଅଟକାଇ ଦେଇପାରିବେ। ଆବଶ୍ୟକ ପଡିଲେ ଯୁଦ୍ଧ ସମୟରେ ଝାନ୍ସୀରାଣୀଙ୍କ ଭଳି ଶତ୍ରୁର ସମ୍ମୁଖୀନ ହୋଇପାରିବା ଭଳି ବିଭିନ୍ନ ସ୍ତରରେ ପ୍ରଶିକ୍ଷଣ ଦିଆଯାଇଛି।

ଦୀପକ ଏକ ଘରୋଇ ସଂସ୍ଥାରେ କାମ କରୁଛନ୍ତି। ଗ୍ରାମରେ ଗ୍ରାମେଶ୍ୱର ପାଇକ ଆଖଡ଼ା ନାଁରେ ଦୀର୍ଘ ୨୦ବର୍ଷ ହେବ ଗ୍ରାମର ପିଲାମାନଙ୍କୁ ପାଇକ ସମରକଳା ପ୍ରଶିକ୍ଷଣ ପ୍ରଦାନ ସହ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରିଛନ୍ତି। ସେହିଭଳି ଅଭିରାମ ମଧ୍ୟ ଯୋଗମାୟା ପାଇକ ଆଖଡା ସହ ସଂଶ୍ଳିଷ୍ଟ ଅଛନ୍ତି। ଏକ ଉନ୍ନତ ପାଇକ ଆଖଡା ପ୍ରଦର୍ଶନ ଦିଗରେ ଉଭୟଙ୍କ ବେଶ୍ ଦକ୍ଷତା ରହିଛି। ଦୀପକ କୁହନ୍ତି, ନିକଟରେ ଜଟଣୀରେ କେତେଜଣ ଯୁବତୀ ପାଇକ ସମରକଳା ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିଲେ ଖୋର୍ଦ୍ଧା ଜିଲାରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଏନ୍‌ସିସି, ସ୍କାଉଟ୍ସ ଗାଇଡ୍ସ ଏବଂ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ଢାଲ, ତଲୱାର ଚଳାଇବାର କୌଶଳ ଏବଂ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିପାରିବେ। ଓଡ଼ିଆ ଜାତିର ଅସ୍ମିତା ହେଉଛି ପାଇକ ସମରକଳା। ପାଇକ ସମରକଳାର ବିକାଶ ଏବଂ ଆଗାମୀ ପିଢ଼ି ପାଇଁ ଏହି କଳା ବଞ୍ଚାଇ ରଖିବା ଜରୁରୀ ବୋଲି ସେ କହିଛନ୍ତି।



ନୂଆଦିଲ୍ଲୀ ନୋଏଡାସ୍ଥିତ ସିଆଇଏସ୍‌ଏଫ୍ କ୍ୟାମ୍ପସରେ ପାଇକ ସମରକଳା ଢାଲ ଏବଂ ଖଣ୍ଡା ଚାଳନା ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ମହିଳା ଯବାନମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୨।୨୦୨୬

| ୫,୦୧,୮୨୩ ଟଙ୍କା | |
|---|---|
| ସୁନା | ୧.୬୦୦ ଗ୍ରାମ୍ |
| ରୁପା | ୧୮ ଗ୍ରାମ୍ |

## ସଂକ୍ଷେପରେ

### ଜୁଆଆଡ୍ଡାରେ ଚଢ଼ାଉ, ୬ ଗିରଫ

ପୁରୀ,୨୩।୨(ଅଜିତ୍ କୁମାର ମହାନ୍ତି)

ବେଆଇନ ଭାବରେ ଜୁଆ ଖେଳିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସାଇନା ସ୍ୱାଇଁ, ନନ୍ଦୁ ସ୍ୱାଇଁ, ଜୟ ଦାଶ, ମାମି ବାରିକ, ଲକ୍ଷ୍ମୀ ସ୍ୱାଇଁ ଏବଂ ବିଜୟଲକ୍ଷ୍ମୀ ସାହୁ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୧୦୬ଟି କାର୍ଡ , ୩ଟି ଫୋନ୍ ଏବଂ ୬୯୦୧ ଟଙ୍କା ଜବତ କରିଛି। ଏନେଇ ତାଳବଣିଆ ଥାନା ପୋଲିସ କେସ ନଂ ୬୨/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ତାଳବଣିଆ ପୋଲିସ ପକ୍ଷରୁ ପାଟ୍ରୋଲିଂ ଏବଂ ଜୁଆ ଚଢାଉ ଡ୍ୟୁଟି କରୁଥିଲେ।ପ୍ରାୟ ସନ୍ଧ୍ୟା ୫:୩୦ ସମୟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ କି ଭୂଦାନ ନିକଟସ୍ଥ କାଜୁ ଜଙ୍ଗଲରେ କିଛି ଲୋକ ଜୁଆ ଖେଳୁଛନ୍ତି।ଖବର ପାଇ ପୋଲିସର ଟିମ୍ ଉକ୍ତ ଅଞ୍ଚଳରେ ଚଢାଉ କରି ବେଆଇନ ଭାବରେ ଜୁଆ ଖେଳିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ସମୟରେ ସେମାନେ ବେଆଇନ ଭାବରେ ଜୁଆ ଖେଳୁଥିବା ସ୍ୱୀକାର କରିଥିଲେ। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିବା ସହ ନୋଟିସ୍ ଦିଆଯାଇଛି।

### 'ଭଲ ମଣିଷ ହୁଅ' ଶୀର୍ଷକ ଆଲୋଚନାଚକ୍ର

ପୁରୀ,୨୩।୨(ଅଜିତ୍ କୁମାର ମହାନ୍ତି)

ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପକ୍ଷ ପାଳନ ଅବସରରେ ସ୍ଥାନୀୟ ହେରାଗୋହିରୀ ସାହି ଆଚାର୍ଯ୍ୟ ହରିହର ବିଦ୍ୟାନିକେତନରେ 'ଭଲ ମଣିଷ ହୁଅ' ଶୀର୍ଷକ ଆଲୋଚନାଚକ୍ର ସହିତ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଚକ୍ରଧର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୌଭାଗ୍ୟ କୁମାର ସାହୁ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅନାମ ଚନ୍ଦ୍ର ସାହୁ ମଞ୍ଚାସୀନ ହୋଇଥିଲେ। ଶିବ ସୁନ୍ଦର ମିଶ୍ର କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ଦୟାନିଧି ତ୍ରିପାଠୀ, ଡାକ୍ତର ପ୍ରମିଳ କୁମାର ନନ୍ଦ, ଯୋଗେନ୍ଦ୍ରନାଥ ସାହୁ, ସ୍ୱାତୀ ସ୍ୱାଗତିକା ଦାଶ, ପୁଲକ ମିଶ୍ର, ପ୍ରତିମା ଦାଶ, ପ୍ରତିମା ସୁଆର, ସହଦେବ ସାହୁ, ଜିତୁ ଭୋଇ, ଆର୍ଯ୍ୟମାନ କର, ମୀରା ମହାନ୍ତି, ଯୋଗେଶ୍ୱର ପ୍ରହରାଜ, ତ୍ରିନାଥ ଦାଶ, ଚାରୁଲତା ମିଶ୍ର, ଅନୀତା ମଣ୍ଡଳ, ବିନୋଦିନୀ ଦେଈ, ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତାମାନ ପାଠ କରିଥିଲେ।

# ପୂର୍ବାହ୍ନ ୧୦ଟା ୧୮ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅମୃତବେଳା

## ୨୮ରେ ଗୋବିନ୍ଦ ଦ୍ୱାଦଶୀ ସ୍ନାନ

ପୁରୀ,୨୩।୨(ଅଜିତ୍ କୁମାର ମହାନ୍ତି)

ଶାସ୍ତ୍ରୀୟ ମର୍ଯ୍ୟାଦାର ସହ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଚଳିତ ମାସ ୨୮ରେ ପୁରୀ ମହୋଦଧିରେ ଅନୁଷ୍ଠିତ ହେବ। ଏହାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ସହିତ ଏକ ସମନ୍ୱୟ ବୈଠକ ସୋମବାର ଅପରାହ୍ନରେ ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏହି ଆଧ୍ୟାତ୍ମିକ ସ୍ନାନ କାର୍ଯ୍ୟକ୍ରମକୁ ସମସ୍ତଙ୍କ ସହଯୋଗରେ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ ପାଇଁ ଅନୁରୋଧ କରିଥିଲେ। ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ପାଳନ ପାଇଁ ବେହେରା ପରାମର୍ଶ ଦେଇଥିଲେ।

ପ୍ରାରମ୍ଭରେ ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ସହ ଏହି ଅଲଭ୍ୟ ସ୍ନାନରେ ସମସ୍ତେ ସାମିଲ ହେବା ଓ ଏହାକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।



ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ଅଧିକାରୀ ଓ ସେବାୟତମାନେ ।

ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଆୟୋଜନ ସମିତିର ସଂଯୋଜକ ଜିତେନ୍ଦ୍ର ମହାପାତ୍ର କାର୍ଯ୍ୟସୂଚୀ ସମ୍ପର୍କରେ ବିଶଦ୍ ସୂଚନା ଦେଇ ଚଳିତ ମାସ ୨୮ ତାରିଖରେ ଶ୍ରୀକ୍ଷେତ୍ର ମହୋଦଧିରେ କୁମ୍ଭରାଶିରେ ସୂର୍ଯ୍ୟଙ୍କର ଅବସ୍ଥାନ ସହ ଗୋବିନ୍ଦ ଦ୍ୱାଦଶୀ ପବିତ୍ର ସ୍ନାନଯୋଗ ରହୁଛି ବୋଲି କହିଥିଲେ। ୨୮ ତାରିଖ ପୂର୍ବାହ୍ନ ୮ଟା ୩୦ରୁ ଏମାରମଠ ଚକଡ଼ାଠାରୁ ଏକ ଭବ୍ୟ ଶୋଭାଯାତ୍ରା ସ୍ୱର୍ଗଦ୍ୱାର ସମ୍ମୁଖ ଶ୍ରୀନାରାୟଣ ବିଜେ ଘାଟରେ ପହଞ୍ଚିବ। ସେଠାରେ ପୂର୍ବାହ୍ନ ୧୦ଟା ୧୮ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅମୃତବେଳାରେ ସ୍ନାନ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ। ସିଂହଦ୍ୱାର ସମ୍ମୁଖରୁ ଯାତ୍ରା ଆରମ୍ଭ ସମୟରେ ବଡ଼ଛତା ମଠର ମହାବୀର, ସମସ୍ତ ମଠ ସମ୍ପ୍ରଦାୟର ସନ୍ଥ, ମହନ୍ତ ଓ ନିଶାଣଙ୍କ ସହିତ ଶୋଭାଯାତ୍ରାରେ ସାମିଲ ହେବେ। ସ୍ନାନ ପୂର୍ବରୁ ବରୁଣ ଦେବତାଙ୍କ ଅଭିଷେକ ଓ ପୂଜାର୍ଚ୍ଚନା ସହିତ ନାମକୀର୍ତ୍ତନ କରି ସ୍ନାନ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପାନୀୟଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥା, ବ୍ୟାରିକେଡ୍ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଲାଇଫ୍‌ଗାର୍ଡ ମୁତୟନ, ଆମ୍ବୁଲାନ୍ସ ବ୍ୟବସ୍ଥା, ବ୍ୟାଟେରି ଗାଡ଼ି ବ୍ୟବସ୍ଥା, ସଂକୀର୍ତ୍ତନ ଦଳ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଠିକ୍ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ଦେବୀଶଙ୍କର ପ୍ରତାପ, ଅତିରିକ୍ତ ନୀତି ପ୍ରଶାସକ ରଞ୍ଜନ କୁମାର ବେହେରା, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଅନ୍ୟାନ୍ୟ ବିଭାଗର ଅଧିକାରୀ, ସୁଆର ମହାସୁଆର ନିଯୋଗ ସମ୍ପାଦକ ଗଣେଶ୍ୱର ମହାସୁଆର, ନାରାୟଣ ରାମାନୁଜ ଦାଶ, ଶ୍ରୀନିବାସ ଦାଶ, ନରେନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ଦାସ, ମନୋଜ ଦାସ, ଶେଖର ସାମନ୍ତରା, ଜୟନ୍ତ ମହାସୁଆର, ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୭ ବେନାମୀ ଆକାଉଣ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ

ପୁରୀ,୨୩।୨(ଅଜିତ୍ କୁମାର ମହାନ୍ତି)

ସାଇବର ପୋଲିସ ଦ୍ୱାରା ଅନ୍‌ଲାଇନ ଆର୍ଥିକ ଠକେଇ ସମ୍ବନ୍ଧୀୟ ମାମଲାରେ ବ୍ୟବହୃତ ହେଉଥିବା ବେନାମୀ ବ୍ୟାଙ୍କ ଆକାଉଣ୍ଟ ବିରୋଧରେ ବିଶେଷ ଅଭିଯାନକୁ ତୀବ୍ର କରିଛି। ଜିଲାର ବିଭିନ୍ନ ଥାନା ଅଞ୍ଚଳରେ 'ସାଇବର କବଚ' ବିଶେଷ ଅପରେଶନ୍ ଚାଲୁଥିବା ବେଳେ ସାଇବର ଆଧାରିତ ଆର୍ଥିକ ଅପରାଧ ନିୟନ୍ତ୍ରଣ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ବିଶେଷ ଅଭିଯାନ ସମୟରେ ସାଇବର ଠକେଇ ଓ ଅବୈଧ ବ୍ୟାଙ୍କ ନେଣଦେଣ ସମ୍ବନ୍ଧୀୟ ମୋଟ ୭ଟି ମାମଲା ରୁଜୁ କରାଯାଇଛି। ବେନାମୀ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା ଓ ଠକେଇ ନେଣଦେଣରେ ସମ୍ପୃକ୍ତ ୭ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ତଦନ୍ତକାଳୀନ ଯାଞ୍ଚରୁ ପ୍ରକାଶ ଯେ, ପ୍ରାୟ ୫୫ ଲକ୍ଷ ଟଙ୍କା ଏହି ଠକେଇ ନେଣଦେଣ ସହିତ ସମ୍ପୃକ୍ତ ରହିଛି। ଏହି ସମସ୍ତ ନେଣଦେଣ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲରେ ରେଜିଷ୍ଟର ହୋଇଥିବା ବିଭିନ୍ନ ଅଭିଯୋଗ ସହିତ ସମ୍ବନ୍ଧିତ ଥିବା ଯାଞ୍ଚରେ ସ୍ପଷ୍ଟ ହୋଇଛି।

ତଦନ୍ତରୁ ଆହୁରି ଜଣାପଡ଼ିଛି, ସାଇବର ଅପରାଧୀମାନେ ଅନଲାଇନ ନିବେଶ ଠକେଇ, ଡିଜିଟାଲ ଗିରଫ ଠକେଇ, ପରିଚୟ ଚୋରି ଓ ଅନ୍ୟାନ୍ୟ ଆର୍ଥିକ ମାମଲାରେ ବେନାମୀ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରି ଅପରାଧର ଟଙ୍କା ପହଞ୍ଚାଇବା ଓ ଉଠାଇବା କାମ କରୁଥିଲେ। ଏହି ପରିପ୍ରେକ୍ଷୀରେ ପୁରୀ ପୋଲିସ ଦ୍ୱାରା କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଆଇନ ଅନୁଯାୟୀ ଫ୍ରିଜ୍ କରାଯାଇଛି। ପୋଲିସ ପକ୍ଷରୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଉଛି ଯେ, କେହି ହେଲେ ନିଜର ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ଏଟିଏମ୍ କାର୍ଡ, ଓଟିପି, ପିନ୍ ଇତ୍ୟାଦି କାହା ସହିତ ସେୟାର କରନ୍ତୁ ନାହିଁ। କମିଶନ କିମ୍ବା ଲାଭର ଲୋଭରେ ଅନ୍ୟ କାହାକୁ ନିଜ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିବାକୁ ଦେବା ଏକ ଦଣ୍ଡନୀୟ ଅପରାଧ ଓ ଏଥିପାଇଁ କଠୋର କାର୍ଯ୍ୟାନୁଷ୍ଠାନ ହୋଇପାରେ। କୌଣସି ପ୍ରକାର ସାଇବର ଠକେଇର ସମ୍ମୁଖୀନ ହେଲେ ତତ୍‌କ୍ଷଣାତ ଜାତୀୟ ସାଇବର ହେଲ୍ପଲାଇନ୍ ୧୯୩୦ ନମ୍ବରରେ ଫୋନ୍ କରନ୍ତୁ କିମ୍ବା ୮୨୮୦୪୯୧୩୦୦ରେ କଲ୍ କରି ଅଭିଯୋଗ ରେଜିଷ୍ଟର କରିବାକୁ କୁହାଯାଇଛି।

# ସୋମନାଥ ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ





ଚାମ୍ପିୟନ ପ୍ରତିଯୋଗୀଙ୍କୁ ଅତିଥିମାନେ ଚେକ୍ ପ୍ରଦାନ କରୁଛନ୍ତି।

## ବିଏଫ୍-୭ କ୍ଲାସିକ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ପୁରୀ,୨୩।୨(ଅଜିତ୍ କୁମାର ମହାନ୍ତି)

'ଭବାନୀ ଫିଟ୍‌ନେସ୍' ପକ୍ଷରୁ ରବିବାର ଟାଉନ୍ ହଲ୍‌ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଏଫ୍-୦୭ କ୍ଲାସିକ୍ ଚାପ୍ଟର-୩ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସୋମନାଥ ଜାଲି ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ ହୋଇଛନ୍ତି। ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ତାଙ୍କୁ ୩୧ ହଜାର ଟଙ୍କାର ଅର୍ଥରାଶି ସହ ଟ୍ରଫି ଓ ମେଡାଲ ଦେଇ ପୁରସ୍କୃତ କରାଯାଇଛି। ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଭିନ୍ନ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ବରମୁଡ଼ା ଚାମ୍ପିୟନ୍ସ ହୋଇଛନ୍ତି ଦୀପକ କୁମାର ଦାଶ। ଡେନିମ୍ ଜିନ୍ସ ଚାମ୍ପିୟନ ହୋଇଛନ୍ତି ରୁଦ୍ରନାରାୟଣ ମାହାଲି। ମହିଳା ବର୍ଗରେ ଓମେନ୍ ଗ୍ଲାମର ବିଜେତା ହୋଇଛନ୍ତି ଲକ୍ଷ୍ମୀପ୍ରିୟା ପାତ୍ର। ସ୍ୱତନ୍ତ୍ର ବର୍ଗରେ ବିଜେତା ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଛି। ୧୧ଟି ବର୍ଗରେ ପ୍ରଥମରୁ ତୃତୀୟ କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫୧୦୦, ୩୧୦୦, ୨୧୦୦ ଟଙ୍କା ଲେଖାଏ ଅର୍ଥରାଶି ସହ ଟ୍ରଫି, ମେଡାଲ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଛି।

କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପ୍ରାକ୍ତନ ନଗରପାଳ ଗୌରହରି ପ୍ରଧାନ, ସଦର ଥାନା ଅଧିକାରୀ ସୁନୀଲ ପ୍ରଧାନ, ସାମାଜିକ କର୍ମୀ ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ରାଜେଶ କୁମାର ମହାନ୍ତି, ବିଶ୍ୱନାଥ ମିଶ୍ର, ମନୋଜ ରଥ, ଅନିଲ କୁମାର ସାହୁ, ଆଦର୍ଶ କୁମାର, ସୂର୍ଯ୍ୟକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ପୀୟୂଷ ଏବଂ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଜିମ୍‌ର ମୁଖ୍ୟ ଭବାନୀ ଶଙ୍କର ସାହୁଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରଞ୍ଜନ ମହାନ୍ତି, ଆଦର୍ଶ କୁମାର ପ୍ରଧାନ, ପବିତ୍ର ରଥ ଓ ଚନ୍ଦନ ମହାପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

# ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ବୈଠକ

ପୁରୀ,୨୩।୨(ଅଜିତ୍ କୁମାର ମହାନ୍ତି)

ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ବୈଠକ ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାର ପେନଶନଭୋଗୀମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିଥିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଜାନୁଆରୀ ୨୦୨୦ ଠାରୁ ୨୦୨୧ ଜାନୁଆରୀ ପର୍ଯ୍ୟନ୍ତ ୩ କିସ୍ତି ମହାର୍ଘ ଭତ୍ତା ପେନଶନଭୋଗୀଙ୍କୁ ପ୍ରଦାନ କରି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରି ତୁରନ୍ତ ପ୍ରଦାନ କରିବାକୁ ଦାବି କରିଥିଲେ। ଏହାଛଡ଼ା ୫୦ ଶତକଡ଼ା ପେନଶନ ଭାବେ ପ୍ରଦାନ କରିବା ଓ ପୂର୍ବ ବେତନ କମିଶନ ଭଳି ଅଷ୍ଟମ ପେ' ପେନଶନ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେବା ସହିତ ବରଷ୍ଠ ନାଗରିକମାନେ ରେଳଯାତ୍ରାରେ ପାଉଥିବା ରହାତି ପୁନଃପ୍ରଚଳନ କରିବା ଆଦି ଦୀର୍ଘଦିନ ଧରି ଦିଆଯାଇଥିବା ସୁବିଧା ପ୍ରଦାନ କରିବାକୁ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଦାବି କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ମିଶ୍ର, ପ୍ୟାରୀମୋହନ ପଟ୍ଟନାୟକ, ସନ୍ତୋଷ କୁମାର ମହାନ୍ତି, ବ୍ରହ୍ମାନନ୍ଦ ଦାସ, ବାଇଧର ଜେନା, ସୁରେନ୍ଦ୍ର ନାଥ ଦାସ, ମିନତି ହୋତା, ଅଞ୍ଜଳୀ ରଥ ଓ ସତ୍ୟବାଦୀ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ବିଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବାଲିଉପର ବସ୍ତିରେ ଆମ ପୋଲିସ ବୈଠକ



ବୈଠକରେ ପୋଲିସ ଅଧିକାରୀଙ୍କ ସହ ବାଲି ଉପରବସ୍ତିର ବାସିନ୍ଦାମାନେ।

ପୁରୀ,୨୩।୨(ଅଜିତ୍ କୁମାର ମହାନ୍ତି)

କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବାଲିଉପର ବସ୍ତିରେ ଆମ ପୋଲିସ ବୈଠକ ସୋମବାର ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ଅଞ୍ଚଳବାସୀ, ଯୁବସଂଘର ସମସ୍ତ ସଦସ୍ୟ, କୁମ୍ଭାରପଡ଼ା ଥାନାଧିକାରୀ ବିଜୟ କେତନ ବେହେରା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତି, ନିଶା ଉପରେ ନିୟନ୍ତ୍ରଣ, ଟ୍ରାଫିକ୍ ସୁବିଧା, ସାଇବର ଠକେଇ ସଚେତନତା ଓ ସାମାଜିକ ସୁରକ୍ଷା ବିଷୟରେ ଆଲୋଚନା କରାଯାଇଥିଲା। ସିଟି ଡିଏସ୍‌ପି ମହାପାତ୍ର ଜନସାଧାରଣଙ୍କୁ ପୋଲିସ ସହ ସମନ୍ୱୟ ରଖି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ କରିଥିଲେ।

ସିଟି ଡିଏସ୍‌ପି ମହାପାତ୍ର କହିଛନ୍ତି, କୌଣସି ଅବୈଧ କାର୍ଯ୍ୟକଳାପ ସମ୍ପର୍କରେ ଜାଣିଲେ ପୋଲିସକୁ ଅବଗତ କରାଇବା ଆବଶ୍ୟକ। ବସ୍ତିରେ ବସ୍ତିମିତ୍ର ଗଠନ କରିବା, ଗଳିକନ୍ଦିରେ ବାଇକ୍ ପାଟ୍ରୋଲିଂ କରିବା ପାଇଁ ଆଲୋଚନା ହୋଇଥିଲା। ସ୍ଥାନୀୟ ଲୋକମାନେ ମଧ୍ୟ ନିଜ ଅଞ୍ଚଳର ସମସ୍ୟା ଓ ପ୍ରସ୍ତାବଗୁଡ଼ିକ ପୋଲିସ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ। ପୋଲିସ ପକ୍ଷରୁ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆଶ୍ୱାସନା ଦିଆଯାଇଥିଲା। ଏହି ବୈଠକ ମାଧ୍ୟମରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ଓ ସମ୍ପର୍କ ଆହୁରି ସୁଦୃଢ଼ ହୋଇଥିବା ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଧାରଣାରେ ବସିଲେ କନିଷ୍ଠ ସ୍କିମାଟିକ୍ ଶିକ୍ଷକ

ଭୁବନେଶ୍ୱର,୨୩।୨(ସୁଚିସ୍ମିତା ସାହୁ)

ଆଶାୟୀ କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କ ନିଯୁକ୍ତିକୁ ନେଇ ଅସନ୍ତୋଷ ଥମିବା ନା ଧରୁନି। ୨୦୨୪ ଅକ୍ଟୋବରରେ ପ୍ରାୟ ୧୩ ହଜାରରୁ ଅଧିକ ଶିକ୍ଷକ ପଦବୀରେ ନିଯୁକ୍ତି ଦିଆଯାଇଥିବାବେଳେ ଏବେବି ୬୬୬୯ ପଦ ଖାଲି ରହିଛି। ଏସବୁ ପଦରେ ଆଶାୟୀ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ମଧ୍ୟ ରାଜ୍ୟ ସରକାର ତାହାକୁ ପାଳନ କରୁନାହାନ୍ତି। ପ୍ରତିବାଦରେ ସୋମବାର ଆଶାୟୀ କନିଷ୍ଠ ଶିକ୍ଷକାମାନେ ଗାନ୍ଧୀମାର୍ଗରେ ଧାରଣା ଦେବା ସହ ଦ୍ୱିତୀୟ ମେରିଟ୍ ଲିଷ୍ଟ ବାହାର କରି ତୁରନ୍ତ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ତ୍ୱରିତ ପଦକ୍ଷେପ ନିଆ ନ ଗଲେ ସପରିବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ନ୍ୟାୟ ଦାବିରେ ସିଡିଏଓ, ସିଡିପିଓ ଓ ଜିଲାପାଳଙ୍କୁ ଅଭିଯୋଗପତ୍ର

ପୁରୀ,୨୩।୨(ଅଜିତ୍ କୁମାର ମହାନ୍ତି)

ସରକାରୀ ଟୀକାକରଣ ସେବାକୁ ନେଇ ସିରେଇକଣା ଆଙ୍ଗନୱାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ଓ ଅସଦ୍‌ବ୍ୟବହାର ହୋଇଥିବା ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲାପାଳଙ୍କୁ ଅଭିଯାଗ ହୋଇଛି।

ଅଭିଯୋଗରେ ଦର୍ଶାଯାଇଛି, ଜଣେ ଅଭିଭାବକ ତାଙ୍କ ୪୫ ଦିନର ନବଜାତ ଶିଶୁଙ୍କୁ ନିୟମିତ ଟିକା ପାଇଁ ସକାଳ ୯ଟା ୪୫ରେ କେନ୍ଦ୍ରରେ ପହଞ୍ଚିଥିଲେ। ସେତେବେଳେ କେବଳ ଆଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିବାବେଳେ ହେଲ୍‌ଥ ୱାର୍କର୍ ଓ ଆଶା କର୍ମୀ ଅନୁପସ୍ଥିତ ଥିବାରୁ ପ୍ରାୟ ଏକ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ପରେ କର୍ମଚାରୀମାନେ ପହଞ୍ଚିଥିଲେ ମଧ୍ୟ ଶିଶୁକୁ ଟିକା ଦେଇ ନ ଥିଲେ। ଏନେଇ ଅଭିଭାବକମାନେ ପଚାରିବାରୁ ଅଭିଭାବକଙ୍କ ସହ ଅସଦବ୍ୟବହାର କରିଥିବା ନେଇ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ମହଲ୍‌ରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଯଥାଚିତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ଶିଶୁର ନୈତିକ ଶିକ୍ଷା ବିଦ୍ୟାଳୟର ଦାୟିତ୍ୱ

## ଡିଏମ୍ ପବ୍ଲିକ ସ୍କୁଲର ୪ର୍ଥ ବାର୍ଷିକ ଉତ୍ସବ

ପୁରୀ,୨୩।୨(ଅଜିତ୍ କୁମାର ମହାନ୍ତି)

ପରିବାର ଶିଶୁର ପ୍ରଥମ ଶିକ୍ଷା କେନ୍ଦ୍ର। ଏଣୁ କେବଳ ପାଠ୍ୟକ୍ରମ ଶିକ୍ଷା ନୁହେଁ, ଶିଶୁର ଅନ୍ତର୍ନିହିତ ବିକାଶ ପାଇଁ ଅଭିଭାବକମାନେ ଯତ୍ନବାନ ହେବା ଆବଶ୍ୟକ। ପିଲାମାନଙ୍କୁ ନୈତିକ ଶିକ୍ଷା ଓ ଦେଶାତ୍ମବୋଧର ଶିକ୍ଷାଦେବା ଶିକ୍ଷାନୁଷ୍ଠାନର ଦାୟିତ୍ୱ ବୋଲି ଡିଏମ୍ ପବ୍ଲିକ ସ୍କୁଲର ୪ର୍ଥ ବାର୍ଷିକ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।





ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

ଝାଡ଼େଶ୍ୱରୀ କ୍ଲବ ପଡ଼ିଆରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡାକ୍ତର ବରେନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିକ୍ଷାବିତ୍ ପ୍ରମୋଦ କୁମାର କର ଓ ପ୍ରାକ୍ତନ କାଉନସିଲର ପ୍ରୀତମ ଜଗଦେବ ଯୋଗଦେଇ ବ୍ୟବସ୍ଥିତ ଶିକ୍ଷା ପଦ୍ଧତି, ଭଲମଣିଷ ତିଆରି କରୁ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷା ସଂଘମିତ୍ରା ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭରେ ଜଗତ ଜୀବନ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ଦିକ୍ଷୀତ ଓ ପରେଶ କୁମାର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୋମଳମତି ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଜ୍ଞାଶ୍ରୀ ମହାନ୍ତି, ଅରୁନ୍ଧତୀ ସେନଗୁପ୍ତ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଅନୁଷ୍ଠାନର ଉପଦେଷ୍ଟା ପ୍ରଦୀପ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରସ୍ମାଞ୍ଜଳୀ ପରିଡ଼ା, ସୁଜାତା ପ୍ରଧାନ, ରଶ୍ମିତା ପଣ୍ଡା, ନଳିନୀ ପ୍ରଧାନ, ଇତିଶ୍ରୀ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାର୍ଥୀମାନେ ଉଚ୍ଚାକାଂକ୍ଷୀ ହେବାକୁ ପରାମର୍ଶ

## ବିନାୟକ ବିଦ୍ୟା ମନ୍ଦିରର ୧୫ତମ ବାର୍ଷିକ ଉତ୍ସବ

ପୁରୀ,୨୩।୨(ଅଜିତ୍ କୁମାର ମହାନ୍ତି)

ନବକଳେବର ରୋଡ୍ ମଧୁବନସ୍ଥିତ ବିନାୟକ ବିଦ୍ୟାମନ୍ଦିରର ପଞ୍ଚଦଶତମ ବାର୍ଷିକ ଉତ୍ସବ ରବିବାର ଭୋଳାନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଶିକ୍ଷାବିତ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ପ୍ରାକ୍ତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓସେପାର ଯୁଗ୍ମ ନିର୍ଦ୍ଦେଶିକା ମମତା ମିଶ୍ର, ମୁଖ୍ୟବକ୍ତା ଭାବେ ପିଲାଙ୍କ ବିଜ୍ଞାନ କେନ୍ଦ୍ର ଅନୁସନ୍ଧାନର ସମ୍ପାଦକ ସୁରେନ୍ଦ୍ର କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରତ୍ନାକର ବେହେରା, ରାଜକିଶୋର ସାହୁ ଏବଂ ରାଜ୍ୟ ଯୁବ ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ତଥା ସ୍କାଉଟ୍ସ ଓ ଗାଇଡ୍ସର ପୁରୀ ଜିଲା ଉପସଭାପତି ପ୍ରଦ୍ୟୁମ୍ନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ପ୍ରାରମ୍ଭରେ କୁନି କୁନି ବିଦ୍ୟାର୍ଥୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ସଂଯୁକ୍ତା ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନଶିକ୍ଷକ ତଥା ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ ବିବରଣୀ ପାଠ କରି ବିଦ୍ୟାଳୟର ବାର୍ଷିକ କାର୍ଯ୍ୟକ୍ରମ ଏବଂ ଆଗାମୀ ଦିନର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ। ଅତିଥିମାନେ ରାଷ୍ଟ୍ରଗଠନରେ ବିଦ୍ୟାର୍ଥୀଗଣ ନିଜକୁ ଭାଗୀଦାର କରି ଉଚ୍ଚାକାଂକ୍ଷୀ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଭୋଳାନାଥ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରବୀଣ କୁମାର ମହାନ୍ତି ଏବଂ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ସସ୍ମିତା ଜେନାଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶିକ୍ଷାବିକାଶ ପରିଷଦ ମେଧା ବୃତ୍ତି ପାଇଥିବା ଶ୍ରେୟାଶୀ ଶ୍ରୀପାଦ ପ୍ରଧାନ, ପ୍ରତ୍ୟାଶା ପ୍ରିୟଦର୍ଶିନୀ ପଲେଇ, ଶ୍ରୀ ମହାପାତ୍ର, ବିଦ୍ୟାଶ୍ରୀ ସାହୁ, ଜଗନ୍ନାଥ ପ୍ରସାଦ ସାହୁ, ପ୍ରଭୁ ପ୍ରସାଦ ମହାନ୍ତି, ଅଂଶୁମାନ ଦାଶ, ବିଶ୍ୱରୂପା ପୃଷ୍ଟି, ସୌମ୍ୟଜିତ ବେହେରା, ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତିଧାରୀ ବିଦ୍ୟାଶ୍ରୀ ସାହୁ, ଆର୍ଯ୍ୟଭଟ୍ଟ ଗଣିତ ମେଧାବୃତ୍ତିଧାରୀ ଦେବସ୍ମିତା ଜେନାଙ୍କ ସମେତ କ୍ରୀଡ଼ା ଚାମ୍ପିୟନ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିକାଶ ଦତ୍ତ ଧନ୍ୟବାଦ ଦେଇଥିଲେ। ସଭାପର୍ବ ପରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଜାତୀୟ, ସାଂସ୍କୃତିକ, କ୍ରୀଡ଼ା କାର୍ଯ୍ୟକ୍ରମରେ ଉଡ଼ାଯିବ କାଗଜ ପତାକା

ଭୁବନେଶ୍ୱର,୨୩।୨
(ସୌମ୍ୟରଞ୍ଜନ ରାଉତ)



## ଜାତୀୟ ପତାକା ବ୍ୟବହାର, ସମ୍ମାନ ପ୍ରଦର୍ଶନ ନେଇ ନିର୍ଦ୍ଦେଶନାମା ଜାରି

### ବ୍ୟବହାର ପରେ ଭୂମିରେ ନ ଫିଙ୍ଗି ମର୍ଯ୍ୟାଦାର ସହ ନଷ୍ଟ କରାଯିବ

ଜାତୀୟ ପତାକାର ବ୍ୟବହାର ଓ ସମ୍ମାନ ପ୍ରଦର୍ଶନ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜାତୀୟ ସମ୍ମାନର ଅପମାନ ନିବାରଣ ଆଇନ ୧୯୭୧ ଏବଂ ଭାରତୀୟ ଜାତୀୟ ପତାକା ସଂହିତା ୨୦୦୨ (୨୦୨୧ ଏବଂ ୨୦୨୨ ସଂଶୋଧିତ)ରେ ଜାତୀୟ ପତାକାର ବ୍ୟବହାର, ଉତ୍ତୋଳନ ଓ ପ୍ରଦର୍ଶନ ଉପରେ ନିୟନ୍ତ୍ରଣ ରଖାଯାଇଛି। ସଂଶୋଧିତ ଆଇନ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ଜାତୀୟ, ସାଂସ୍କୃତିକ ଏବଂ କ୍ରୀଡ଼ା କାର୍ଯ୍ୟକ୍ରମ ଅବସରରେ ସାଧାରଣ ଜନତା କାଗଜରେ ତିଆରି ଜାତୀୟ ପତାକା ଉଡ଼ାଇପାରିବେ। କାଗଜ ତିଆରି ପତାକା କାର୍ଯ୍ୟକ୍ରମ ପରେ ଫୋପାଡ଼ି ଦିଆଯିବ ନାହିଁ କିମ୍ବା ଭୂମିରେ ଫିଙ୍ଗାଯିବ ନାହିଁ। ଏହିପରି ପତାକାଗୁଡ଼ିକୁ ବ୍ୟବହାରକାରୀ ପତାକାର ମର୍ଯ୍ୟାଦା ସହିତ ବ୍ୟକ୍ତିଗତ ଭାବରେ ନଷ୍ଟ କରିବେ। ଭାରତୀୟ ଜାତୀୟ ପତାକା ଆମ ଦେଶର ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପ୍ରତିନିଧିତ୍ୱ କରେ, ତେଣୁ ଏହାକୁ ସମ୍ମାନର ସ୍ଥାନ ଦିଆଯିବା ଉଚିତ। ଜାତୀୟ ପତାକା ପ୍ରତି ସାର୍ବଜନୀନ ଶ୍ରଦ୍ଧା, ସମ୍ମାନ ଏବଂ ଆନୁଗତ୍ୟ ରହିଛି। ତଥାପି ଜାତୀୟ ପତାକା ପ୍ରଦର୍ଶନ ପାଇଁ ପ୍ରଯୁଜ୍ୟ ଆଇନ, ଅଭ୍ୟାସ ଓ ସମ୍ମିଳନୀ ସମ୍ପର୍କରେ ଲୋକଙ୍କ ଏବଂ ସରକାରଙ୍କ ସଂଗଠନ ବା ଏଜେନ୍ସିଗୁଡିକ ମଧ୍ୟରେ ସଚେତନତାର ସ୍ପଷ୍ଟ ଅଭାବ ପ୍ରାୟତଃ ପରିଲକ୍ଷିତ ହେଉଛି। ତେଣୁ ଭାରତୀୟ ଜାତୀୟ ପତାକା ସଂହିତାର ଯଥାର୍ଥ ଅନୁପାଳନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ଜଗନ୍ନାଥ ପଣ୍ଡାଙ୍କ କଳାକୃତିକୁ ପ୍ରଶଂସା କଲେ ନବୀନ

ଭୁବନେଶ୍ୱର,୨୩।୨
(ସୌମ୍ୟରଞ୍ଜନ ରାଉତ)

ଇଓ ଓଡ଼ିଶା ପକ୍ଷରୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆର୍ଟିଷ୍ଟ ଜଗନ୍ନାଥ ପଣ୍ଡାଙ୍କ ସାମ୍ପ୍ରତିକ କଳାକୃତିଗୁଡିକୁ ନେଇ ଏକକ ପ୍ରଦର୍ଶନୀ 'ଦ ଲଙ୍ଗ୍ ନାଓ ଅଫ୍ ଅସ୍' ୟୁନିଟ୍-୩ସ୍ଥିତ ଲଳିତକଳା ଏକାଡେମୀଠାରେ ଚାଲିଛି। ସୋମବାର ପ୍ରଦର୍ଶନୀର ଏକାଦଶତମ ଦିବସରେ ଅତିଥିଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଯୋଗଦେଇଥିଲେ। ପ୍ରଦର୍ଶିତ କାଳାକୃତି ମିକ୍ସଡ-ମିଡିଆ ପେଣ୍ଟିଂ, ସ୍ଥାପତ୍ୟ, ଇନ୍‌ଷ୍ଟାଲେଶନ୍ସ, ଡ୍ରଇଂ ଏବଂ ଡିଜିଟାଲ କଳାକୃତି ଉପରେ ଶିଳ୍ପୀ ଜଗନ୍ନାଥ ତାଙ୍କୁ ବୁଝାଇଥିଲେ। ପ୍ରଦର୍ଶନୀର ଆକର୍ଷଣ ସାଜିଥିବା ୧୬ ଫୁଟ୍‌ର ଅଭିଲେଖ ଆଧାରିତ ରଥକୁ ଦେଖି ପଟ୍ଟନାୟକ ଶିଳ୍ପୀଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ରମାକାନ୍ତ ସାମନ୍ତରାୟଙ୍କ ଦ୍ୱାରା ଲିଖିତ ପୁସ୍ତକ 'ରୂପକଥାର ରୂପକାର: ଜଗନ୍ନାଥ ପଣ୍ଡାଙ୍କ ଜୀବନ, ଦର୍ଶନ ଏବଂ ସୃଜନ'କୁ ପଟ୍ଟନାୟକଙ୍କୁ ଉପହାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ଆଶୋକଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶନୀ ଆୟୋଜନ ଓ ପ୍ରସ୍ତୁତିରେ ଶିବଦାସ ସେନଗୁପ୍ତା ସହଯୋଗ କରିଥିଲେ।



ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆର୍ଟିଷ୍ଟ ଜଗନ୍ନାଥ ପଣ୍ଡାଙ୍କ କଳାକୃତି ପ୍ରଦର୍ଶନୀକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଲି ଦେଖୁଛନ୍ତି। (ଫଟୋ- ବିକାଶ ନାୟକ)

# ଅତିରିକ୍ତ ଡିସିପିଙ୍କୁ ତଦନ୍ତ ଦାୟିତ୍ୱ

ଭୁବନେଶ୍ୱର,୨୩।୨(ତ୍ରିନାଥ ମହାନ୍ତି)

## ଆଇଆର୍‌ଏସ୍ ଅଫିସରଙ୍କ ବିରୋଧରେ ବଳାତ୍କାର ମାମଲା

- ଶହୀଦନଗର ଥାନାରେ ସେଣ୍ଟ୍ରାଲ ଜିଏସ୍‌ଟି ଟିମ୍‌ର ତନାଘନା
- କ୍ରାଇମ୍‌ବ୍ରାଞ୍ଚ ହାତକୁ ଯାଇପାରେ ମାମଲା
- ଅଧିକାରୀଙ୍କ ବିରୋଧରେ ଖୁବ୍ ଶୀଘ୍ର ବିଭାଗୀୟ କାର୍ଯ୍ୟାନୁଷ୍ଠାନ

ଆୟକର ବିଭାଗ ସରକାରୀ କ୍ୱାର୍ଟର୍ସରେ ଜଣେ ଯୁବତୀଙ୍କୁ ଜିଏସ୍‌ଟି ଯୁଗ୍ମ କମିଶନର(ଆଇଆର୍‌ଏସ୍) ଅଧିକାରୀ ବଳାତ୍କାର କରିବା ମାମଲାର ତଦନ୍ତ ଦାୟିତ୍ୱ ଜଣେ ଅତିରିକ୍ତ ଡିସିପି ପାହ୍ୟା ଅଫିସରଙ୍କୁ ଦିଆଯାଇଛି। ଅତିରିକ୍ତ ଡିସିପି ଆରତୀ ଗିରି ଏହି ମାମଲାର ତଦନ୍ତ କରିବେ। ଦାୟିତ୍ୱ ନେବାପରେ ସୋମବାର ସକାଳେ ଆରତୀ ଶହୀଦନଗର ଥାନାରେ ପହଞ୍ଚି ମାମଲା ସମ୍ପର୍କିତ ସମସ୍ତ କାଗଜପତ୍ର ନେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ସେଣ୍ଟ୍ରାଲ ଜିଏସ୍‌ଟିର ଏକ ଟିମ୍ ଶହୀଦନଗର ଥାନାରେ ପହଞ୍ଚି ଅଭିଯୋଗକୁ ଯାଞ୍ଚ କରିଛନ୍ତି। ଏଥିସହ ଏହି ମାମଲାକୁ ନେଇ ଡିଜିପି ୱାଇ.ବି. ଖୁରାନିଆ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାମଲା ରୁଜୁ ହେବାର ୧୦ ଦିନ ପରେ ବି ଉକ୍ତ ଅଧିକାରୀଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ତେଣୁ ଡିଜିପି ଏହି ମାମଲାକୁ କ୍ରାଇମ୍‌ବ୍ରାଞ୍ଚ ହାତକୁ ଦେବାକୁ ଯୋଜନା କରୁଛନ୍ତି। ଏନେଇ କ୍ରାଇମ୍‌ବ୍ରାଞ୍ଚ ଡିଜିଙ୍କ ସହ ଖୁରାନିଆ କଥାବାର୍ତ୍ତା ହୋଇଥିବା ବିଶେଷସୂତ୍ରରୁ ଜଣାପଡ଼ିଛି।

ସୂଚନାନୁସାରେ, ଅଭିଯୁକ୍ତ ଆଇଆର୍‌ଏସ୍ ଅଫିସର ସତ୍‌ସଙ୍ଗ ବିହାର ଅଞ୍ଚଳରେ ଥିବା କ୍ୱାର୍ଟର୍ସରେ ପରିବାର ସହ ରୁହନ୍ତି। ଆଇଆରଏସ୍‌ଙ୍କ ପତ୍ନୀଙ୍କ ଦେହ ଖରାପ ଥିବା ସମୟରେ ଗୋଠପାଟଣାରେ ରହୁଥିବା ଭଉଣୀ ତାଙ୍କୁ ଦେଖିବାକୁ କ୍ୱାର୍ଟର୍ସକୁ ଆସିଥିଲେ। ତାଙ୍କ ସହ କୁଜଙ୍ଗ ଅଞ୍ଚଳର ଆଉ ଜଣେ ଯୁବତୀ ମଧ୍ୟ ଆସିଥିଲେ। ଗତ ୧୫ ତାରିଖରେ ଆଇଆର୍‌ଏସ୍ ଅଧିକାରୀଙ୍କ ଭଉଣୀ ଓ ପତ୍ନୀ କୌଣସି କାମରେ ବାହାରକୁ ଯାଇଥିବାବେଳେ ଉକ୍ତ ଯୁବତୀ ଘରେ ରହିଥିଲେ। ଯୁବତୀଙ୍କୁ ଘରେ ଏକାକୀ ପାଇ ଆଇଆର୍‌ଏସ୍ ଅଫିସର ତାଙ୍କୁ ଲାପ୍‌ଟପ୍‌ରେ ମୁଭି ଦେଖିବାକୁ କହିଥିଲେ। ପରେ ମୁଭି ବଦଳରେ ଅଶ୍ଳୀଳ ଭିଡିଓ ଦେଖାଇ ବଳାତ୍କାର କରିଥିଲେ। ଯୁବତୀ ଏହାର ପ୍ରତିବାଦ କରିବାରୁ ଆଇଆର୍‌ଏସ ଅଫିସର ଜଣଙ୍କ ନିଜ ଫୋନରେ ବାଥ୍‌ରୁମରେ ଯୁବତୀ ପୋଷାକ ବଦଳାଉଥିବାର ସବୁ ଦୃଶ୍ୟ ରେକର୍ଡିଂ କରିଥିବା କହିଥିଲେ, ଏବଂ ଏହି ଭିଡିଓକୁ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଯୁବତୀ ଜଣଙ୍କ ଏହା ଶୁଣି ଡରି ଯାଇଥିଲେ। ହେଲେ ମଉକା ଦେଖି ଆଇଆର୍‌ଏସ୍ କ୍ୱାର୍ଟର୍ସରୁ ଖସି ପଳାଇଥିଲେ। ଏହାପରେ ଆଇଆର୍‌ଏସ୍ ଅଫିସର ଜଣଙ୍କ କରିଥିବା ଭିଡିଓ ପଠାଇ ବ୍ଲାକ୍‌ମେଲ କରିଥିଲେ। ଏନେଇ ୧୫ ତାରିଖରେ ଯୁବତୀ ଶହୀଦନଗର ଥାନାରେ ଏତଲା ଦେଇଥିଲେ।



ଶହୀଦନଗର ଥାନାରେ ସିଟି ଜିଏସ୍‌ଟି ଅଧିକାରୀ ପୋଲିସ ସହ ଆଲୋଚନା କରୁଛନ୍ତି।

# ରାଜ୍ୟରେ ଖାଲିପଡ଼ିଛି ୫,୯୬୭ ଡାକ୍ତର ପଦବୀ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୨ (ବନ୍ଦନା ସେଠୀ)

ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା ୧୫ହଜାର ୭୯୩ ରହିଛି। ୯୮୨୬ଜଣ ଡାକ୍ତର କାର୍ଯ୍ୟରତ ଥିବାବେଳେ ୫ହଜାର ୯୬୭ଟି ଡାକ୍ତର ପଦବୀ ଖାଲି ପଡିଛି। ଖାଲିଥିବା ସ୍ଥାନରେ ୧୨୨୪ଜଣଙ୍କୁ ଚୁକ୍ତିଭିତ୍ତିକ, ୧୧୩ଜଣଙ୍କୁ ଡିଏମ୍‌ଏଫ୍, ୧୯ଜଣଙ୍କୁ ଆଡ୍‌ହକ୍ ୪ଜଣଙ୍କୁ କର୍ପସ ଫଣ୍ଡ ଜରିଆରେ ନିଯୁକ୍ତି ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସୋମବାର ବିଧାନସଭାରେ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ଡବ୍ଲ୍ୟୁଏଚ୍‌ଓ ମାନକ ଅନୁଯାୟୀ ଡାକ୍ତର ଓ ଜନସଂଖ୍ୟା ଅନୁପାତ ୧:୧୦୦୦ ବା ପ୍ରତି ୧ହଜାରରେ ଜଣେ ଡାକ୍ତର ରହିବା ସ୍ଥଳେ ରାଜ୍ୟରେ ଏବେ ଏହି ଅନୁପାତ ୧:୧୨୬୫ ରହିଛି। ସେହିପରି ରାଜ୍ୟରେ ଖାଲିଥିବା ଡାକ୍ତର ପଦବୀଗୁଡିକୁ ଲୋକସେବା ଆୟୋଗ ଦ୍ୱାରା ଚୟନ, ବିଭାଗୀୟ ପଦୋନ୍ନତି ତଥା ଚୁକ୍ତିଭିତ୍ତିକ ନିଯୁକ୍ତି ଦ୍ୱାରା ଓ ଖାଲି ପଡ଼ିଥିବା ବିଶେଷଜ୍ଞ ପଦବୀଗୁଡିକୁ ପି.ଜି/ଏସ୍.ଆର୍ ସମ୍ପୂର୍ଣ୍ଣ କରି ଫେରୁଥିବା ଡାକ୍ତରଙ୍କ ଦ୍ୱାରା ଯଥା ସମ୍ଭବ ପୂରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ତଥ୍ୟ ରଖିଛନ୍ତି।

# ଜେଲ୍‌ ନିମାପଡ଼ା ସବ୍‌ଜେଲ୍‌ରୁ ମହିଳା କଏଦୀଙ୍କ ଝୁଲନ୍ତା ମୃତଦେହ ଜବତ

## କର୍ତ୍ତୃପକ୍ଷ ନିର୍ଯାତନା ଦେଇ ମାରିଦେଇଥିବା ଅଭିଯୋଗ

ନିମାପଡ଼ା,୨୩।୨(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡ଼ା ଉପକାରାଗାରରୁ ସୋମବାର ମଧ୍ୟାହ୍ନରେ ଜଣେ ବିଚାରାଧୀନ ମହିଳା କଏଦୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତ ମହିଳା ହେଲେ ଡେଲାଙ୍ଗ ଥାନା ଅଞ୍ଚଳର ମଧୁସ୍ମିତା ବରାଳ (୨୪)। ସେ ୨୦୨୫ ଡିସେମ୍ବର ୬ରୁ ନିମାପଡ଼ା ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ ବୋଲି ଜେଲ ଅଧୀକ୍ଷକ ସୁଶାନ୍ତ କୁମାର ରାଉତ ସୂଚନା ଦେଇଛନ୍ତି। ମହିଳା ବନ୍ଦୀ ଜଣକ ନିଜ ପିନ୍ଧାଲୁଗାକୁ ବେକରେ ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା କୁହାଯାଉଛି। ତେବେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

ସୂଚନା ଅନୁଯାୟୀ, ମହିଳା କଏଦୀଙ୍କୁ ଝୁଲନ୍ତା ଅବସ୍ଥାରେ ୱାର୍ଡର ଦେଖି ଜେଲ ଅଧୀକ୍ଷକଙ୍କୁ ଖବର ଦେଇଥିଲେ। କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଉପକାରାଗାର ଅଧୀକ୍ଷକ ରାଉତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଜେଲ୍‌ରେ ମଧୁସ୍ମିତାଙ୍କୁ କର୍ମଚାରୀମାନେ ନିର୍ଯାତନା ଦେଇ ମାରିଦେଇଥିବା ତାଙ୍କ ବୋହୂ ଡଲି ପରିଡ଼ା ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜେଲରେ ଜଗୁଆଳି ଓ ୱାର୍ଡର ଥିବା ସତ୍ତ୍ୱେ କିପରି ଏଭଳି ଘଟଣା ଘଟିଲା ଓ କେହି ଜାଣିପାରିଲେ ନାହିଁ, ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ପାଲଟିଛି।

# ଏମ୍‌ସରେ ଅତ୍ୟାଧୁନିକ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଆଣ୍ଡ୍ ରୋବୋଟିକ ସର୍ଜରି ସେବା

ଭୁବନେଶ୍ୱର,୨୩।୨(ବନ୍ଦନା ସେଠୀ)

## ଉଦ୍‌ଘାଟନ କଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା




ଅତ୍ୟାଧୁନିକ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଆଣ୍ଡ୍ ରୋବୋଟିକ ସର୍ଜରି ସେବାର ଉଦ୍‌ଘାଟନ ଅବସରରେ ଏମ୍‌ପି ଅପରାଜିତା ଷଡଙ୍ଗୀ, ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଓ ଅନ୍ୟମାନେ।

ଏମ୍‌ସ ଭୁବନେଶ୍ୱରରେ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ (ଲିଭର ଟ୍ରାନ୍ସପ୍ଲାଣ୍ଟ) ୟୁନିଟ୍ ସହିତ ଅତ୍ୟାଧୁନିକ ରୋବୋଟିକ ସର୍ଜରି ବ୍ୟବସ୍ଥା ଆରମ୍ଭ ହୋଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ସୋମବାର ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ନଡ୍ଡା କହିଲେ, ଏମ୍‌ସ ଭୁବନେଶ୍ୱର ପୂର୍ବରୁ ବୃକ୍କ୍ ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ କରିଆସୁଥିବାବେଳେ ଲିଭର ଟ୍ରାନ୍ସପ୍ଲାଣ୍ଟ ସେବା ଆରମ୍ଭ ସଫଳତାର ଆଉ ଏକ ମାଇଲଖୁଣ୍ଟ। ଏହି ନୂତନ ବ୍ୟବସ୍ଥାଗୁଡିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ମଜଭୁତ କରିବ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନର ଗୁଣବତ୍ତା ବୃଦ୍ଧି କରିବ। ଏହା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ରୋଗୀଙ୍କ ପାଇଁ ଉନ୍ନତ, ବିଶ୍ୱସ୍ତରୀୟ, ଜୀବନ ରକ୍ଷାକାରୀ ଚିକିତ୍ସା ସୁବିଧା ପ୍ରଦାନ କରିବ। ଅଙ୍ଗଦାନକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏଥିସହ ସର୍ଜିକାଲ ରୋବୋଟିକ ସିଷ୍ଟମ ସମ୍ପର୍କରେ ମନ୍ତ୍ରୀ କହିଲେ, ଏମ୍‌ସ ଭୁବନେଶ୍ୱର ଓଡ଼ିଶାର ପ୍ରଥମ ସରକାରୀ ଚିକିତ୍ସା ପ୍ରତିଷ୍ଠାନ, ଯାହା ଏକ ବ୍ୟାପକ ରୋବୋଟିକ୍ ସର୍ଜରି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିଛି। ରୋବୋଟିକ ପ୍ଲାଟ୍‌ଫର୍ମ ସୁଲଭ, ପ୍ରଯୁକ୍ତି ବିଦ୍ୟାଚାଳିତ ଏବଂ ସର୍ବନିମ୍ନ ଆକ୍ରମଣାତ୍ମକ ଶଲ୍ୟଚିକିତ୍ସା ପ୍ରଦାନକୁ ସକ୍ଷମ କରିବ। ଏହା ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରଣାଳୀ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ ବୋଲି ସେ ମତ ରଖିଥିଲେ।

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଲେ, ଏମ୍‌ସ ଭୁବନେଶ୍ୱର ଦେଶର ଅନ୍ୟ ଏମ୍‌ସ ପ୍ରତିଷ୍ଠାନ ପାଇଁ ଏକ ଆଦର୍ଶ। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ କହିଲେ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ-ଜେଏୱାଇ) ଏବଂ ରାଷ୍ଟ୍ରୀୟ ଆରୋଗ୍ୟ ନିଧି ଯୋଜନା ଅଧୀନରେ ଜୀବନ ରକ୍ଷାକାରୀ ପ୍ରତିରୋପଣ ସେବା ଯୋଗାଇ ଦିଆଯାଉଛି। ଏମ୍‌ସ ଭୁବନେଶ୍ୱର ଅଧକ୍ଷା ଡା. ଅନୀତା ସକ୍ସେନା, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଙ୍କିତା ମିଶ୍ର ବୁନ୍ଦେଲା ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଯକୃତ ପ୍ରଦାନ କରିଥିବା ଦୁଇ ଦାତାଙ୍କୁ ସମ୍ମାନିତ କରିଥିଲେ। ସେ କହିଲେ, ଏମ୍‌ସ ଭୁବନେଶ୍ୱରରେ ୧୦ ଶଯ୍ୟା ବିଶିଷ୍ଟ ଅତ୍ୟନ୍ତ ଉନ୍ନତ ଲିଭର ଟ୍ରାନ୍ସପ୍ଲାଣ୍ଟ ଇଣ୍ଟେନ୍ସିଭ କେୟାର ୟୁନିଟ୍ (ଆଇସିୟୁ) ଏବଂ ଏକ ସ୍ୱତନ୍ତ୍ର ମଡ୍ୟୁଲାର୍ ଓଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ସେହିପରି ରୋବୋଟିକ ସର୍ଜରି କାର୍ଯ୍ୟକ୍ରମ ପ୍ରାରମ୍ଭରେ ୟୁରୋଲୋଜି (ଜଟିଳ ଅଙ୍କୋଲୋଜିକାଲ ଏବଂ ପୁନଃନିର୍ମାଣ ପ୍ରକ୍ରିୟା), ଜେନେରାଲ ସର୍ଜରି, ସ୍ତ୍ରୀ ରୋଗ, ଶିଶୁ ରୋଗ ଶଲ୍ୟଚିକିତ୍ସା ପାଇଁ ସେବା ଯୋଗାଇବ।

ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଫିନା



@ ଜ୍ୟୋତିପ୍ରକାଶ



@ ଲିଜାଲିନ୍



@ ଶିଶିର



@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଶାରେ ଇତିହାସ ପାଲଟିବେ ମାଓବାଦୀ

■ ରାଜ୍ୟରେ ସକ୍ରିୟ ଅଛନ୍ତି ୪୦ ମାଓବାଦୀ
■ ୨୦୨୫ରେ ୨୫ ମାଓବାଦୀଙ୍କୁ ନିପାତ କରାଯାଇଛି: ମୁଖ୍ୟମନ୍ତ୍ରୀ
■ ଆତ୍ମସମର୍ପଣ ନକଲେ ପୋଲିସ ଗୁଳିରେ ଯିବ ଜୀବନ: ଏଡିଜି

ଭୁବନେଶ୍ୱର,୨୩।୨(ତ୍ରିନାଥ ମହାନ୍ତି)

୨୦୨୬ ମାର୍ଚ୍ଚ ୩୧ରେ ଓଡ଼ିଶାରେ ମାଓବାଦୀ ଇତିହାସ ପାଲଟିଯିବେ। ସେମାନଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ନିପାତ ହୋଇଯିବ। ଯେଉଁମାନେ ନିଜ ଜିଦ୍‌ରେ ଅଟଳ ରହିବେ ସେମାନେ ଖୁବ୍‌ଶୀଘ୍ର ପୋଲିସ ଗୁଳିରେ ଜୀବନ ହାରିବେ। କାରଣ କନ୍ଧମାଳରେ ପୋଲିସ ଏବଂ ଯବାନଙ୍କ ପକ୍ଷରୁ ବଡ଼ ଧରଣର ମାଓବାଦୀ ଅପରେଶନ କରାଯାଉଛି। ରାଜ୍ୟରେ ବର୍ତ୍ତମାନ ୪୦ ଜଣ ସକ୍ରିୟ ମାଓବାଦୀ ରହିଛନ୍ତି ବୋଲି ବିଧାନସଭାରେ ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଏକ ଲଖିତ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ତର ରଖିଛନ୍ତି। କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର ଓ ବରଗଡ଼ରେ ମାଓବାଦୀ ସକ୍ରିୟ ଅଛନ୍ତି। ଏହି ୬ଟି ଜିଲାର କିଛି ଅଞ୍ଚଳରେ ଛୋଟ ଦଳ ହୋଇ ସେମାନେ କାର୍ଯ୍ୟ କରୁଛନ୍ତି। ୨୦୨୫ରେ ୨୫ ମାଓବାଦୀଙ୍କୁ ପୋଲିସ ନିପାତ କରିଥିବା ମୁଖ୍ୟମନ୍ତ୍ରୀ ତଥ୍ୟ ରଖିଛନ୍ତି।

ବଡ଼ କଥା ହେଲା ପୋଲିସ ଫୋକସରେ ଏବେ କନ୍ଧମାଳ ଜିଲା ରହିଛି। କନ୍ଧମାଳର ରାଇକିଆ, ଦାରିଙ୍ଗବାଡ଼ି ଏବଂ କୋଟଗଡ଼ ଇଲାକାରେ ଆଉ ପ୍ରାୟ ୩୦ ମାଓବାଦୀ ସକ୍ରିୟ ରହିଛନ୍ତି। ସେଥିରେ ଜଣେ ଓଡ଼ିଆ ଥିବାବେଳେ ଜଣେ ମହାରାଷ୍ଟ୍ର କ୍ୟାଡର, ବାକି ୨୮ ଜଣ ଛତିଶଗଡ଼ କ୍ୟାଡର ଥିବା ପୋଲିସ ସୂଚନା ପାଇଛି। ସେମାନଙ୍କ ନେତୃତ୍ୱ ଶୁକ୍ରୁ ନେଉଛନ୍ତି। ତେଣୁ ତାଙ୍କୁ ହିଂସାର ପଥ ଛାଡ଼ି ଆତ୍ମସମର୍ପଣ କରିବାକୁ ଆହ୍ୱାନ କରାଯାଇଛି। ସେ ଆତ୍ମସର୍ମପଣ ନ କଲେ ପୋଲିସ ଗୁଳିରେ ଜୀବନ ଯିବ ବୋଲି ମାଓବାଦୀ ବିରୋଧୀ ଅପରେଶନ ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି।


**ଦଶମ ବିବାହ ବାର୍ଷିକୀ ଶୁଭେଚ୍ଛା**



**ଦିନବନ୍ଧୁ ସାହୁ ଓ ଲକ୍ଷ୍ମୀପ୍ରିୟା ସାହୁ**
(ଶଙ୍କରପୁର, ଡିହସାହି, କଟକ)
ପ୍ରଭୁ ଶ୍ରୀଜଗନ୍ନାଥ ତୁମମାନଙ୍କର ଚଲାପଥରେ ସର୍ବଦା ପୁଷ୍ପବୃଷ୍ଟି କରାନ୍ତୁ।
-:ଶୁଭେଚ୍ଛାସହ:-
ବାପା, ବଡ ଭାଇ, ଭାଉଜ, ଭଉଣୀ, ଭିଣୋଇ, ବନ୍ଧୁ ଓ ପରିବାରବର୍ଗ।
ଧ-୩୪୬୪

**ହସ୍ପିଟାଲ ପ୍ରୋଜେକ୍ଟ ପାଇଁ କଟକଠାରେ ଜମି/ବିଲ୍ଡିଂ ଆବଶ୍ୟକ**
ଏକ ଖ୍ୟାତନାମା କର୍ପୋରେଟ୍ ଗ୍ରୁପ୍ କଟକରେ ପ୍ରାଇମ୍ ମେନ୍ ରୋଡ୍ ସ୍ଥାନରେ ହସ୍ପିଟାଲ ଭାବେ ବ୍ୟବହୃତ ହେବା ପାଇଁ 1,00,000 ବର୍ଗଫୁଟର ବହୁମହଲା ବିଲ୍ଡିଂ ଲିଜ୍ ଆକାରରେ ନେବା ପାଇଁ ଇଚ୍ଛୁକ। 1 ଏକର କିମ୍ବା ଅଧିକ ପରିମାଣର ଜମିର ସ୍ପଷ୍ଟ ମାଲିକାନାଧାରୀ ମାଲିକ, ଯେଉଁମାନେ ସମ୍ପତ୍ତି ଉପରେ ନିର୍ମାଣ କାର୍ଯ୍ୟ କରିବା ଓ ସମ୍ପତ୍ତିକୁ ଦୀର୍ଘ ମିଆଦ ପାଇଁ ଲିଜ୍ ଆକାରରେ ଦେବା ପାଇଁ ଇଚ୍ଛୁକ, ସେମାନେ ତୁରନ୍ତ ଯୋଗାଯୋଗ କରନ୍ତୁ।
6261810767, 9039020183

**ହସ୍ପିଟାଲ ପ୍ରୋଜେକ୍ଟ ପାଇଁ ରସୁଲଗଡ଼ଠାରେ ଜମି/ବିଲ୍ଡିଂ ଆବଶ୍ୟକ**
ଏକ ଖ୍ୟାତନାମା କର୍ପୋରେଟ୍ ଗ୍ରୁପ୍ ରସୁଲଗଡ଼ଠାରେ ପ୍ରାଇମ୍ ମେନ୍ ରୋଡ୍ ସ୍ଥାନରେ ହସ୍ପିଟାଲ ଭାବେ ବ୍ୟବହୃତ ହେବା ପାଇଁ 50,000 ବର୍ଗଫୁଟର ବହୁମହଲା ବିଲ୍ଡିଂ ଲିଜ୍ ଆକାରରେ ନେବା ପାଇଁ ଇଚ୍ଛୁକ। 20,000 ବର୍ଗଫୁଟ କିମ୍ବା ଅଧିକ ପରିମାଣର ଜମିର ସ୍ପଷ୍ଟ ମାଲିକାନାଧାରୀ ମାଲିକ, ଯେଉଁମାନେ ସମ୍ପତ୍ତି ଉପରେ ନିର୍ମାଣ କାର୍ଯ୍ୟ କରିବା ଓ ସମ୍ପତ୍ତିକୁ ଦୀର୍ଘ ମିଆଦ ପାଇଁ ଲିଜ୍ ଆକାରରେ ଦେବା ପାଇଁ ଇଚ୍ଛୁକ, ସେମାନେ ତୁରନ୍ତ ଯୋଗାଯୋଗ କରନ୍ତୁ।
6261810767, 9039020183


# ଏନ୍‌ଇଇଟି ପାଇଁ ଚାପ ପକାଇବାରୁ ବାପାଙ୍କୁ ହତ୍ୟାକଲେ ପୁଅ

ଲକ୍ଷ୍ନୌ,୨୩।୨

ଏନ୍‌ଇଇଟି ପ୍ରସ୍ତୁତି ନିମନ୍ତେ ବାପା ବାରମ୍ବାର ଚାପ ପକାଇବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ୧୯ ବର୍ଷୀୟ ପୁଅ ତାଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ସେ ମୃତଦେହକୁ ଖଣ୍ଡଖଣ୍ଡ କରି ଘର ଭିତରେ ଏକ ଡ୍ରମ୍‌ରେ ଲୁଚାଇଥିଲେ। ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଏଭଳି ହତ୍ୟାକାଣ୍ଡ ଘଟିଥିବାବେଳେ ପୋଲିସ ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, ମାଧବେନ୍ଦ୍ର ସିଂ(୪୯)ଙ୍କର ଔଷଧ ଏବଂ ମଦ ବ୍ୟବସାୟ ରହିଛି। ଶୁକ୍ରବାରଠାରୁ ସେ ନିଖୋଜ ଥିବା ଅଭିଯୋଗ ହୋଇଥିଲା। ପୋଲିସ ତାଙ୍କ ଘରେ ପହଞ୍ଚି ତଦନ୍ତ କରିବାରୁ ବ୍ୟାରେଲ୍ ଭିତରୁ ମୃତଦେହର ଟୁକୁଡ଼ାସବୁ ମିଳିଥିଲା। ପୋଲିସ ପୁଅ ଅକ୍ଷତ ପ୍ରତାପ ସିଂଙ୍କୁ ଜେରା କରିବା ପରେ ସେ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି।



ମାଧବେନ୍ଦ୍ର ସିଂ



ଅକ୍ଷତ ପ୍ରତାପ ସିଂ

ପୋଲିସ କହିବା ଅନୁଯାୟୀ ମାନବେନ୍ଦ୍ର ତାଙ୍କ ପୁଅକୁ ଡାକ୍ତରୀ ଶିକ୍ଷା ପାଇଁ ଏନ୍‌ଇଇଟି ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେବାକୁ ଚାପ ପକାଉଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଏକାଧିକ ଥର ଝଗଡ଼ା ହେବା ସହ ଥରେ ଅକ୍ଷତ ଘରୁ ପଳାଇଯାଇଥିଲେ। ଶୁକ୍ରବାର ଅପରାହ୍ଣରେ ପୁନର୍ବାର ବାପପୁଅଙ୍କ ମଧ୍ୟରେ ଝଗଡ଼ା ହେବାରୁ ଅକ୍ଷତ ରାଇଫଲରେ ବାପାଙ୍କୁ ଗୁଳି କରିଥିଲେ। ପରେ ସେ ମୃତଦେହକୁ ତୃତୀୟ ମହଲାରୁ ତଳ ମହଲାର ଏକ ଖାଲି ପ୍ରକୋଷ୍ଠକୁ ଆଣି ଖଣ୍ଡଖଣ୍ଡ କରିବା ଆରମ୍ଭ କରିଥିଲେ। ଭଉଣୀ ଦେଖିଦେବାରୁ ସେ ତାଙ୍କୁ ଡରାଇ ନୀରବ କରିଦେଇଥିଲେ। ପରେ ଖଣ୍ଡିତ ମୃତଦେହକୁ ଏକ ପ୍ଲାଷ୍ଟିକ୍‌ରେ ପ୍ୟାକ୍ କରି ଲକ୍ଷ୍ନୌର ସଦରୁନା ନିକଟରେ ଫିଙ୍ଗିଦେଇଥିବାବେଳେ ଆଉ କେତେଖଣ୍ଡକୁ ଏକ ନୀଳରଙ୍ଗର ଡ୍ରମ୍‌ରେ ପୂରାଇ ଘରେ ରଖିଥିଲେ।

# ଆମେରିକାରେ ପ୍ରବଳ ତୁଷାରଝଡ଼, ଜନଜୀବନ ପ୍ରଭାବିତ

ନ୍ୟୁୟର୍କ,୨୩।୨

ଉତ୍ତରପୂର୍ବ ଆମେରିକାରେ ସୋମବାର ପ୍ରବଳ ତୁଷାରପାତ ଯୋଗୁ ସାଧାରଣ ଜନଜୀବନ ଭାରି ମାତ୍ରାରେ ପ୍ରଭାବିତ ହୋଇଛି। ନ୍ୟୁୟର୍କ ସମେତ ଏହା ନିକଟସ୍ଥ ବିଭିନ୍ନ ଅଞ୍ଚଳରେ ଅନେକ ଲୋକ ବାହାରକୁ ବାହାରିବା କଷ୍ଟକର ହୋଇପଡ଼ିଛି। ରାସ୍ତାରେ ୨ଫୁଟ୍ ଉଚ୍ଚତାର ବରଫସ୍ତର ପଡ଼ିରହିଥିବାରୁ ଯାନବାହନ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରବଳ ତୁଷାରପାତ ସହିତ ପବନ ଏବଂ ଦୃଶ୍ୟମାନତା କମ୍ ରହିଥିବାରୁ ଗାଡ଼ି ଚଳାଚଳ ବନ୍ଦ ସହିତ ସ୍କୁଲ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିବାକୁ ନ୍ୟୁୟର୍କ ମେୟର ଜୋହରାନ୍ ମେମଦାନି ନିର୍ଦ୍ଦେଶ ଦେଇଛନ୍ତି। ତୁଷାରପାତ ଯୋଗୁ ବିଭିନ୍ନ ସହରରେ ବିମାନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ୮୦୦୦ରୁ ଅଧିକ ବିମାନ ବାତିଲ କରିଦିଆଯାଇଥିବା କୁହାଯାଇଛି।


**Classified Everyday**
**0674-2580101, 9692975378**


# ଡିଲ୍ କରିସାରିଥିବା ରାଷ୍ଟ୍ରଙ୍କୁ ଟ୍ରମ୍ପଙ୍କ ଧମକ, ଅଧିକ ଟାରିଫ୍ ଲଗାଇବୁ

ୱାଶିଂଟନ୍,୨୩।୨

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍‌କୁ ନେଇ ଆମେରିକା ସୁପ୍ରିମକୋର୍ଟ ଦେଇଥିବା ରାୟ ଏବେ ସବୁ ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଟାରିଫ୍‌କୁ ନେଇ ଆଦାୟ ହୋଇଥିବା ଅର୍ଥ ଫେରିପାଇବାକୁ ଆମେରିକୀୟ ଆମଦାନୀକାରୀ କମ୍ପାନୀମାନେ ଚିନ୍ତା କରୁଥିଲାବେଳେ କେଉଁ ରାଷ୍ଟ୍ର ଉପରେ କେତେ ପରିମାଣର ଟାରିଫ୍ ଲାଗୁ ହେବ, ତାହାକୁ ନେଇ ବହୁ ରାଷ୍ଟ୍ର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏହାମଧ୍ୟରେ ସୋମବାର ଟ୍ରମ୍ପ ପୁଣି ଟାରିଫ୍ ଧମକ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ପରେ ଟାରିଫ୍ ହ୍ରାସ ପାଇବ ବୋଲି ଅନେକ ରାଷ୍ଟ୍ର ଭାବୁଛନ୍ତି। ସେହି ଅନୁସାରେ ଆମେରିକା ସହ ହୋଇଥିବା ବାଣିଜ୍ୟ ବୁଝାମଣାରେ ମଧ୍ୟ ପରିବର୍ତ୍ତନ ହେବ ବୋଲି ଆଶା କରୁଛନ୍ତି। କିନ୍ତୁ ଯେଉଁ ରାଷ୍ଟ୍ରଗୁଡ଼ିକ ବାଣିଜ୍ୟ ବୁଝାମଣା କରିସାରିଛନ୍ତି, ସେମାନେ ଯଦି ଗେମ୍ ଖେଳିବାକୁ ଚେଷ୍ଟା କରନ୍ତି, ସେମାନଙ୍କ ଉପରେ ଅଧିକ ହାରରେ ଟାରିଫ୍ ଲଗାଯିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ଯେଉଁ ରାଷ୍ଟ୍ରଗୁଡ଼ିକ ଆମେରିକାକୁ ଶୁଳ୍କ ଦୃଷ୍ଟିରୁ ଅନେକ ବର୍ଷ ଧରି ଠକି ଆସିଛନ୍ତି, ସେମାନେ ସତର୍କ ରୁହନ୍ତୁ ବୋଲି ଟ୍ରମ୍ପ କହିଛନ୍ତି।

# ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଆକ୍ସନ ନେଉଛି ଭିଜିଲାନ୍ସ

## ୫ବର୍ଷରେ ୩୧୦ ଲାଞ୍ଚୁଆ ବାବୁ ଗିରଫ ହେଲେଣି

ଭୁବନେଶ୍ୱର,୨୩।୨(ତ୍ରିନାଥ ମହାନ୍ତି)

ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ କଡ଼ା କାର୍ଯ୍ୟାନୁଷ୍ଠାନ ନେଉଛି। ଗତ ୫ ବର୍ଷରେ ଦୁର୍ନୀତି ମାମଲାରେ ୩୧୦ ଲାଞ୍ଚୁଆ ବାବୁ ଗିରଫ ହୋଇଛନ୍ତି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାନୁଆରୀ ୨୦୨୩ରୁ ଡିସେମ୍ବର ୨୦୨୫ ମଧ୍ୟରେ ୬୮୩ ଦୁର୍ନୀତି ମାମଲା ଭିଜିଲାନ୍ସରେ ରୁଜୁ ହୋଇଛି। ଏଥିରୁ ୩୩୭ଟି ମାମଲାରେ ଦଣ୍ଡ ବିଧାନ କରାଯାଇଛି। ୬ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସମ୍ପତ୍ତି ସରକାର ବାଜ୍ୟାପ୍ତି କରିଛନ୍ତି। ବାଜ୍ୟାପ୍ତି ହୋଇଥିବା ସମ୍ପତ୍ତିକୁ ଲୋକଙ୍କ କାର୍ଯ୍ୟରେ ବ୍ୟବହାର କରାଯାଇଛି। ଗୋଟେ ଲେଖାଏଁ ସରକାରୀ ଉଦ୍ୟାନ କୃଷି ନର୍ସରି, କାର୍ଯ୍ୟରତ ମହିଳା ଛାତ୍ରାବାସ, ଉପ ଡାକଘର, ସାର୍ବଜନୀନ ହୋମିଓପାଥିକ ଡିସ୍‌ପେନସାରୀ, ୩ଟି ଅଙ୍ଗନୱାଡି କେନ୍ଦ୍ରରେ ଉକ୍ତ ଅର୍ଥ ବ୍ୟବହାର ହେଉଛି। ୨୨ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କଠାରୁ ୪୦ କୋଟି ୮୪ ଲକ୍ଷ ୬୭ ହଜାର ଟଙ୍କା ଜବତ ହୋଇଛି। ସରକାରୀ କୋଷାଗାରରେ ୩୨ ଲକ୍ଷ ୫୦ ହଜାର ୮୪୪ଟଙ୍କା ନଗଦ ଜମା କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୫ ଏପ୍ରିଲ ପହିଲାରୁ ଡିସେମ୍ବର ୩୧ମଧ୍ୟରେ ରାଜ୍ୟ ସରକାର ଭିଜିଲାନ୍ସକୁ ୧୨୫ଟି ମାମଲାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଏକ ରେକର୍ଡ। ପୂର୍ବରୁ ଏହି ୯ ମାସର ସମୟ ଅବଧି ମଧ୍ୟରେ ରାଜ୍ୟ ସରକାର କେବେ ବି ଏତେ ସଂଖ୍ୟକ କେସ୍ ତଦନ୍ତ କରିବା ପାଇଁ ଦେଇ ନାହାନ୍ତି। ଏଥିସହିତ ୨୦୨୫ରେ ସମୁଦାୟ ୪୮୮ କେସ୍‌ର ଫଇସଲା ହୋଇଛି। ସର୍ବାଧିକ ୧୭୩ ଆୟ ବହିର୍ଭୂତ ସମ୍ପତ୍ତି ଠୁଳଜନିତ କେସ୍‌ର ଫଇସଲା ହୋଇଛି। ଏହା ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏକ ସର୍ବକାଳୀନ ରେକର୍ଡ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




**REAL ESTATE**
**SALE**

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537.
D-3215

Ready to sale 2BHK flats, 1200 & 1000sqft. at Tankapani Sai Mandira, near Krupajala Engineering College, opposite Hyundai Showroom, BBSR. Contact: 7978908980.
D-3441




All types of physiotherapy and massage contact 9556924059 / 7656969134.
D-3416


**LOST**

ଶ୍ରୀମତୀ ମାନସୀ ଖାଡ଼ଙ୍ଗା, ପିତା- ଗୁପ୍ତ ପ୍ରସାଦ ଖାଡ଼ଙ୍ଗା, ଗ୍ରାମ- ପାଞ୍ଜିଆଗୁଡା, ଗ୍ରାପ- ବାଲିଆ, ବ୍ଲକ- ଜୟପୁର ନିବାସୀଙ୍କର ସ୍ନାତକୋତ୍ତର ଫାର୍ମାସୀ ପ୍ରମାଣପତ୍ର ହଜିଯାଇଛି। ବର୍ତ୍ତମାନ ଉକ୍ତ ପ୍ରମାଣପତ୍ର ଆବଶ୍ୟକ ରହିଥିବା ବେଳେ ସେ ଡୁପ୍ଲିକେଟ ପ୍ରମାଣପତ୍ର ନିମନ୍ତେ ବିପିୟୁଟି ଭୁବନେଶ୍ୱରଠାରେ ଆବେଦନ କରିଛନ୍ତି।
ଧ-୩୪୬୦

**AFFIDAVIT**

ମୁଁ, କୃଷଣ କୁମାର ଟିକମାନି, ପିତା- ସ୍ୱର୍ଗତ ଶ୍ରୀ ଜଗଦୀଶ ପ୍ରସାଦ, ବାସିନ୍ଦା- SCR-3, VSS ନଗର, ଭୁବନେଶ୍ୱର- 751007, ମୋର ନାମକୁ କୃଷଣ ଟିକମାନି ଭାବେ ପରିବର୍ତ୍ତନ କରିଛି। ଏହି ପରେ ସମସ୍ତ କାର୍ଯ୍ୟ ଓ ଆଇନଗତ ଉଦ୍ଦେଶ୍ୟରେ ମୋତେ କୃଷଣ ଟିକମାନି ଭାବେ ଜଣାଯିବ ଏବଂ ସମସ୍ତ ରେକର୍ଡ ଓ ଦଲିଲରେ ଏହି ନାମ ରହିବ।
ଧ-୩୪୫୬

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate, Bhadrak, I, Basantilata Misra, aged 71 years, W/o.- Muralidhar Misra, At/P.O.- Kheranga, P.S.- Chandabali, Dist.- Bhadrak, Odisha-756131 hereby declare that my husband retired from the CISF Department. In the family pension papers, my name is recorded as Basanti Lata Mishra, DOB- 05.09.1957; however, in my Aadhaar card and other documents, my correct name is Basantilata Misra, DOB- 15.07.1954. Both names refer to one and the same person, i.e., myself. The discrepancy in the recording of my name in the family pension papers occurred due to an inadvertent typographical error, and neither the CISF Department nor I am responsible for the said mismatch. Henceforth, I shall be known as Basantilata Misra & DOB- 15.07.1954 for all future purposes.
D-3459

By virtue of an affidavit sworn before Notary Public, dated 23rd February 2026 I, Biswambar Ulaka, Village: Manikajhola, PO: Pitamahal, Dist.: Rayagada, Odisha, 765002, declare that I have changed my son's name from Nikhil Ulaka to Nikilu Ulaka. Henceforth, he shall be known as Nikilu Ulaka for all purposes.
Biswambar Ulaka
D-3457

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

PR No.- 26, Dtd.- 18.02.2026

ମାନ୍ୟବର ଚକବନ୍ଦୀ ତଥା ବନ୍ଦୋବସ୍ତ ଆୟୁକ୍ତ, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର, ଏସ୍.ଆର୍.ପି ନଂ. ୬/୨୦୨୪
ମନୋରମା ପରିଡ଼ା ଓଗେର ...........ବାଦୀମାନେ
ବନାମ
ଓଡ଼ିଶା ସରକାର ଓଗେର ..........ପ୍ରତିବାଦୀମାନେ
ନୋଟିସ ଅର୍ଡର-୫ ରୁଲ୍-୨୦ ମୁତାବକ
ପ୍ରାପ୍ତେଷୁ-
ପ୍ରତିବାଦୀ ନଂ. ୫- ସୁରେଶ ପ୍ରଧାନ, ପିତା- ୰ ଶଙ୍କର ପ୍ରଧାନ, ଠିକଣା- ସା- ଖୋର୍ଦ୍ଧା ଟାଉନ (ସ୍ୱପ୍ନେଶ୍ୱର ମନ୍ଦିର ନିକଟ), ସା/ପୋ/ଥାନା/ଜିଲ୍ଲା- ଖୋର୍ଦ୍ଧା। ପ୍ରତିବାଦୀ ନଂ.- ୮- ଗୁଣ୍ଡୁରି ପ୍ରଧାନ, ପ୍ରତିବାଦୀ ନଂ.- ୯- ରାଧା ପ୍ରଧାନ, ପ୍ରତିବାଦୀ ନଂ.-୧୦- ମେନକା ପ୍ରଧାନ, ପ୍ରତିବାଦୀ ନଂ.-୧୧- ପଞ୍ଚେଇ ପ୍ରଧାନ, ପ୍ରତିବାଦୀ ନଂ.- ୧୨- ବ୍ରାହ୍ମଣୀ ପ୍ରଧାନ, ପ୍ରତିବାଦୀ ନଂ.- ୧୩- ସାନୁଜା ପ୍ରଧାନ, କ୍ର. ନଂ. ୮ ରୁ ୧୩ ମାତା ୰ କୁନି ଜେନା ଓ ପିତା- ୰ ବଟୁ ଜେନା, ଠିକଣା- ସା - ବୋତଲମା, ପୋ/ଥାନା- ବେଗୁନିଆ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୦୩୮। ପ୍ରତିବାଦୀ ନଂ.- ୨୧- ନୀଳମଣି ସାହୁ, ପିତା- ୰ ଶଙ୍କର ସାହୁ, ଠିକଣା- ସା- ଜଜାରସିଂହ, ପୋ/ଥାନା/ଜିଲ୍ଲା- ଖୋର୍ଦ୍ଧା । ..........ପ୍ରତିବାଦୀମାନେ
ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଅଛି ଯେ, ଉପରଲିଖିତ ଏସ୍.ଆର୍.ପି କେସ୍‌ର ଶୁଣାଣି ମାନ୍ୟବର ଚକବନ୍ଦୀ ତଥା ବନ୍ଦୋବସ୍ତ ଆୟୁକ୍ତ, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ଅଦାଲତରେ ଆସନ୍ତା ତା.୨୩.୦୩.୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି ।
ଜମିଜମାର ବିବରଣୀ
ମୌଜା- ଜଜାରସିଂହ, ତହସିଲ- ଖୋର୍ଦ୍ଧା, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ. ୧୧୯୭, ଏଲ୍.ଆର୍ ଖାତା ନଂ. ୧୧୪୬, ପ୍ଲଟ୍ ନଂ. ୫୯୩, ଏରିଆ ଏ୦.୪୯୦ଡ଼ି., ଏହାର ସାବକ ଖାତା ନଂ. ୮୬୭, ସାବକ ପ୍ଲଟ୍ ନଂ. ୬୭୯ ଓ ୬୮୦, କ୍ରୟ ଏରିଆ ଏ୦.୫୧୪ ଡେସିମିଲ ସ୍ୱଧରୁ ଏ୦.୪୯୦ ଡେସିମିଲ।
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ୱା ମୃତ ହୋଇଥିଲେ ସେମାନଙ୍କ ୱାରସମାନେ ନିଜେ ବା ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉପରୋକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।
ତା. ୧୮।୦୨।୨୦୨୬ ମାନ୍ୟବର ଚକବନ୍ଦୀ ତଥା ବନ୍ଦୋବସ୍ତ ଆୟୁକ୍ତ
ସ୍ଥାନ- ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୩୪୬୧

PR No.- 25, Dtd.- 18.02.2026

ମାନ୍ୟବର ଚକବନ୍ଦୀ ତଥା ବନ୍ଦୋବସ୍ତ ଆୟୁକ୍ତ, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର, ଏସ୍.ଆର୍.ପି ନଂ. ୭୧/୨୦୨୩
ଦିଲ୍ଲୀପ କୁମାର ମହାପାତ୍ର ଓଗେର ...........ବାଦୀମାନେ
ବନାମ
ଓଡ଼ିଶା ସରକାର ଓଗେର ..........ପ୍ରତିବାଦୀମାନେ
ନୋଟିସ ଅର୍ଡର-୫ ରୁଲ୍-୨୦ ମୁତାବକ
ପ୍ରାପ୍ତେଷୁ-
ପ୍ରତିବାଦୀ ନଂ.- ୩(କ)- ନିରଞ୍ଜନ ପାଟସାଣୀ, ୩(ଖ)- ଗୋଲାପ ସ୍ୱାଇଁ, ୩(ଗ)- ଶାନ୍ତି ସୁନ୍ଦରାୟ, ଏମାନଙ୍କ ପିତା- ୰ ରଘୁନାଥ ପାଟସାଣୀ, ୪(କ)- ପ୍ରଦୀପ ପାଟସାଣୀ, ୪(ଖ)- ଦିଲ୍ଲୀପ ପାଟସାଣୀ, ୪(ଗ)- ମମତା ମହାପାତ୍ର, ଏମାନଙ୍କ ପିତା- ୰ ଦୋଳଗୋବିନ୍ଦ ପାଟସାଣୀ, ସମସ୍ତଙ୍କ ଠିକଣା: ସା/ପୋ- ଦିଘିରି, ଥାନା- ବୋଲଗଡ଼, ଜିଲ୍ଲା- ଖୋର୍ଦ୍ଧା। ୫(କ)- ବିଶ୍ୱନାଥ ସ୍ୱାଇଁ, ପିତା- ଧାନ ପାଟସାଣା, ସା/ପୋ- ବିଜିପୁର, ଥାନା- ଇଟାମାଟି, ଜିଲ୍ଲା- ନୟାଗଡ଼ । ୭(ଖ)- ଉର୍ମିଳା ପରିଡ଼ା, ପିତା- ୰ ଡଲି ପାଟସାଣୀ, ସା/ପୋ- ଦିଘିରି, ଥାନା- ବୋଲଗଡ଼, ଜିଲ୍ଲା-ଖୋର୍ଦ୍ଧା ।
..........ପ୍ରତିବାଦୀମାନେ
ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଅଛି ଯେ, ଉପରଲିଖିତ ଏସ୍.ଆର୍.ପି କେସ୍‌ର ଶୁଣାଣି ମାନ୍ୟବର ଚକବନ୍ଦୀ ତଥା ବନ୍ଦୋବସ୍ତ ଆୟୁକ୍ତ, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ଅଦାଲତରେ ଆସନ୍ତା ତା.୨୩.୦୩.୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି ।
ଜମିଜମାର ବିବରଣୀ
ମୌଜା- ବନ୍ଧସାହି, ତହସିଲ- ବୋଲଗଡ଼, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ. ୧୧୭, ପ୍ଲଟ୍ ନଂ. ୩୮, ଏରିଆ ଏ୦.୨୬୫ ଡି. ସ୍ୱଧରୁ ଏ୦.୨୩୭ଡି., ଏହାର ସାବକ ଖାତା ନଂ. ୬୪, ପ୍ଲଟ୍ ନଂ. ୨୯, କ୍ରୟ ଏରିଆ ଏ୦.୭୫୦ ଡେସିମିଲ ସ୍ୱଧରୁ ଏ୦.୨୩୭ ଡେସିମିଲ।
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ୱା ମୃତ ହୋଇଥିଲେ ସେମାନଙ୍କ ୱାରସମାନେ ନିଜେ ବା ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉପରୋକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।
ତା. ୧୮।୦୨।୨୦୨୬ ମାନ୍ୟବର ଚକବନ୍ଦୀ ତଥା ବନ୍ଦୋବସ୍ତ ଆୟୁକ୍ତ
ସ୍ଥାନ- ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୩୪୬୨

I No.- 128, Dtd.- 21.02.2026

ମାନ୍ୟବର ଅତିରିକ୍ତ ଆୟୁକ୍ତ ଡ. ଆଶୁତୋଷ ସାମଲ (ଓ.ଏ.ଏସ୍., ଏସ୍.ଏ.ଜି), ଆଡିସନାଲ ରିଭିଜନ କୋର୍ଟ ନଂ. ୨ଙ୍କ ଅଦାଲତ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍, ଭୁବନେଶ୍ୱର-୨, ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ, O.S.S. Case No. 1187/2022
ବିଜୟ କୁମାର ଜେନା ଓ ଓଗେର ...........ବାଦୀ
ବନାମ
ତହସିଲଦାର ଭୁବନେଶ୍ୱର ଓ ଓଗେର .........ପ୍ରତିବାଦୀ
ପ୍ରତିବାଦୀ ନଂ. ୨- ନିଧି ନାୟକ, ପିତା- ୰ ଦାମ ନାୟକ, ସା- ଶିମିଳିପାଟଣା, ପୋ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା। ନୋଟିସ ସି.ପି.ସି. ଅର୍ଡର ୫ ରୁଲ୍ ୨୦ ମତେ ମୁତାବକ
ଉପରୋକ୍ତ ଓ.ଏସ୍.ଏସ୍. କେସ୍ ବାଦୀ ବିଜୟ କୁମାର ଜେନା ଓ ଅନ୍ୟମାନେ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିଶନର ରିଭିଜନ କୋର୍ଟଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ୨ମୃତ ବୋଲି ପୋଷ୍ଟାଲ ଏଣ୍ଡୋର୍ସମେଣ୍ଟରେ ଦର୍ଶାଯାଇ ଶ୍ରୀ ହଜୁରଙ୍କ ଅଦାଲତରୁ ଯାଇଥିବା ନୋଟିସ ଅଦାଲତକୁ ଫେରସ୍ତ ଆସିଅଛି।
ଏଣୁ ତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, କୋର୍ଟ ନଂ. ୨ ଇଜିଲାସ କାର୍ଯ୍ୟାଳୟଠାରେ ଆସନ୍ତା ତା.୨୫।୦୩।୨୦୨୬ରିଖ ଦିବା ଘ.୧୧.୩୦ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।
ତଫସିଲ ସମ୍ପତ୍ତିର ବିବରଣୀ
ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଥାନା ନଂ. ୨୯, ମୌଜା- ଅଁଳାପାଟଣା, ସାବକ ଖାତା ନଂ. ୧୯, ପ୍ଲଟ୍ ନଂ. ୯୬/୧୫୮, ଏରିଆ- ୦.୦୪୪ଡି., ହାଲ୍ ଖାତା ନଂ.- ୮୦, ପ୍ଲଟ୍ ନଂ. ୧୦୫., ଏରିଆ- ଏ୦.୦୪୪ଡି., କିସମ- ପୁରାତନ ପତିତ।
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୨ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶଗ୍ରହଣ କରିପାରିବେ । ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ।
ଅତିରିକ୍ତ କମିଶନର, ରିଭିଜନ କୋର୍ଟ ନଂ. ୨ଙ୍କ ଆଦେଶକ୍ରମେ
ତା. ୨୧।୦୨।୨୦୨୬
ସ୍ୱା./- କୋର୍ଟ ଅଫିସର
ସ୍ଥାନ- ଭୁବନେଶ୍ୱର
କୋର୍ଟ ନଂ. ୨, ଭୁବନେଶ୍ୱର
ଧ-୩୪୬୩

**ମନେ ପଡ଼ନ୍ତି**

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ବିନୋଦିନୀ ଶତପଥୀ**
ବରିଷ୍ଠ ଶିକ୍ଷୟିତ୍ରୀ କେ.ପି. ହାଇ ସ୍କୁଲ
(ଗୋବିନ୍ଦପୁର, ଢେଙ୍କାନାଳ)
ତିରୋଧାନ: ୨୦।୦୩।୨୦୧୩
ସାତ ଜନମକୁ ସାତସପନ, ତୁମକୁ କରୁଛି ଅଭିନନ୍ଦନ
ଯଦି ତୁମେ କେବେ ଫେରିବ ମୋ ପାଶେ
ତୁମକୁ କରିବି ମୁଁ ଆଲିଙ୍ଗନ।
ତେରବର୍ଷ ପୂରି ଚଉଦ ଚାଲିଲା, ଚାଲିଗଲ ବହୁଦୂର
ତଥାପି କାହିଁକି ଶୁଖୁନି ଆଖିରୁ ଅମାନିଆ ଲୁହଧାର।
(ଇତି) ତୁମର ହତଭାଗ୍ୟ ସ୍ୱାମୀ:-
ସୁଭାଷ ଚନ୍ଦ୍ର ଶତପଥୀ
ଫୋନ୍- ୯୪୩୭୧୪୭୩୫୦
ଧ-୩୪୬୫

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଅନାଦି ଚରଣ ମଲିକ**
ଗୁଆଗଡ଼ିଆ, ବାସୁଦେବପୁର, ଭଦ୍ରକ
ଆବିର୍ଭାବ : ୨୭।୧୧।୧୯୩୪
ତିରୋଧାନ : ୨୪।୦୨।୨୦୨୨
ଆପଣଙ୍କ ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆମ ପରିବାରକୁ ଶୁଭଦୃଷ୍ଟି, ଆଶୀର୍ବାଦ ଦେଇଥାନ୍ତୁ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା ଜଣାଉଛୁ।
ଶୋକସନ୍ତପ୍ତ:- ପୁତ୍ର: ଅକ୍ଷୟ, ଗଙ୍ଗାଧର, ରମାକାନ୍ତ, ବରୁଣ, ପୁତ୍ରବଧୂ: ଶାନ୍ତି, କୌଶଲ୍ୟା, କୁନି, ସେବତୀ, ଜ୍ୱାଇଁ: ନାରାୟଣ, ଉମାକାନ୍ତ, ଝିଅ: ଝୁମ, ଗୁମ, ନାତି, ନାତୁଣୀ, ବନ୍ଧୁ ଏବଂ ଆତ୍ମୀୟସ୍ୱଜନ।
ଧ-୩୪୬୪


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ ।
BHIM UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ ।

## ଟାଙ୍ଗିଆରେ ହାଣି ସାନଭାଇଙ୍କୁ ହତ୍ୟା

ମୋହନା, (ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ରଞ୍ଜକୁଆ ଗାଁରେ ସାନ ଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ବଡ଼ ଭାଇ। ମୃତକ ହେଲେ ଲୁବି ମଳିକ ( ୩୪)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବଡ଼ଭାଇଙ୍କୁ ଗିରଫ କରିଛି। ରବିବାର ବିଳମ୍ବିତ ରାତିରେ କିଛି କଥାକୁ କେନ୍ଦ୍ରକରି ବଡ଼ଭାଇ ଗୋବିନ୍ଦ ମଳିକଙ୍କ ସହ ସାନ ଭାଇ ଲୁବିଙ୍କ ଗଣ୍ଡଗୋଳ ହୋଇଥିଲା। ଉଭୟଙ୍କ ସ୍ତ୍ରୀ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ କେହି ଶୁଣି ନ ଥିଲେ। ଗୋବିନ୍ଦ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ଆଣି ସେଥିରେ ଲୁବିଙ୍କୁ ହାଣି ହତ୍ୟା କରିଥିଲେ।

# ବାଲିଘାଟ ନିଲାମ ନାମରେ ୪କୋଟି ଟଙ୍କା ଠକେଇ

**ଇଓଡବ୍ଲ୍ୟୁରେ ଅଭିଯୋଗ ପରେ ମାମଲା ରୁଜୁ**

**ଗିରଫ ପାଇଁ ଯାଜପୁର, ଭଦ୍ରକର ଏକାଧିକ ସ୍ଥାନରେ ଚଢ଼ାଉ**

ଭୁବନେଶ୍ୱର,୨୩।୨(ତ୍ରିନାଥ ମହାନ୍ତି)

ବାଲିଘାଟ ନିଲାମ ନାମରେ ୪କୋଟିରୁ ଊର୍ଦ୍ଧ୍ୱ ଠକେଇ ହୋଇଥିବା ନେଇ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ଅଭିଯୋଗ ହୋଇଛି। ପଟିଆ ଶିଶୁବିହାର ପ୍ଲଟ୍ ନଂ-୩୪୮ରେ ରହୁଥିବା ଶୁଭ୍ରାଂଶୁ ଶେଖର ପତି ଇଓଡବ୍ଲ୍ୟୁରେ କରିଥିବା ଅଭିଯୋଗ ଅନୁସାରେ, ଅଭିଯୁକ୍ତ ଯାଜପୁର ପୁରୁଷୋତ୍ତମପୁର, ଆଦାଙ୍ଗ ଗ୍ରାମର ପ୍ରତ୍ୟୁଷ ପ୍ରସାଦ କର ଏବଂ ରାଜୀବ ଲୋଚନଙ୍କ ନାମରେ(ଇଓଡବ୍ଲ୍ୟୁ କେସ୍ ନଂ. ୪/୨୦୨୬)ରେ ଏକ ମାମଲା ଆଇପିସି ଦଫା ୪୨୦, ୪୬୭, ୪୬୮, ୪୭୧, ୧୨୦(ବି)ରେ ରୁଜୁ କରାଯାଇଛି। ବାଲିଘାଟ ନିଲାମ ନେଇ ସମସ୍ତ ଦସ୍ତାବିଜ୍ ତଦନ୍ତ ଅଧିକାରୀ ସଂଗ୍ରହ କରିବା ସହ ଅଭିଯୁକ୍ତ ପ୍ରତ୍ୟୁଷ ପ୍ରସନ୍ନ ଏବଂ ରାଜୀବଙ୍କୁ ଧରିବା ପାଇଁ ଯାଜପୁର, ଭଦ୍ରକରେ ଚଢ଼ାଉ କରାଯାଇଛି। ସେମାନଙ୍କୁ ଇଓଡବ୍ଲ୍ୟୁରେ ହାଜର ହୋଇ ନିଜ ପକ୍ଷ ରଖିବାକୁ କୁହାଯାଇଥିଲା। କିନ୍ତୁ ସେମାନେ ହାଜର ନ ହେବାରୁ ତଦନ୍ତ ଅଧିକାରୀ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ଅଭିଯୋଗ ଅନୁସାରେ, ଶୁଭ୍ରାଂଶୁ ଶେଖରଙ୍କ ଘର ମଞ୍ଜେଶ୍ୱର ବରିମୁଣ୍ଡରେ ହୋଇଥିବାବେଳେ ସେ ଶିଶୁବିହାରରେ ରହୁଛନ୍ତି। ଯାଜପୁରର ପ୍ରତ୍ୟୁଷ ପ୍ରସନ୍ନ ଏବଂ ରାଜୀବଙ୍କ ସହ ଶୁଭ୍ରାଂଶୁଙ୍କ ଭେଟ ହେବା ପରେ ସେମାନଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ଉଭୟ ପ୍ରତ୍ୟୁଷ ଏବଂ ରାଜୀବ ତାଙ୍କୁ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ବାଲିଘାଟ ନିଲାମ ନେବାକୁ କହିଥିଲେ। ଏପରି କି ମାସକୁ ୫ ଲକ୍ଷ ହିସାବରେ ବର୍ଷକୁ ୬୦ ଲକ୍ଷ ଟଙ୍କା ତାଙ୍କୁ ମିଳିବ ବୋଲି କହିଥିଲେ। ଲୋଭରେ ପଡି ଶୁଭ୍ରାଂଶୁ ବାଲିଘାଟକୁ ୨୦୨୧-୨୦୨୨ ବର୍ଷ ପାଇଁ ୨୦୨୧ ମାର୍ଚ୍ଚ ୧୯ରେ ୫କୋଟି ୫୨ଲକ୍ଷ ୭୧ ହଜାର ଟଙ୍କାରେ ନିଲାମ ନେଇଥିଲେ। ନିଲାମ ନେବା ପରେ ସବୁ କିଛି ବୁଝିବା ସହ ସରକାରଙ୍କ ଅନ୍ୟାନ୍ୟ ଖର୍ଚ୍ଚ ପ୍ରତ୍ୟୁଷ ଏବଂ ରାଜୀବ ବୁଝିବେ ବୋଲି କହିଥିଲେ। ଏଥିପାଇଁ ଶୁଭ୍ରାଂଶୁ ଏବଂ ପ୍ରତ୍ୟୁଷଙ୍କ ମଧ୍ୟରେ ଏକ ଏଗ୍ରିମେଣ୍ଟ ହୋଇଥିଲା। କିନ୍ତୁ ଚତୁରତାର ସହ ପ୍ରତ୍ୟୁଷ ନିଲାମ ଟଙ୍କା ନିଜ ଆକାଉଣ୍ଟକୁ ନ ନେଇ ନିଜ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ନେଇଯାଇଥିଲେ। ଠିକ୍ ସମୟରେ ତହସିଲ୍ ଅଫିସରେ ନିଲାମ ଟଙ୍କା ପୈଠ କରା ନ ଯିବାରୁ ତହସିଲଦାର ନିଲାମ ରଦ୍ଦ ପାଇଁ ନୋଟିସ୍ କରିଥିଲେ। ଏହା ବିରୋଧରେ ସେମାନେ ହାଇକୋର୍ଟ ଯିବାପରେ ଦୁଇଟି କିସ୍ତିରେ ବାଲିଘାଟ ଟଙ୍କା ପୈଠ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଭଦ୍ରକ ଜିଲାପାଳ ଦୁଇଟି କିସ୍ତିରେ ଟଙ୍କା ଦେବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାପରେ ଭଣ୍ଡାରିପୋଖରୀ ତହସିଲଦାରଙ୍କ ନିକଟରେ ୨କୋଟି ୭୬ ଲକ୍ଷ ୩୫ ହଜାର ଟଙ୍କା ଦାଖଲ କରାଯାଇଥିଲା। ଚୁକ୍ତି ଅନୁସାରେ ପ୍ରତ୍ୟୁଷ ଏବଂ ରାଜୀବ ତାଙ୍କ ସମ୍ପର୍କୀୟଙ୍କ ଆକାଉଣ୍ଟରୁ ୨ କୋଟି ୭୬ ଲକ୍ଷ ୩୫ ହଜାର ଟଙ୍କା ଅଭିଯୋଗକାରୀଙ୍କ ଆକାଉଣ୍ଟରେ ଜମା କରିଥିଲେ। କିନ୍ତୁ ଚୁକ୍ତି ଅନୁସାରେ ରାଜୀବ ଓ ଅନ୍ୟମାନେ ବାଲିଘାଟରୁ ବାଲି ଉଠାଇ ବିକ୍ରି କରି ଚାଲିଥିଲେ। ପ୍ରତ୍ୟୁଷ ଦ୍ୱିତୀୟ ପର୍ଯ୍ୟାୟରେ ଶୁଭ୍ରାଂଶୁଙ୍କ ଆକାଉଣ୍ଟରେ ୨କୋଟି ୭୬ ଲକ୍ଷ ୩୫ ହଜାର ଜମା କଲେ ନାହିଁ କିମ୍ବା ଚୁକ୍ତି ମୁତାବକ ତାଙ୍କୁ ମାସକୁ ୫ଲକ୍ଷ ଟଙ୍କା ଦେଲେ ନାହିଁ। ୨୦୨୧ ନଭେମ୍ବର ୧୧ରେ ତହସିଲ ଦ୍ୱିତୀୟ କିସ୍ତି ଟଙ୍କା ପୈଠ କରିବାକୁ ନୋଟିସ କରିବା ପରେ ଶୁଭ୍ରାଂଶୁ ଦ୍ୱିତୀୟ କିସ୍ତି ଟଙ୍କା ଦେବାକୁ ଅଭିଯୁକ୍ତମାନଙ୍କୁ କହିଥିଲେ। ହେଲେ ଅଭିଯୁକ୍ତମାନେ କିସ୍ତି ଟଙ୍କା ନଦେଇ ଧମକଚମକ ଦେବା ପରେ ଶୁଭ୍ରାଂଶୁ ଧାର କରଜ କରି ଟଙ୍କା ପୈଠ କରିଥିଲେ। ହେଲେ ଅଭିଯୁକ୍ତମାନେ ତାଙ୍କୁ ଫସାଇବା ପାଇଁ ଧମକ ଦେବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ଶୁଭ୍ରାଂଶୁ ପୈଠ କରିଥିବା ଦ୍ୱିତୀୟ କିସ୍ତି ବାବଦକୁ ୨କୋଟି ୭୬ ଲକ୍ଷ ୩୫ ହଜାର ଏବଂ ବର୍ଷକୁ ୬୦ ଲକ୍ଷ ହିସାବରେ ଅଭିଯୁକ୍ତମାନେ ୩ କୋଟି ୩୬ ଲକ୍ଷ ୩୫ ହଜାର ୫୭୧ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

# ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ



ମୈଦଲପୁର ଥାନାକୁ ନ୍ୟାୟ ଦାବି କରିବାକୁ ଆସିଥିବା ମୃତକଙ୍କ ପରିବାର ଲୋକେ।

ପାପଡ଼ାହାଣ୍ଡି, ୨୩।୨ (ସ୍ୱପ୍ନଜିତ ପଟ୍ଟନାୟକ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣରେ ଗୁରୁତର ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ନେଇ ନବରଙ୍ଗପୁର ଜିଲା ମୈଦଲପୁର ଥାନାରେ ରବିବାର ବିଳମ୍ବିତ ରାତିରେ ଅଭିଯୋଗ ହୋଇଛି। ସୋମବାର ପରିବାର ଲୋକେ ଥାନାକୁ ଆସି ନ୍ୟାୟ ଦେବାକୁ ଦାବି କରିଛନ୍ତି। ମୃତକ ହେଲେ ମୈଦଲପୁର ଥାନା ଅଧୀନ ଆଉଁଳି ଗ୍ରାମର ତ୍ରିନାଥ ନାୟକ। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ପ୍ରକାରେ ରବିବାର ଅପରାହ୍ନ ୩ଟା୩୦ରେ ଗାଁରେ ପୂର୍ବ ଶତ୍ରୁତାକୁ ନେଇ ତ୍ରିନାଥଙ୍କ ସହ କେତେଜଣ ଲୋକଙ୍କ ବଚସା ହୋଇଥିଲା। ବଚସା ପରେ ତ୍ରିନାଥଙ୍କୁ ୧୦ ଜଣ ମିଶି ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମୈଦଲପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତ୍ରିନାଥଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରବିବାର ବିଳମ୍ବିତ ରାତିରେ ମୈଦଲପୁର ଥାନାରେ ଏତଲା ପରେ ପୋଲିସ ୫ ଜଣଙ୍କୁ ଥାନାରେ ଆଣି ଅଟକ ରଖି ପଚରାଉଚରା କରୁଛି। ଅନ୍ୟମାନେ ଫେରାର ଥିବା ପୋଲିସ ସୂଚନା ଦେଇଛି। କେସ୍ ନଂ. ୨୦/୨୬ ରେ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରିଥିବା ଥାନା ଅଧିକାରୀ ଯୁଗଳ ଶବର କହିଛନ୍ତି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ବରପଦା ଜଙ୍ଗଲରୁ ୩ୟ ଅଭିଯୁକ୍ତ ଗିରଫ

**କିନ୍ନର ଅଞ୍ଜଳି ହତ୍ୟା ମାମଲା**

ପିପିଲି, ୨୩।୨ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପିପିଲି ଥାନା ଅଧୀନ ସିଫା ନିକଟରେ ଗତ ୧ ତାରିଖରେ ଘଟିଥିବା କିନ୍ନର ଅଞ୍ଜଳି ଓରଫ ଦିନେଶ ରାଉତ ହତ୍ୟା ମାମଲାରେ ପୋଲିସ ରବିବାର ରାତିରେ ତୃତୀୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରାମଚଣ୍ଡୀ ଥାନା ଅଧୀନ ବାଙ୍ଗର ଗ୍ରାମର ଛବିନା କାଣ୍ଡି ଓରଫ ମୁନା(୩୫)। ସ୍ଥାନୀୟ ବରପଦା ଗ୍ରାମ ନିକଟ ଜଙ୍ଗଲର ଏକ କୁଡ଼ିଆ ଘରେ ସେ ଲୁଚିଥିବା ପୋଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ତାଙ୍କୁ ଗିରଫ କରିଥିଲା। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି ବୋଲି ପିପିଲି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

ସୂଚନାଯୋଗ୍ୟ, ଏହି ଘଟଣାକୁ ନେଇ ପୋଲିସ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ସିସିଟିଭି ଫୁଟେଜ ଏବଂ ଅନ୍ୟ ତଥ୍ୟ ଆଧାରରେ ତଦନ୍ତ ଚଳାଇଥିଲା। ହତ୍ୟାକାଣ୍ଡର ୧୧ଦିନ ପରେ ମୁଖ୍ୟ ଅଭିଯୁକ୍ତ କ୍ରିଷ୍ଣା କାଣ୍ଡି (୨୫)ଙ୍କୁ ପୋଲିସ ପିପିଲି-ଭୁବନେଶ୍ୱର ବାଇପାସ୍‌ରେ ଥିବା ନାୟାର ପେଟ୍ରୋଲ ପମ୍ପ ନିକଟରେ ଏନ୍‌କାଉଣ୍ଟର କରି ଗିରଫ କରିଥିଲା। ଏହାର ୨୪ ଘଣ୍ଟା ନ ପୂରୁଣୁ ଅନ୍ୟତମ ଅଭିଯୁକ୍ତ ସୁନୀଲ କାଣ୍ଡି ଓରଫ ଗେଜା(୨୨)ଙ୍କୁ କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତର ବିଅଁଳ ଗ୍ରାମ ମଠସାହିରୁ ଗିରଫ କରାଯାଇଥିଲା। ଘଟଣାର ୨୨ଦିନ ପରେ ତୃତୀୟ ଅଭିଯୁକ୍ତ ଧରାପଡ଼ିଛନ୍ତି। ଗତ ୧ତାରିଖ ରାତିରେ ଅଭିଯୁକ୍ତମାନେ ଛିନ୍‌ତାଇ ଉଦ୍ଦେଶ୍ୟରେ ପ୍ରଥମେ କିନ୍ନର ଅଞ୍ଜଳିଙ୍କ ଭ୍ୟାନିଟି ବ୍ୟାଗ୍ ଛଡ଼ାଇଥିଲେ। ଏହାକୁ ଅଞ୍ଜଳି ବିରୋଧ କରିଥିଲେ। ଏନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ୩ ଅଭିଯୁକ୍ତ ମିଶି ଅଞ୍ଜଳିଙ୍କୁ ବୀଭତ୍ସ ଭାବେ ହତ୍ୟା କରିଥିଲେ। ତେବେ ଅଞ୍ଜଳିଙ୍କ ଭ୍ୟାନିଟିରୁ ମାତ୍ର ୩୦ ଟଙ୍କା ମିଳିଥିବା ଅଭିଯୁକ୍ତମାନେ ପଚରାଉଚରାବେଳେ ପ୍ରକାଶ କରିଛନ୍ତି ବୋଲି ଥାନା ଅଧିକାରୀ ତ୍ରିପାଠୀ ସୂଚନା ଦେଇଛନ୍ତି।



ଗିରଫ ଛବିନା କାଣ୍ଡିଙ୍କ ସମ୍ପର୍କରେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଉଛନ୍ତି।

## ୪ ମହଲା ଛାତରୁ ଖସି ମହିଳା ମୃତ

ପାରାଦୀପ, ୨୩।୨ (ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ତାରିଣୀଗଡ଼ା ଅଞ୍ଚଳରେ ସୋମବାର ସକାଳେ ୪ ମହଲା ବିଶିଷ୍ଟ କୋଠା ଛାତରୁ ଖସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରି ନାହିଁ। ଆଦର୍ଶଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଜରିଆରେ ତଦନ୍ତ ଚଳାଇଛି। ଉକ୍ତ ଘରେ ଲାଗିଥିବା ସିସିଟିଭିର ଫୁଟେଜ୍ ଥିବା କମ୍ପ୍ୟୁଟର ହାର୍ଡଡିସ୍କକୁ ଜବତ କରି ଯାଞ୍ଚ କରାଯାଉଛି। ଘରର ଚତୁର୍ଥ ମହଲାରେ ଥିବା ୯ ଜଣ ଭଡ଼ାଟିଆ ଯୁବକଙ୍କ ମଧ୍ୟରୁ ୭ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଛାତ ଉପରୁ ମହିଳାଙ୍କ ଚପଲ ମିଳିଛି। ଛାତରୁ ଖସିବାବେଳେ ମହିଳାଙ୍କ ପୋଷାକ ଚିରି କାନ୍ଥ ପାଇପରେ ଲାଗିଥିବା ବେଳେ ତାଙ୍କର ଅର୍ଦ୍ଧନଗ୍ନ ମୃତଦେହ ରାସ୍ତାରେ ପଡ଼ିଥିବା ଦେଖିବାକୁ ମିଳିଛି।

# ‘ସେଲ୍ ରଡ୍ କାଟି ଫେରାର ହୋଇଥିଲେ’

**■ମଧୁକାନ୍ତଙ୍କ ରିମାଣ୍ଡ ଅବଧି ସରିଲା**

**■ଚୌଦ୍ୱାର ମଣ୍ଡଳ କାରାଗାରରୁ ଫେରାର କଏଦୀ ଗିରଫ ମାମଲା**

କଟକ, ୨୩।୨ (କାର୍ତ୍ତିକ ସାହୁ)

ଚୌଦ୍ୱାର ମଣ୍ଡଳ କାରାଗାରରୁ ଫେରାର କଏଦୀ ମଧୁକାନ୍ତ ରାଣାଙ୍କୁ ରିମାଣ୍ଡରେ ଆଣିଥିବା କମିଶନରେଟ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଜଣାଯାଇଛି। ରିମାଣ୍ଡ ଅବଧି ଶେଷ ପରେ ମଧୁକାନ୍ତ ପୁଣି ଜେଲ କୋଠରିକୁ ଫେରିଯାଇଛନ୍ତି। ତେବେ ରିମାଣ୍ଡ ସମୟରେ ପୋଲିସ ମଧୁକାନ୍ତଙ୍କଠାରୁ ଅନେକ ତଥ୍ୟ ହାସଲ କରିଥିବା ସୋମବାର କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ କହିଛନ୍ତି। ମଧୁକାନ୍ତଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ଖୁବ୍‌ଶୀଘ୍ର ରାଜା ସାହାଣୀଙ୍କୁ ପୋଲିସ ଗିରଫ କରିବ ବୋଲି ଜଣାପଡ଼ିଛି। ଏନେଇ ସବୁ ଯୋଜନା ଆରମ୍ଭ ହୋଇସାରିଥିବା ଡିସିପି ସୂଚନା ଦେଇଛନ୍ତି।

ବିଶେଷ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଜେଲ ସେଲରୁ ବାହାରିବା ପାଇଁ ନିଜର ଓଜନ କମାଇଥିଲେ ମଧୁକାନ୍ତ। କିଛିଦିନ ପୂର୍ବରୁ ସେ ନିଜର ଖାଦ୍ୟ କମାଇ ଦେଇଥିଲେ। ବାହାରିବା ସମୟରେ ସେଲ ରଡ୍ ଦେଇ ମଧୁକାନ୍ତଙ୍କୁ ଟାଣିଥିଲେ ରାଜା ସାହାଣୀ। ଅକ୍ଟୋବର ୨ ତାରିଖ ପୂର୍ବରୁ ସେଲର ରଡ୍ କଟାଯାଇଥିଲା। ଜଣା ନ ପଡ଼ିବା ପାଇଁ ମଶାଧୂପ କଏଲ ପାଉଁଶ, ଚିନି ଓ ପାଣି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରିଥିଲେ ଦୁଇ କଏଦୀ। ଏହି ପେଷ୍ଟକୁ ପୂର୍ବରୁ କାଟିଥିବା ରଡ୍ ଭିତରେ ଦେଇ ଯୋଡ଼ିଥିଲେ। ଫଳରେ ସେଲ୍‌ର ଲୁହାରଡ୍ କଟାଯାଇଛି ବୋଲି ଜଣାପଡୁ ନ ଥିଲା। ମଧୁକାନ୍ତଙ୍କୁ ରିମାଣ୍ଡ ସମୟରେ ପଚରାଉଚରା ବେଳେ ଏଭଳି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସ ପାଇଛି। ଜେଲରୁ ବାହାରିବା ପରେ କେଉଁ କେଉଁ ବାଟ ଦେଇ ମଧୁକାନ୍ତ ଓ ରାଜା ସାହାଣୀ ଯାଇଛନ୍ତି ସେନେଇ ପଚରାଉଚରା କରିଛି ତଦନ୍ତକାରୀ ପୋଲିସ ଟିମ୍। ସେମାନଙ୍କୁ ଫେରାର ହେବାରେ କେଉଁମାନେ ସହଯୋଗ କରିଥିଲେ ତାହା ମଧ୍ୟ ଜାଣିବାକୁ ଚେଷ୍ଟା କରିଛି ପୋଲିସ ଟିମ୍। ରାଜା ସାହାଣୀ ସମ୍ପର୍କରେ ମଧ୍ୟ ମଧୁକାନ୍ତଙ୍କୁ ପଚରାଉଚରା କରାଯାଉଛି। ରାଜା ସମ୍ପର୍କରେ ପୋଲିସକୁ କିଛି ସୁରାକ ମିଳିଛି। ଦୁଇ କଏଦୀ ଫେରାର ଘଟଣାରେ ପୂର୍ବରୁ ୨ଜଣ ଜେଲ କର୍ମଚାରୀଙ୍କୁ ପୋଲିସ ପଚରାଉଚରା କରିଛି।

## Business

# ଟିୟର-୨ ଓ ଟିୟର-୩ ସହରରେ ୭୦% ରୋଜଗାର

ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)





ଭାରତରେ ସଂଗଠିତ ଓ ଫର୍ମାଲ ନିଯୁକ୍ତିର ଚିତ୍ର ବଦଳୁଛି। କ୍ୱେସ କର୍ପୋରେଶନ ରିପୋର୍ଟ ଅନୁଯାୟୀ, ଦେଶର ପ୍ରାୟ ୬୯-୭୦% ପେରୋଲ-ଆଧାରିତ ଚାକିରି ଏବେ ଟିୟର-୨ ଓ ଟିୟର-୩ ସହରଗୁଡ଼ିକରେ କେନ୍ଦ୍ରୀଭୂତ ହୋଇଛି। ଟିୟର-୩ ସହରଗୁଡ଼ିକ ୪୦% ରୋଜଗାର ଯୋଗାଇ ଦେଉଛନ୍ତି, ଯାହା ଟିୟର-୧ (ମେଟ୍ରୋ) ସହରଗୁଡ଼ିକର ୩୧% ଓ ଟିୟର-୨ର ୨୯%ଠାରୁ ଅଧିକ। ଏହି ରିପୋର୍ଟ ୬୪୦ରୁ ଅଧିକ ସ୍ଥାନ ଓ ୪.୮୩ ଲକ୍ଷରୁ ଅଧିକ କର୍ମଚାରୀଙ୍କ ଡାଟା ଉପରେ ଆଧାରିତ, ଯାହା ଦେଶର ବିଭିନ୍ନ ରାଜ୍ୟକୁ ସାମିଲ କରିଛି। ଏହା କେବଳ ଅନୁମାନ ନୁହେଁ, ବରଂ ତୃଣମୂଳସ୍ତରର ବାସ୍ତବ ଆକଳନ ଉପରେ ଆଧାରିତ ଏକ ବଡ଼ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। କୋଏମ୍ବାଟୁର, ଇନ୍ଦୋର, ସୁରଟ, ଭଦୋଦରା, ନଏଡା ଓ ଲକ୍ଷ୍ନୌ ଭଳି ସହରଗୁଡ଼ିକ ନୂଆ ରୋଜଗାର ହବ୍ ଭାବେ ଉଭା ହେଉଛନ୍ତି । ଏହି ସହରଗୁଡ଼ିକରେ ଶିଳ୍ପ ବୃଦ୍ଧି, ରିଟେଲ ବିସ୍ତାର ଓ ଲଜିଷ୍ଟିକ୍ସ ନେଟୱର୍କର ବିକାଶ ଯୋଗୁ ନୂଆ ନିଯୁକ୍ତି ସୃଷ୍ଟି ହେଉଛି। ଟିୟର-୩ ସହରଗୁଡ଼ିକରେ ବ୍ୟାଙ୍କିଂ ଓ ମାନ୍ୟୁଫ୍ୟାକ୍ଚରିଂ ମିଶି ୪୫%ରୁ ଅଧିକ କର୍ମଶକ୍ତି ଯୋଗାଉଛନ୍ତି, ଅବଶିଷ୍ଟ ୩୩% ରିଟେଲ କ୍ଷେତ୍ରରୁ ଆସୁଛି। ଏହା ଦର୍ଶାଉଛି ଯେ ନିଯୁକ୍ତି କେବଳ ଆଇଟି କିମ୍ବା କର୍ପୋରେଟ ଅଫିସରେ ସୀମିତ ନାହିଁ ବରଂ ତୃଣମୂଳସ୍ତରରେ ମଧ୍ୟ ଫର୍ମାଲ ରୋଜଗାର ବଢ଼ୁଛି। ଏହି ପରିବର୍ତ୍ତନର ଦୁଇଟି ମୁଖ୍ୟ କାରଣ ହେଉଛି କମ୍ପାନୀଗୁଡ଼ିକର ଅପରେଶନ କଷ୍ଟ କମାଇବା ଓ ସ୍ଥାନୀୟ ପ୍ରତିଭାର ଉପଲବ୍ଧତା ବୃଦ୍ଧି। ଯୁବପିଢ଼ିଙ୍କ ଭୂମିକା ମଧ୍ୟ ଉଲ୍ଲେଖନୀୟ ରହିଛି। ରିପୋର୍ଟ ଅନୁଯାୟୀ ୬୪% କର୍ମଚାରୀ ୩୦ ବର୍ଷରୁ କମ ବୟସର, ଯାହା ଭାରତର ଡେମୋଗ୍ରାଫିକ ଡିଭିଡେଣ୍ଡକୁ ପ୍ରତିଫଳିତ କରୁଛି। ଅଧିକାଂଶ କର୍ମଚାରୀ ନିଜ ବର୍ତ୍ତମାନ ପଦବୀରେ ଏକ ବର୍ଷରୁ କମ ସମୟ ଧରି ରହିଛନ୍ତି, ଯାହା ଚାକିରିରେ ମୋବିଲିଟି ବୃଦ୍ଧି ଓ ପ୍ରୋଜେକ୍ଟ-ବେସଡ୍ ସିଜନାଲ କାମର ଚଳନକୁ ଦର୍ଶାଉଛି। ଆର୍ଥିକ ବର୍ଷ ୨୦୨୬ର ପ୍ରଥମ ୬ ମାସରେ ୨୬,୦୦୦ରୁ ଅଧିକ ନୂଆ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର ସୃଷ୍ଟି ହୋଇଛି, ଯାହାମଧ୍ୟରୁ ୨୩% ମହିଳା ଅଛନ୍ତି। ତାମିଲନାଡୁ ଓ କର୍ଣ୍ଣାଟକରୁ ସର୍ବାଧିକ ନୂଆ ରେଜିଷ୍ଟ୍ରେଶନ ହୋଇଛି। ଏହାପଛକୁ ଆନ୍ଧ୍ରପ୍ରଦେଶ ଓ କେରଳର ରହିଛି। ଏହା ଦକ୍ଷିଣ ଭାରତରେ ଫର୍ମାଲ ରୋଜଗାରର ଦ୍ରୁତ ଅଗ୍ରଗତିକୁ ସୂଚାଉଛି। ଏହି ପରିବର୍ତ୍ତନର ପଛରେ ଡିଜିଟାଲ ଭିତ୍ତିଭୂମି ବିସ୍ତାର, ଉନ୍ନତ କନେକ୍ଟିଭିଟି, ଇଣ୍ଡଷ୍ଟ୍ରିଆଲ କରିଡର୍ ଓ ସ୍ଥାନୀୟ ବଜାରର ବଢ଼ୁଥିବା ଚାହିଦା ରହିଛି। ସାଧାରଣ ଲୋକ ଘର ପାଖରେ ଭଲ ଚାକିରି ସୁଯୋଗ, କମ ଭଡ଼ା ଓ ଜୀବନଯାପନ ଖର୍ଚ୍ଚ, ସାମାଜିକ ସୁରକ୍ଷାର ଲାଭ ଓ ମହିଳାଙ୍କ ଅଂଶଗ୍ରହଣରେ ବୃଦ୍ଧି ରହିଛି।

## ଓଡ଼ିଶାର ସ୍ୱାସ୍ଥ୍ୟଭିତ୍ତିକ ଷ୍ଟାର୍ଟଅପକୁ ପେଟେଣ୍ଟ

ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)

ଏବେ ଛୁଞ୍ଚି ଯନ୍ତ୍ରଣାର ଭୟ ବିନା ଚିକିତ୍ସା ଏବଂ ଇଞ୍ଜେକ୍ସନ ନେବା ସମ୍ଭବ ହେବ । ଓଡ଼ିଶା ଭିତ୍ତିକ ଏକ ଷ୍ଟାର୍ଟଅପ ଜେଡଟପ ଆଇଓଟି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ, ଏହାର ଅଗ୍ରଣୀ ଟପିକାଲ ଆନାସ୍ଥେଟିକ ଇନ୍ଫ୍ୟୁସର (ଟିଏଆଇ) ଉପକରଣ ପାଇଁ ଏକ ପେଟେଣ୍ଟ ହାସଲ କରିଛି । ଏହା ଏକ ପ୍ରଥମ ଧରଣର ଉପକରଣ ଯାହା ଚିକିତ୍ସା ପ୍ରକ୍ରିୟା ସମୟରେ ଛୁଞ୍ଚି ଫୋଡ଼ିବା ସହିତ ଜଡିତ ଯନ୍ତ୍ରଣାକୁ ବହୁଳ ଭାବରେ ହ୍ରାସ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ଅଭିନବ ଉପକରଣ ବିଶ୍ୱ ସ୍ୱାସ୍ଥ୍ୟସେବା ବଜାର ପାଇଁ ଲକ୍ଷ୍ୟ ରଖି ଏକ ସ୍କିଲଡ ଇନ ଇଣ୍ଡିଆ ଉତ୍ପାଦର ଦୃଷ୍ଟିକୋଣକୁ ସୁଦୃଢ଼ କରିଛି। ସ୍ୱାସ୍ଥ୍ୟସେବା ଅଧ୍ୟୟନ ଦର୍ଶାଉଛି ଯେ ପ୍ରାୟ ୧୬% ବୟସ୍କ ଛୁଞ୍ଚି ଭୟରେ ଟିକାକରଣରୁ ବଞ୍ଚିତ ହୁଅନ୍ତି। ଷ୍ଟାର୍ଟଅପର ଉପଦେଷ୍ଟା ଡା. ଶୋଭନ ରଥ, ନିର୍ଦ୍ଦେଶକ ବିକ୍ରମାଦିତ୍ୟ ନାୟକ ଓ ନିର୍ଦ୍ଦେଶକ ଅବନୀଶ ନାୟକ ଆଶା ରଖିଛନ୍ତି।

## ଏସ୍‌ବିଆଇ ପକ୍ଷରୁ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ୍



ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କଟକ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ୍ କଟକ ଉପକଣ୍ଠ ତ୍ରିଶୂଳିଆସ୍ଥିତ ଅତ୍ୟାଧୁନିକ ଓପନ୍ ଟର୍ଫ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟବ୍ୟାଙ୍କର କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ପୁରୀ ଜିଲାର ଖେଳାଳିମାନେ ଏଥିରେ ଭାଗ ନେଇଥିଲେ। ଭୁବନେଶ୍ୱର ଜୋନ୍-୧୧ ଟିମ୍ ଚାମ୍ପିୟନ୍ ହୋଇଥିଲେ। ଏହି ଟୁର୍ନାମେଣ୍ଟରେ ଏସ୍‌ବିଆଇ, ଭୁବନେଶ୍ୱର ପ୍ରଶାସନିକ କାର୍ଯ୍ୟାଳୟର ଡିଜିଏମ ପ୍ରଶାନ୍ତ କୁମାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଚୌଧୁରୀ ଅଶ୍ୱିନୀ ଅନୁପମ ପ୍ରହରାଜ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସୁସ୍ଥ ଓ ନୀରୋଗ ରହିବା ପାଇଁ କିଛି ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏଥି ସହିତ ଲୋକମାନଙ୍କୁ ଡିଜିଟାଲ ଠକେଇରୁ ନିଜକୁ ରକ୍ଷା କରିବା ପାଇଁ ସଚେତନ କରାଇଥିଲେ। ବ୍ୟାଙ୍କରେ ମିଳୁଥିବା ବିଭିନ୍ନ ସେବା ଏବଂ ଏହାର ସରଳ ଉପଲବ୍ଧତା ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ। ବ୍ୟାଙ୍କର କର୍ମଚାରୀମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବରେ ସଂଗୃହୀତ ପାଣ୍ଠି ନିକଟରେ ଅବସ୍ଥିତ ଜରାନିବାସରେ ରହୁଥିବା ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ବେଦାନ୍ତ ଆଲୁମିନିୟମର ଜ୍ଞାନ ଜ୍ୟୋତି କାର୍ଯ୍ୟକ୍ରମ

JB CONSULTING & STRATEGIES

ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ନିଜର ଜ୍ଞାନ ଜ୍ୟୋତି ଡିଜିଟାଲ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ରାୟଗଡ଼ା ଏବଂ କଳାହାଣ୍ଡି ଜିଲାର ୬ଟି ସରକାରୀ ପ୍ରାଥମିକ ବିଦ୍ୟାଳୟର ୬୦୦ ପିଲାଙ୍କୁ ଆଧୁନିକ ଶିକ୍ଷାଦାନ ପାଇଁ ଶିକ୍ଷଣ ପରିବେଶକୁ ସୁଦୃଢ଼ କରୁଛି। ଏହି ପଦକ୍ଷେପ ଶିକ୍ଷାନୁଷ୍ଠାନଗୁଡ଼ିକୁ ଡିଜିଟାଲ ଶିକ୍ଷା ବ୍ୟବସ୍ଥା ସହିତ ସଜ୍ଜିତ କରିଛି, ଯେଉଁଥିରେ ଆଣ୍ଡ୍ରଏଡ-ଆଧାରିତ ସ୍ମାର୍ଟ ଶ୍ରେଣୀଗୃହ, ପ୍ରୋଜେକ୍ଟର୍, ‘ଷ୍ଟେମ’ ଶିକ୍ଷା କିଟ୍, ମଡେଲ, ଲାଇବ୍ରେରି ଆଦି ରହିଛି । ଏଗୁଡ଼ିକ ସୌରଶକ୍ତି ଦ୍ୱାରା ପରିଚାଳିତ, ଯାହା ଗ୍ରାମାଞ୍ଚଳରେ ବିଦ୍ୟୁତ ନ ରହିଲେ ମଧ୍ୟ ନିରବଚ୍ଛିନ୍ନ ଭାବେ ଡିଜିଟାଲ ଶିକ୍ଷା ସୁନିଶ୍ଚିତ କରିପାରିବ। ‘ଷ୍ଟେମ’ ଶିକ୍ଷଣ ସୁଯୋଗ ମାଧ୍ୟମରେ ବିଦ୍ୟାର୍ଥୀଙ୍କ ବହୁଳ ଯୋଗଦାନ ସହିତ ଶ୍ରେଣୀଗୃହ ପରିବେଶରେ ଉନ୍ନତି ଘଟିଛି। ଡିଜିଟାଲ ଶିକ୍ଷା ବୃଦ୍ଧି ବ୍ୟତୀତ, ବେଦାନ୍ତ ଆଲୁମିନିୟମ ଏହି ଅଞ୍ଚଳର ୧୨ଟି ସରକାରୀ ବିଦ୍ୟାଳୟରେ ଭିତ୍ତିଭୂମି ସହାୟତା ପାଇଁ ସହଯୋଗର ହାତ ବଢ଼ାଇଛି। ଏହାଦ୍ୱାରା ୧୩୦୦ରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଡିଜିଟାଲ ଶିକ୍ଷା ହେଉଛି ଆମ ସମୟର ସବୁଠାରୁ ଶକ୍ତିଶାଳୀ ଶିକ୍ଷାଦାନ ବ୍ୟବସ୍ଥା ଏବଂ ଗ୍ରାମାଞ୍ଚଳର ଛାତ୍ରୀଛାତ୍ର ଯେପରି ଏ କ୍ଷେତ୍ରରେ ପଛରେ ନ ରୁହନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। କଣ୍ଟାମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରମଣି ହରିଜନ କହିଛନ୍ତି, ଡିଜିଟାଲ ଶ୍ରେଣୀଗୃହ ଉପକରଣ ଏବଂ ଷ୍ଟେମ ସମ୍ବଳର ପ୍ରବର୍ତ୍ତନ ଆମ ଛାତ୍ରମାନଙ୍କ ପାଇଁ ଏକ ଅଧିକ ଆକର୍ଷଣୀୟ ଏବଂ ଶୈକ୍ଷିକ ପରିବେଶ ସୃଷ୍ଟି କରିଛି।

# ୧୬.୭୨ ଲକ୍ଷ କୋଟିର ମୁଦ୍ରୀକରଣ ସମ୍ଭାବନାର ଆକଳନ

**ଏନଏମ୍‌ପି ୨.୦ର ଶୁଭାରମ୍ଭ କଲେ କେନ୍ଦ୍ର ଅର୍ଥମନ୍ତ୍ରୀ**

ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)



ନିର୍ମଳା ସୀତାରାମନ

କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ନୂଆଦିଲ୍ଲୀରେ ଜାତୀୟ ମୁଦ୍ରୀକରଣ ପାଇପଲାଇନର ଦ୍ୱିତୀୟ ସଂସ୍କରଣକୁ ଶୁଭାରମ୍ଭ କରିଛନ୍ତି। ଏହା ହେଉଛି କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଦ୍ୱିତୀୟ ପର୍ଯ୍ୟାୟ ସମ୍ପତ୍ତି ମୁଦ୍ରୀକରଣ କାର୍ଯ୍ୟକ୍ରମ। ନୀତି ଆୟୋଗ ଦ୍ୱାରା ଏହି ଦ୍ୱିତୀୟ ପର୍ଯ୍ୟାୟ ମୁଦ୍ରୀକରଣ ଯୋଜନା ପ୍ରସ୍ତୁତ କରାଯାଇଛି। ଭିତ୍ତିଭୂମି ସହ ଜଡ଼ିତ ବିଭିନ୍ନ ମନ୍ତ୍ରଣାଳୟ ସହ ବିଚାରବିମର୍ଶ କରିବା ପରେ କେନ୍ଦ୍ର ବଜେଟ ୨୦୨୫-୨୬ରେ କରାଯାଇଥିବା ଘୋଷଣା ମୁତାବକ ‘ସମ୍ପତ୍ତି ମୁଦ୍ରୀକରଣ ଯୋଜନା ୨୦୨୫-୩୦’ ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି। ୨୦୨୬ ଆର୍ଥିକ ବର୍ଷ ଠାରୁ ୨୦୩୦ ଆର୍ଥିକ ବର୍ଷ ମଧ୍ୟରେ ପାଞ୍ଚ ବର୍ଷର ଅବଧି ମଧ୍ୟରେ ମୋଟ ୧୬.୭୨ ଲକ୍ଷ କୋଟି ଟଙ୍କାର ମୁଦ୍ରୀକରଣ ସମ୍ଭାବନାକୁ ଆକଳନ କରିଛି ଏନଏମପି ୨.୦। ଏଥିରେ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ରାଷ୍ଟ୍ରାୟତ୍ତ ସଂସ୍ଥାର ସମ୍ପତ୍ତି ମୁଦ୍ରୀକରଣ ପାଇପଲାଇନ ଅଧୀନରେ ଘରୋଇ କ୍ଷେତ୍ର ଦ୍ୱାରା ୫.୮ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସାମିଲ ରହିଛି। ଏନଏମପି ୨.୦ର ଶୁଭାରମ୍ଭ ଅବସରରେ ନୀତି ଆୟୋଗ ସିଇଓଙ୍କ ସମେତ ବିଭିନ୍ନ ଭିତ୍ତିଭୂମି ମନ୍ତ୍ରଣାଳୟର ସଚିବ, ମୁଖ୍ୟ ଆର୍ଥିକ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୬ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ମୁଦ୍ରୀକରଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏହାର ୯୦% ହ୍ରାସ କରାଯାଇପାରିଛି। ଅର୍ଥମନ୍ତ୍ରୀ ସୀତାରାମନ୍ କହିଛନ୍ତି,୫ ବର୍ଷ ଲାଗି ୧୬.୭ ଲକ୍ଷ କୋଟି ଟଙ୍କାର ମହତ୍ୱାକାଂକ୍ଷୀ ସମ୍ପତ୍ତି ମୁଦ୍ରୀକରଣ ଲକ୍ଷ୍ୟ ରଖାଯାଇଛି। ଏହା ଏନଏମପି ୧.୦ ଠାରୁ ୨.୬ ଗୁଣ ଅଧିକ। କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ସମ୍ପତ୍ତି ମୁଦ୍ରୀକରଣ ଉପରେ ସଚିବମାନଙ୍କର ଏକ କ୍ଷମତାପ୍ରାପ୍ତ କୋର ଗ୍ରୁପ ସମ୍ପତ୍ତି ମୁଦ୍ରୀକରଣ କାର୍ଯ୍ୟକ୍ରମର ପ୍ରଗତି ଉପରେ ନଜର ରଖିବ। ପ୍ରଥମ ସମ୍ପତ୍ତି ମୁଦ୍ରୀକରଣ ପାଇପଲାଇନର ସଫଳତାକୁ ଆଧାର କରି କେନ୍ଦ୍ର ବଜେଟ ୨୦୨୫-୨୬ରେ ସାର୍ବଜନୀନ ଭିତ୍ତିଭୂମି ସମ୍ପତ୍ତିର ମୁଦ୍ରୀକରଣ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାକୁ ପାଞ୍ଚଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ସମ୍ପତ୍ତିଗୁଡ଼ିକୁ ଚିହ୍ନଟ କରିବା, ଉପଯୁକ୍ତ ମୁଦ୍ରୀକରଣ ମାଧ୍ୟମକୁ ବାଛିବା, ମୋଟ ମୁଦ୍ରୀକରଣ ମୂଲ୍ୟର ଆକଳନ, ସର୍ବମୋଟ ମୁଦ୍ରୀକରଣ ମୂଲ୍ୟ ନିର୍ଦ୍ଧାରଣ, ମୁଦ୍ରୀକରଣ ଲାଗି ଆବଣ୍ଟନ ପ୍ରକ୍ରିୟାର ଆରମ୍ଭ କରିବା।

## ଯାତ୍ରା ସମୟରେ ପାଟିର ସ୍ୱଚ୍ଛତାକୁ ଡାବରର ଗୁରୁତ୍ୱ

ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)





ଗବେଷଣାରୁ ଜଣାପଡ଼ିଛି ଯେ ୪୦%ରୁ ଅଧିକ ପର୍ଯ୍ୟଟକ ଯାତ୍ରା ସମୟରେ ଦିନକୁ ଅତି କମ୍‌ରେ ଥରେ ବ୍ରଶ୍ କରିବାକୁ ଭୁଲିଯାଆନ୍ତି। ବିମାନ ଯାତ୍ରା ସମୟରେ ଶରୀରରେ ଜଳୀୟ ଅଂଶ କମିଯିବା ଫଳରେ ମାତ୍ର କିଛି ଘଣ୍ଟା ମଧ୍ୟରେ ଲାଳ ତିଆରି ପ୍ରକ୍ରିୟା ଯଥେଷ୍ଟ ହ୍ରାସ ପାଇଥାଏ। ଏହି ଛୋଟ ଛୋଟ ବ୍ୟତିକ୍ରମଗୁଡ଼ିକ ପାଟିର ସ୍ୱାସ୍ଥ୍ୟକୁ ଅପେକ୍ଷାକୃତ ଶୀଘ୍ର ବିଗାଡ଼ି ଦେବା ପାଇଁ ଯଥେଷ୍ଟ। ପବ୍ଲିକ ହେଲ୍‌ଥ ଡେଣ୍ଟିଷ୍ଟ୍ରିର ପ୍ରଫେସର ଡା. ସୋନିଆ ଦତ୍ତା ଏପରି ମତ ଦେଇଛନ୍ତି। ସେ କହିଛନ୍ତି, ଡାବର ରେଡ୍ ଭଳି ଟୁଥ୍‌ପେଷ୍ଟ, ଯାହାକୁ ଆଇଡିଏର ସ୍ୱୀକୃତି ମିଳିଛି, ତାହା ଯାତ୍ରା ପାଇଁ ଏକ ଭରସାଯୋଗ୍ୟ ବିକଳ୍ପ। ଯାତ୍ରା କରିବା ଆନନ୍ଦଦାୟକ ହୋଇଥିଲେ ମଧ୍ୟ ଏହା ଆପଣଙ୍କ ଦୈନନ୍ଦିନ ଅଭ୍ୟାସକୁ ବ୍ୟାହତ କରିଥାଏ। ଅନେକ ସମୟରେ ଆମେ ଭାବୁ ଯେ ‘ଘରକୁ ଫେରିଲେ ସବୁ ଠିକ୍ କରିଦେବା’। ମାତ୍ର ଏହା ସମସ୍ୟା ବଢ଼ାଇଥାଏ। ତେଣୁ ଯାତ୍ରା ସମୟରେ ନିଜ ସହିତ ଏକ ଛୋଟ ଓରାଲ୍ କେୟାର୍ କିଟ୍ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ବ୍ରଶ୍ କରିବା ସମ୍ଭବ ନ ହେଲେ, ଖାଇବା ପରେ ପାଟି କୁଳି କରନ୍ତୁ। କୋଲ୍ଡ ଡ୍ରିଙ୍କ୍ସ ବଦଳରେ ପାଣି ପିଇବା ଏବଂ ରାତିରେ ବ୍ରଶ୍ କରି ଶୋଇବାକୁ ପରାମର୍ଶ ଦେଇଛନ୍ତି।

# ଭାରତ-ଶ୍ରୀଲଙ୍କା ଫାଇନାଲ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଯଶ୍ୱନାଥ ନାଇଡୁଙ୍କୁ ପୁରସ୍କୃତ କରାଯାଉଛି।

କଟକ,୨୩।୨(କୁମାରଶ୍ରୀ)

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ବଧିର କ୍ରିକେଟ ଏସିଆ କପ୍‌ରେ ହ୍ୟାଟ୍ରିକ ବିଜୟ ସହ ଆୟୋଜକ ଭାରତ ଫାଇନାଲରେ ପ୍ରବେଶ କରିଛି। ଏ ପର୍ଯ୍ୟନ୍ତ ବିଜୟର ସ୍ୱାଦ ଚାଖି ନ ଥିବା ନେପାଳ ଦଳ ବିପକ୍ଷରେ ମଙ୍ଗଳବାର ଅନ୍ତିମ ଲିଗ୍ ଭାରତ

**ବଧିର କ୍ରିକେଟ ଏସିଆ କପ୍**

ଖେଳିବ। ଅନ୍ୟପଟେ ନେପାଳକୁ ଦୁଇଟି ମ୍ୟାଚ୍‌ରେ ହରାଇଥିବା ଶ୍ରୀଲଙ୍କା ଫାଇନାଲ ଖେଳିବା ନିଶ୍ଚିତ କରିଛି। ୨୫ ତାରିଖରେ ଭାରତ-ଶ୍ରୀଲଙ୍କା ମଧ୍ୟରେ ଫାଇନାଲ ମୁକାବିଲା ହେବ। ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୧ରନରେ ବିଜୟୀ ହୋଇଥିଲା। ଓଡ଼ିଆ ଖେଳାଳି ସନ୍ତୋଷ କୁମାର ମହାପାତ୍ରଙ୍କ ୪୨ରନ ବଲରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୮ ଉଇକେଟ ହରାଇ ୧୬୪ରନ କରିଥିଲା। ଶ୍ରୀଲଙ୍କାର ଏସ୍ ମଦୁରଙ୍ଗା ୩୦ରନ ବିନିମୟରେ ୪ଟି ଉଇକେଟ ହାସଲ କରିଥିଲେ। ତେବେ ୧୬୫ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭ୍ରମଣକାରୀ ଶ୍ରୀଲଙ୍କା ଦଳ ୮ ଉଇକେଟ ହରାଇ ୧୬୩ରନ କରିବାକୁ ସମର୍ଥ ହୋଇଥିଲା। ଆଲାନରୋଜ କଲେପ ଏବଂ ଦିନୁକା ସଚିନ ଯଥାକ୍ରମେ ୪୯ରନ ଏବଂ ୪୦ରନ୍‌ର ଦ୍ରୁତ ପାଳି ଖେଳିଥିଲେ ସୁଦ୍ଧା ଦଳକୁ ଜିତାଇ ପାରି ନ ଥିଲେ। ୧୨ରନରେ ୩ଟି ଉଇକେଟ ହାସଲ କରିଥିବା ବିଜୟୀ ଦଳର ଯଶ୍ୱନାଥ ନାଇଡୁଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି, ଏଡିସିଏ ସଭାପତି ସୁମିତ ଜୈନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଅଲପାଇନ୍ ସ୍କିରେ ଭାଗନେଲେ ରଞ୍ଜିତା

ଗୁଲ୍‌ମାର୍ଗ, ୨୩।୨

ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସର ୬ଷ୍ଠ ସଂସ୍କରଣ ସ୍ଥାନୀୟ ପ୍ରସିଦ୍ଧ ସ୍କି ରିସୋର୍ଟରେ ସୋମବାରଠାରୁ ଆରମ୍ଭ ହୋଇଛି। ଜମ୍ମୁ କଶ୍ମୀର ଲ୍ୟୁଟନାଣ୍ଟ ଗଭର୍ନର ମନୋଜ ସିହ୍ନାଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଉପସ୍ଥିତ ଥିଲେ। ଏହି ୪ ଦିନିଆ ଇଭେଣ୍ଟରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୧,୦୦୦ ଆଥ୍‌ଲେଟ ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ଏଥିରେ ଅଲପାଇନ୍ ସ୍କି, କ୍ରସ୍ କଣ୍ଟ୍ରି, ନର୍ଡିକ ଏବଂ

**ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ ଆରମ୍ଭ**

ସ୍ନୋ ମାଉଣ୍ଟେନିୟରିଂ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର 'ସ୍ନୋ ଗର୍ଲ' ଭାବେ ପରିଚିତ ରଞ୍ଜିତା ବେହେରା ୫ମ ଥର ପାଇଁ ଭାଗ ନେଇଛନ୍ତି। ପ୍ରଥମ ଦିବସରେ ସେ ସାଲାଲମ ଇଭେଣ୍ଟରେ ଭାଗ ନେଇଥିଲେ। ସେ ଯଦିଓ ପଦକ ଜିତିପାରି ନାହାନ୍ତି, ନିଜର ସନ୍ତୁଳନ ବଜାୟ ରଖି ସମସ୍ତ ପ୍ରତିବନ୍ଧକକୁ ଅନାୟାସରେ ଅତିକ୍ରମ କରି ଫିନିଶ ପଏଣ୍ଟରେ ପହଞ୍ଚିପାରିଛନ୍ତି। ଏକ ବରଫ ବିହୀନ ରାଜ୍ୟରୁ ପ୍ରତିନିଧିତ୍ୱ କରି ବରଫ ପ୍ରବଣ ରାଜ୍ୟର ପ୍ରତିଯୋଗୀମାନଙ୍କ ସହିତ ଟକ୍କର ଦେବା ସହଜ କଥା ନୁହେଁ। ସେ ପଦକ ପାଇ ନ ଥିଲେ ମଧ୍ୟ ତାଙ୍କ ପ୍ରଦର୍ଶନକୁ ଉପସ୍ଥିତ ଦର୍ଶକ ଉଚ୍ଚ ପ୍ରଶଂସା କରିଛନ୍ତି।


ରଞ୍ଜିତା ବେହେରା

# ପର୍ଥ ଆଜୁରିକୁ ହରାଇଲେ ଭାରତୀୟ ମହିଳା

ନୂଆଦିଲ୍ଲୀ,୨୩।୨(ପି.ଟି.)

ଭାରତୀୟ ସିନିୟର ମହିଳା ଫୁଟବଲ ଦଳ ସୋମବାର ପର୍ଥସ୍ଥିତ ମେସିଡୋନିଆ ପାର୍କରେ ରୁଦ୍ଧ ଦ୍ୱାରରେ ଖେଳାଯାଇଥିବା ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପର୍ଥ ଆଜୁରିକୁ ୭-୨ ଗୋଲରେ ପରାସ୍ତ କରିଛି। ଅଷ୍ଟ୍ରେଲିଆନ କ୍ଲବ ପର୍ଥ ଆଜୁରି ପେନାଲ୍ଟି ଜରିଆରେ ଅଗ୍ରଣୀ ହାସଲ କରିଥିଲା। ହେଲେ ଡାଙ୍ଗମେଇ ଗ୍ରେସଙ୍କ ଗୋଲ ବଳରେ ସ୍କୋର ଲାଇନ ବରାବରକୁ ଆସିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଗ୍ରେସ ଦ୍ୱିତୀୟ ଗୋଲ କରିଥିବା ବେଳେ ରିମ୍ପା ହଲଦର ଓ ବବିନା ଡେବି ଲିଶାମ ଗୋଟିଏ ଗୋଲ ଦେଇ ଭାରତର ଅଗ୍ରଣୀକୁ ୪-୧ରେ ପହଞ୍ଚାଇଥିଲେ। ଘରୋଇ ଦଳ ଦ୍ୱିତୀୟ ଗୋଲ କରିବା ପରେ ମ୍ୟାଚ୍ ଶେଷ ଆଡ଼କୁ ଭାରତ ପାଇଁ କାଭିୟା ପାକିରିସାମି ଗୋଟିଏ ଓ ସଙ୍ଗୀତା ବାସଫୋର ଦୁଇଟି ଗୋଲ ଦେଇଥିଲେ। ଅଷ୍ଟ୍ରେଲିଆରେ ହେବାକୁ ଥିବା ଏଏଫ୍‌ସି ଓମେନ୍ସ ଏସିଆନ କପ୍ ଲାଗି ପ୍ରସ୍ତୁତି କରିବା ପାଇଁ ଏବେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳୁଛି। ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଭାରତୀୟ ଦଳ ମାର୍ଚ୍ଚ ୪ରେ ଭିଏତନାମ, ୭ରେ ଜାପାନ ଓ ୧୦ରେ ଚାଇନିଜ ତାଇପେକୁ ଭେଟିବ।

# ଶ୍ରୀରାଜଙ୍କୁ ୮ ଉଇକେଟ ସଫଳତା

କଟକ,୨୩।୨(କୁମାରଶ୍ରୀ)

କଳାହାଣ୍ଡି କପ୍ ପ୍ରଥମ ପର୍ଯ୍ୟାୟ ଲିଗ୍‌ରେ ସୋମବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ବଲାଙ୍ଗୀର ଏବଂ ଭୁବନେଶ୍ୱର-ଏ ବିଜୟୀ ହୋଇଛନ୍ତି। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର-ଏ'କୁ ବୃହତ୍ ବିଜୟ ମିଳିଛି। ସାରାଂଶ

**କଳାହାଣ୍ଡି କପ୍**

କୁମାରଙ୍କ ୬୨ରନ, କାର୍ତ୍ତିକ ବିଶ୍ୱାଳଙ୍କ ୬୧ରନ ଏବଂ ସୌରଭ କୁମାର ଗୌଡଙ୍କ ୫୩ରନ ସହାୟତାରେ ଭୁବନେଶ୍ୱର-ଏ ୮ ଉଇକେଟ ହରାଇ ୨୭୨ରନ କରିଥିଲା। ଜବାବରେ ବୌଦ୍ଧ ମାତ୍ର ୪୭ରନରେ ଅଲଆଉଟ ହୋଇଥିଲା।


ଶ୍ରୀରାଜ ପଟ୍ଟନାୟକ

ଶ୍ରୀରାଜ ପଟ୍ଟନାୟକ ୧୮ରନ ବ୍ୟୟ କରି ୮ ଉଇକେଟ ଦଖଲ କରିଥିଲେ। ଚଳିତ କଳାହାଣ୍ଡି କପ୍‌ରେ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ବାମହାତୀ ମିଡିୟମ ପେସ୍ ବୋଲର ଶ୍ରୀରାଜ ପ୍ଲେୟର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ସେହିପରି ନିମପୁର କ୍ରିକେଟ ଗ୍ରାଉଣ୍ଡରେ ବଲାଙ୍ଗୀର ଏବଂ ସମ୍ବଲପୁର-ଏ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର-ଏ ମାତ୍ର ୬୨ରନରେ ଅଲଆଉଟ ହୋଇଥିଲା। ଦେବାଶିଷ ବାଘ ସର୍ବାଧିକ ୨୨ରନ କରିଥିବା ବେଳେ ବଲାଙ୍ଗୀରର ଅଂଶୁମାନ ମିଶ୍ର ୨୨ରନ ବ୍ୟୟ କରି ପାଞ୍ଚ ଉଇକେଟ ସଫଳତା ପାଇଥିଲେ। କୌଣସି ଉଇକେଟ ନ ହରାଇ ୭ ଓଭରରେ ବଲାଙ୍ଗୀର ବିଜୟ ହାସଲ କରିଥିଲା। ଅଂଶୁମାନ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ମେକ୍ସିକାନ ଡ୍ରଗ ଲର୍ଡ୍ ନିହତ ; ୪ ଫୁଟ୍‌ବଲ ମ୍ୟାଚ୍ ବାତିଲ

ମେକ୍ସିକାନ ସିଟି, ୨୩।୨(ଏପି)

ମେକ୍ସିକାନ ସେନା ସହରର ସବୁଠୁ ଶକ୍ତିଶାଳୀ ଡ୍ରଗ କାର୍ଟେଲ ମୁଖ୍ୟଙ୍କୁ ନିପାତ କରିବା ପରେ ଦେଶରେ ଦେଖାଦେଇଥିବା ହିଂସା କାରଣରୁ ୪ଟି ଶୀର୍ଷ ସ୍ତରୀୟ ଫୁଟବଲ ମ୍ୟାଚ୍ ବାତିଲ ହୋଇଯାଇଛି। ଚଳିତବର୍ଷ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଥିବା ଗୁଆଡାଲାଜାରା ନିକଟବର୍ତ୍ତୀ ସହରରେ ଏହି ଘଟଣା ଘଟିଛି। ପୁରୁଷ ଫୁଟବଲ ଟୁର୍ନାମେଣ୍ଟରେ କ୍ୱେରେଟାରୋ-ଜୁଆରେଜ ଏଫ୍‌ସି ଓ ମହିଳା ଲିଗ୍‌ରେ ଚିଭାସ-ଆମେରିକା ମ୍ୟାଚ୍ ସହିତ ଦୁଇଟି ଦ୍ୱିତୀୟ ଡିଭିଜନ ମ୍ୟାଚ୍ ବାତିଲ କରାଯାଇଛି। ମେକ୍ସିକୋ ଜାତୀୟ ଦଳକୁ ବୁଧବାର କ୍ୱେରେଟାରୋସ୍ଥିତ କରେଗିଡୋରା ଷ୍ଟାଡିୟମରେ ଆଇସ୍‌ଲାଣ୍ଡ ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାର ଅଛି। ହେଲେ ଏସଂକ୍ରାନ୍ତରେ ମେକ୍ସିକାନ ସକର ଫେଡେରେଶନ ପକ୍ଷରୁ କୌଣସି ଘୋଷଣା କରାଯାଇ ନାହିଁ।

ଜାଲିସ୍କୋ ନୁଏଭା ଜେନେରାସିଅନ କାର୍ଟେଲ ଚଳାଉଥିବା 'ଏଲ ମେଞ୍ଚୋ' ଭାବେ ପରିଚିତ ନେମେସିଓ ରୁବେନ ଓସେଗୁଏରା ସରଭାଣ୍ଟେସ ଗୁଆଡାଲାଜାରା ନିକଟସ୍ଥ ତାପାଲପାରେ ସେନା ଗୁଳିରେ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ମେକ୍ସିକୋ ସିଟି ନିଆଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ କାର୍ଟେଲ ସଦସ୍ୟ ପ୍ରାୟ ୧୨ଟି ମେକ୍ସିକାଲ ରାଜ୍ୟରେ ହିଂସା ଘଟାଇବା ସହ ରାସ୍ତା ବନ୍ଦ କରି ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜାଲିସ୍କୋ ରାଜଧାନୀ ଗୁଆଡାଲାଜାରାରେ ଆସନ୍ତା ଜୁନରେ ଫିଫା ବିଶ୍ୱକପ୍‌ର ୪ ମ୍ୟାଚ୍ ଖେଳାଯିବ।


ମୋହନ ବାଗାନ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ମୋହନ ବାଗାନ ସୁପର ଜାଏଣ୍ଟ୍ସ ବିଜୟୀ

କୋଲକାତା, ୨୩।୨ (ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ସୋମବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ମୋହନବାଗାନ ସୁପର ଜାଏଣ୍ଟ୍ସ ୨-୦ ଗୋଲ୍‌ରେ ଚେନ୍ନାଇନ୍ ଏଫ୍‌ସିକୁ ପରାସ୍ତ କରିଛି। ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀୟ କ୍ରୀଡ଼ାଙ୍ଗନଠାରେ

**ଆଇଏସ୍‌ଏଲ୍**

ଖେଳାଯାଇଥିବା ଜେମି ମ୍ୟାକ୍‌ଲରେନ ଦଳ ପକ୍ଷରୁ ପ୍ରଥମ ଗୋଲ୍ ଖେଳର ୪୫+୪ ତମ ମିନିଟ୍‌ରେ ସ୍କୋର କରିଥିବା ବେଳେ ଦିମିତ୍ରୋସ୍ ପେଟ୍ରାଟ୍ରୋସ ୬୫ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇଥିଲେ। ଏହି ବିଜୟ ଦ୍ୱାରା ମୋହନ ବାଗାନ ପଏଣ୍ଟ ସଂଖ୍ୟା ୬ରେ ପହଞ୍ଚିଛି। ଟେବୁଲର ପ୍ରଥମ ସ୍ଥାନରେ ରହିଥିବା ଇଷ୍ଟବେଙ୍ଗଲ ଏଫ୍‌ସି ସହିତ ଦଳର ପଏଣ୍ଟ ସଂଖ୍ୟା ସମାନ ରହିଥିଲେ ହେଁ ଗୋଲ୍ ବ୍ୟବଧାନ ଭିତ୍ତିରେ ଦଳ ଦ୍ୱିତୀୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ଚେନ୍ନାଇନ ଏଫ୍‌ସି ୧୧ଶ ସ୍ଥାନରେ ରହିଛି।

# ଆଜିଠାରୁ ଭାରତ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ

ବ୍ରିସ୍‌ବେନ୍, ୨୩।୨ (ପି.ଟି.)

ଭାରତ ଏବଂ ଆୟୋଜକ ଅଷ୍ଟ୍ରେଲିଆ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ସିରିଜ ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହେବ। କ୍ରିକେଟର ଏହି ଫର୍ମାଟରେ ଭାରତ ବିଶ୍ୱ ଚାମ୍ପିୟନ। କେବଳ ସେତିକି ନୁହେଁ ଘରୋଇ ଦଳ ବିପକ୍ଷରେ ଗତ ଟି୨୦ ସିରିଜ ବିଜୟୀ ହୋଇଥିବାରୁ ଭାରତ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଫାଇଦାରେ ରହିବ। ଗତବର୍ଷ ନଭି ମୁମ୍ବାଇଠାରେ ଅନୁଷ୍ଠିତ ଭାରତ ବିପକ୍ଷ ବିଶ୍ୱକପ୍ ସେମିଫାଇନାଲରେ ଆଶ୍ଚର୍ଯ୍ୟଜନକ ପରାଜିତ ହୋଇଥିବା ଅଷ୍ଟ୍ରେଲିଆ ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିବ। ଅଷ୍ଟ୍ରେଲିଆର ଅନ୍ୟତମ ମହାନ ଖେଳାଳି ଏଲିସା ହିଲିଙ୍କ ପାଇଁ ଏହି ସିରିଜର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ମାର୍ଚ୍ଚ ୬ରେ ପର୍ଥଠାରେ ଭାରତ ବିପକ୍ଷରେ ଖେଳାଯିବାକୁଥିବା ଏକମାତ୍ର ଟେଷ୍ଟ ମ୍ୟାଚ ପରେ ହିଲିଙ୍କ ଉଜ୍ଜ୍ୱଳ କ୍ୟାରିୟରର ଅନ୍ତ ଘଟିବ। ଅଷ୍ଟ୍ରେଲିଆ ବିପକ୍ଷ ଗତ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଭ୍ରମଣକାରୀ ଦଳ


ହରମନପ୍ରୀତ୍ କୌର


ଏଲିସା ହିଲି

ଭାରତ ୨-୧ରେ ବିଜୟ ଲାଭ କରିଛି। ଶନିବାର ଆଡିଲେଡ୍‌ଠାରେ ଅନୁଷ୍ଠିତ ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚକୁ ଭାରତ ୧୭ ରନରେ ଜିତିଥିଲା। ୨୦୧୭ ପରେ ଅଷ୍ଟ୍ରେଲିଆ ମହିଳା ଦଳର ଏହା ଥିଲା ପ୍ରଥମ ଦ୍ୱିପାକ୍ଷିକ ସିରିଜ ପରାଜୟ। ହିଲି କିନ୍ତୁ ଏହି ସିରିଜରେ ଖେଳି ନ ଥିଲେ। ଦିନିକିଆ ସିରିଜ ପାଇଁ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟି୨୦ ସିରିଜରେ ଅଣଦେଖା ହେବା ପରେ ଷ୍ଟାର ଲେଗ୍ ସ୍ପିନର ଆଲାନା କିଙ୍ଗ ଦଳକୁ ଫେରିଛନ୍ତି। ଭାରତ ପାଇଁ ଅରୁନ୍ଧତୀ ରେଡ୍ଡୀ, ଭାରତୀ ଫୁଲ୍‌ମାଲି ଓ ଶ୍ରେୟଙ୍କା ପାଟିଲଙ୍କ ସ୍ଥାନରେ କାସଭି ଗୌତମ, ହର୍ଲିନ ଦେଓଲ ଓ ପ୍ରତୀକା ପାଟିଲ ଫେରିଛନ୍ତି। ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ଗୁଡ଼ିକରେ ଭଲ ପ୍ରଦର୍ଶନ କରିଥିବାରୁ ବୋଲିଂ ବିଭାଗରେ ରେଣୁକା ଠାକୁର ଓ ଶ୍ରୀ ଚାରନି ଦିନିକିଆ ସିରିଜ ପାଇଁ ଦଳରେ ରହିବେ। ସେହିପରି ଭଟେରାନ ଦୀପ୍ତି ଶର୍ମାଙ୍କୁ ମଧ୍ୟ ଦଳରେ ନିଆଯାଇଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳରେ ବହୁ ମ୍ୟାଚ ବିଜୟୀ ଷ୍ଟାର ଖେଳାଳି ରହିଛନ୍ତି। ହ୍ୱାଇଟ୍‌ବଲ କ୍ରିକେଟରେ ଅଷ୍ଟ୍ରେଲିଆ ବହୁ ଦିନ ଧରି ଆଧିପତ୍ୟ ବିସ୍ତାର କରିଆସିଛି। ଦଳରେ ଏଲିସ ପେରୀ, ଆଶଲେ ଗାର୍ଡନର, ବେଥ୍ ମୁନି ଟାହ୍ଲିଆ ମ୍ୟାକ୍‌ଗ୍ରାଙ୍କ ଭଳି ଦକ୍ଷ ଖେଳାଳି ରହିଛନ୍ତି। ବ୍ରିସ୍‌ବେନରେ ପ୍ରଥମ ମ୍ୟାଚ ଖେଳାଯିବା ପରେ ଅନ୍ୟ ମ୍ୟାଚ୍ ଦୁଇଟି ହୋବାର୍ଟରେ ଫେବୃଆରୀ ୨୭ ଓ ମାର୍ଚ୍ଚ ୧ରେ ଖେଳାଯିବ। ମଲ୍‌ଟି ଫର୍ମାଟ ସିରିଜ ପାଇଁ ଟ୍ରଫି ପଏଣ୍ଟ ଭିତ୍ତିରେ ପ୍ରଦାନ କରାଯିବ। ପ୍ରତ୍ୟେକ ଟି୨୦ ଓ ୫୦ ଓଭର ବିଶିଷ୍ଟ ମ୍ୟାଚରେ ବିଜୟ ପାଇଁ ୨ ପଏଣ୍ଟ ଏବଂ ଏକ ଟେଷ୍ଟରେ ବିଜୟ ପାଇଁ ୪ ପଏଣ୍ଟ ବ୍ୟବସ୍ଥା ରହିଛି। ଅନ୍ତର୍ଜାତୀୟ ଟି୨୦ ସିରିଜ ବିଜୟୀ ହେବା ପରେ ଭାରତ ବର୍ତ୍ତମାନ ୨-୧ରେ ଆଗୁଆ ରହିଛି।

# ଫର୍ମରେ ନ ଥିବା ଜଣେ ବ୍ୟାଟରଙ୍କୁ ବାଦ୍ ଦିଆଯାଇପାରେ

ଅହମଦାବାଦ,୨୩।୨(ପି.ଟି.)

ଚଳିତ ଟି୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ସୁପର-୮ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ପରେ ଭାରତୀୟ ଦଳର ଟପ୍ ଅର୍ଡରରେ ବଡ଼ ପରିବର୍ତ୍ତନ କରାଯାଇପାରେ। ଏ ନେଇ ଭାରତୀୟ ଦଳର ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ସଙ୍କେତ ଦେଇଛନ୍ତି। ଦକ୍ଷିଣ ଆଫ୍ରିକାଠାରୁ ମିଳିଥିବା ୭୬ ରନର ବଡ଼ ପରାଜୟ ଯୋଗୁ ଭାରତୀୟ ଦଳକୁ ବର୍ତ୍ତମାନ ତା'ର ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଦରକାର। ଏଭଳି ପରିସ୍ଥିତିରେ ଫର୍ମରେ ନ ଥିବା ବ୍ୟାଟରଙ୍କୁ ଟପ୍ ଅର୍ଡରରୁ ବାଦ୍ ଦିଆଯାଇପାରେ ବୋଲି ଆଶା କରାଯାଉଛି। ବିସ୍ଫୋରକ ଓପନର ଅଭିଷେକ ଶର୍ମା ୪ ମ୍ୟାଚ୍‌ରେ ୧୫ ରନ କରିଥିବା ବେଳେ ତିଲକ ବର୍ମା ୧୧୮ ଷ୍ଟ୍ରାଇକ୍‌ରେଟ୍‌ରେ ୧୦୭ ରନ କରିଛନ୍ତି। ଫିନିଶର ଭାବେ ଖେଳୁଥିବା ରିଙ୍କୁ ଏପର୍ଯ୍ୟନ୍ତ ୨୯ ବଲରେ ୮୨.୭୫ ଆଭରେଜରେ ୨୪ ରନ କରିଛନ୍ତି।

ଯଦି ମୁଖ୍ୟ କୋଚ୍ ଓ ଟିମ୍ ମ୍ୟାନେଜମେଣ୍ଟ ଅନୁଭବ କରେ, ଆମକୁ କିଛି ଭିନ୍ନ କରିବାର ଅଛି, ତେବେ ଆମେ ନିଶ୍ଚିତ କରିବୁ। ଯଦି ଆମକୁ ପରିବର୍ତ୍ତନ କରିବାର ଅଛି, ତେବେ ଆମେ କ'ଣ ବଦଳାଇବାର ଚିନ୍ତା କରିବାକୁ ପଡ଼ିବ। ଦଳରେ ସ୍ପେଶାଲିଷ୍ଟ ବ୍ୟାଟର ଉପଲବ୍ଧ ନ ଥିବା ଚିନ୍ତାର ବିଷୟ। ଏଥିଯୋଗୁ ସଞ୍ଜୁ ସାମସନଙ୍କୁ ଟପ ଅର୍ଡରରେ ସୁଯୋଗ ଦିଆଯାଇପାରେ। ଯାହା ଫଳରେ ଦଳକୁ ଟପ ଅର୍ଡରରେ ଜଣେ ଡାହାଣହାତୀ ବ୍ୟାଟର ମିଳିପାରିବ। ଆଗକୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଥିବାରୁ ଏ ସମ୍ପର୍କରେ ମ୍ୟାନେଜମେଣ୍ଟ ମଧ୍ୟରେ ନିଶ୍ଚିତ ଆଲୋଚନା ହେବ ବୋଲି କୋଟାକ କହିଛନ୍ତି।

# ଚୋକର୍ସ ବିଜ୍ଞାପନ ହଟାଇଲା ଷ୍ଟାର ସ୍ପୋର୍ଟ୍ସ

**ନୂଆଦିଲ୍ଲୀ,୨୩।୨:** ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତୀୟ ଦଳର ଶୋଚନୀୟ ପରାଜୟ ପରେ ଟୁର୍ନାମେଣ୍ଟର ପ୍ରସାରଣକାରୀ ଚ୍ୟାନେଲ ଷ୍ଟାର ସ୍ପୋର୍ଟ୍ସ ବାଧ୍ୟ ହୋଇ ଚୋକର୍ସ ବିଜ୍ଞାପନ ହଟାଇ ଦେଇଛି। ଗତ ସପ୍ତାହରେ ଭାରତ-ଦକ୍ଷିଣ ଆଫ୍ରିକା ଲାଗି ଏକ ପ୍ରମୋଶନାଲ ବିଜ୍ଞାପନ ଉନ୍ମୋଚିତ କରାଯାଇଥିଲା, ଯେଉଁଥିରେ ଦକ୍ଷିଣ ଆଫ୍ରିକୀୟ ଦଳକୁ ଚୋକର୍ସ କୁହାଯାଇଥିଲା।

# କ୍ୟାପିଟାଲ କପ୍ କ୍ରିକେଟ୍: ପ୍ରିଣ୍ଟ୍ ମିଡିଆ ଚାମ୍ପିୟନ

ଭୁବନେଶ୍ୱର,୨୩।୨(ଅନାଦି କର)

ଓଲ୍ଡ ଟାଉନ ରାମେଶ୍ୱର ସ୍ପୋର୍ଟିଂ ଗ୍ରାଉଣ୍ଡରେ କ୍ୟାପିଟାଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଓଡିଶା ପୋଲିସକୁ ପରାସ୍ତ କରି ପ୍ରିଣ୍ଟ ମିଡିଆ ଟିମ୍ ଚାମ୍ପିୟନ ହୋଇଛି। ଏହି ଟର୍ନାମେଣ୍ଟରେ ଓଡ଼ିଶା ପୋଲିସ, କମିଶନରେଟ୍ ପୋଲିସ, ଇଲୋକ୍ଟ୍ରୋନିକ୍ସ ମିଡିଆ କ୍ରାଇମ ରିପୋର୍ଟର ଟିମ, ପ୍ରିଣ୍ଟ ମିଡିଆ କ୍ରାଇମ ରିପୋର୍ଟର ଟିମ, ଅଗ୍ନିଶମ ବିଭାଗ, ଜେଲ ବିଭାଗ, ସେଲିବ୍ରେଟି ଟିମ, ଆୟୋଜକ ଦଳ ଆଦି ୮ ଦଳ ଭାଗ ନେଇଥିଲେ। ଏହି ଟୁର୍ନାମେଣ୍ଟକୁ ଗରିମାମୟ କରିଥିଲେ କମିଶନର୍ ଅଫ ଟ୍ୱିନ ସିଟି ପୋଲିସ ସୁରେଶ ଡିଭି ଦତ୍ତ ସିଂହ, ଡିରେକ୍ଟର୍ ଜେନେରାଲ ଅଫ ପ୍ରିଜନ ସୁଶାନ୍ତ କୁମାର ନାଥ, ପ୍ରିଜନ ଡିଆଇଜି ବିରେନ ସାହୁ। ଏହି ଅବସରରେ ଓଡ଼ିଶା ଷ୍ଟେଟ ବାର୍ କାଉନ୍ସିଲ ସଦସ୍ୟ ଜ୍ଞାନରଞ୍ଜନ ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସ୍ପେଶାଲ ଜେଲ ସୁପରିଟେଣ୍ଡେଣ୍ଟ ସର୍ବେଶ୍ୱର ସାହୁ, ମିଲ୍କି ମୁ' ଜେନେରାଲ ମ୍ୟାନେଜର ରବିନ୍ଦ୍ର କୁମାର ମହାରଣା, ୱାର୍ଡ ୫୪ କର୍ପୋରେଟର ଶିବ ପ୍ରସାଦ ବେହେରା, ୱାର୍ଡ ୬୦ କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ବିଜେଡି ଯୁବ ଅଧ୍ୟକ୍ଷ ବିରଞ୍ଚି ମହାସୁପକାର ପ୍ରମୁଖ ଉପସ୍ଥିତ ଥିଲେ।


ଟ୍ରଫି ସହ ଚାମ୍ପିୟନ ପ୍ରିଣ୍ଟ ମିଡିଆ ଦଳ।

# ଅସମୟର ସାଥୀ

**ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ ଅନେକ ମହିଳା ଘରର ବିଭିନ୍ନ ଖର୍ଚ୍ଚ ବାଦ୍ କିଛି ଟଙ୍କା ଲୁଚାଇ ରଖିଥାଆନ୍ତି। ସ୍ୱାମୀ ତଥା ପରିବାର ସଦସ୍ୟଙ୍କ ଅଗୋଚରରେ ସଞ୍ଚିତ ରଖିଥିବା ଏହି ଏମର୍ଜେନ୍ସି ଫଣ୍ଡ ବି କେବେ କେବେ ସାଜିଥାଏ ଜରୁରିକାଳୀନ ପରିସ୍ଥିତିରେ ପରିବାରର ବଳ...**




ପ୍ରତ୍ୟେକ ମଣିଷର ଟଙ୍କା ଏମିତି ଏକ ସାଥୀ ଯାହା ସୁଖରେ ହେଉ ଅବା ଦୁଃଖ ସବୁବେଳେ କାମରେ ଆସିଥାଏ। ତେଣୁ ପାଖରେ ଟଙ୍କା ଥିଲେ ଏହାକୁ ମନଇଚ୍ଛା ଖର୍ଚ୍ଚକରିବା ବଦଳରେ ସେଥିରୁ କିଛି ସଞ୍ଚୟକରି ରଖିବା ବୁଦ୍ଧିମତ୍ତାର କାମ। ଯଦି ଆପଣ ଏପର୍ଯ୍ୟନ୍ତ ଏଭଳି ଏମର୍ଜେନ୍ସି ଫଣ୍ଡ ରଖିବା ଆରମ୍ଭ କରିନାହାନ୍ତି, ତେବେ ବିଳମ୍ବ ନ କରି ଆଜି ହିଁ ଆରମ୍ଭ କରନ୍ତୁ। କାରଣ ଏହି ସଞ୍ଚିତ ଅର୍ଥ ଅସୁବିଧା ସମୟରେ ବା କୌଣସି ଜରୁରିକାଳୀନ ପରିସ୍ଥିତିରେ ଆପଣଙ୍କ ବେଶ୍ କାମରେ ଆସିବ।

**ଜାଣିରଖନ୍ତୁ...**

ଏମର୍ଜେନ୍ସି ଫଣ୍ଡ ସାଧାରଣ ସଞ୍ଚୟଠାରୁ ଅଲଗା, ଅର୍ଥାତ୍ ଏହାକୁ ଆପଣ



ଯେକୌଣସି କାର୍ଯ୍ୟ ପାଇଁ ଖର୍ଚ୍ଚ କରିପାରିବେ ନାହିଁ ବୋଲି ପ୍ରଥମେ ନିଜକୁ ମାନସିକ ସ୍ତରରେ ସ୍ଥିର କରିବା ଆବଶ୍ୟକ। କାରଣ ଅନେକ ମହିଳା ଏମିତିବି ଅଛନ୍ତି ଯେଉଁମାନେ ଟଙ୍କା ସଞ୍ଚୟ ତ କରନ୍ତି ହେଲେ କିଛି ନୂଆ ଜିନିଷ ଦେଖିଲେ ଲୋଭ ସମ୍ଭାଳି ନ ପାରି ଏହାକୁ ଖର୍ଚ୍ଚ କରିଦିଅନ୍ତି ଏବଂ ଆବଶ୍ୟକ ସମୟରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ତେଣୁ ଏମର୍ଜେନ୍ସି ଫଣ୍ଡ କେଉଁଠି ଖର୍ଚ୍ଚ କରିବା ଠିକ୍ ନୁହେଁ ତାହା ପ୍ରଥମେ ଜାଣିବା ଆବଶ୍ୟକ।

– ଏହି ଟଙ୍କାକୁ ନିହାତି ଆବଶ୍ୟକ ସମୟରେ ବ୍ୟବହାର କରାଯାଏ। ତେଣୁ ପାଖରେ ଟଙ୍କା ଅଛି ବୋଲି ଅବା ପୁଣି ସଞ୍ଚୟକରି ରଖିଦେଲେ ହେବ ଭାବି ଏହାକୁ କୌଣସି ସାମଗ୍ରୀ କିଣିବା ହେଉ କିମ୍ବା କେଉଁଆଡ଼େ ବୁଲିଯିବା ପାଇଁ ସାରିଦେବା ଠିକ୍ ନୁହେଁ।

– ସେହିପରି ପୂର୍ବରୁ ନିର୍ଦ୍ଧାରିତ କୌଣସି ଖର୍ଚ୍ଚ ପାଇଁ ମଧ୍ୟ ଏହାକୁ ବ୍ୟବହାର କରନ୍ତୁ ନାହିଁ। ଇଲେକ୍ଟ୍ରି ବିଲ୍, ଇଣ୍ଟରନେଟ୍, ପାଣି, ଘରଭଡ଼ା, ଖାଇବା ଆଦି ଭଳି ରେଗୁଲାର ଘରଖର୍ଚ୍ଚ ପାଇଁ ମଧ୍ୟ ଏହାକୁ ବ୍ୟବହାର କରନ୍ତୁ ନାହିଁ।

– ଅଧିକ ଟଙ୍କା ପାଇବା ଲୋଭରେ ଅନେକ ମହିଳା ଏମର୍ଜେନ୍ସି ଫଣ୍ଡକୁ ଅନ୍ୟକୁ ସୁଧ ଆକାରରେ ଦେବା କିମ୍ବା ଶେୟାର ମାର୍କେଟ୍‌ରେ ନିବେଶ କରିବାକୁ ପଛାନ୍ତିନାହିଁ। ହେଲେ ଏପରି କରିବା ଦ୍ୱାରା ଆବଶ୍ୟକ ବେଳେ ହଠାତ୍ ଏହାକୁ ଆଣି ଖର୍ଚ୍ଚ କରିବାରେ ଅସୁବିଧା ହୋଇପଡ଼େ। ତେଣୁ ଏହି ଟଙ୍କାକୁ ନିଜ ପାଖରେ କିମ୍ବା ବ୍ୟାଙ୍କରେ ଏପରି ରଖନ୍ତୁ ଯେପରି ଆବଶ୍ୟକ ବେଳେ ସଙ୍ଗେ ସଙ୍ଗେ ଉଠାଇପାରିବେ।

**କିପରି ରଖିବେ ଟଙ୍କା:**

➔ଥରେ ଏମର୍ଜେନ୍ସି ଫଣ୍ଡ ରଖିବା ଆରମ୍ଭକଲେ ସେଥିରେ କେତେ ଟଙ୍କା ପ୍ରତି ମାସରେ ଅବା ସାପ୍ତାହିକ ରଖିବେ, ସେ ନେଇ ଭଲ ଭାବେ ପ୍ଲାନିଂ କରନ୍ତୁ। ହଠାତ୍ ଅଧିକ ଟଙ୍କା ରଖିଦେବି ଭାବିବା ପରିବର୍ତ୍ତେ ଅଳ୍ପ ଅଳ୍ପ ହେଲେ ବି ପ୍ରତିମାସରେ ରଖିବାକୁ ଚେଷ୍ଟା କରନ୍ତୁ।

➔କର୍ମଜୀବୀ ହୋଇଥିଲେ ନିଜର ଆୟ ଏବଂ ସମସ୍ତ ବ୍ୟୟର ଏକ ଲିଷ୍ଟ ପ୍ରସ୍ତୁତ କରନ୍ତୁ। ପୂର୍ବରୁ କୌଣସି ସେଭିଂସ୍ ଥିଲେ ଏହା ବାଦ୍ କେତେଟଙ୍କା ଏମର୍ଜେନ୍ସି ଫଣ୍ଡରେ ରଖିପାରିବେ ସେ ନେଇ ଯୋଜନା କରନ୍ତୁ।

➔ସେହିପରି ଗୃହିଣୀ ହୋଇଥିଲେ ଘର ଖର୍ଚ୍ଚରୁ ବିଭିନ୍ନ କ୍ଷେତ୍ରରେ ଅଳ୍ପ ଅଳ୍ପ କାଟକରି ସଞ୍ଚୟ କରିପାରିବେ। ଗ୍ରୋସରି, ପନିପରିବା କିମ୍ବା ଅନ୍ୟ ଜିନିଷ କିଣିବା ବେଳେ ଅଳ୍ପ ଅଳ୍ପ ନ କିଣି ୧୫ ଦିନ କିମ୍ବା ମାସେ ପାଇଁ ଏକାଥରେ କିଣନ୍ତୁ, ସେଥିରୁ କିଛି ଟଙ୍କା ସେଭ୍ ହୋଇପାରିବ। ବର୍ତ୍ତମାନ ବିଭିନ୍ନ ଶପିଂମଲ୍, ଅନ୍‌ଲାଇନ ସାଇଟ୍‌ରେ ବିଭିନ୍ନ ସାମଗ୍ରୀ ଉପରେ ଅଫର ମିଳୁଛି। ସେଥିରେ କିଣି ମଧ୍ୟ କିଛି ଟଙ୍କା ସଞ୍ଚୟ କରିପାରିବେ।

➔ବାହାର ଖାଦ୍ୟ ନ ଖାଇ ଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ ଏବଂ ପରିବାର ଲୋକଙ୍କୁ ଖୁଆନ୍ତୁ। ଏହାଦ୍ୱାରା ନା କେବଳ ଖର୍ଚ୍ଚ କମିବ ଏବଂ କିଛି ଅର୍ଥ ସେଭ୍ ହୋଇପାରିବ ବରଂ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ହିତକର।

➔ଯଦି ଏମର୍ଜେନ୍ସି ଫଣ୍ଡ ପାଇଁ ବ୍ୟାଙ୍କରେ ଟଙ୍କା ଡିପୋଜିଟ୍ କରୁଛନ୍ତି ତେବେ ଅଟୋମେଟିକ୍ ପେମେଣ୍ଟ ମେଥଡ୍ ବ୍ୟବହାର କରନ୍ତୁ, ଏହାଦ୍ୱାରା ଆପଣଙ୍କୁ ଭୁଲିଯିବାର ଟେନ୍‌ସନ ରହିବ ନାହିଁ ଏବଂ ଯଥା ସମୟରେ ଟଙ୍କା ଡିପୋଜିଟ୍ ହୋଇଚାଲିବ।

ମନେରଖନ୍ତୁ, ଏମର୍ଜେନ୍ସି ଫଣ୍ଡରେ ଯେତେ ସମ୍ଭବ ଅଧିକ ରଖିପାରିଲେ ଭଲ। ଏହାକୁ ଆପଣ ଘରେ ରଖିପାରିବେ। ଯଦି ସୁବିଧା ଥାଏ ତେବେ ବ୍ୟାଙ୍କରେ ରଖିପାରିବେ। ଏହାଦ୍ୱାରା କିଛି ସୁଧ ମଧ୍ୟ ପାଇପାରିବେ। ଏହି ଟଙ୍କା ହଠାତ୍ ଚିକିତ୍ସା, କୌଣସି କାରଣରୁ ସ୍ୱାମୀଙ୍କର ଜବ୍ ଚାଲିଗଲେ ଘର ଚଳାଇବା, ପିଲାଙ୍କ ପାଠ ପଢ଼ା ଆଦି କାର୍ଯ୍ୟରେ ବ୍ୟବହାର କରିପାରିବେ। ଏମିତିକି ଅନ୍ୟ କାହାକୁ ମଧ୍ୟ ବିପଦ ସମୟରେ ଆର୍ଥିକ ସାହାଯ୍ୟ କରିପାରିବେ।





---

**ସୌନ୍ଦର୍ଯ୍ୟ**

# ଟ୍ୟାନିଂ ଦୂରକରିବ କାକୁଡ଼ି

**ଧୀରେ ଧୀରେ ଖରା ବଢ଼ିବା ଆରମ୍ଭ ହେଲାଣି। ତେଣୁ ତ୍ୱଚାରେ ଟ୍ୟାନିଂ ହେବାକୁ ନେଇ ଅଧିକାଂଶ ମହିଳା ଟେନ୍‌ସନରେ। ଏମିତିରେ ତ୍ୱଚାରୁ ଟ୍ୟାନିଂ ସମସ୍ୟା ଦୂର କରିବା ଲାଗି କାକୁଡ଼ି ବହୁ କାମରେ ଆସିପାରିବ। ଏହାକୁ କିପରି ବ୍ୟବହାର କରିପାରିବେ ଜାଣିରଖନ୍ତୁ ଟିପ୍ସ...**



➤ଟ୍ୟାନ୍ ସମସ୍ୟା ଦୂରକରିବା ଲାଗି କାକୁଡ଼ି ଟୋନର ସବୁଠୁ ବେଷ୍ଟ। ଏହାକୁ ପ୍ରସ୍ତୁତ କରିବା ଲାଗି କାକୁଡ଼ିର ଚୋପା ଛଡ଼ାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ଭଲ ଭାବେ ଛାଣି ରସ ବାହାର କରିଦିଅନ୍ତୁ। ସ୍ପ୍ରେ ବୋତଲରେ ରଖି ମୁହଁରେ ସ୍ପ୍ରେ କରିପାରିବେ କିମ୍ବା ତୁଳାରେ ନେଇ ମୁହଁରେ ଲଗାଇବା ଦ୍ୱାରା ଏହି ନାଚୁରାଲ ଟୋନର ତ୍ୱଚାକୁ ହାଇଡ୍ରେଟ୍ ଏବଂ ଫ୍ରେଶ୍ ରଖିବା ସହ ଟ୍ୟାନ୍ ଫ୍ରି ରଖିବାରେ ସାହାଯ୍ୟ କରିଥାଏ।

➤କାକୁଡ଼ିକୁ ପତଳା କାଟି ମୁହଁ ଏବଂ ଆଖି ଉପରେ ରଖିବା ଦ୍ୱାରା ମଧ୍ୟ କଳାଦାଗ ସହଜରେ ଦୂର ହୋଇଥାଏ।

➤ସନ୍‌ବର୍ନ ଏବଂ ଟ୍ୟାନ୍ ଦୂରକରିବା ଲାଗି କାକୁଡ଼ି ମାସ୍କ ସବୁଠୁ ଭଲ। ଏହି ପ୍ୟାକ୍ ପ୍ରସ୍ତୁତ କରିବା ଲାଗି କାକୁଡ଼ିକୁ ଭଲ ଭାବେ ଧୋଇ



ଗ୍ରାଇଣ୍ଡ କରିଦିଅନ୍ତୁ। ସେଥିରେ ଅଳ୍ପ ଓଟ୍‌ମିଲ୍ ଏବଂ ମହୁ ମିଶାନ୍ତୁ। ଏହି ମାସ୍କକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୨-୩ ଦିନ ଏହାକୁ ଲଗାଇଲେ ବେଷ୍ଟ ରେଜଲ୍ଟ ପାଇପାରିବେ।

➤ଏହାର ଅନ୍ୟ ଏକ ପ୍ରକାର ପ୍ୟାକ୍ ବି ଖରାରେ ହୋଇଥିବା ଟ୍ୟାନ୍ ଦୂରକରି ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇବାରେ ସାହାଯ୍ୟ କରିଥାଏ। ଏଥିପାଇଁ କାକୁଡ଼ିର ଚୋପା ଏବଂ ମଞ୍ଜି ବାହାରକରି ଅବଶିଷ୍ଟ ଅଂଶରେ ଗୋଟିଏ ଅଣ୍ଡାର ଧଳା ଭାଗ ମିଶାଇ ଭଲ ଭାବେ ଗ୍ରାଇଣ୍ଡ କରିଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏଥିରେ ଆପଣ ଚାହିଁଲେ କିଛି ପୋଦିନା ପତ୍ର ମଧ୍ୟ ମିଶାଇ ଗ୍ରାଇଣ୍ଡ କରିପାରିବେ।

---

# ଅନ୍‌ଲାଇନ ଜୋତା କିଣୁଥିଲେ...

**ସହଜ ହେଉଥିବାରୁ ବର୍ତ୍ତମାନ ଅଧିକାଂଶ ମହିଳା ଅନ୍‌ଲାଇନରେ ଜୋତା କିଣୁଛନ୍ତି। ହେଲେ ଏପରି କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ...**

➔ଅନ୍‌ଲାଇନରେ ଜୋତା ମଗାଇବା ଲାଗି ସର୍ବଦା ବିଶ୍ୱସ୍ତ ଶପିଂ ସାଇଟ୍ ହିଁ ବ୍ୟବହାର କରନ୍ତୁ। ସେହିପରି ଜୋତା ବ୍ରାଣ୍ଡ ମଧ୍ୟ ଦେଖିବାକୁ ଭୁଲନ୍ତୁ ନାହିଁ।

➔ଅନ୍‌ଲାଇନରେ ଅଧିକାଂଶ ବ୍ରାଣ୍ଡ ୟୁରୋପିଆନ୍ ସାଇଜ୍ ବ୍ୟବହାର କରିଥାନ୍ତି। ତେଣୁ ଜୋତା ଅର୍ଡର କରିବା ପୂର୍ବରୁ ପ୍ରଥମେ ନିଜ ପାଦକୁ ମାପି ଏହାର ଠିକ୍ ସାଇଜ୍ ଜାଣନ୍ତୁ। ସେହି ଅନୁସାରେ କେତେ ନମ୍ବର ଚପଲ ଆପଣଙ୍କୁ ଫିଟ୍ ଅର୍ଡର କରନ୍ତୁ।

➔ବାଛୁଥିବା ଜୋତାରେ ରିଟର୍ନ କିମ୍ବା ଏକ୍ସଚେଞ୍ଜ ଆଦି ଅପ୍ସନ ଅଛି ନା ନାହିଁ ଚେକ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ସାଇଜ୍ ଦେଖି କିଣିବା ପରେ ବି ଛୋଟ କିମ୍ବା ବଡ ମଧ୍ୟ ହୋଇପାରେ। ତେଣୁ ପାଦକୁ ଠିକ୍ ଫିଟ୍ ନ ହେଲେ ଯେପରି ଫେରାଇ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

➔ପ୍ରଡକ୍ଟ ଡିଟେଲ୍ସକୁ ଭଲ ଭାବେ ପଢନ୍ତୁ। କାରଣ ଫୁଲ୍ କିମ୍ବା ହାଫ୍ ସୁଜ୍ କିଣୁଥିଲେ ଏହାର ସୋଲ୍ ଅଠା ପେଷ୍ଟ ନ ହୋଇ ସିଲେଇ ହୋଇଥିଲେ ଭଲ ପଡିବ।



---

**ଖାଦ୍ୟରୁଚି**

# ପପେୟା କରୀ

**ଆବଶ୍ୟକ ସାମଗ୍ରୀ:** ଛୋଟ ଛୋଟ କଟାହୋଇଥିବା ୨ କପ୍ ଅମୃତଭଣ୍ଡା, କଟା ହୋଇଥିବା ଗୋଟିଏ ମଧ୍ୟମ ଆକାରର ଟମାଟୋ, ୧ ଚାମଚ ଅଦାଛେଚା, ୨ଟି କଟା କଞ୍ଚାଲଙ୍କା, ୨ଟି ଶୁଖିଲା ଲଙ୍କା, ଅଧାଚାମଚ ପଞ୍ଚଫୁଟଣ, ଚିମୁଟାଏ ହେଙ୍ଗୁ, ୭-୮ଟି ଭୁର୍ସୁଙ୍ଗ ପତ୍ର, ୧/୪ ଚାମଚ ହଳଦୀଗୁଣ୍ଡ, ଅଧାଚାମଚ ଲଙ୍କାଗୁଣ୍ଡ, ୧ ଚାମଚ ଧନିଆଗୁଣ୍ଡ, ୧/୪ ଚାମଚ ଗରମ ମସଲା, ୧/୪ ଚାମଚ ଆମଚୁର ପାଉଡର, ୧ଚାମଚ ଖଣ୍ଡ କାଜୁ, ସୋରିଷ ତେଲ, ପାଣି, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ କଡ଼େଇ ବସାଇ ୩ ଚାମଚ ତେଲ ଗରମ କରନ୍ତୁ। ସେଥିରେ ପଞ୍ଚଫୁଟଣ ଫୁଟାନ୍ତୁ। ସେଥିରେ ହେଙ୍ଗୁ, ଶୁଖିଲା ଲଙ୍କା, ଭୁର୍ସୁଙ୍ଗ ପତ୍ର, ଅଦା ପକାଇ ଅଳ୍ପ ଘାଣ୍ଟି ଦିଅନ୍ତୁ। ସେଥିରେ କଟା ଅମୃତଭଣ୍ଡା ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହା ଧୀରେ ଧୀରେ ସିଝିଗଲେ ସେଥିରେ କଟା ଟମାଟୋ ପକାଇ ଗୋଳାନ୍ତୁ। ସେଥିରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଧନିଆଗୁଣ୍ଡ, କାଜୁ, ସ୍ୱାଦାନୁସାରେ ଲୁଣ ଏବଂ ଅଳ୍ପ ପାଣି ପକାଇ ଭଲ ଭାବେ ଗୋଳାନ୍ତୁ। ସେଥିରେ ଗରମ ମସଲା ପକାଇ ଅଳ୍ପ ଗୋଳାଇ ଚୁଲା ବନ୍ଦ କରିଦିଅନ୍ତୁ। ଏହାକୁ ରୁଟି, ପୁରି ସହ ଖାଇବାର ମଜା ନିଅନ୍ତୁ।



---

# ନିଃସନ୍ତାନଙ୍କ ପାଇଁ ବରଦାନ ଆଇଭିଏଫ୍

**ମା' ହେବା ଏକ ନାରୀ ଜୀବନର ସବୁଠୁ ଖୁସିର ମୁହୂର୍ତ୍ତ। ହେଲେ ଅଧିକ ବୟସରେ ବିବାହ କରିବା କିମ୍ବା ଅନ୍ୟ କୌଣସି ଅସୁବିଧା ଯୋଗୁ କେତେଜଣ ମହିଳା ବିଭିନ୍ନ ଚିକିତ୍ସା ପରେ ମଧ୍ୟ ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିପାରନ୍ତି ନାହିଁ। ଏମିତିରେ ସେମାନଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଭେଷଜ ବିଜ୍ଞାନର ଏକ ଅପୂର୍ବ ବରଦାନ ହେଉଛି ଆଇଭିଏଫ୍ ବା ଇନ୍‌ଭିଟ୍ରୋ ଫର୍ଟିଲାଇଜେଶନ ...**



ବିବାହ ପରେ ସବୁ ଦମ୍ପତି ଗୋଟିଏ ସୁସ୍ଥ ସନ୍ତାନ ପାଇଁ ଉତ୍କଣ୍ଠାରେ ଚାହିଁ ରହିଥାନ୍ତି। ହେଲେ ବିଭିନ୍ନ କାରଣରୁ କେତେଜଣ ମହିଳା ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିପାରନ୍ତି ନାହିଁ। ଅନେକ ଚିକିତ୍ସା ପଦ୍ଧତି ଆପଣେଇବା ସତ୍ତ୍ୱେ ଗର୍ଭଧାରଣକରି ନ ପାରିବା ଅବା ବାରମ୍ବାର ଗର୍ଭପାତ ହୋଇଯିବା କାରଣରୁ ସେମାନଙ୍କର ମାଆବାପା ହେବାର ସ୍ୱପ୍ନ ଭାଙ୍ଗିଯାଏ। ହେଲେ ବର୍ତ୍ତମାନ ଏଭଳି ନିଃସନ୍ତାନ ଦମ୍ପତିଙ୍କ ସ୍ୱପ୍ନ ପୂରଣକରିବା ପାଇଁ ବେଶ୍ ସହାୟକ ହେଉଛି ଆଇଭିଏଫ୍ ବା ଇନ୍‌ଭିଟ୍ରୋ ଫର୍ଟିଲାଇଜେଶନ।

**ଆଇଭିଏଫ୍ କ'ଣ:** ସାଧାରଣତଃ ମହିଳାମାନଙ୍କର ପ୍ରାକୃତିକ ଉପାୟରେ ଡିମ୍ବବାହୀ ନଳୀରେ ଫର୍ଟିଲାଇଜେଶନ ହୋଇ ଜରାୟୁରେ ପ୍ରସ୍ଫୁଟିତ ଡିମ୍ବାଣୁ ରହିଥାଏ। ହେଲେ ଅଧିକ ବୟସ୍କା କିମ୍ବା ଅନ୍ୟ କୌଣସି ଅସୁବିଧା ଯୋଗୁ ଗର୍ଭଧାରଣକରି ପାରୁ ନ ଥିବା ମହିଳାଙ୍କଠାରେ ଆଇଭିଏଫ୍ କରି ପ୍ରଜନନ କରାଯାଇଥାଏ। ଏହା ଏକ ଉନ୍ନତ ପ୍ରଜନନ ପ୍ରଯୁକ୍ତିବିଦ୍ୟା, ଯେଉଁଥିରେ ମହିଳାଙ୍କ ଶରୀର ବାହାରେ (ଲାବ୍‌ରେ) ଶୁକ୍ରାଣୁ ଓ ଡିମ୍ବାଣୁକୁ ମିଶ୍ରଣକରି ଭ୍ରୂଣ ପ୍ରସ୍ତୁତ କରାଯାଏ। ପରେ ଉକ୍ତ ଭ୍ରୂଣକୁ ମହିଳାଙ୍କ ଗର୍ଭାଶୟରେ ସ୍ଥାପନ କରାଯାଏ। ଏହାକୁ ଟେଷ୍ଟ ଟ୍ୟୁବ୍ ବେବି ମଧ୍ୟ କୁହାଯାଏ।

**କିପରି କରାଯାଏ:** ଏହା ଏକ ପ୍ରକାର ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍‌ନିକ୍। ଯେଉଁଥିରେ ପ୍ରଶିକ୍ଷିତ ଏମ୍ବ୍ରିଓଲୋଜିଷ୍ଟ ଓ ଗାଇନୋକୋଲୋଜିଷ୍ଟମାନେ ବିଶ୍ଳେଷଣକରି ସୁସ୍ଥ ଡିମ୍ବାଣୁ ଏବଂ ଶୁକ୍ରାଣୁକୁ ଚୟନ କରିଥାନ୍ତି। ଏହାକୁ ପରୀକ୍ଷାକରି ମିଳିତ ସଂଯୋଗକରି ଫର୍ଟିଲାଇଜେଶନ କରାଇ ଭ୍ରୂଣ ପ୍ରସ୍ତୁତ କରନ୍ତି। ପରେ ଏହି ଭ୍ରୂଣକୁ ମା' ଗର୍ଭାଶୟରେ ରୋପଣକରାନ୍ତି। ଏହାଦ୍ୱାରା ନିଃସନ୍ତାନ ମା' ଗର୍ଭଧାରଣକରି ସନ୍ତାନ ସୁଖ ପ୍ରାପ୍ତି କରିପାରନ୍ତି।

**କାହା ପାଇଁ ଉପଯୋଗୀ:** ଫ୍ୟାଲୋପିଆନ୍ ବ୍ଲକେଜ୍ ଥିବା ଅବା କ୍ଷତିଗ୍ରସ୍ତ ହୋଇଥିବା ମହିଳା, ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ଥିବା ମହିଳା, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବାରମ୍ବାର ଗର୍ଭପାତ ହେଉଥିବା ମହିଳା, ବନ୍ଧ୍ୟାଦୋଷ ଥିବା ପୁରୁଷ, ଜେନେଟିକ୍ ସମସ୍ୟା ଆଦି କାରଣରୁ ସ୍ୱାଭାବିକ ଭାବେ ଗର୍ଭଧାରଣ କରିପାରୁ ନ ଥିବା ଦମ୍ପତିଙ୍କ ପାଇଁ ଏହା ଚିକିତ୍ସା ବିଜ୍ଞାନର ଏକ ବରଦାନ।

**ସାବଧାନତା:** ଆଇଭିଏଫ୍ ଦ୍ୱାରା ଗର୍ଭଧାରଣ କରୁଥିବା ମହିଳାଙ୍କୁ ଡାକ୍ତରଙ୍କ ଦ୍ୱାରା ଦିଆଯାଇଥିବା ଔଷଧ ନିୟମିତ ଖାଇବା ସହ ସମସ୍ତ ନିୟମ ଠିକ୍ ଭାବେ ପାଳନ କରିବା ଆବଶ୍ୟକ। ପ୍ରଚୁର ପାଣି ପିଇବା ଏବଂ ସନ୍ତୁଳିତ ଖାଦ୍ୟ ଖାଇବା ଦରକାର। ଧୂମପାନ ଓ ମଦ୍ୟପାନରୁ ଦୂରେଇରହିବା ଆବଶ୍ୟକ। ସବୁବେଳେ ବସି ରହିବା କିମ୍ବା ଶୋଇରହିବା ପରିବର୍ତ୍ତେ ଡାକ୍ତରଙ୍କ ପରାମର୍ଶକ୍ରମେ ଅଳ୍ପ ଅଳ୍ପ ଏକ୍ସରସାଇଜ୍ କରିବା ଭଲ। ନିଜକୁ ସବୁବେଳେ ଟେନ୍‌ସନ ଓ ଷ୍ଟ୍ରେସ୍ ଫ୍ରି ରଖିବା ଜରୁରୀ। ଭାରି ଜିନିଷ ଉଠାଇବା, ଅଧିକ ଦୂର ଯାତ୍ରା କରିବା ଆଦିଠୁ ଦୂରେଇ ରହିବା ଭଲ।



*– ଡା. ମୋନିକା ଗୁପ୍ତା*
ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ,
ମଣିପାଲ ହସ୍ପିଟାଲ, ଭୁବନେଶ୍ୱର

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୪/୨୦୨୬ Bhubaneswar, Tuesday, February 24/ 2026

# ଜିମ୍ବାୱେ ବିପକ୍ଷରେ ୱେଷ୍ଟଇଣ୍ଡିଜ୍‌ର ବଡ଼ ବିଜୟ

ମୁମ୍ବାଇ,୨୩।୨

ଶିମରନ ହେଟମେୟର ଓ ରବମାନ ପାଓ୍ୱେଲଙ୍କ ବିସ୍ଫୋରକ ବ୍ୟାଟିଂ ଓ ପରେ ଗୁଡାକେଶ ମୋତିଙ୍କ ଜବରଦସ୍ତ ବୋଲିଂ ବଳରେ ଏଠାରେ ସୋମବାର ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୧୦୭ ରନର ବଡ଼ ବ୍ୟବଧାନରେ ଜିମ୍ବାୱେକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ୬ ଉଇକେଟ ହରାଇ ୨୫୪ ରନ କରିଥିଲା, ଯାହାକି ଚଳିତ ସଂସ୍କରଣର ସର୍ବାଧିକ ଓ ଟୁର୍ନାମେଣ୍ଟ ଇତିହାସର ଦ୍ୱିତୀୟ ସର୍ବାଧିକ ସ୍କୋର ଥିଲା। ଏହି ମ୍ୟାଚ୍‌ରେ ଦୁଇ ଦଳର ବ୍ୟାଟରମାନେ ୩୧ ଛକା ମାରିଥିଲେ। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୫୪ ରନ କରିଥିଲା। ଏହା ୱେଷ୍ଟଇଣ୍ଡିଜ୍ ପାଇଁ ଟି୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ ଦଳଗତ ସ୍କୋର। ଦଳ ପାଇଁ ହେଟମେୟର ୩୪ ବଲରେ ସର୍ବାଧିକ ୮୫ (୭ ଲେଖାଏ ଚୌକା ଓ ଛକା) ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ତେବେ ଏହି ଇନିଂସରେ ସେ ଦୁଇ ଥର ଜୀବନଦାନ ପାଇଥିଲେ। ଉଭୟ ଥର ତାଶିଙ୍ଗା ମୁସେକିୱା କ୍ୟାଚ୍ ହାତଛଡ଼ା କରିଥିଲେ। ପାଓ୍ୱେଲ ୩୫ ବଲରେ ୫୯ (୪ ଲେଖାଏ ଚୌକା ଓ ଛକା), ରୋମାରିଓ ଶେଫର୍ଡ ୧୦ ବଲରେ ୨୧ (୩ ଛକା) ଓ ଜାସନ ହୋଲ୍ଡର ୪ ବଲରେ ୧୩ (୨ ଛକା), ଶରଫେନ ରଦରଫୋର୍ଡ ୧୩ ବଲରେ ୩୧ (୩ ଚୌକା ଓ ୨ ଛକା) ରନ କରିଥିଲେ। ଜିମ୍ବାୱେ ପାଇଁ ରିଚାର୍ଡ ଏନ୍‌ଗରାଭା ଓ ବ୍ଲେସିଂ ମୁଜରବାନି ୨ ଲେଖାଏ ଉକେଟ ହାତେଇଥିଲେ। ଜବାବରେ ଜିମ୍ବାୱେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୪ ଓଭରରେ ୧୪୭ ରନ କରି ଅଲଆଉଟ୍ ହୋଇଯାଇଥିଲା। ବ୍ରାଡ ଇଭାନ୍ସ ୨୦ ବଲରେ ୪୩ (୨ ଚୌକା ଓ ୫ ଛକା), ଡିଅନ ମେୟର୍ସ ୨୮ (୩ ଚୌକା ଓ ୨ ଛକା) ଓ ଅଧିନାୟକ ସିକନ୍ଦର ରଜା ୨୭ (୨ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଗୁଡାକେଶ ମୋତି ୪, ଅକିଲ ହୋସେନ ୩ ଓ ମାଥ୍ୟୁ ଫୋର୍ଡ ୨ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକ ପରେ ଉଲ୍ଲସିତ ଶିମରନ ହେଟମେୟର।

## ଟି୨୦ ବିଶ୍ୱକପ୍

(ଆଜିର ମ୍ୟାଚ୍)

**ପାକିସ୍ତାନ ବନାମ ଇଂଲଣ୍ଡ**
**ସ୍ଥାନ: ପାଲିକେଲ**
**ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର**

### ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ: ୨୦ ଓଭରରେ ୨୫୪/୬ (ଶିମରନ ହେଟମେୟର-୮୫, ରବମାନ ପାଓ୍ୱେଲ-୫୯, ଶରଫେନ ରଦରଫୋର୍ଡ-୩୧*; ରିଚାର୍ଡ ଏନ୍‌ଗରାଭା-୨/୪୭, ବ୍ଲେସିଂ ମୁଜରବାନି-୨/୪୨, ବ୍ରାଡ ଇଭାନ୍ସ-୧/୪୬)। ଜିମ୍ବାୱେ: ୧୭.୪ ଓଭରରେ ୧୪୭/ଅଲଆଉଟ୍ (ବ୍ରାଡ୍ ଇଭାନ୍ସ-୪୩, ସିକନ୍ଦର ରଜା-୨୭, ଗୁଡାକେଶ ମୋତି-୪/୨୮, ଅକିଲ ହୋସେନ-୩/୨୮, ମାଥ୍ୟୁ ଫୋର୍ଡ-୨/୨୭)।

# ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ସଞ୍ଜୟ

## ଓସିଏ ନିର୍ବାଚନ ପ୍ରସଙ୍ଗ

## ଅଭିଯୋଗ କରିବେ ଲଳିତେନ୍ଦୁ

କଟକ,୨୩।୨(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ ଏକ ଅପ୍ରୀତିକର ଘଟଣା ଉପୁଜିଥିଲା। ଦୀର୍ଘବର୍ଷ ଧରି ରାଜ୍ୟ କ୍ରିକେଟ ସହ ଅଙ୍ଗାଙ୍ଗି ଭାବେ ଜଡ଼ିତ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓସିଏରେ ଅନିୟମିତତା ଚାଲିଥିବା ଅଭିଯୋଗ ଉଠାଇ ବୈଠକ ସ୍ଥଳ ଛାଡ଼ି ପଳାଇଥିଲେ। ଏ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ ଜଣାଇବେ ବୋଲି ସେ ଚେତାବନୀ ଦେଇଥିଲେ। ମାତ୍ର ସାଧାରଣ ପରିଷଦ ବୈଠକ ପରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ସମର୍ଥନ ହେତୁ କୃତଜ୍ଞତା ଜଣାଇଛନ୍ତି। ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଲଳିତେନ୍ଦୁଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଥିଲେ ଯେ, ବ୍ୟକ୍ତିଗତ କାର୍ଯ୍ୟ ହେତୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପାରିନାହିଁ। ଦୁଇ ଦିନ ଭିତରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିଶ୍ଚିତ ଭାବେ ନିଜର ଅଭିଯୋଗ ରଖିବି।

ରାଜ୍ୟ କ୍ରିକେଟର ସର୍ବୋଚ୍ଚ ସଂଘ ଓସିଏର ନିର୍ବାଚନକୁ ନେଇ ଏବେ କେଁ ଉଠିଛି। ନୂଆ କ୍ରୀଡ଼ା ନୀତି ଅନୁସାରେ ନିର୍ବାଚନ କରାଯିବାକୁ ପରିଷଦ ବୈଠକରେ ମୋହର ବାଜି ସାରିଛି। ଏଣୁ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଓସିଏର କର୍ମକର୍ତ୍ତା ନିର୍ବାଚନ କରାଯିବ। ଏତଦ୍‌ବ୍ୟତୀତ ଲୋଧା କମିଟିର ନିୟମ ଅନୁସାରେ ଲଗାତର ଦୁଇଥର ପଦରେ ଅବସ୍ଥାପିତ ହୋଇଥିବା ସଦସ୍ୟ ୩ୟ ଥର ନିର୍ବାଚନ ଲଢ଼ି ପାରିବେ ନାହିଁ। କିନ୍ତୁ ନୂତନ କ୍ରୀଡ଼ା ନୀତି ବଳରେ ଦୁଇଥର ପଦ ସମ୍ଭାଳିଥିବା ସଦସ୍ୟ ଆଗାମୀ ନିର୍ବାଚନରେ ଭାଗ ନେଇ ପାରିବେ। ନିର୍ବାଚନ ପ୍ରସଙ୍ଗକୁ ମୁଖ୍ୟ ମୁଦ୍ଦା କରି ଲଳିତେନ୍ଦୁ ଓସିଏ କର୍ତ୍ତୃପକ୍ଷଙ୍କ ଉପରେ ବର୍ଷି ଥିଲେ। କାର୍ଯ୍ୟକାଳ ଶେଷ ହୋଇଥିଲେ ସୁଦ୍ଧା କ୍ରୀଡ଼ା ନୀତି ଲାଗୁ ହେବା ପୂର୍ବରୁ କାହିଁକି ନିର୍ବାଚନ କରାଗଲା ନାହିଁ ତାହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଓସିଏ ଭିତରେ ଅନିୟମିତତା ଚାଲିଥିବା କହି ସେ ବୈଠକ ଛାଡ଼ି ପଳାଇଥିଲେ। ପୂର୍ବତନ କ୍ରୀଡ଼ାବିତ ତଥା ରାଜ୍ୟ ଦଳର ପ୍ରାକ୍ତନ କୋଚ୍ ଲଳିତେନ୍ଦୁ ସନରାଇଜ୍ କ୍ଲବର ସଦସ୍ୟ ଭାବେ ବୈଠକରେ ସାମିଲ ଥିଲେ। ଏହାଛଡ଼ା ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ଭାଜପା ଦଳର ସେ ଜଣେ ବରିଷ୍ଠ ନେତା। କିଛି ମାସ ହେବ ଓସିଏର ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଓସିଏ ବିରୋଧରେ ମୁହଁ ଖୋଲିବାକୁ ସେ ଚେତାବନୀ ଦେଇଥିବା ବେଳେ ସଞ୍ଜୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇବାକୁ ନେଇ ଚର୍ଚ୍ଚା ବଢ଼ିଛି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରୁଛନ୍ତି ଓସିଏ ସମ୍ପାଦକ ସଞ୍ଜୟ ବେହେରା।

# ବିନ୍ଦ୍ରାଙ୍କ କାର୍ଯ୍ୟକାଳ ଶେଷ

ନୂଆଦିଲ୍ଲୀ, ୨୩।୨ (ପି.ଟି.)

ଭାରତୀୟ ଶୁଟିଂ କିମ୍ବଦନ୍ତୀ ଅଭିନବ ବିନ୍ଦ୍ରା ସୋମବାର ଘୋଷଣା କରିଛନ୍ତି ଯେ, ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଆଥଲେଟ୍ସ କମିଶନର ଭାଇସ୍‌ଚେୟାରମ୍ୟାନ ଭାବେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ୪୩ ବର୍ଷୀୟ ବିନ୍ଦ୍ରା ଭାରତର ପ୍ରଥମ ଆଥ୍‌ଲେଟ ଭାବେ ବ୍ୟକ୍ତିଗତ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଇଟାଲିରେ ଉଦ୍‌ଯାପିତ ୱିଣ୍ଟର ଅଲିମ୍ପିକ୍ସରେ ବିନ୍ଦ୍ରାଙ୍କ ସ୍ଥାନରେ କେନିଆର ରଗ୍‌ବୀ ଖେଳାଳି ହମ୍ଫ୍ରେ କାୟାଙ୍ଗେଙ୍କୁ ଆଇଓସି ଆଥ୍‌ଲେଟ୍ସ କମିଶନରେ ନିଆଯାଇଛି।

# ରଣ୍‌ଜୀ ଟ୍ରଫି: ଆଜିଠୁ କର୍ଣ୍ଣାଟକ-ଜମ୍ମୁ କଶ୍ମୀର ଫାଇନାଲ

ହୁବଲି,୨୩।୨(ପି.ଟି.)

ଘରୋଇ କ୍ରିକେଟର ସବୁଠୁ ସମ୍ମାନଜନକ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ୯୧ତମ ସିଜନର ଫାଇନାଲ ମ୍ୟାଚ୍ ମଙ୍ଗଳବାରଠାରୁ ଖେଳାଯିବ। କେଏସ୍‌ସିଏ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ଟାଇଟଲ ଲଢ଼େଇରେ ତାରକା ଖଚିତ କର୍ଣ୍ଣାଟକ ଓ ପାରସ ଡୋଗ୍ରାଙ୍କ ଦକ୍ଷ ଜମ୍ମୁ କଶ୍ମୀର ଦଳ ଅବତୀର୍ଣ୍ଣ ହେବେ। ଏହି ମ୍ୟାଚ୍‌ରେ କର୍ଣ୍ଣାଟକ ଫେଭରାଇଟ ଭାବେ ପଡ଼ିଆକୁ ଓହ୍ଲାଇବ। କାରଣ ଦଳରେ ଅନେକ ତାରକା ରହିଥିବା ବେଳେ ଦଳ ଟୁର୍ନାମେଣ୍ଟର ବିଭିନ୍ନ ପର୍ଯ୍ୟାୟରେ ମ୍ୟାଚ୍ ପରିସ୍ଥିତି ଓ ମୁଖ୍ୟ ଖେଳାଳିଙ୍କ ଇଞ୍ଜୁରି ସତ୍ତ୍ୱେ ଶକ୍ତିଶାଳୀ ଦଳକୁ ପରାସ୍ତ କରିଛି। ଦଳରେ ଲୋକେଶ ରାହୁଲ, କରୁନ ନାୟାର, ଦେବଦତ୍ତ ପାଡିକଲ ଓ ରବିଚନ୍ଦ୍ରନ ସମରାନଙ୍କ ଭଳି ଷ୍ଟାର ବ୍ୟାଟର ରହିଛନ୍ତି। ରାହୁଲ ୩ ମ୍ୟାଚ୍‌ରେ ୪୫୭ ରନ କରିଥିବା ବେଳେ କରୁନ ୮ ମ୍ୟାଚ୍‌ରେ ୬୯୯, ଅଧିନାୟକ ପାଡିକଲ ୫ ମ୍ୟାଚ୍‌ରେ ୫୩୨ ଓ ସମରାନ ୮ ମ୍ୟାଚ୍‌ରେ ୯୫୦ ରନ କରିଛନ୍ତି। ଏମାନଙ୍କ ଯୋଗୁ ନେତୃତ୍ୱରେ ପରିବର୍ତ୍ତନ ସତ୍ତ୍ୱେ ଦଳର ପ୍ରଦର୍ଶନ କୌଣସି ପ୍ରଭାବ ପଡ଼ି ନ ଥିଲା। ଦଳ ପାଖରେ ଶକ୍ତିଶାଳୀ ବ୍ୟାଟିଂ ଲାଇନଅପ୍ ଭଳି ପ୍ରସିଦ୍ଧ କ୍ରିଷ୍ଣା, ବିଦ୍ୱତ କାବେରପ୍ପା, ବିଦ୍ୟାଧର ପାଟିଲ, ବୈଶାଖ ବିଜୟକୁମାର, ମହସିନ ଖାନଙ୍କୁ ନେଇ ଗଠିତ ଦକ୍ଷ ବୋଲିଂ ଆଟାକ୍ ରହିଛି। ଏମାନଙ୍କ ଛଡ଼ା ଦଳରେ ଶ୍ରେୟସ ଗୋପାଲଙ୍କ ଭଳି ଦକ୍ଷ ଅଲରାଉଣ୍ଡର ରହିଛନ୍ତି। ଏହି ଲେଗ୍ ସ୍ପିନର ଚଳିତ ସିଜନରେ ୪୬ ଉଇକେଟ ନେବା ସହ ୪୪୨ ରନ କରିଛନ୍ତି।

ଅକିବ ନବିଙ୍କ ନେତୃତ୍ୱାଧୀନ ଜମ୍ମୁ କଶ୍ମୀରର ଦକ୍ଷ ବୋଲିଂ ଆଟାକ କଡ଼ା ଚ୍ୟାଲେଞ୍ଜ ଦେବ। ଏହି ଦଳ ଟୁର୍ନାମେଣ୍ଟରେ ପଦାର୍ପଣ କରିବାର ୬୭ ବର୍ଷ ପରେ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ନବି ଚଳିତ ସିଜନରେ ଏପର୍ଯ୍ୟନ୍ତ ୫୫ ଉଇକେଟ ନେଇଛନ୍ତି। କେଏସ୍‌ସିଏ ଷ୍ଟାଡିୟମ ପିଚ୍‌ରେ ପ୍ରାରମ୍ଭିକ ଭାବେ ପେସ ବୋଲରଙ୍କୁ ସହାୟତା ମିଳିବ ବୋଲି ଆଶା କରାଯାଉଛି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ